بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

ପବିତ୍ର କୁରଆନ୍ କରୀମ୍ ସଂଖ୍ୟା

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: 72

ସଂଖ୍ୟା:

ବାର୍ଷିକ ଦେୟ : ୬୦୦/-

ସାପ୍ତାହିକ

# ବଦର୍

Weekly BADAR Qadian Odia

କାଦିଆନ

ସମ୍ପାଦକ: କମୁଲ୍ ହକ୍ ଖାନ୍

ସହ ସମ୍ପାଦକ: ସୟଦ୍ ଅତାଉଲ୍ ୱାହାବ

29 ଜମାଦିଉଲ୍ ଅୱଲ୍, 7-14 ଜମାଦିଉଲ୍ ସାନି 1445 ହି.କ, 14-28 ଫତହ୍ 1402 ହି.ଶ 14-28 DEC 2023 ମସିହା Postal Reg. No. GDP/45 /2023-25

## ଅଲ୍ଲାଃତାଲାଙ୍କ ଆଦେଶାବଳୀ

اِنَّ هٰذَا الۡقُرۡاٰنَ یَهۡدِیۡ لِلَّتِیۡ هِیَ اَقۡوَمُ وَیُبَشِّرُ الۡمُؤۡمِنِیۡنَ الَّذِیۡنَ

یَعۡمَلُوۡنَ الصّٰلِحٰتِ اَنَّ لَهُمۡ اَجۡرًا کَبِیۡرًا ۙ﴿۱۰﴾

(ବନି ଇସ୍ରାଇଲ୍: 10)

ଅନୁବାଦ: ବାସ୍ତବରେ ଏହି କୁରଆନ୍ ଏପରି ପଥ ପ୍ରଦର୍ଶନ କରାଉଛି ଯାହା ସବୁଠାରୁ ଅଧିକ ଯଥାର୍ଥ ଏବଂ ସତ୍‌କର୍ମ କରୁଥିବା ବିଶ୍ୱାସକାରୀମାନଙ୍କୁ ସୁସମାଚାର ପ୍ରଦାନ କରୁଅଛି ଯେ, ସେମାନଙ୍କ ନିମନ୍ତେ ମହାନ୍ ପୁରସ୍କାର ରହିଅଛି ।

## ନବୀ ସ.ଅଙ୍କ ନୀତିବାଣୀ

عَنۡ عُثۡمَانَ بۡنِ عَفَّانَ رَضِیَ اللّٰہُ عَنۡہُ قَالَ

قَالَ رَسُوۡلُ اللّٰہِ صَلَّی اللّٰہُ عَلَیۡہِ وَسَلَّمَ خَیۡرُکُمۡ مَنۡ تَعَلَّمَ الۡقُرۡاٰنَ وَعَلَّمَہٗ

ଅନୁବାଦ: ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ତୁମମାନଙ୍କ ମଧ୍ୟରୁ ସର୍ବୋତ୍ତମ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ପବିତ୍ର କୁରଆନ୍ କରୀମ୍ ନିଜେ ଶିଖିଥାଏ ଓ ଅନ୍ୟମାନଙ୍କୁ ମଧ୍ୟ ଶିଖାଇଥାଏ ।

(ବୁଖାରୀ, ପୁସ୍ତକ ଫଜାଇଲୁଲ୍ କୁରଆନ୍, ବିଷୟ- ଖୈରୁକୁମ୍ ମିନ୍ ତାଲିମୁଲ୍ କୁରଆନ୍)

## اَلْخَيْرُ كُلُّهٗ فِي الْقُرْاٰنِ ଅର୍ଥାତ୍ ସକଳ ପ୍ରକାରର ପୁଣ୍ୟ ପବିତ୍ର କୁରଆନ୍ କରୀମ୍‌ରେ ନିହିତ ରହିଛି ।



ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଅଲ୍ଲାଃତାଲା ମୋତେ ସମ୍ବୋଧିତ କରି କହିଲେ, اَلْخَيْرُ كُلُّهٗ فِي الْقُرْاٰنِ ଅର୍ଥାତ୍ ସକଳ ପ୍ରକାରର ପୁଣ୍ୟ ପବିତ୍ର କୁରଆନ୍ କରୀମ୍‌ରେ ନିହିତ ରହିଛି । ଏହା ହିଁ ନିରାଟ୍ ସତ୍ୟ । ପରିତାପ ସେହି ବ୍ୟକ୍ତିମାନଙ୍କ ଉପରେ ଯେଉଁମାନେ ଅନ୍ୟ କୌଣସି ବସ୍ତୁକୁ ଏହା ଉପରେ ପ୍ରାଧାନ୍ୟ ଦେଇଥାଆନ୍ତି । ତୁମର ସମସ୍ତ ବିଜୟ ଓ ମୋକ୍ଷର ନିର୍ଝର ପବିତ୍ର କୁରଆନ୍ କରୀମ୍‌ରେ ରହିଛି। ଏପରି କୌଣସି ଧାର୍ମିକି ଆବଶ୍ୟକତା ନାହିଁ ଯାହାର ସମାଧାନ ପବିତ୍ର କୁରଆନ୍ କରୀମ୍‌ରେ ନାହିଁ । ପ୍ରଳୟ ଦିବସ ଦିନ ତୁମ ବିଶ୍ୱାସର ପୁଷ୍ଟିକର୍ତ୍ତା ଓ ତୁମକୁ ମିଥ୍ୟାବାଦୀ ବୋଲି ସାବ୍ୟସ୍ତକାରୀ ଏକାମତ୍ର ଗ୍ରନ୍ଥ ହେଉଛି ପବିତ୍ର କୁରଆନ୍ କରୀମ୍ । ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଆକାଶ ତଳେ ଅନ୍ୟ କୌଣସି ଧର୍ମଗ୍ରନ୍ଥ ନାହିଁ ଯିଏ ତୁମର ପଥ ପ୍ରଦର୍ଶନ କରିପାରିବ । ପ୍ରଭୁ ପବିତ୍ର କୁରଆନ୍ କରୀମ୍ ଭଳି ପୁଣ୍ୟ ଗ୍ରନ୍ଥ ପ୍ରଦାନ କରି ତୁମ ଉପରେ ଅସୀମ ଉପକାର କରିଛନ୍ତି । ମୁଁ ସତ ସତ କହୁଛି ସେହି ପୁସ୍ତକ ଯାହାକି ତୁମ ସମ୍ମୁଖରେ ପାଠ କରାଗଲା ଯଦି ତାହା ଖ୍ରୀଷ୍ଟିଆନ୍‌ମାନଙ୍କ ଆଗରେ ପାଠ କରାଯାଇଥାଆନ୍ତା ତେବେ ସେମାନଙ୍କର ବିନାଶ ଘଟି ନଥାଆନ୍ତା । ଏହି ଉପକାର ଏବଂ ପଥ ପ୍ରଦର୍ଶନ ଯାହାକି ତୁମକୁ ଉପଲବ୍ଧ କରାଗଲା ଯଦି ତୌରାତ୍‌କୁ ବାଦ୍‌ଦେଇ ଇହୁଦୀମାନଙ୍କୁ ଉପଲବ୍ଧ କରାଯାଇ ଥାଆନ୍ତା ତେବେ ସେମାନଙ୍କ ମଧ୍ୟରୁ କେତେକ ଗୋଷ୍ଠୀ ପ୍ରଳୟ ଦିବସକୁ ପ୍ରତ୍ୟାଖ୍ୟାନ କରି ନଥାଆନ୍ତେ । ଅତଃ ତୁମମାନଙ୍କୁ ଯେଉଁ ଗ୍ରନ୍ଥ ପ୍ରଦାନ କରାଯାଇଛି ତୁମେମାନେ ସେହି ଉପକାରର ମହତ୍ୱକୁ ହୃଦଙ୍ଗମ ଓ ଉପଲବ୍ଧି କରି ଏଥିପ୍ରତି ସମ୍ମାନ ପ୍ରଦର୍ଶନ କର । କାରଣ ଏହା ଅତ୍ୟନ୍ତ ସୁନ୍ଦର ଉପକାର ଏବଂ ମହା ଧନ ଅଟେ ।

**(କିଶ୍‌ତି ନୁହ୍, ରୁହାନୀ ଖଜାଏନ୍, ଭାଗ-19, ପୃ-26)**

## ସଂସାରର ଶେଷ ପର୍ଯ୍ୟନ୍ତ ଘଟିବାକୁ ଥିବା ସମସ୍ତ ପ୍ରମୁଖ ଧାର୍ମିକ ଘଟଣାବଳୀର ସୂଚନା ତହିଁରେ ବିଦ୍ୟମାନ ରହିଛି ।



ସୟେଦିନା ହ. ଖଲିଫତୁଲ୍ ମସିହ୍ ଅୱଲ୍ (ପ୍ରଥମ) କୁହନ୍ତି:

ପବିତ୍ର କୁରଆନ୍ କରୀମ୍ اَلْحَمْدُ لِلّٰهِ رَبِّ الْعٰلَمِيْنَ ରୁ ଆରମ୍ଭ ହୁଏ । ଏହା ହେଉଛି ସେହି ଆୟତ୍ ଯଦ୍ଦ୍ୱାରା ସମସ୍ତ ଧର୍ମର ଖଣ୍ଡନ ହୋଇଥାଏ। ଖ୍ରୀଷ୍ଟମାନଙ୍କ ଧାରଣା ଅନୁସାରେ ଈଶ୍ୱର ଅକ୍‌ନୁମେ ସାଲିସ୍ (ତ୍ରିଦେବତ୍ୱ) ହୋଇ ପାରିବେ, ନା ହିଁ କୌଣସି ନିର୍ଦ୍ଦୋଷ ବ୍ୟକ୍ତିକୁ ଏକତରଫା ଦୟା ବଦଳରେ ଫାଶୀ ଦଣ୍ଡରେ ଦଣ୍ଡିତ କରାଯାଇପାରିବ, ନା ହିଁ ଆର୍ଯ୍ୟମାନଙ୍କର ଆତ୍ମା ଅନାଦି କାଳ ଏବଂ ସଦୈବ ପାଇଁ ହୋଇପାରିବ, ନା  ହିଁ ପୁନର୍ଜନ୍ମବାଦୀଙ୍କ ନିକଟରେ କୌଣସି ପ୍ରମାଣ ଅବଶିଷ୍ଟ ରହିଛି, ନା ହିଁ ସୋଫିସ୍ତାଇ (ଏକ ଧର୍ମମତ ଯେଉଁମାନେ ସଂପୂର୍ଣ୍ଣ ଜଗତକୁ ଏକ କଳ୍ପନା ବୋଲି ମନେକରନ୍ତି ଏବଂ ଜଗତର ପ୍ରତ୍ୟେକ ବସ୍ତୁ କଳ୍ପିତ ଅଟେ ବୋଲି ମନେ କରନ୍ତି)ମାନଙ୍କ ନିକଟରେ ଆସିବା ପାଇଁ କୌଣସି ସାମର୍ଥ୍ୟ ବାକି ରହିଛି ଓ ନା ହିଁ ବ୍ରାହ୍ମଣମାନଙ୍କୁ ଐଶୀବାଣୀ ସଂକ୍ରାନ୍ତରେ କୌଣସି ସଂଶୟ ରହିପାରିବ, ନା ଶିୟା (ମୁସଲମାନମାନଙ୍କର ଏକ ସଂପ୍ରଦାୟ) ମାନେ ସାହାବା ର.ଅଙ୍କ ଉପରେ କୌଣସି ଆପତ୍ତି କରିପାରିବେ, ନା ନାସ୍ତିକବାଦୀ କୌଣସି ଜ୍ୱଳନ୍ତ ପ୍ରମାଣ ଆଧାରରେ ପ୍ରଭୁଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିପାରିବ । ଏହା ତ' କେବଳ ଗୋଟିଏ ଆୟତ୍ ସଂପର୍କରେ ରହିଛି । ଯଦି ସପ୍ତ ଆୟତ୍ ପାଠ କରାଯାଏ ତେବେ ସମସ୍ତ ଧର୍ମର ସତ୍ୟତାର ସୁଗନ୍ଧ ସମଷ୍ଟି ତହିଁରେ ଦେଖିବାକୁ ମିଳିଥାଏ ଓ ସଂସାରର ଶେଷ ପର୍ଯ୍ୟନ୍ତ ଘଟିବାକୁ ଥିବା ସମସ୍ତ ପ୍ରମୁଖ ଧାର୍ମିକ ଘଟଣାବଳୀ ତହିଁରେ (ପବିତ୍ର କୁରଆନ୍‌ରେ) ବିଦ୍ୟମାନ ରହିଛି । ପବିତ୍ର କୁରଆନ୍ କରୀମ୍‌ରେ ସମସ୍ତ ମିଥ୍ୟାଧାରିତ ମାନ୍ୟତାର ରଦ୍ଦ ବର୍ଣ୍ଣିତ ହୋଇଛି ଯେଉଁ ହିଂସା ସଂସାରରେ ସୃଷ୍ଟି ହୋଇଛି କିମ୍ବା ସୃଷ୍ଟି ହୋଇପାରିବ ।

**(ହକାଏକୁଲ୍ ଫୁର୍କାନ୍, ଭାଗ-1, ପୃ-5)**

## ପବିତ୍ର କୁରାଆନ୍ କରୀମ୍‌ରେ ଯେଭଳି ଭାବରେ ବୌଦ୍ଧିକତାପୂର୍ଣ୍ଣ ଯୁକ୍ତି ରହିଛି, ତାହାର ଦୃଷ୍ଟାନ୍ତ ଅନ୍ୟ କୌଣସି ଧର୍ମଗ୍ରନ୍ଥ ଉପସ୍ଥାପିତ କରିପାରିବ ନାହିଁ ।



ସୟେଦିନା ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ବାସ୍ତବତା ଏହିକି ଯେ, ପବିତ୍ର କୁରଆନ୍ କରୀମ୍‌ର କୌଣସି ଅଂଶ ମଧ୍ୟ ରଦ୍ଦ ହୋଇ ନାହିଁ। ଏହାର ଗୋଟିଏ ଗୋଟିଏ ଶବ୍ଦ କାର୍ଯ୍ୟାନୁସରଣ ଯୋଗ୍ୟ ଅଟେ । ଏହି ଧର୍ମବିଧାନ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅଟଳଧର୍ମୀ ଅଟେ । ଏକାଦା ମୁଁ ସ୍ୱପ୍ନରେ ଦେଖିଲି ଯେ, ମୁଁ କୌଣସି ବ୍ୟକ୍ତିକୁ କହୁଛି ଯେ, ପବିତ୍ର କୁରଆନ୍ କରୀମ୍‌ର ପ୍ରତ୍ୟେକଟି ଶବ୍ଦ, ଜେର୍, ଜବର୍ ନିଜ ମଧ୍ୟରେ ଏକ ଅର୍ଥ ଧାରଣ କରି ରଖିଛି ଓ ପବିତ୍ର କୁରଆନ୍ କରୀମ୍‌ରେ ଛୋଟ ଛୋଟ ତାରତମ୍ୟ ଯୋଗୁଁ ଏହାର ଅର୍ଥଗତ ପରିବର୍ତ୍ତନ ମଧ୍ୟ ହୋଇଥାଏ । ତହିଁରେ ଯେଭଳି ବୌଦ୍ଧିକତାପୂର୍ଣ୍ଣ ଯୁକ୍ତି ନିହିତ ରହିଛି ଅନ୍ୟ କୌଣସି ଗ୍ରନ୍ଥ ଏହାର ଦୃଷ୍ଟାନ୍ତ ଉପସ୍ଥାପିତ କରିପାରିବ ନାହିଁ । କିନ୍ତୁ ଏହା ଆବଶ୍ୟକ ନୁହେଁ ଯେ, ପବିତ୍ର କୁରଆନ୍ କରୀମ୍‌ର ସମସ୍ତ ବୌଦ୍ଧିକପୂର୍ଣ୍ଣ ଯୁକ୍ତି ପ୍ରତ୍ୟେକ ବ୍ୟକ୍ତି ଉପରେ ଉଦ୍‌ଘାଟିତ ହୋଇଯିବ । ହଁ ପ୍ରତ୍ୟେକ ଯୁଗରେ ପବିତ୍ର କୁରଆନ୍ କରୀମ୍‌ର କିଛି ନା କିଛି ନୂତନ ଅର୍ଥ ପ୍ରକାଶିତ ହୋଇଥାଏ ଏବଂ ଏତଦ୍‌ଭିନ୍ନ ଅତିରିକ୍ତ ଅର୍ଥ ମଧ୍ୟ ହୋଇଥାଏ ଯାହାକୁ ଅଲ୍ଲାଃତାଲା ପରବର୍ତ୍ତୀ ପିଢୀଙ୍କ ନିମନ୍ତେ ରଖିଥାନ୍ତି । ଉକ୍ତ ପରମ୍ପରାଟି ଏହିପରି ଭାବରେ ଅବ୍ୟାହାତ ରହିବ । ଏପର୍ଯ୍ୟନ୍ତକି ପ୍ରଳୟ ଦିବସ ଆସିଯିବ ।"

**(ତଫସିର୍ କବିର୍, ଭାଗ-2, ପୃ-98)**




Hazrat Mirza Masroor Ahmad[aba]
The Fifth Khalifa After The Promised Messiah.

ଏହା ହେଉଛି ପବିତ୍ର କୁରଆନ୍ କରୀମ୍‌ର ସେମାନଙ୍କ ଉପରେ ପ୍ରଭାବ । ସେମାନେ ଭୂମିରୁ ଉଠିଲେ ଓ ଆକାଶରେ ପ୍ରଜ୍ୱଳିତ ତାରକା ହୋଇଗଲେ ।

ପବିତ୍ର କୁରଆନ୍‌ର ରହସ୍ୟ, ଏହାର, ଗହ୍ୱରତା ପବିତ୍ର ବ୍ୟକ୍ତିମାନଙ୍କ ଉପରେ ହିଁ ଖୋଲିଥାଏ । ତେଣୁ ଏଥି ନିମନ୍ତେ ପବିତ୍ର ବ୍ୟକ୍ତିମାନଙ୍କର ସାହଚର୍ଯ୍ୟତ୍ୱରୁ ଉପକୃତ ହେବାର ମଧ୍ୟ ଆବଶ୍ୟକତା ରହିଛି।

ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସ ହିଁ ସେହି ଅସ୍ତିତ୍ୱ ଯେକି ଅଲ୍ଲାଃତାଲାଙ୍କ ଦ୍ୱାରା ଦତ୍ତ ଜ୍ଞାନରୁ ଉପକୃତ ହୋଇ ଯାହା ବର୍ଣ୍ଣନା କଲେ ତାହାକୁ ଆମମାନଙ୍କୁ ଅବଲୋକନ କରିବା ଉଚିତ୍, ଚିନ୍ତା କରିବା ଉଚିତ୍ ।

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁଁ ଦୁଆ କରୁଛି ଯେ, ଅଲ୍ଲାଃତାଲା ସମସ୍ତ ପାଠକବୃନ୍ଦଙ୍କୁ ପବିତ୍ର କୁରଆନ୍ କରୀମ୍ ପାଠ କରିବାକୁ, ଏହାର ଅର୍ଥକୁ ବୁଝିବାକୁ, ଏହାର ଶିକ୍ଷାନୁଯାୟୀ ନିଜର ଜୀବନ ଅତିବାହିତ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

## ସୟେଦିନା ହ. ମିର୍ଜା ମସ୍ରୁର୍ ଅହେମଦ୍ ସାହେବ ଖଲିଫତୁଲ୍ ମସିହ୍ ଖାମିସ ଅହେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ ଅ.ବଙ୍କ ସାପ୍ତାହିକ ବଦର୍ କାଦିଆନ୍‌ର ପାଠକବୃନ୍ଦଙ୍କ ନିମନ୍ତେ ବିଶେଷ ସନ୍ଦେଶ ।

ସାପ୍ତାହିକ ବଦର, କାଦିଆନର ପ୍ରିୟ ପାଠକବୃନ୍ଦ

**ଅସ୍ ସଲାମୁ ଅଲୈକୁମ୍ ଓ ରହମତୁଲ୍ଲାଃହି ଓ ବର୍‌କାତୁହୁ ।**

ଅଲ୍‌ହମଦୁଲିଲ୍ଲାଃ ସମ୍ବାଦପତ୍ର ବଦର୍‌କୁ "ପବିତ୍ର କୁରଆନ୍ କରୀମ୍ ସଂଖ୍ୟା" ପ୍ରକାଶିତ କରିବାକୁ ସାମର୍ଥ୍ୟ ଲାଭ ହେଉଅଛି । ଅଲ୍ଲାଃତାଲା ଉକ୍ତ ପ୍ରକାଶନକୁ ପ୍ରତ୍ୟେକ ଦୃଷ୍ଟିରୁ କଲ୍ୟାଣମୟ କରନ୍ତୁ । **ଆମିନ୍ ।**

ଇତ୍ୟବସରରେ ମୋତେ ସନ୍ଦେଶ ପ୍ରେରଣ କରିବା ନିମନ୍ତେ ଅନୁରୋଧ କରାଯାଇଅଛି। ଅତଃ ମୋର ଏହି ସନ୍ଦେଶ ରହିଛି ଯେ, ସାଂପ୍ରତିକ ଯୁଗରେ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କ ସତ୍ୟବାଦୀ ଦାସଙ୍କୁ ପବିତ୍ର କୁରଆନ୍ କରୀମ୍‌ର ପ୍ରଚାର, ପ୍ରସାର ଏବଂ ପ୍ରକାଶନ ନିମନ୍ତେ ପ୍ରେରଣ କରିଛନ୍ତି ତଥା ପବିତ୍ର କୁରଆନ୍ କରୀମ୍‌ର ସୁରକ୍ଷା ନିମନ୍ତେ ପ୍ରେରଣ କରିଛନ୍ତି । ଅଲ୍ଲାଃତାଲା ଆପଣ ଅ.ସଙ୍କୁ ସେହି ବ୍ରହ୍ମଜ୍ଞାନମୂଳକ ପରିଚୟର ଶିକ୍ଷା ପ୍ରଦାନ କଲେ ଯେଉଁସବୁ ଶିକ୍ଷା ଲୋକମାନଙ୍କ ଠାରୁ ଆଗୋଚର ଥିଲା । ଆପଣ ଅ.ସଙ୍କ ମାଧ୍ୟମରେ ପବିତ୍ର କୁରଆନ୍ କରୀମ୍‌ର କଲ୍ୟାଣ (ଯଶ, କୀର୍ତ୍ତୀ) ର ଏକ ଝରଣା ପ୍ରବାହିତ କରିଦେଇଛନ୍ତି । ପବିତ୍ର କୁରଆନ୍ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ, ଆଳଂକାରିକପୂର୍ଣ୍ଣ ଭାଷା ଶୈଳୀ ସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି:

"ଏହା ପବିତ୍ର କୁରଆନ୍ କରୀମ୍‌ର ଚମତ୍କାରିକତା ଯେ, ତହିଁରେ ସମସ୍ତ ଶବ୍ଦଗୁଡ଼ିକ ମୁକ୍ତା ପରି ଗ୍ରଥିତ କରାଯାଇଛି ଏବଂ ଯଥା ସ୍ଥାନରେ ରଖାଯାଇଛି। କାରଣ ଏହାକୁ ଉଠାଇ ଅନ୍ୟ ସ୍ଥାନରେ ରଖାଯାଇ ପାରିବ ନାହିଁ । ଅର୍ଥାତ ଶବ୍ଦ ବସାଣ ଅତ୍ୟନ୍ତ ସୁନ୍ଦରେ ଭାବରେ ସଂଯୋଜିତ ହୋଇଛି । ଗୋଟିଏ ଶବ୍ଦକୁ ଅନ୍ୟ ଶବ୍ଦ ଦ୍ୱାରା ପରିବର୍ତ୍ତିତ କରାଯାଇପାରିବ ନାହିଁ । କିନ୍ତୁ ଏସବୁ ସତ୍ତ୍ୱେ ପବିତ୍ର କୁରଆନ୍ କରୀମ୍‌ର ଅନୁପ୍ରାସ, ଅତ୍ୟାନୁପ୍ରାସ, ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ, ଆଳଂକାରିକ ଶୈଳୀ ସମ୍ବନ୍ଧିତ ସମସ୍ତ ବସ୍ତୁ ମହଜୁଦ୍ ରହିଛି ।"

**(ମଲ୍‌ଫୁଜାତ୍, ଭାଗ-10, ପୃ-173)**

ଉକ୍ତ କଥା ଅର୍ଥାତ ପବିତ୍ର କୁରଆନ୍ କରୀମ୍ ସମସ୍ତ ସଂସାରବାସୀଙ୍କ ନିମନ୍ତେ ଏବଂ ସମସ୍ତ ସଂସାରବାସୀଙ୍କୁ ଏକତ୍ରିତ କରିବା ନିମନ୍ତେ ଆସିଅଛି ବୋଲି ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: " ଅଲ୍ଲାଃତାଲା ସର୍ବ ପ୍ରଥମେ ଭିନ୍ନ ଭିନ୍ନ ରୂପେ ପ୍ରତ୍ୟେକ ସଂପ୍ରଦାୟ ନିମନ୍ତେ ପୃଥକ ପୃଥକ କାର୍ଯ୍ୟ ପ୍ରଣାଳୀ ପ୍ରେରଣ କଲେ ଓ ସୂଚନା ଦେଲେ ଯେ, ଏମିତି ଏକ ଯୁଗ ଆସିବ ଯେ, ଅଲ୍ଲାଃତାଲା ସମସ୍ତ ଜାତିକୁ ଏକ ଜାତିରେ ପରିଣିତ କରିଦେବେ ଏବଂ ସମସ୍ତ ରାଷ୍ଟ୍ରମାନଙ୍କୁ ଗୋଟିଏ ରାଷ୍ଟ୍ରରେ ପରିଣତ କରିଦେବେ ଓ ସମସ୍ତ ଭାଷାକୁ ଗୋଟିଏ ଭାଷାରେ ପରିଣତ କରିଦେବେ ।" **(ନସିମେ ଦାଓ୍ୱତ୍, ରୁହାନୀ ଖଜାଏନ୍, ଭାଗ-19, ପୃ-428)**

ଲୋକମାନେ କୁହନ୍ତି ଯେ, ଧରାପୃଷ୍ଠକୁ ବିଭିନ୍ନ ଧର୍ମମାନେ କାହିଁକି ଆସିଲେ? ତାହା ଏଇଥିପାଇଁ ଯେ, ସେ ସମୟରେ ସେମାନଙ୍କର ବୁଦ୍ଧି, ବିବେକର ଯେଉଁ ସାଧନମାନ ମହଜୁଦ୍ ରହିଥିଲା ତାହା ଏତେ ମାତ୍ରରେ ଥିଲା ଯେ, ତାହା ନିଜ ସମୟରେ ହିଁ ସୀମିତ ରହୁ । ତେଣୁ ପୂର୍ବ କାଳରେ ଅଲ୍ଲାଃତାଲା ପୃଥକ ପୃଥକ ଅବତାର ଓ ପୃଥକ ପୃଥକ ଧର୍ମ ବିଧାନ ପ୍ରେରଣ କଲେ । ବର୍ତ୍ତମାନ ଏପରି ଯୁଗ ଆସି ଉପନୀତ ହୋଇଯାଇଛି ଯେ, ସମସ୍ତେ ଏକତ୍ରିତ ହୋଇପାରିବେ । ଅତଃ ଏକ ପୂର୍ଣ୍ଣ ଧର୍ମବିଧାନ ପବିତ୍ର କୁରଆନ୍ କରୀମ୍ ଆକାରରେ ଆମମାନଙ୍କ ସକାଶେ ପ୍ରେରଣ କରିଦେଲ ଓ କହିଲେ ଯେ, ସେ (ପ୍ରଭୁ ଏବଂ ପବିତ୍ର କୁରଆନ୍) ସମସ୍ତ ଜାତିମାନଙ୍କୁ ଗୋଟିଏ ଜାତିରେ ରୂପାନ୍ତରିତ କରିଦେବେ ଏବଂ ସମସ୍ତ ଭାଷାକୁ ଗୋଟିଏ ଭାଷାରେ ରୂପାନ୍ତରିତ କରିଦେବେ । ଆଜି ସଂସାରରେ ଗ୍ଲୋବାଲ୍ ଭିଲେଜ୍ (ବିଶ୍ୱ ଗ୍ରାମ)ର ଏକ ଟର୍ମ (Term) ବ୍ୟବହୃତ ହେଉଛି। ଅର୍ଥାତ ପୃଥିବୀ ଆଜି ଏକ ହୋଇଯାଇଛି, ଏକ ସହରରେ ପରିଣତ ହୋଇଯାଇଛି । ସେ ଯାହା ହେଉ ନା କାହିଁକି ପବିତ୍ର କୁରଆନ୍ କରୀମ୍ ହିଁ ସେହି ବାଣୀ ଯେ ପୃଥିବୀରେ ପବିତ୍ର କରୁଆନ୍ କରୀମ ବ୍ୟତୀତ ବିଭିନ୍ନ ଭାଷା କହୁଥିବା ଭାଷାଭାଷୀମାନେ ବାସ କରନ୍ତି ଏବଂ ବିଭିନ୍ନ ବୋଲିର ପ୍ରୟୋଗ ମଧ୍ୟ କରନ୍ତି । କିନ୍ତୁ ପୃଥିବୀରେ ଯେଉଁଠି ବି ମୁସଲମାନମାନେ ବାସ କରନ୍ତି, ସେ ପଛେ ଯେକୌଣସି ଜାତିର ମୁସଲମାନ ହୁଅନ୍ତୁ ପଛେ ସେମାନେ ଏହି ଧର୍ମଗ୍ରନ୍ଥ (ପବିତ୍ର କୁରାନ୍ କରୀମ)କୁ ମୂଳ ଆରବୀ ଭାଷାରେ ପାଠ କରିଥାନ୍ତି ଏବଂ ଏହିପରି ଭାବରେ ପବିତ୍ର କୁରାନ୍ କରୀମ୍‌ର (ସୁରତ୍) ପ୍ରୟୋଗ ବିଭିନ୍ନ ନମାଜରେ ମଧ୍ୟ କରାଯାଏ ।

ଏକଥା ସ୍ମରଣ ରଖିବା ଉଚିତ୍ ଯେ, ପବିତ୍ର କୁରଆନ୍‌ର ରହସ୍ୟ, ଏହାର, ଗହ୍ୱରତା ପବିତ୍ର ବ୍ୟକ୍ତିମାନଙ୍କ ଉପରେ ହିଁ ଖୋଲିଥାଏ । ତେଣୁ ଏଥି ନିମନ୍ତେ ପବିତ୍ର ବ୍ୟକ୍ତିମାନଙ୍କର ସାହଚର୍ଯ୍ୟତ୍ୱରୁ ଉପକୃତ ହେବାର ମଧ୍ୟ ଆବଶ୍ୟକତା ରହିଛି। ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସ ହିଁ ସେହି ଅସ୍ତିତ୍ୱ ଯେକି ଅଲ୍ଲାଃତାଲାଙ୍କ ଦ୍ୱାରା ଦତ୍ତ ଜ୍ଞାନରୁ ଉପକୃତ ହୋଇ ଯାହା ବର୍ଣ୍ଣନା କଲେ ତାହାକୁ ଆମମାନଙ୍କୁ ଅବଲୋକନ କରିବା ଉଚିତ୍, ଚିନ୍ତା କରିବା ଉଚିତ୍ ଏବଂ ସେହି ତଫସିର୍‌ଗୁଡ଼ିକ ହିଁ ଆପଣ ଅ.ସଙ୍କ ଦ୍ୱାରା ଜ୍ଞାନ ଅନୁଯାୟୀ ଲିଖିତ ଜମାଅତ୍‌ର ସାହିତ୍ୟ କୃତି ଅଟେ। ତହିଁରେ ଆପଣ ଅ.ସ ପବିତ୍ର କୁରଆନ୍ କରୀମ୍‌ର ଅନେକ ବ୍ୟାଖ୍ୟା ବର୍ଣ୍ଣନା କରିଛନ୍ତି । ହୁଜୁର ଅନୱର୍ ଅ.ବ କହିଲେ, ଅନେକ ଅଭିଭାବକମାନେ ମୋତେ ପ୍ରଶ୍ନ କରନ୍ତି ଯେ, ସନ୍ତାନମାନେ ଯାହା କିଛି ବିଦ୍ୟାଳୟରୁ ଶିଖି ଆସନ୍ତି ଏବଂ ନିଜର ଅଭିଭାବକମାନଙ୍କୁ ପ୍ରଶ୍ନ କରିଥାନ୍ତି । ତେବେ ଏଥି ସଂକ୍ରାନ୍ତରେ ଅଭିଭାବକମାନଙ୍କୁ ଏହିପରି ଉତ୍ତର ପ୍ରଦାନ କରିବା ଉଚିତ୍। ଆମେମାନେ ଯଦି ଧ୍ୟାନ ପୂର୍ବକ ଆପଣ ଅ.ସଙ୍କ ଦ୍ୱାରା ରଚିତ ପୁସ୍ତକାବଳୀକୁ ପାଠ କରୁ, ବ୍ୟାଖ୍ୟା ପାଠ କରୁ, ଜମାଅତ୍‌ର ସାହିତ୍ୟକୁ ପାଠ କରୁ ଯାହା ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ପ୍ରକାଶରେ ହିଁ ବର୍ଣ୍ଣିତ ହୋଇଛି ତେବେ ସେପରିପ୍ରେକ୍ଷୀରେ ଅଭିଭାବକମାନେ ନିଜ ସନ୍ତାନମାନଙ୍କର ଉତ୍ତର ଦେଇ ପାରିବେ ।

ପବିତ୍ର କୁରଆନୀୟ ଶିକ୍ଷାର ସାହାବାମାନଙ୍କ ଉପରେ କିପରି ପ୍ରଭାବ ପଡ଼ିଥିଲା ତତ୍‌ସଂକ୍ରାନ୍ତରେ ଚର୍ଚ୍ଚା କରି ଆପଣ ଅ.ସ କୁହନ୍ତି: "ଯେତେବେଳେ ଆଁହଜରତ ସ.ଅଙ୍କ ପବିତ୍ର ସାହଚର୍ଯ୍ୟତ୍ୱ ଓ ପ୍ରଶଂସିତ ଗ୍ରନ୍ଥ ଅର୍ଥାତ ପବିତ୍ର କୁରଆନ୍ କରୀମ୍‌ର ଚିତ୍ତାକର୍ଷକ ପ୍ରଭାବ ମାଧ୍ୟମରେ ସେମାନଙ୍କୁ ଅନୁଭୂତ ହୋଇଯାଇଥିଲା ଯେ, ସେମାନେ ଯେଉଁ ଅବସ୍ଥାରେ ଜୀବନ ଅତିବାହିତ କରିଛନ୍ତି ତାହା ଅସଭ୍ୟ ଓ ବର୍ବରତ୍ୱମୂଳକ ଜୀବନ ଅଟେ ଏବଂ ସେମାନ ସଂପୂର୍ଣ୍ଣ ରୂପେ କୁକର୍ମରେ ଲିପ୍ତ ଅଟନ୍ତି । ତେବେ ସେପରିପ୍ରେକ୍ଷୀରେ ସେମାନେ ପବିତ୍ରାତ୍ମା ଠାରୁ ଶକ୍ତି ପ୍ରାପ୍ତ କରି ପୁଣ୍ୟ କର୍ମ ସମ୍ପାଦନ କରିବା ପ୍ରତି କ୍ରିୟାଶୀଳ ହେଲ । ଯେପରିକି ଅଲ୍ଲାଃତାଲା ସେମାନଙ୍କ ସପକ୍ଷରେ କୁହନ୍ତି: وَاَيَّدَهُمْ بِرُوْحٍ مِّنْهُ **(ଅଲ୍ ମୁଜାଦିଲା:23)** ଅର୍ଥାତ ଅଲ୍ଲାଃତାଲା ନିଜ ତରଫରୁ ସେମାନଙ୍କୁ ବାଣୀ ପ୍ରଦାନ କରି ସେମାନଙ୍କୁ ସାହାଯ୍ୟ ପ୍ରଦାନ କରିଛନ୍ତି ।" **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-424-425)**

ସୁତରାଂ ଏହା ହେଉଛି ପବିତ୍ର କୁରଆନ୍ କରୀମ୍‌ର ସେମାନଙ୍କ ଉପରେ ପ୍ରଭାବ। ସେମାନେ ଭୂମିରୁ ଉଠିଲେ ଓ ଆକାଶରେ ପ୍ରଜ୍ୱଳିତ ତାରକା ହୋଇଗଲେ । ସେହି ସାହାବାମାନଙ୍କ ସଂପର୍କରେ ଆଁହଜରତ ସ.ଅ କହିଲେ ଯେ, ମୋ ସାହାବାମାନେ ହେଉଛନ୍ତି ତାରକା ସଦୃଶ । ତେଣୁ ଯେଉଁ ବ୍ୟକ୍ତି ଏହି ସାହାବାମାନଙ୍କ ମଧ୍ୟରୁ ଯେକୌଣସି ସାହାବିଙ୍କୁ ଅନୁକରଣ କରନ୍ତି ତେବେ ସେମାନେ ଅବଶ୍ୟ ମାର୍ଗଦର୍ଶନ ପ୍ରାପ୍ତ କରିନେବେ। ତେଣୁ ସାହାବାମାନେ ନିଚ୍ଛକ ରୂପେ ଜଣେ ଜଣେ ମାର୍ଗଦର୍ଶକ ଅଟନ୍ତି ।

**(ଅଲ୍ ମୁକାଶିଫାତୁଲ୍ ମସାବିହ୍, ଭାଗ-3, ପୃ-1696)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ମୁଁ ଦୁଆ କରୁଛି ଯେ, ଅଲ୍ଲାଃତାଲା ସମସ୍ତ ପାଠକବୃନ୍ଦଙ୍କୁ ପବିତ୍ର କୁରଆନ୍ କରୀମ୍ ପାଠ କରିବାକୁ, ଏହାର ଅର୍ଥକୁ ବୁଝିବାକୁ, ଏହାର ଶିକ୍ଷାନୁଯାୟୀ ନିଜର ଜୀବନ ଅତିବାହିତ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ। **ଆମିନ୍ ।**

ୱସ୍‌ସଲାମ୍

ମିର୍ଜା ମସ୍ରୁର୍ ଅହେମଦି

| କ୍ର.ନଂ | ସୂଚୀପତ୍ର | ପୃ-ସଂଖ୍ୟା |
|---|---|---|
| ୧. | ସମ୍ପାଦକୀୟ (ଅଦ୍ୱୈତବାଦର ଗୁରୁତ୍ୱ) | ୧- |
| ୨. | ପବିତ୍ର କୁରଆନ୍ କରୀମ୍ | ୨-୨ |
| ୩. | ପବିତ୍ର ହଦିସ୍ | ୨-୩ |
| ୪. | ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର କଥନ | ୩-୪ |
| ୫. | ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର କଥନ | ୫-୬ |
| ୬. | ଖତୁବା ଜୁମା ହୁଜୁର ଅନୱର୍ ଅ.ବ | ୭-୧୨ |
| ୭. | ଅଣମୁସଲମାନ ଏବଂ ଅଣଧର୍ମାବଲମ୍ବୀମାନଙ୍କ ସହିତ ସଦ୍ବ୍ୟବହାର ଓ ସହନଶୀଳତା (ସହିଷ୍ଣୁତାଭାବ) ପ୍ରଦର୍ଶନ କରିବା ନିମନ୍ତେ ପବିତ୍ର କୁରାଆନ୍ କରୀମର ଶିକ୍ଷା | ୧୩-୧୭ |
| ୮. | ପବିତ୍ର କୁରଆନ୍ କରୀମ୍ ଓ ନାରୀମାନଙ୍କର ଅଧିକାର | ୧୭-୨୨ |
| ୯. | ଅଦ୍ୱୈତବାଦର ଗୁରୁତ୍ୱର (ଅବଶିଷ୍ଟାଂଶ) | ୨୨-୨୮ |
| ୧୦. | ପବିତ୍ର କୁରଆନରେ ସମଗ୍ର ଜଗତ ପାଇ ଶାନ୍ତିପୂର୍ଣ୍ଣ ଶିକ୍ଷା ନିହିତ ରହିଛି | ୨୮ |




## ସମ୍ପାଦକୀୟ

# ଅଦ୍ୱୈତବାଦର ଗୁରୁତ୍ୱ, ପ୍ରତିଷ୍ଠା ଓ ପବିତ୍ର କୁରଆନ୍ କରୀମ୍‌ରେ ତତ୍‌ସଂକ୍ରାନ୍ତୀୟ ଶିକ୍ଷା

(ମନ୍‌ସୁର ଅହେମଦ ମସ୍ରୁର, ସମ୍ପାଦକ ଉର୍ଦ୍ଦୁ ବଦର୍)

ଇସ୍‌ଲାମ୍ ଧର୍ମର ସବୁଠୁ ମୌଳିକ ଓ ସବୁଠୁ ପ୍ରମୁଖ୍ୟ ଶିକ୍ଷା ହେଉଛି ଅଦ୍ୱୈତବାଦ (ଏକେଶ୍ୱରବାଦ) । ଅର୍ଥାତ لَاۤ اِلٰہَ اِلَّا اللّٰہ । ଏହାର ଅର୍ଥ ଏହିକି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ କେହି ବି ଉପାସ୍ୟ ଯୋଗ୍ୟ ନୁହନ୍ତି। ମନୁଷ୍ୟ ନମନ୍ତେ କଦାପି ଏହା ବୈଧ ନୁହେଁ ଯେ, ସେ ନିଜ ପରି ଅନ୍ୟ ବ୍ୟକ୍ତିର ଉପାସନା କରୁ କିମ୍ବା ଅନ୍ୟ କୌଣସି ପ୍ରାଣୀର ଉପାସନା କରୁ ଅବା ନଦ ନଦୀ, ପାହାଡ଼ ପର୍ବତ, ବୃକ୍ଷ ଲତା ଆଦିର ଉପାସନା କରୁ। ସମଗ୍ର ସଂସାରର କେବଳ ଏକ ଈଶ୍ୱର ଓ ଗୋଟିଏ ପାଳନକର୍ତ୍ତା, ସୃଷ୍ଟିକର୍ତ୍ତା, ପ୍ରଭୁ ଅଟନ୍ତି । ସେ ଅନାଦି କାଳରୁ ବିଦ୍ୟମାନ ଅଛନ୍ତି ଚିରକାଳ ପର୍ଯ୍ୟନ୍ତ ରହିବେ । ପ୍ରତ୍ୟେକ ବସ୍ତୁ ନଶ୍ୱର ଓ ମରଣଶୀଳ । କିନ୍ତୁ ସେ ଅକ୍ଷୟଶୀଳ ଓ ଅବିନଶ୍ୱର ତଥା ଚିରଞ୍ଜିବ ଅଟନ୍ତି । ପବିତ୍ର କୁରଆନ୍ କରୀମ୍ ହେଉଛି ସେହି ଏକମାତ୍ର ଗ୍ରନ୍ଥ ଯାହା ଏକେଶ୍ୱରବାଦ ଶିକ୍ଷା ଦ୍ୱାରା ପରିପୂର୍ଣ୍ଣ ଅଟେ । ଅଲ୍ଲାଃତାଲା ସଂସାରରେ ଅବତାରମାନଙ୍କୁ ପ୍ରେରଣ କରିବାର ଯେଉଁ ପରମ୍ପରା ଆରମ୍ଭ କଲେ, ତାହା ଏଇଥିପାଇଁ ଆରମ୍ଭ କଲେ ଯେ, ସେ ଲୋକମାନଙ୍କୁ ଏକେଶ୍ୱରବାଦ ଉପରେ ସ୍ଥାପନ କରନ୍ତୁ ଏବଂ ଶିର୍କର ମୋଳୋତ୍ପାଟନ କରନ୍ତୁ । ଅଲ୍ଲାଃତାଲା ନିଜ ଏକେଶ୍ୱରବାଦ ପ୍ରତି ଆତ୍ମାଭିମାନ ଅଟନ୍ତି । ସମଗ୍ର ଜଗତକୁ ସେ ମାନବ ଜାତି ନିମନ୍ତେ ସୃଷ୍ଟି କରି ଏବଂ ମାନବ ଜାତିର ଆଧ୍ୟାତ୍ମିକ ଓ ଶାରୀରୀକ ବିକାଶର ପୂର୍ଣ୍ଣ ବ୍ୟବସ୍ଥା କରିଛନ୍ତି ଓ ଯତ୍ନ ମଧ୍ୟ ନେଇଛନ୍ତି। ଅତଏବ୍ ମନୁଷ୍ୟ ପକ୍ଷେ କେତେବେଳେ ଏହା ବୈଧ ଯେ, ସେ ଏହାକୁ ପରିତ୍ୟାଗ କରି ଅନ୍ୟ କୌଣସି ବ୍ୟକ୍ତିର ଉପାସନା କରୁ ? ଏହା କେଡ଼େ ଅନ୍ୟାୟ ଯେ, ମନୁଷ୍ୟ ସୂର୍ଯ୍ୟ ଓ ଚନ୍ଦ୍ର ଏବଂ ତାରକାମାନଙ୍କର ଉପାସନା କରୁ। କିନ୍ତୁ ଏହି ସବୁ ଗ୍ରହ ନକ୍ଷତ୍ରମାନଙ୍କର ପ୍ରକୃତ ସୃଷ୍ଟିକର୍ତ୍ତାକୁ ଭୁଲିଯାଉ । ଏହା କେଡ଼େ ମୂର୍ଖତାପୂର୍ଣ୍ଣ କଥା ଯେ, ମନୁଷ୍ୟ ଚାହାର(Tea) କୃତଜ୍ଞତା ଜ୍ଞାପନ କରୁ ଓ ଚାହା ପାନ କରାଇଥିବା ବ୍ୟକ୍ତିକୁ ଭୁଲି ବସୁ । ଅର୍ଥାତ ଉପକାର କରିଥିବା ବ୍ୟକ୍ତକୁ ଭୁଲିଯାଉ ଓ ତା' ଦ୍ୱାରା ପ୍ରଦାନ କରାଯାଇଥିବା ବସ୍ତୁକୁ ମନେରଖୁ ।

ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ପିତା ମାତାଙ୍କ ଆଜ୍ଞା ପାଳନ କରିବା ନିମନ୍ତେ ତାଗିଦ୍ କରିଛନ୍ତି । କିନ୍ତୁ ଶିର୍କ ପ୍ରସଙ୍ଗରେ ସେମାନଙ୍କର ଆଜ୍ଞା ପାଳନ କରିବାକୁ ବାରଣ କରିଛନ୍ତି । ଅତଃ ଅଲ୍ଲାଃତାଲା କୁହନ୍ତି:

وَاِنۡ جَاہَدٰکَ عَلٰۤی اَنۡ تُشۡرِکَ بِیۡ مَا لَیۡسَ لَکَ بِہٖ عِلۡمٌ ۙ فَلَا تُطِعۡہُمَا وَصَاحِبۡہُمَا فِی الدُّنۡیَا مَعۡرُوۡفًا ۫ وَّاتَّبِعۡ سَبِیۡلَ مَنۡ اَنَابَ اِلَیَّ ۚ ثُمَّ اِلَیَّ مَرۡجِعُکُمۡ فَاُنَبِّئُکُمۡ بِمَا کُنۡتُمۡ تَعۡمَلُوۡنَ (ଲୁକ୍‌ମାନ୍: 16)

**ଅନୁବାଦ୍:** ଏବଂ ଯଦି ସେ ଦୁହେଁ ତୁମ ସହିତ ଏ ସଂକ୍ରାନ୍ତରେ ଯୁକ୍ତିତର୍କ କରନ୍ତି ଯେ, ତୁମ୍ଭେ ଅନ୍ୟ କାହାକୁ ଆମ୍ଭର ସମକକ୍ଷ ନିରୂପଣ କର, ଅଥଚ ତୁମେ ତାହା ସଂକ୍ରାନ୍ତରେ କିଛି ଜାଣ ନାହିଁ ତେବେ ସେପରିପ୍ରେକ୍ଷୀରେ ତୁମେ ସେ ଦୁହିଁଙ୍କର ଆଜ୍ଞା ପାଳନ କର ନାହିଁ ଏବଂ ଆଧ୍ୟାତ୍ମିକ ବ୍ୟାପାରରେ ସେହି ବ୍ୟକ୍ତିର ଅନୁସରଣ କର ଯେ, ଆମ୍ଭ ପ୍ରତି ଅନୁଗତ ଥାଏ ଏବଂ ତୁମେମାନେ ସମସ୍ତେ ଆମ୍ଭ ନିକଟକୁ ପ୍ରତ୍ୟାବର୍ତ୍ତନ କରିବ । ସେତେବେଳେ ଆମ୍ଭେ ତୁମ୍ଭମାନଙ୍କୁ ତୁମମାନଙ୍କ କର୍ମ ସଂକ୍ରାନ୍ତରେ ଅବଗତ କରାଇବୁ ।

وَوَصَّیۡنَا الۡاِنۡسَانَ بِوَالِدَیۡہِ حُسۡنًا ؕ وَاِنۡ جَاہَدٰکَ لِتُشۡرِکَ بِیۡ مَا لَیۡسَ لَکَ بِہٖ عِلۡمٌ فَلَا تُطِعۡہُمَا ؕ اِلَیَّ مَرۡجِعُکُمۡ فَاُنَبِّئُکُمۡ بِمَا کُنۡتُمۡ تَعۡمَلُوۡنَ (ଅଲ୍ ଅନ୍‌କବୁତ୍: 9)

**ଅନୁବାଦ:** ଏବଂ ଆମ୍ଭେ ମନୁଷ୍ୟକୁ ନିଜ ପିତାମାତାଙ୍କ ସହିତ ସଦ୍‌ବ୍ୟବାହାର ପ୍ରଦର୍ଶନ କରିବାକୁ ଆଦେଶ ଦେଇଅଛୁ । କିନ୍ତୁ ସେ ଦୁହେଁ ତୁମ୍ଭ ସହିତ ଏ ସଂକ୍ରାନ୍ତରେ ଯୁକ୍ତିତର୍କ କରନ୍ତି ଯେ ତୁମେ ଅନ୍ୟ କାହାକୁ ଆମ୍ଭର ସମକକ୍ଷ ନିରୂପଣ କର ଅଥଚ ତୁମେ ତାହା ସଂକ୍ରାନ୍ତରେ କିଛି ଜାଣି ନାହଁ । ତେବେ ତୁମେ ସେ ଦୁହିଁଙ୍କର ଆଜ୍ଞା ପାଳନ କର ନାହିଁ। କାରଣ ତୁମ ସମସ୍ତଙ୍କୁ ଆମ୍ଭ ନିକଟକୁ ଫେରିବାକୁ ହେବ ଓ ଆମ୍ଭେ ତୁମମାନଙ୍କୁ ତୁମ୍ଭମାନଙ୍କ ଭଲ ଓ ମନ୍ଦ କାର୍ଯ୍ୟ ସଂକ୍ରାନ୍ତରେ ଅବଗତ କରାଇବୁ ।

ଅଲ୍ଲାଃତାଲା ଶିର୍କକୁ ମହା ଅତ୍ୟାଚାର ରୂପେ ବିବେଚିତ କରିଛନ୍ତି। କାରଣ ଶିର୍କ ଏଭଳି ଏକ ଅତ୍ୟାଚାର ଅଟେ ଯାହାର କୌଣସି କ୍ଷମା ନାହିଁ। ଏହା ବ୍ୟତୀତ ଅନ୍ୟ ଯାହା ବି ପାପ ଥିବ ଓ ଯେଭଳି ପାପ ଥିବା ତାହାକୁ ଅଲ୍ଲାଃତାଲା କ୍ଷମା କରିପାରିବେ । କିନ୍ତୁ ଶିର୍କର ପାପକୁ ସେ ଆଦୌ କ୍ଷମା କରିବେ ନାହିଁ । କାରଣ ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ ଉପାସ୍ୟ ଦେବତା ଠାରୁ ସମଗ୍ର ଜୀବନ ମାଗୁଥିଲା ବର୍ତ୍ତମାନ ସେ ଅଲ୍ଲାଃତାଲାଙ୍କୁ କାହିଁକି ବା ମାଗିବ ଓ ଯଦି ବି ମାଗିବ ତେବେ ତା'କୁ କାହିଁକି ଦିଆଯିବ । ଶିର୍କ ହେଉଛି ମହାପାପ ବା ଅତ୍ୟାଚାର । ତେଣୁ ତତ୍‌ସମ୍ବନ୍ଧରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି:

وَاِذۡ قَالَ لُقۡمٰنُ لِابۡنِہٖ وَہُوَ یَعِظُہٗ یٰبُنَیَّ لَا تُشۡرِکۡ بِاللّٰہِ ؕ اِنَّ الشِّرۡکَ لَظُلۡمٌ عَظِیۡمٌ (ଲୁକ୍‌ମାନ୍:14)

**ଅନୁବାଦ୍:** ଏବଂ ସ୍ମରଣ କର ଯେତେବେଳେ ଲୁକ୍‌ମାନ ଆପଣା ପୁତ୍ରକୁ ଉପଦେଶ ଦେଇ କହିଲେ, ହେ ମୋର ପୁତ୍ର ! ଅଲ୍ଲାଃଙ୍କ ସହିତ କାହାରିକୁ ସମକକ୍ଷ କରିବ ନାହିଁ । ଶିର୍କ କରିବା ବାସ୍ତବରେ ଏକ ମସ୍ତବଡ଼ ଅନ୍ୟାୟ ଅଟେ ।

ସେହିପରି ଶିର୍କର ପାପ ଅକ୍ଷମ୍ୟ ଅଟେ । ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ସୁରାଃ ନିସାରେ ଦୁଇଟି ସ୍ଥାନରେ କହିଛନ୍ତି । ଅଲ୍ଲାଃତାଲା କୁହନ୍ତି: اِنَّ اللّٰہَ لَا یَغۡفِرُ اَنۡ یُّشۡرَکَ بِہٖ وَیَغۡفِرُ مَا دُوۡنَ ذٰلِکَ لِمَنۡ یَّشَآءُ ۚ وَمَنۡ یُّشۡرِکۡ بِاللّٰہِ فَقَدِ افۡتَرٰۤی اِثۡمًا عَظِیۡمًا (ଅନ୍ ନିସା: 49)

ଅନୁବାଦ: ଅର୍ଥାତ ବାସ୍ତବରେ ଅଲ୍ଲାଃତାଲା ଅନ୍ୟ କାହାରିକୁ ତାହାଙ୍କ ସହିତ ସମକକ୍ଷ କରାଯିବାକୁ ଆଦୌ କ୍ଷମା ଦେବେ ନାହିଁ । କିନ୍ତୁ ଏହା ଅପେକ୍ଷା ଯାହା (ପାପ) ନ୍ୟୁନ ହୋଇଥିବ ସେ ଯାହାକୁ ଇଚ୍ଛା ତାହାକୁ କ୍ଷମା ଦେବେ ଏବଂ ଯେ କେହି ଅଲ୍ଲାଃତାଲାଙ୍କ ସହିତ ଅନ୍ୟ କାହାରିକୁ ସମକକ୍ଷ କରେ ତେବେ ମନେରଖ ! ସେ ବାସ୍ତବରେ ଏକ ମହାପାପ କରେ । **(ଅବଶିଷ୍ଟାଂଶ.......................ପୃ-23ର ଦ୍ୱିତୀୟ ସ୍ତମ୍ଭରେ)**

# ପବିତ୍ର କୁରାଆନ୍ କରୀମର ସର୍ବୋଚ୍ଚ ମର୍ଯ୍ୟାଦା ଓ ମାହାତ୍ମ୍ୟତା ।

## ପବିତ୍ର କୁରଆନ୍ କରୀମ୍ ଅନୁଯାୟୀ

### ପବିତ୍ର କୁରଆନ୍ କରୀମ୍ ଅଦୃଷ୍ଟାନ୍ତନୀୟ ଧର୍ମଗ୍ରନ୍ଥ ଅଟେ ।

قُل لَّئِنِ اجْتَمَعَتِ الْإِنسُ وَالْجِنُّ عَلَىٰ أَن يَأْتُوا بِمِثْلِ هَٰذَا الْقُرْآنِ لَا يَأْتُونَ بِمِثْلِهِ وَلَوْ كَانَ بَعْضُهُمْ لِبَعْضٍ ظَهِيرًا **(ବନି ଇସ୍ରାଇଲ୍:89)**

ଅର୍ଥାତ ତୁମ୍ଭେ ସେମାନଙ୍କୁ କୁହ ! ଯଦି ସମସ୍ତ ମାନବ ଓ ଜିନ୍ନ ଏହି ପବିତ୍ର କୁରଆନ୍‌ର ଅନୁରୁପ ଗ୍ରନ୍ଥ ଆଣିବାକୁ ଏକତ୍ରିତ ହୁଅନ୍ତି ଓ ସେମାନେ ପରସ୍ପରକୁ ସାହାଯ୍ୟ କରନ୍ତି ତଥାପି ସେମାନେ ଏହାର ଅନୁରୂପ ଆଣି ପାରିବେ ନାହିଁ ।

### ପବିତ୍ କୁରଆନ୍ କରୀମ ସର୍ବୋତ୍କୃଷ୍ଟ ମାର୍ଗଦର୍ଶନ ପ୍ରଦାନକାରୀ ଧର୍ମଗ୍ରନ୍ଥ ଅଟେ ।

إِنَّ هَٰذَا الْقُرْآنَ يَهْدِي لِلَّتِي هِيَ أَقْوَمُ وَيُبَشِّرُ الْمُؤْمِنِينَ الَّذِينَ يَعْمَلُونَ الصَّالِحَاتِ أَنَّ لَهُمْ أَجْرًا كَبِيرًا **(ବନି ଇସ୍ରାଇଲ୍: 10)**

ବାସ୍ତବରେ ଏହି କୁରଆନ୍ ଏପରି ଦିଗକୁ ପଥ ପ୍ରଦର୍ଶନ କରାଉଛି ଯାହା ସର୍ବାଧିକ ଯଥାର୍ଥ ଏବଂ ସତ୍‌କର୍ମ କରୁଥିବା ବିଶ୍ୱାସକାରୀମାନଙ୍କୁ ସୁସମାଚାର ପ୍ରଦାନ କରୁଅଛି ଯେ, ସେମାନଙ୍କ ନିମନ୍ତେ ମହାନ ପୁରସ୍କାର ରହିଅଛି ।

### ପବିତ୍ର କୁରଆନ୍ କରୀମ୍ ବିଶ୍ୱାସକାରୀମାନଙ୍କ ନିମନ୍ତେ ଆରୋଗ୍ୟକାରୀ ଏବଂ ଅଲୌକିକ କରୁଣାମୟ ସମ୍ବଳିତ ବାଣୀ ଅଟେ ।

وَنُنَزِّلُ مِنَ الْقُرْآنِ مَا هُوَ شِفَاءٌ وَرَحْمَةٌ لِّلْمُؤْمِنِينَ وَلَا يَزِيدُ الظَّالِمِينَ إِلَّا خَسَارًا **(ବନି ଇସ୍ରାଇଲ୍:83)**

ଏବଂ ଆମ୍ଭ ପବିତ୍ର କୁରଆନ୍‌ରୁ କ୍ରମେ କ୍ରମେ ଏପରି ଶିକ୍ଷା ଅବତୀର୍ଣ୍ଣ କରୁଅଛୁ ଯାହା ବିଶ୍ୱାସକାରୀମାନଙ୍କ ସକାଶେ ଆରୋଗ୍ୟକାରୀ ଓ କୁରଣାମୟ ସମ୍ବଳିତ ବାଣୀ ଅଟେ ଏବଂ ଏହା ଅତ୍ୟାଚାରୀମାନଙ୍କୁ କେବଳ ଅଧିକ କ୍ଷତିଗ୍ରସ୍ତ କରାଇଥାଏ ।

### ପବିତ୍ର କୁରଆନ୍ କରୀମ୍ ଆବୃତ୍ତି ପୂର୍ବରୁ ଇସ୍ତିଆଜା (ପ୍ରଭୁଙ୍କ ଶରଣ ଭିକ୍ଷା କରିବା) ।

فَإِذَا قَرَأْتَ الْقُرْآنَ فَاسْتَعِذْ بِاللَّهِ مِنَ الشَّيْطَانِ الرَّجِيمِ **(ଅନ୍ ନହଲ୍:99)**

ଯେତେବେଳେ ତୁମ୍ଭେ ପବିତ୍ର କୁରଆନ୍ ଆବୃତ୍ତି କର ସେତେବେଳେ ବହିଷ୍କୃତ ସଇତାନ୍ ଠାରୁ ରକ୍ଷା ପାଇଁବା ପାଇଁ ଅଲ୍ଲାଃତାଲାଙ୍କର ଶରଣ ଭିକ୍ଷା କର ।

### ପବିତ୍ର କୁରଆନ୍ କରୀମ୍‌କୁ ନୀରବତାପୂର୍ବକ ଶୁଣିବା ଉଚିତ୍।

وَإِذَا قُرِئَ الْقُرْآنُ فَاسْتَمِعُوا لَهُ وَأَنصِتُوا لَعَلَّكُمْ تُرْحَمُونَ

**(ଅଲ୍ ଆରାଫ୍:105)** ଏବଂ ହେ ଲୋକମାନେ ! ଯେତେବେଳେ ପବିତ୍ର କୁରଆନ୍ କରୀମ୍ ପାଠ କରାଯାଏ ସେତେବେଳେ ତୁମ୍ଭେ ତାହାକୁ ଧୈର୍ଯ୍ୟପୂର୍ବକ ଶ୍ରବଣ କର ଏବଂ ନୀରବ ରୁହ। କାରଣ ଏହା ଦ୍ୱାରା ତୁମମାନଙ୍କ ପ୍ରତି କରୁଣା କରାହେବ ।

### ପବିତ୍ର କୁରାଆନ୍ କରୀମ୍‌କୁ ୱଜୁ କରି ଆବୃତ୍ତି କରିବା ଉଚିତ୍

إِنَّهُ لَقُرْآنٌ كَرِيمٌ فِي كِتَابٍ مَّكْنُونٍ لَّا يَمَسُّهُ إِلَّا الْمُطَهَّرُونَ

**(ଅଲ୍ ୱାକିଆ: 80-70)**

ଅର୍ଥାତ୍ ବାସ୍ତବରେ ଏହି କୁରଆନ୍ କରୀମ୍ ଅତି ମହାନ୍ ଏବଂ ଏହା ଗୋପନୀୟ ଗ୍ରନ୍ଥ ମଧ୍ୟରେ (ଅନ୍ତର୍ନିହିତ) ରହିଅଛି । ପବିତ୍ର ବ୍ୟକ୍ତିମାନଙ୍କ ବ୍ୟତୀତ କେହି ଏହାର ସତ୍ୟତାକୁ ଉପଲବ୍ଧି କରିପାରିବେ ନାହିଁ । ☆

☆ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ କୁହନ୍ତି: "ପବିତ୍ର କୁରଆନ୍ କରୀମ୍ ଉନ୍ମୁକ୍ତ ଗ୍ରନ୍ଥ ମଧ୍ୟ ଅଟେ ଏବଂ ଲୁକ୍କାୟିତ ଧର୍ମଗ୍ରନ୍ଥ ମଧ୍ୟ ଅଟେ। ପ୍ରକାଶ୍ୟ ରୂପେ କହିବାକୁ ଗଲେ ଏହାର ଆବୃତ୍ତି ପ୍ରତ୍ୟେକ ପୁଣ୍ୟବାନ ଓ ପାପୀ ବ୍ୟକ୍ତି କରିପାରିବ । କିନ୍ତୁ ଏହାର ସର୍ବୋଚ୍ଚ ସ୍ତରୀୟ ଗୁପ୍ତ ରହସ୍ୟ କେବଳ ସେହି ବ୍ୟକ୍ତିମାନଙ୍କ ଉପରେ ପ୍ରକାଶିତ ଓ ଉଦ୍‌ଘାଟିତ ହୋଇଥାଏ ଯେଉଁମାନେ ଅଲ୍ଲାଃତାଲାଙ୍କ ତରଫରୁ (ମନୋନୀତ ହୋଇ) ପବିତ୍ର କରା ହୋଇଥାଆନ୍ତି ।" ☆☆☆

## ନବୀ ସ.ଅଙ୍କ ହଦିସ୍ ଅନୁଯାୟୀ

ରହସ୍ୟ କେବଳ ସେହି ବ୍ୟକ୍ତିମାନଙ୍କ ଉପରେ ପ୍ରକାଶିତ ଓ ଉଦ୍‌ଘାଟିତ ହୋଇଥାଏ ଯେଉଁମାନେ ଅଲ୍ଲାଃତାଲାଙ୍କ ତରଫରୁ (ମନୋନୀତ ହୋଇ) ପବିତ୍ର କରା ହୋଇଥାଆନ୍ତି ।"

### ପବିତ୍ କୁରଆନ୍ କରୀମ୍ ଶିଖିବା ଓ ଶିଖାଇବାର ଶ୍ରେଷ୍ଠତ୍ୱତା ଏବଂ ଉତ୍କର୍ଷତା ।

عَنْ عُثْمَانَ بْنِ عَفَّانَ رَضِيَ اللهُ عَنْهُ قَالَ: قَالَ رَسُولُ اللهِ صَلَّى اللهُ عَلَيْهِ وَسَلَّمَ خَيْرُكُمْ مَنْ تَعَلَّمَ الْقُرْآنَ وَعَلَّمَهُ **(ବୁଖାରୀ, କିତାବୁ ଫଜାଇଲୁଲ୍ କୁରଆନ, ବାବ୍-ଖୈରୁକୁମ୍ ମନ୍ ତଆଲ୍ଲମଲ୍ କୁରଆନା)**

ହ. ଉସ୍‌ମାନ୍ ବିନ୍ ଅଫ୍ଫାନ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ତୁମମାନଙ୍କ ମଧ୍ୟରୁ ସର୍ବୋତ୍ତମ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ପବିତ୍ର କୁରଆନ୍ କରୀମ୍ ଶିଖିଥାଏ ଓ ଅନ୍ୟକୁ ଶିଖାଇଥାଏ।

### ପବିତ୍ର କୁରଆନ୍ କରୀମ୍ ମାଧ୍ୟମରେ ସ୍ୱର୍ଗ ପୁରରେ ସ୍ତର ଉନ୍ନୀତ ହୋଇଥାଏ ।

قَالَ رَسُولُ اللهِ صَلَّى اللهُ عَلَيْهِ وَسَلَّمَ يُقَالُ لِصَاحِبِ الْقُرْآنِ إِذَا دَخَلَ الْجَنَّةَ اِقْرَأْ وَيُصْعَدُ بِكُلِّ آيَةٍ دَرَجَةٌ حَتَّى يَقْرَأَ آخِرَ شَيْءٍ مَعَهُ **(ସୁନନ୍ ଇବ୍‌ନେ ମାଜା, କିତାବୁଲ ଅଦବ୍, ବାବ୍-ସୱାବୁଲ୍ କୁରଆନ୍)**

ଆଁହଜରତ ସ.ଅ କହିଲେ, ଯେତବେଳେ ପବିତ୍ର କୁରଆନ୍ କରୀମ୍‌ର କଣ୍ଠସ୍ଥ କାରୀ (ମୁଖସ୍ତକାରୀ) ସ୍ୱର୍ଗରେ ପ୍ରବେଶ କରିବ ସେତବେଳେ ତା'କୁ କୁହାଯିବ ଯେ, ତୁମେମାନେ ପବିତ୍ର କୁରଆନ୍ କରୀମ୍ ଆବୃତ୍ତି କରିଚାଲ ଓ ଉନ୍ନୀତ ସ୍ତରକୁ ପ୍ରାପ୍ତ କରିଚାଲ । ସୁତରାଂ ମୁଖସ୍ତକାରୀ ପବିତ୍ର କୁରଆନ୍ କରୀମ୍ ଆବୃତ୍ତି କରିଚାଲିଥିବ ଓ ଉନ୍ନୀତର ସ୍ତରକୁ ଅତିକ୍ରମ କରିଚାଲିଥିବ । ଏପର୍ଯ୍ୟନ୍ତକି ସେହି ମୁଖସ୍ତକାରୀକୁ ଶେଷ ଆୟତ୍ ପର୍ଯ୍ୟନ୍ତ ଯାହାକି ତା'କୁ ସ୍ମରଣଥିବ ସେ ସେହି ଉନ୍ନୀତ ସ୍ତରକୁ ପ୍ରାପ୍ତ କରିଚାଲିଥିବ ।

### ପବିତ୍ କୁରଆନ୍ କରୀମ୍ ଅଦୃଷ୍ଟାନ୍ତନୀୟ ଧର୍ମଗ୍ରନ୍ଥ ଅଟେ ।

عَنِ ابْنِ عَبَّاسٍ رَضِيَ اللهُ عَنْهُ قَالَ: قَالَ رَسُولُ اللهِ صَلَّى اللهُ عَلَيْهِ وَسَلَّمَ: إِنَّ الَّذِي لَيْسَ فِي جَوْفِهِ شَيْءٌ مِنَ الْقُرْآنِ كَالْبَيْتِ الْخَرَابِ

**(ତର୍ମିଜି, ଫଜଇଲୁଲ୍ କୁରଆନି, ବାବ୍-ମନ୍ କରଆ ହରଫନ୍)**

ହ. ଇବ୍‌ନେ ଅବବାସ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଆଁହଜରତ ସ.ଅ କହିଲେ, ଯେଉଁ ବ୍ୟକ୍ତିକୁ ପବିତ୍ର କୁରଆନ୍ କରୀମ୍‌ର କୌଣସି ଅଂଶ ସ୍ମରଣ (ମନେ) ନାହିଁ ତେବେ ସେହି ବ୍ୟକ୍ତି ପରିତ୍ୟକ୍ତ ଘର ସଦୃଶ ।

### ପବିତ୍ କୁରଆନ୍ କରୀମ୍‌ର ଅତ୍ୟଧିକ ପାଠକାରୀ ଗର୍ବଯୋଗ୍ୟ ବ୍ୟକ୍ତି ଅଟେ ।

لَا حَسَدَ إِلَّا فِي اثْنَتَيْنِ رَجُلٌ آتَاهُ اللهُ الْقُرْآنَ فَهُوَ يَتْلُوهُ آنَاءَ اللَّيْلِ وَآنَاءَ النَّهَارِ رَجُلٌ آتَاهُ اللهُ مَالًا فَهُوَ يُنْفِقُهُ آنَاءَ اللَّيْلِ وَآنَاءَ النَّهَارِ **(ବୁଖାରୀ, କିତାବୁତ୍ ତୌହିଦ୍, ବାବ୍-କୌଲୁନ୍ ନବୀ ସ.ଅ** رَجُلٌ آتَاهُ اللهُ مَالًا فَهُوَ يُنْفِقُهُ**)** ଦୁଇଜଣ ବ୍ୟକ୍ତି ଗର୍ବ ଯୋଗ୍ୟ ଅଟନ୍ତି । ପ୍ରଥମ ହେଉଛି ସେହି ବ୍ୟକ୍ତି ଯାହାକୁ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ ପରି ପୁରସ୍କାର ପ୍ରଦାନ କଲେ ଓ ସେ ଦିବାରାତ୍ରର ବିଭିନ୍ନ ସମୟରେ ଏହାର ଆବୃତ୍ତି କରିଥାଏ ଓ ଦ୍ୱିତୀୟ ହେଉଛି ସେହି ବ୍ୟକ୍ତି ଯାହାକୁ ଅଲ୍ଲାଃତାଲା ଆର୍ଥିକ ସ୍ୱଚ୍ଛଳତା ପ୍ରଦାନ କରିଥିବେ ଓ ସେ ତହିଁରୁ ଦିବାରାତ୍ର ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରିଥାଏ ।☆☆☆

# ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ବାଣୀ ପ୍ରକାଶରେ ପବିତ୍ର କୁରଆନ୍ କରୀମ୍‌ର ଅନ୍ୟ ଧର୍ମଗ୍ରନ୍ଥ ଉପରେ ଶ୍ରେଷ୍ଠତ୍ୱ ।

ପବିତ୍ର କୁରଆନ୍ କରୀମ୍ ତୁମମାନଙ୍କ ନିମନ୍ତେ ଅତ୍ୟନ୍ତ ପବିତ୍ର ଆଦେଶାବଳୀ ଉଲ୍ଲେଖ କରିଛି । ତନ୍ମଧ୍ୟରୁ ଗୋଟିଏ ହେଲା ତୁମେମାନେ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)ରୁ ସଂପୂର୍ଣ୍ଣ ରୂପେ ନିବୃତ୍ତ ରହ । କାରଣ ମୁଶ୍‌ରିକ୍ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରୁଥିବା ବ୍ୟକ୍ତି) ମୋକ୍ଷର ନିର୍ଝର ଠାରୁ ବଞ୍ଚିତ ହୋଇଥାଏ । ତୁମେମାନେ ମିଥ୍ୟା କୁହ ନାହିଁ । କାରଣ ମିଥ୍ୟ ମଧ୍ୟ ଶିର୍କର ଏକ ଅଂଶ ଅଟେ । ପବିତ୍ର କୁରଆନ୍ କରୀମ୍ ତୁମମାନଙ୍କୁ ଇଞ୍ଜିଲ୍ ପରି ଏହା କୁହେ ନାହିଁ ଯେ, ତୁମେ ମହିଳା ଆଡ଼କୁ କୁଦୃଷ୍ଟିରେ, ଯୌନ ଲାଳସା ଚାହାଣୀରେ ଚାହଁ ନାହିଁ । ଏସବୁ ବ୍ୟତୀତ ଯଦି ତୁମେମାନେ ସେମାନଙ୍କ ଆଡ଼କୁ ଚାହଁ ତେବେ ତାହା ବୈଧ ତାହା ନୁହେଁ । ବରଂ ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, କଦାପି ନୁହଁ ବରଂ ବିବାହିତ ହୁଅନ୍ତୁ କି ଅବିବାହିତ ହୁଅନ୍ତୁ ସେମାନଙ୍କୁ ସାକ୍ଷାତ୍ କଲାବେଳେ ତୁମର ଦୃଷ୍ଟି ସର୍ବଦା ଗୁପ୍ତ ହେବା ଉଚିତ୍ । ତୁମକୁ ତା'ର (ମହିଳା) ଚେହେରା ସଂପର୍କରେ କିଛି ଜ୍ଞାତ ନଥିବ । କିନ୍ତୁ ସେତିକି ଦୃଷ୍ଟିରେ ଚାହଁ ଯେପରି ତୁମେ ଏକ ଝାପ୍‌ସା ଦୃଷ୍ଟିରେ ପ୍ରଥମ ବର୍ଷାରେ ମନୁଷ୍ୟ ଅବଲୋକନ କରିଥାଏ । ପବିତ୍ର କୁରଆନ୍ତ କରୀମ୍ ତୁମକୁ ଇଞ୍ଜିଲ୍ ପରି ଏହା କୁହେ ନାହିଁ ଯେ, ତୁମେ ଏତେକି ମାତ୍ରରେ ମଦ୍ୟପାନ କରି ନିଶାଶକ୍ତ ହୋଇଯିବ, ନା । ବରଂ ପବିତ୍ର କୁରଆନ୍ କରୀମ୍ ଏହା କୁହେ କି ହେ ମୁସଲମାନ ! ତୁ ମଦ୍ୟପାନ କର ନା । ଅନ୍ୟଥା ତୋତେ ପ୍ରଭୁଙ୍କ ମାର୍ଗ ପ୍ରାପ୍ତ ହେବ ନାହିଁ ଏବଂ ପ୍ରଭୁ ତୋ ସହିତ କଥୋପକଥନ କରିବେ ନାହିଁ ଓ ନା ହିଁ ତୋତେ କଲୁଷତାରୁ ପବିତ୍ର କରିବେ । ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, ଏହି ସମସ୍ତ ଯୋଜନା ସୈତାନ୍ ଦ୍ୱାରା ପ୍ରସ୍ତୁତ ହୋଇଛି । ତେଣୁ ତୁମେମାନେ ତହିଁରୁ ବର୍ତ୍ତିବାକୁ ପ୍ରୟାସ କର । ପବିତ୍ର କୁରଆନ୍ କରୀମ୍ ତୁମକୁ ଏହି କୁହେ ନାହିଁ ଯେ, ତୁମେ ନିଜ ଭାଇ ଉପରେ ଅକାରଣରେ କ୍ରୋଧ ପ୍ରକାଶ କର ନାହିଁ । ବରଂ ପବିତ୍ର କୁରଆନ୍ କରୀମ୍ ତୁମକୁ ଏହା କୁହେ ଯେ, ତୁମେ ନିଜର କ୍ରୋଧକୁ କେବଳ କରଆୟତ୍ତ କର ନାହିଁ । ବରଂ وَتَوَاصَوْا بِالْمَرْحَمَةِ ଉପରେ ମଧ୍ୟ କାର୍ଯ୍ୟାନୁସରଣ କର ଓ ଅନ୍ୟମାନଙ୍କୁ ମଧ୍ୟ କୁହ ଯେ, ସେମାନେ ମଧ୍ୟ ଏପରି କରନ୍ତୁ । କେବଳ ସ୍ୱୟଂ ଦୟା ପ୍ରଦର୍ଶନ କର ନାହିଁ ବରଂ ଦୟା ନିମନ୍ତେ ନିଜର ଭାଇମାନଙ୍କୁ ମଧ୍ୟ ତାଗିଦ୍ (ଅନୁପ୍ରାଣିତ) କର । ପବିତ୍ର କୁରଆନ୍ କରୀମ୍ ତୁମମାନଙ୍କୁ ଇଞ୍ଜିଲ୍ ପରି ଏହା କୁହେ ନାହିଁ ଯେ, ତୁମେମାନେ ବ୍ୟଭିଚାର ବ୍ୟତୀତ ନିଜ ପତ୍ନୀର ପ୍ରତ୍ୟେକ ଅପବିତ୍ରତା ପ୍ରତି ଧୈର୍ଯ୍ୟ ପ୍ରଦର୍ଶନ କର ଓ ଛାଡ଼ପତ୍ର ଦିଅ ନାହିଁ । ବରଂ ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, اَلطَّيِّبٰتُ لِلطَّيِّبِيْنَ ପବିତ୍ର କରୁଆନ୍ କରୀମର ଏହି ଉଦ୍ଦେଶ୍ୟ ରହିଛି ଯେ, ଅପବିତ୍ର ପବିତ୍ର ସହିତ ରହି ପାରିବେ ନାହିଁ । ସୁତରାଂ ତୁମ ସ୍ତ୍ରୀ ବ୍ୟଭିଚାର ତ' କରୁ ନାହିଁ ହେଲେ ଯୌନ ଇଚ୍ଛା ଦୃଷ୍ଟିରୁ ପର ପୁରଷଙ୍କୁ ଚାହୁଁ ନାହିଁ ଏବଂ ସେମାନଙ୍କୁ ଆଲିଙ୍ଗନ ତଥା ସେମାନଙ୍କୁ କୁଣ୍ଢାଏ ନାହିଁ ଏବଂ ବ୍ୟଭିଚାରର କୃତ୍ୟ ତା' ଦ୍ୱାରା ସମ୍ପାଦିତ ହୁଏ କିନ୍ତୁ ବର୍ତ୍ତମାନ ତାହା ସଂପୂର୍ଣ୍ଣ ହୋଇ ନାହିଁ ତଥା ପର ପୁରୁଷଙ୍କୁ ଯଦି ନିଜର ନଗ୍ନ ଶରୀର ଦେଖାଇ ଦିଏ ତେବେ ସେପରିପ୍ରେକ୍ଷୀରେ ଉକ୍ତ ମହିଳା ଜଣକ ମୁଶରିକା (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କାରୀଣୀ ମହିଳା) ଓ ଉପଦ୍ରବୀ ଅଟେ । ତୁମେ ଯେଉଁ ପ୍ରଭୁଙ୍କ ଉପରେ ବିଶ୍ୱାସ ରଖୁଛ ସେହି ମହିଳା (ବ୍ୟକ୍ତିର ପତ୍ନୀ) ତୁମର ସେହି ଈଶ୍ୱରଙ୍କ ପ୍ରତି ଅନାସକ୍ତ ଅଟେ । ଅତଃ ସେ ଯଦି ନିଜର ଏହିପରି କୁକର୍ମରୁ ନିବୃତ୍ତ ତଥା କ୍ଷାନ୍ତ ନହୁଏ ତେବେ ସେପରିପ୍ରେକ୍ଷୀରେ ତୁମେ ତା'କୁ ଛାଡ଼ପତ୍ର ଦେଇ ପାରିବ । କାରଣ ସେ ନିଜର କର୍ମ ମାଧ୍ୟମରେ ତୁମ ଠାରୁ ଭିନ୍ନ ଓ ପୃଥକ ହୋଇଯାଇଛି । ସେ ବର୍ତ୍ତମାନ ତୁମ ଶରୀର ଏକ ଅଙ୍ଗ ହୋଇ ରହି ନାହିଁ । ସୁତରାଂ ତୁମ ସକାଶେ ବର୍ତ୍ତମାନ ଏହା ବୈଧ ନୁହେଁ ଯେ, ତୁମେ ଅସ୍ୱାଭିମାନୀ ହୋଇ ଜୀବନ ଅତବାହିତ କର । କାରଣ ସେ ବର୍ତ୍ତମାନ ତୁମ ଶରୀର ଆଉ ଅଙ୍ଗ ନୁହେଁ ବରଂ ଏକ ମଳୀନ, ଦୁର୍ଗନ୍ଧଯୁକ୍ତ ଅଙ୍ଗ ଅଟେ । ଯାହାକୁ କାଟି ଦିଆଯିବା ଉଚିତ୍ ଏପରି ନହେଉ ଯେ, ସେହି ମଳୀନ, ଦୁର୍ଗନ୍ଧଯୁକ୍ତ ଅଙ୍ଗଟି ଶରୀର ଅନ୍ୟ ଅଙ୍ଗକୁ ପ୍ରଭାବିତ ଓ ମଳୀନ କରିଦେବ । ଫଳତଃ ତୁମେ ମୃତ୍ୟୁବରଣ କରିବ । ପବିତ୍ର କୁରଆନ୍ କରୀମ୍ ତୁମମାନଙ୍କୁ ଇଞ୍ଜିଲ୍ ପରି ଏହା କୁହେ ନାହିଁ ଯେ, ତୁମେ କଦାପି ରାଣ ଖାଅ ନାହିଁ । ବରଂ ବାଯ୍ୟ ପ୍ରକାରର ରାଣରୁ ସେ (ପବିତ୍ର କୁରଆନ୍ କରୀମ୍) ତୁମକୁ ରୋକିଥାଏ । କାରଣ କେତେକ ପରିସ୍ଥିତିରେ କୌଣସି ପ୍ରସଙ୍ଗ କିମ୍ବା କୌଣସି ବିଚାର ସମୟରେ ରାଣ ଏକ ମାଧ୍ୟମ ହୋଇଥାଏ । ଅଲ୍ଲାଃତାଲା ପ୍ରମାଣର କୌଣସି ମାଧ୍ୟମକୁ ନଷ୍ଟ ହେବାକୁ ଦିଅନ୍ତି ନାହିଁ । କାରଣ ଏହା ଦ୍ୱାରା ତାହାଙ୍କ ବ୍ରହ୍ମଜ୍ଞାନମୂଳକ ନିଗୂଢ଼ ରହସ୍ୟ କ୍ଷୁର୍ଣ୍ଣ ହୋଇଥାଏ । ଏହା ସ୍ୱଭାବିକ ପ୍ରସଙ୍ଗ ଯେ, ଯେତେବେଳେ ମନୁଷ୍ୟ ବିବାଦିତ ପ୍ରସଙ୍ଗରେ ସାକ୍ଷ୍ୟ ପ୍ରଦାନ ନକରେ ତେବେ ସେପରିପ୍ରେକ୍ଷୀରେ ବିଚାର ବା ନିର୍ଣ୍ଣୟ ନିମନ୍ତେ ଈଶ୍ୱରଙ୍କ ସାକ୍ଷ୍ୟର ଆବଶ୍ୟକତା ପଡ଼ିଥାଏ ଏବଂ ପ୍ରଭୁଙ୍କୁ ରାଣ ସ୍ୱରୂପ ରଖାଯାଇଥାଏ । ପବିତ୍ର କୁରଆନ୍ କରୀମ୍ ତୁମମାଙ୍କୁ ଇଞ୍ଜିଲ୍ ପରି ଏହା କୁହେ ନାହିଁ ଯେ, ତୁମେ ପ୍ରତ୍ୟେକ ଅନ୍ୟାୟୀ ବ୍ୟକ୍ତିର ମୁକାବିଲା କରିବ ନାହିଁ । ବରଂ ପବିତ୍ର କୁରଆନ୍ କରୀମ୍ ଏହା କହିଥାଏ جَزٰٓؤُا سَيِّئَةٍ سَيِّئَةٌ مِّثْلُهَا فَمَنْ عَفَا وَاَصْلَحَ فَاَجْرُهٗ عَلَى اللّٰهِ **(ଅଶ୍ ଶୁରା: 41)** ଅର୍ଥାତ୍ ଅନିଷ୍ଟର ପ୍ରତିଶୋଧ ତଦନୁରୂପ ଅନିଷ୍ଟ ଅଟେ ।

ସୁତରାଂ ପବିତ୍ର କୁରଆନ୍ କରୀମ୍ ଅନୁଯାୟୀ ନା ପ୍ରତ୍ୟେକ ସ୍ଥଳେ ପ୍ରତିଶୋଧ ନେବା ଉଚିତ୍ ଅଟେ ଓ ନା ହିଁ ପ୍ରତ୍ୟେକ ସ୍ଥଳେ କ୍ଷମା ପ୍ରଶଂସନୀୟ ଅଟେ । ବରଂ ସ୍ଥାନ ଦେଖି ପରଖି କ୍ଷମା ପ୍ରଦର୍ଶନ କରିବା ଉଚିତ୍ । ଏହା ଉଚିତ୍ ହେବ ଯେ, ପ୍ରତିଶୋଧ ଓ କ୍ଷମାର ଆଚରଣ ସ୍ଥାନ ଓ ଔଚିତ୍ୟତା ସସର୍ତ୍ତପୂର୍ବକ ହେବା ଉଚିତ୍ ନା କି ନିଃସର୍ତ୍ତ ପୂର୍ବକ । ଏହା ହିଁ ପବିତ୍ର କୁରଆନ୍ କରୀମର ଅର୍ଥ । ପବିତ୍ର କୁରଆନ୍ କରୀମ୍ ଇଞ୍ଜିଲ୍ ପରି ଏହା କୁହେ ନାହିଁ ଯେ, ତୁମେ ନିଜର ଶତ୍ରୁମାନଙ୍କ ସହିତ ପ୍ରେମ କର । ବରଂ ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, ସ୍ୱାର୍ଥ ଦୃଷ୍ଟିରୁ ତୁମର କେହି ବି ଶତ୍ରୁ ନହୁଅନ୍ତୁ କିନ୍ତୁ ତୁମର ସହାନୁଭୂତି ପ୍ରତ୍ୟେକଙ୍କ ପାଇଁ ସମାନ ହେବା ଉଚିତ୍ । କିନ୍ତୁ ତୁମ ପ୍ରଭୁଙ୍କର ଯିଏ ଶତ୍ରୁ ସେ ତୁମ ରସୁଲ (ବାର୍ତ୍ତାବହ)ଙ୍କର ମଧ୍ୟ ଶତ୍ରୁ ଓ ଯିଏ ଅଲ୍ଲାଃତାଲାଙ୍କର ଧର୍ମଗ୍ରନ୍ଥର ଶତ୍ରୁ ସେ ତୁମର ମଧ୍ୟ ଶତ୍ରୁ ହେବ । ସୁତରାଂ ତୁମେ ଏହିପରି ଲୋକମାନଙ୍କୁ ମଧ୍ୟ ନିମନ୍ତ୍ରଣ କରିବା ଓ ଦୁଆରୁ ବଞ୍ଚିତ ରଖ ନାହିଁ । ତୁମେ ସେମାନଙ୍କ କର୍ମ ପ୍ରତି ଶତ୍ରୁତା ରଖ ନା କି ସେମାନଙ୍କ ଅସ୍ତିତ୍ୱ ପ୍ରତି । ତୁମେ ଏହି ଉଦ୍ୟମ କର ଯେ, ସେମାନେ ସୁଧୁରି ଯାଆନ୍ତୁ ଏବଂ ତତ୍‌ସମ୍ବନ୍ଧରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି । اِنَّ اللّٰهَ يَاْمُرُ بِالْعَدْلِ وَالْاِحْسَانِ وَاِيْتَآئِ ذِى الْقُرْبٰى **(ଅନ୍ ନହଲ୍:91)** ଅନୁବାଦ୍: ବାସ୍ତବରେ ଅଲ୍ଲାଃତାଲା ନ୍ୟାୟ ବିଚାର କରିବାକୁ ତଥା ଅନ୍ୟର ହିତ ସାଧାନ କରିବାକୁ ଏବଂ ଆତ୍ମୀୟ ସ୍ୱଜନମାନଙ୍କ ସଦୃଶ ଅନ୍ୟମାନଙ୍କୁ ସହାଯ୍ୟ କରିବାକୁ ଆଦେଶ ଦେଉଛନ୍ତି । ପୁନଶ୍ଚ ଏହାଠୁ ବି ଅଧିକ ତୁମେମାନେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ଏଭଳି ସହାନୁଭୂତି ପ୍ରଦର୍ଶନ କର ଯେ, ମା ଯେପରି ନିଜର ସନ୍ତାନମାନଙ୍କ ପ୍ରତି ଆଚରଣ ପ୍ରଦର୍ଶନ କରିଥାଏ । ଠିକ୍ ସେହିପରି ତୁମେମାନେ ମଧ୍ୟ ସେମାନଙ୍କର ପ୍ରକୃତ ସଂପର୍କୀୟ ଅଟ । କାରଣ ଉପକାରକାରୀ ବ୍ୟକ୍ତି ନିଜର ଉପକାରକୁ କେବେ ନା କେବେ ମନେ ପକାଇ ଦେଇଥାଏ ଯେ, ସେ ଅମକ ସମୟରେ ତା' ଉପରେ ଉପକାର କରିଥିଲା । କିନ୍ତୁ ପବିତ୍ର କୁରଆନ୍ କରୀମ୍ ଏହା କୁହେ ଯେ, ତୁମେମାନେ ସେମାନଙ୍କ ପ୍ରତି ଉତ୍ତମ ବ୍ୟବାହାର ପ୍ରଦର୍ଶନ କର ଯେଉଁମାନେ ତୁମମାନଙ୍କ ପ୍ରତି କୌଣସି ପୁଣ୍ୟାଚରଣ ପ୍ରଦର୍ଶନ କରି

ନାହାନ୍ତି । ପୁନଶ୍ଚ ଏହାଠୁ ବି ଅଧିକ ତୁମେମାନେ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଅନ୍ୟ ପ୍ରାଣୀମାନଙ୍କ ପ୍ରତି ଏପରି ସହାନୁଭୂତି ପ୍ରଦର୍ଶନ କର ଯେପରିକି ତୁମେ ସେମାନଙ୍କର ପ୍ରକୃତ ଆତ୍ମୀୟ ସ୍ୱଜନ ଅଟ । ଯେପରିକି ମା ନିଜର ସନ୍ତାନମାନଙ୍କ ପ୍ରତି ବ୍ୟବହାର ପ୍ରଦର୍ଶନ କରିଥାଏ । କାରଣ ଉପକାର ସାଧନରେ ଏକ ପ୍ରକାରର ନିଜକୁ ଦେଖାଇବାର ଗୁଣ ନିହିତ ହୋଇଥାଏ ଓ ଉପକାରୀ ବ୍ୟକ୍ତି କେବେ ନା କେବେ ନିଜ ଉପକାର ପରିପ୍ରକାଶ ମଧ୍ୟ କରି ଦେଇଥାଏ । କିନ୍ତୁ ଯେଉଁ ବ୍ୟକ୍ତି ନିଃସ୍ୱାର୍ଥପର ମା ପରି ସ୍ୱାଭାବିକ ଉତ୍ସାହ ଦ୍ୱାରା ପୁଣ୍ୟ ସମ୍ପାଦନ କରିଥାଏ ସେ କେବେ ଆତ୍ମପ୍ରଦର୍ଶନ କରିପାରିବ ନାହିଁ । ସୁତରାଂ ଶେଷ ସ୍ତରର ପୁଣ୍ୟାବଳୀର ସ୍ୱାଭାବିକ ଉତ୍ସାହ ମା ପରି ହେବା ଉଚିତ୍ ଏବଂ ଉକ୍ତ ଆୟତ୍ ନା କେବଳ ପ୍ରାଣୀମାନଙ୍କ ସଂକ୍ରାନ୍ତରେ ରହିଛି ବରଂ ଅଲ୍ଲାଃତାଲାଙ୍କ ସଂକ୍ରାନ୍ତରେ ମଧ୍ୟ ପ୍ରଯୁଜ୍ୟ ଅଟେ । ଅଲ୍ଲାଃତାଲାଙ୍କ ସହିତ ନ୍ୟାୟ ପ୍ରଦର୍ଶନ କହିଲେ ଏହା ବୁଝାଏ ଯେ, ତାହାଙ୍କ ପୁରସ୍କାରକୁ ସ୍ମରଣ କରି (ମନେ ପକାଇ) ତାହାଙ୍କ ଆଜ୍ଞା ପାଳନ କରିବା । ପ୍ରଭୁଙ୍କ ସହିତ ଉପକାର କରିବା ଏହା ବୁଝାଏ ଯେ, ତାହାଙ୍କ ଅସ୍ତିତ୍ୱ ଉପରେ ଏପରି ବିଶ୍ୱାସ କରିନେବା ଯେପରିକି ବ୍ୟକ୍ତି ତାହାଙ୍କୁ ସାକ୍ଷାତ୍ ଦର୍ଶନ କରୁଅଛି । ଅଲ୍ଲାଃତାଲାଙ୍କ ସହିତ اِيْتَاءِ ذِى الْقُرْبٰى କହିଲେ ଏହା ବୁଝାଏ ଯେ, ତାହାଙ୍କ ଉପାସନା ନା ସ୍ୱର୍ଗ ପ୍ରାପ୍ତି ହେବା ଉଚିତ୍ ଓ ନା ହିଁ ନର୍କକୁ ଦେଖି ଭୟ କରିବା। ବରଂ ଯଦି ମନେକରି ନିଆଯାଏ ଯେ, ନା ସ୍ୱର୍ଗ ରହିଛି ଓ ନା ହିଁ ନର୍କ ରହିଛି । ତଥାପି ପ୍ରେମର ଉତ୍ସାହ ଓ ଆଜ୍ଞା ପାଳନରେ କୌଣସି ନ୍ୟୁନତା ପରିଲକ୍ଷିତ ନ ହେବା । ଅର୍ଥାତ ହ୍ରାସ ଘଟିବା । ଇଞ୍ଜିଲ୍‌ରେ କୁହାଯାଇଛି ଯେ, ଯେଉଁ ବ୍ୟକ୍ତିମାନେ ତୁମମାନଙ୍କ ଉପରେ ଅଭିଶାପ ପକାନ୍ତି ସେମାନଙ୍କ ନିମନ୍ତେ ତୁମେ କଲ୍ୟାଣ ଅଭିଳାଷା କର । କିନ୍ତୁ ପବିତ୍ର କୁରଆନ୍ କରୀମ୍ କୁହେ ଯେ, ତୁମେମାନେ ନିଜର ଅହଂ ବା ଆତ୍ମବଡ଼ିମା ଦ୍ୱାରା କିଛି ବି କର ନାହିଁ । ତୁମ ମନରେ ଈଶ୍ୱରଙ୍କ ଯେଉଁ ଅଲୌକିକ ପ୍ରକାଶ (ଅଧ୍ୟାତ୍ମ ଜ୍ୟୋତି)ର ଗୃହ ରହିଛି ସେହି ହୃଦୟକୁ ପ୍ରଶ୍ନ ପଚାର ଯେ, ଏହିପରି ବ୍ୟକ୍ତି ପ୍ରତି କିପରି ବ୍ୟବହାର ପ୍ରଦର୍ଶନ କରିବା ଉଚିତ୍ ? ସୁତରାଂ ଅଲ୍ଲାଃତାଲା ଯଦି ତୁମ ମନରେ ଏହି ପ୍ରସଙ୍ଗ ଉତ୍ପନ୍ନ କରନ୍ତି ଯେ, ଏହି ଅଭିଶାପ ଦେଉଥିବା ବ୍ୟକ୍ତି ଦୟାର ପାତ୍ର ଓ ଆକାଶ ଲୋକରେ ତା' ଉପରେ ଅଭିଶାପ ପକାଯାଉ ନାହିଁ ତେବେ ସେପରିପ୍ରେକ୍ଷୀରେ ତୁମେମାନେ ମଧ୍ୟ ଅଭିଶାପ ପକାଅ ନାହିଁ । କାରଣ ତୁମେ ଯେପରି ପ୍ରଭୁଙ୍କ ବିରୋଧୀ ବିବେଚିତ ହୋଇ ନଯାଅ । କିନ୍ତୁ ତୁମର ବିବେକ ତଥା ନୈତିକତା ଏହାକୁ କ୍ଷମ୍ୟ ବୋଲି ବିବେଚିତ କରୁ ନାହିଁ ଓ ତୁମ ହୃଦୟରେ ଏହା ଜାତ କରାଗଲା ଯେ, ଆକାଶ ଲୋକରେ ଉକ୍ତ ବ୍ୟକ୍ତି ଉପରେ ଅଭିଶାପ ଅବତୀର୍ଣ୍ଣ ହେଉ । ତେଣୁ ତୁମେମାନେ ଉକ୍ତ ବ୍ୟକ୍ତି ପାଇଁ କଲ୍ୟାଣ ଭିକ୍ଷା କର ନାହିଁ । ଯେପରିକି ସୈତାନ୍ ନିମନ୍ତେ କୌଣସି ନବୀ କଲ୍ୟାଣ ଚାହିଁ ନାହାନ୍ତି ଓ କୌଣସି ଅବତାର ସେହି ବ୍ୟକ୍ତିକୁ ଅଭିଶାପରୁ ମୁକ୍ତ କରିପାରି ନାହିଁ । କିନ୍ତୁ ତୁମେ କୌଣସି ବ୍ୟକ୍ତି ସଂପର୍କରେ ଶୀଘ୍ରତା ପ୍ରଦର୍ଶନ କର ନାହିଁ । କାରଣ ଅନେକ କୁଧାରଣା ମିଥ୍ୟାଧାରିତ ଅଟେ ଓ ଅନେକ ଅଭିଶାପ ନିଜ ଉପରେ ହିଁ ପଡ଼ିଥାଏ । ତେଣୁ ତୁମେ ଖୁବ୍ ସତର୍କତାର ସହିତ ପାଦ ରଖ ଏବଂ ଭଲ ଭାବରେ ତନଖି କୌଣସି କାର୍ଯ୍ୟ ସମ୍ପାଦନ କର । ପ୍ରଭୁଙ୍କ ଠାରୁ ସାହାଯ୍ୟ ଭିକ୍ଷା କର । କାରଣ ତୁମେ ଅନ୍ଧ ଅଟ । ଏପରି ନହେଉ ଯେ, ନ୍ୟାୟପ୍ରିୟ ବ୍ୟକ୍ତିକୁ ତୁମେ ଅତ୍ୟାଚାରୀ ବ୍ୟକ୍ତି ବୋଲି ସାବ୍ୟସ୍ତ କରିବସ ଓ ସତ୍ୟବାଦୀ ବ୍ୟକ୍ତିକୁ ମିଥ୍ୟାବାଦୀ ବ୍ୟକ୍ତି ବୋଲି ମନେକର । ଏହିପରି ଭାବରେ ତୁମେ ନିଜର ଈଶ୍ୱରଙ୍କୁ ଅପ୍ରସନ୍ନ କରିଦେବ ଏବଂ ତୁମର ସମସ୍ତ କର୍ମ କ୍ଷୟ ହୋଇଯିବ । **(କିଶତି ନୁହ୍, ରୁହାନୀ ଖଜାଏନ୍ ଭାଗ-19, ପୃ-26-28)**

☆☆☆

## ଓଡ଼ିଆ ନଜମ୍

## (ମୁଁ ତୀର୍ଥ ଯିବି ଆରେ ମୁଁ ତୀର୍ଥ ଯିବି)

ମୁଁ କାଦିଆନ୍ ଯିବି ଆରେ ମୁଁ କାଦିଆନ୍ ଯିବ
କଳକୀ ଦୂତର ଜନମ ସ୍ଥାନ ବୁଲି ଦେଖିଥିବି
ମୁଁ କାଦିଆନ୍ ଯିବି ......................।।
କଳକୀ ଦୂତ ହୋଇବେ ଜାତ ଏ ସତ୍ୟ ବଚନ ସେ ତ' କୁରଆନ ଲିଖନ
ତାହା ଦେଖି ମୋ ନୟକୁ ପବିତ୍ର କରିବି ।।
ଦେଖିବି ସେଠି ମିନାରା ମସିହ୍
କେତେ ଉଚ୍ଚ ବାବୁ ସେ ତ' କେଡ଼େ ମନୋରମ
ସେ ବାଟେ କାହିଁ ଇସା ସ୍ୱର୍ଗରୁ ଆସୁ ନାହାନ୍ତି,
ମୁଁ ତାହା ଦେଖିବି........................।।
କେତେ ପଣ୍ଡିତ ଦିଅନ୍ତି ଶିକ୍ଷା
ବିଶ୍ୱ ଶାନ୍ତି ବାଟ ସେ ତ' ବିଶ୍ୱ ଶାନ୍ତି ବାଟ
ପ୍ରଚାର ଲାଗି ସେବକ ଗଣ ଗଢ଼ା ହୁଅନ୍ତି
ମୁଁ ତାହା ଦେଖିବି........................।।
ବୈତୁଦ୍ ଦୁଆରେ ନଫିଲ୍ ପଢ଼ି
ମନର ବେଦନା ଯାହା ମନର ବେଦନା
ଅଲ୍ଲାଃ ପାଶରେ କହି ଦେଇ ମୁଁ ଶାନ୍ତି ପାଇବି
ମୁଁ କାଦିଆନ୍ ଯିବି ......................।।
ଧରମ ସଭା କି ମନ ଲୋଭା
କେତେ ଦେଶୁ ବାବୁ ଭକ୍ତ (ବାବୁ) କେତେ ଦେଶ ଭକ୍ତ
ଧାଇଁ ଅଛନ୍ତି ପତଙ୍ଗ ସମ ଜ୍ୱଳନ୍ତ ଦୀପ ଲଭି
ମୁଁ ତାହା ଦେଖିବି........................।।
ଦୁଇ ମସଜିଦେ କେଡ଼ ଆନନ୍ଦେ
ପ୍ରାର୍ଥନା କରନ୍ତି ଭକ୍ତେ ପ୍ରାର୍ଥନା କରନ୍ତି
ତାଙ୍କ ସହିତ ପ୍ରାର୍ଥନା କରି ପାପ ଉଦ୍ଧରିବି
ମୁଁ କାଦିଆନ୍ ଯିବି ......................।।
ସୁବୁରି ହୃଦେ ଗୋଟିଏ ଭାବ
ଦେଖିଲେ ଜାଣିବ, ଭାଇ ଦେଖିଲେ ଜାଣିବ
ଧନ ଜୀବନ ତୁଚ୍ଛ କରି ମାଟିରେ ଗଢ଼ିବ
ମୁଁ କାଦିଆନ୍ ଯିବି ......................।।

☆☆☆

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ।"

**(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)**

ତାଲିବେ ଦୁଆ: Mohammad Moin,
S/o- Mohammad Majid,
Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

**(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)**

ତାଲିବେ ଦୁଆ: Abdul Malik,
S/o- Late Abdur Rahman,
Jamat Ahmadiya Karadapalli
(Odisha)

# ସୟେଦିନା ହ. ମସିହ୍ ମଉଦ୍ ଅ.ସଙ୍କ ପବିତ୍ର ବାଣୀ ପ୍ରକାଶରେ ପବିତ୍ର କୁରଆନ୍ କରୀମର ଅନ୍ୟ ଧର୍ମଗ୍ରନ୍ଥ ଉପରେ ଶ୍ରେଷ୍ଠତ୍ୱ ।

## ପବିତ୍ର କୁରଆନ୍ କରୀମକୁ ଯେତେଥର ପାଠ କଲେ ସେତିକି ଥର ଆନନ୍ଦ ଓ ସୁଖ ସମୃଦ୍ଧି ବୃଦ୍ଧି ପାଇବ ।

### ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ କୁହନ୍ତି:

☆ ମୁଁ ସଂସାରର ଅନେକ ପୁସ୍ତକ ପାଠ କରିଛି ଏବଂ ଭଲ ଭାବରେ ପାଠ କରିଛି । କିନ୍ତୁ ଏପରି ପୁସ୍ତକ ଯାହାକି ସଂସାର ନିମନ୍ତେ ନାୟିକା ସୁଖ, ଶାନ୍ତି ତଥା ଆନନ୍ଦ ଦାୟକ । ଏପରି କେବେ ଦେଖି ନାହିଁ ଯେ, ଏହାକୁ ପାଠ କରିବା ଦ୍ୱାରା ଦୁଃଖ ମିଳିଥାଏ । ଏହାକୁ ବାରମ୍ବାର ପାଠ କରିବା ସଙ୍ଗେ ସଙ୍ଗେ, ଅଧ୍ୟୟନ କରିବା, ଏହା ଉପରେ ଚିନ୍ତନ କରିବା ଦ୍ୱାରା ମନ କ୍ଷାନ୍ତ ତଥା ନିରାନନ୍ଦ ହୁଏ ନାହିଁ, ମନ ପୂରେ ନାହିଁ । କେବଳ ଦୁଷ୍ଟ ଚରିତ୍ର ବ୍ୟକ୍ତି ହିଁ ତହିଁରୁ ଅତିଷ୍ଠ, କ୍ଷାନ୍ତ, ଅନାସକ୍ତ ହୋଇଥାଏ ଏବଂ ଏହାକୁ ପରିତ୍ୟାଗ କରିଦେବାକୁ ବାଧ ହୋଇଥାଏ । ମୁଁ ତୁମକୁ ପୁନଶ୍ଚ ଆଶ୍ୱସନା ଓ ବିଶ୍ୱାସ ଦେଉଛି ଯେ, ମୋ ବୟସ, ମୋର ଅଧ୍ୟୟନ ପ୍ରିୟ ସ୍ୱଭାବ, ପୁସ୍ତକ ପ୍ରିୟ ସ୍ୱଭାବ, ପୁସ୍ତକାଭିଳାଷୀ ହେବା ଉକ୍ତ ପ୍ରସଙ୍ଗକୁ ଜଣେ ପ୍ରତିଭା ଚାତୁର୍ଯ୍ୟ ବ୍ୟକ୍ତି ଦୃଷ୍ଟିରେ ବା ବୁଦ୍ଧିମାତ ଦୃଷ୍ଟିରେ ଏବଂ ଅଭିଜ୍ଞତା ଦୃଷ୍ଟିରୁ କହିବା ପାଇଁ ସତସାହସ ଜୁଟାଇ ଥାଆନ୍ତି ଯେ, କଦାପି କଦାପି ଏପରି କୌଣସି ପୁସ୍ତକ ବିଦ୍ୟମାନ୍ ନାହିଁ । ଆଉ ଯଦି ବି ବିଦ୍ୟମାନ ଅଛି ତେବେ ସେ ହେଉଛି ଗୋଟିଏ ଗ୍ରନ୍ଥ । ସେହି ଗ୍ରନ୍ଥ କେଉଁଟି ? ذٰلِكَ الْكِتٰبُ لَا رَيْبَ فِيْهِ ଏହା କେଡ଼େ ସୁନ୍ଦର ନାଁ ? ମୁଁ ସତ ସତ କହୁଛି ଯେ, ପବିତ୍ର କୁରାନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମଗ୍ରନ୍ଥ ଏପରି ନାହିଁ ଯାହାକୁ ଯେତେଥର ପାଠ କର, ଯେଉଁ ରୂପରେ ପାଠ କର ଓ ଏହା ଉପରେ ଯେତେ ବିଚାର କର ସେତିକି ଥର ଆନନ୍ଦ ଓ ଶାନ୍ତି ବୃଦ୍ଧି ପାଇବ । ସ୍ୱଭାବ ତହିଁରୁ କ୍ଷାନ୍ତ ଓ ଅତିଷ୍ଠ ହେବା ପରିବର୍ତ୍ତେ ଏହା ଉପରେ ଆହୁରି ବିଚାର କରିବାରେ ସମୟ ଅତିବାହିତ କରିବା ନିମନ୍ତେ ଅନ୍ତତଃ ଉତ୍ସାହ ସୃଷ୍ଟି ହୋଇଥାଏ ଏବଂ ହୃଦୟରେ ବିଶ୍ୱାସ ଓ ବ୍ରହ୍ମଜ୍ଞାନର ଢେଉ ତରଙ୍ଗାୟିତ ହୋଇଥାଏ ।

(ହକାଏକୁଲ୍ ଫୁର୍କାନ୍, ଭାଗ-1, ପୃ-34)

## ପବିତ୍ର କୁରଆନ୍ କରୀମର ଗୋଟିଏ ଆୟତ୍ ବି ରଦ୍ଦ ହୋଇ ନାହିଁ ।

### ହ. ଖଲିଫତୁଲ୍ ମସିହ୍ ଅୱଲ୍ ର.ଅ କୁହନ୍ତି:

☆ ସମଗ୍ର କୁରଆନ୍ କରୀମ ଅନୁକରଣ ଯୋଗ୍ୟ ଅଟେ । ସୁତରାଂ ଆଁହଜରତ ସ.ଅ ନିଜର ମୃତ୍ୟୁ ଘଟିବା ଦିନ ପର୍ଯ୍ୟନ୍ତ ପବିତ୍ର କୁରଆନ୍ କରୀମ୍‌ର ସମସ୍ତ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିଥିଲେ ଏବଂ ଅନ୍ୟମାନଙ୍କୁ କାର୍ଯ୍ୟାନୁସରଣ ମଧ୍ୟ କରାଇଥିଲେ। ପବିତ୍ର କୁରଆନ୍ତ କରୀମ୍ ମଧ୍ୟ ପ୍ରାଞ୍ଜଳ ଭାଷାରେ ନିଜର ସୁରକ୍ଷିତ ହେବା ସଂକ୍ରାନ୍ତରେ ସାକ୍ଷ୍ୟ ଦେଉଅଛି । ଯେପରିକି اِنَّا نَحْنُ نَزَّلْنَا الذِّكْرَ وَاِنَّا لَهٗ لَحٰفِظُوْنَରୁ ପ୍ରକାଶ୍ୟ । ସୁତରାଂ ସେହି ଘଟଣାବଳୀର ଉପସ୍ଥିତିରେ ଏହା କଳନା ମଧ୍ୟ କରାଯାଇପାରିବ ନାହିଁ ଯେ, ପବିତ୍ର କୁରଆନ୍ କରୀମ୍‌ର କେତେକ ଆୟାତ୍ ରଦ୍ଦ ହୋଇଥିବ । ବର୍ତ୍ତମାନ ସମଗ୍ର ବିଶ୍ୱରେ ଯେଉଁ ପବିତ୍ର କୁରଆନ୍ କରୀମ୍ ବିଦ୍ୟମାନ ରହିଛି ତନ୍ମଧ୍ୟରୁ ଗୋଟିଏ ଆୟତ୍ ମଧ୍ୟ ରଦ୍ଦ ହୋଇ ନାହିଁ । ତହିଁରେ କୌଣସି ମତଭେଦ ନାହିଁ । ଯାହାକୁ ନିଶ୍ଚିହ୍ନ କରିବା ନିମନ୍ତେ ଆମକୁ କାଳ୍ପନିକ କୌଣସି ଗ୍ରନ୍ଥର ଔଚିତ୍ୟତା ସଂପର୍କରେ ଫତ୍‌ୱା (ଧର୍ମାଦେଶ) ଦେବାକୁ ପଡ଼ିବ। ପବିତ୍ର କୁରଆନ୍ କରୀମ୍ ନିଜର ସାଂପ୍ରତିକ ଅବସ୍ଥାନୁଯାୟୀ ପୂର୍ଣ୍ଣ ଓ ନିଖୁଣ ତଥା ଦୋଷତ୍ରୁଟି ଶୂନ୍ୟ ଅଟେ । ଇସ୍‌ଲାମ୍ ଧର୍ମର ସମସ୍ତ ବିରୋଧୀମାନେ ମିଶି ଯଦି ତହିଁରେ କୌଣସି ତ୍ରୁଟି ଏବଂ ତାରତମ୍ୟତା ପ୍ରମାଣିତ କରିବାକୁ ଚାହାନ୍ତି ତେବେ ମଧ୍ୟ ସେମାନେ ତହିଁରେ କୌଣସି ତାରତମ୍ୟତା ତ୍ରୁଟି ଦେଖାଇ ପାରିବେ ନାହିଁ । ମୁଁ ଅଲ୍ଲାଃତାଲାଙ୍କ କୃପାରୁ ଦାବିର ସହିତ କହୁଛି, ଯଦି କୌଣସି ବ୍ୟକ୍ତି ଯେକି ଶୈକ୍ଷିକ ଜ୍ଞାନ ଅଧିକାରୀ ଅର୍ଥାତ ବିଦ୍ୱାନ କିମ୍ବା କୌଣସି ସଂପ୍ରଦାୟ ବିରୋଧୀ, ପବିତ୍ର କୁରଆନ୍ କରୀମ୍‌ରେ ତ୍ରୁଟି ଏବଂ ଭିନ୍ନତା ସାବ୍ୟସ୍ତ କରିବାକୁ ଚାହେଁ ତାହାହେଲେ ମୁଁ ପବିତ୍ର କୁରଆନ୍ କରୀମ୍‌ରୁ ଏହାର ଖଣ୍ଡନ କରିପାରିବି ।

(ତଫସିର୍ କବିର୍, ଭାଗ-2, ପୃ-101)

## ସମସ୍ତ ଆକାଶୀୟ ଧର୍ମଗ୍ରନ୍ଥମାନଙ୍କର ସତ୍ୟତା ପବିତ୍ର କୁରଆନ୍ କରୀମ୍ ମଧ୍ୟରେ ଆସିଯାଇଅଛି ।

### ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ କୁହନ୍ତି:

☆ ଅଲ୍ଲାଃତାଲା ସୁରତୁଲ୍ ଅନ୍‌ଆମ୍‌ରେ କୁହନ୍ତି: وَهٰذَا كِتٰبٌ اَنْزَلْنٰهُ مُبٰرَكٌ فَاتَّبِعُوْهُ وَاتَّقُوْا لَعَلَّكُمْ تُرْحَمُوْنَ ଅର୍ଥାତ୍ ପବିତ୍ର କୁରଆନ୍ କରୀମ୍ ହେଉଛି ଏଭଳି ଏକ ଧର୍ମଗ୍ରନ୍ଥ ତଥା ଏଭଳି ଏକ ଧର୍ମବିଧାନ ଯେ, ଏହା କଲ୍ୟାଣମୟ ଅଟେ । ସମସ୍ତ ଆକାଶୀୟ ଧର୍ମଗ୍ରନ୍ଥର ବିଶେଷତା ଓ ସେଗୁଡ଼ିକର ମୌଳିକ ସତ୍ୟତା ଏହା ମଧ୍ୟକୁ (ପବିତ୍ର କୁରାନ୍ କରୀମ୍ ଆଡ଼କୁ) ବହି ଆସିଛି । ବର୍ତ୍ତମାନ ତୁମେମାନେ ଉକ୍ତ କଲ୍ୟାଣମୂଳକ ଧର୍ମଗ୍ରନ୍ଥର  ଛତ୍ରଛାୟା ତଳେ ଆସିଯିବ । ଅଲ୍ଲାଃତାଲା ଢାଲ ହୋଇ ତୁମମାନଙ୍କର ରକ୍ଷା କରିବେ ଓ ସମସ୍ତ ସୈତାନୀ ସନ୍ଦେହ ଏବଂ ଆଶଙ୍କାରୁ ତୁମକୁ ରକ୍ଷା କରିବେ । କାରଣ ଉକ୍ତ କଲ୍ୟାଣମୂଳକ ଧର୍ମଗ୍ରନ୍ଥର ଅନୁକରଣ ବ୍ୟତୀରେକ ଧର୍ମପରାୟଣତାର ସଠିକ୍ ମାର୍ଗ, ବ୍ରହ୍ମଜ୍ଞାନ ପ୍ରାପ୍ତ ହୋଇ ନଥାଏ । ଏହା ଉପରେ ପରିଚାଳିତ ହୋଇ ଅଲ୍ଲାଃତାଲାଙ୍କର ପୂର୍ଣ୍ଣ ସୁରକ୍ଷା ବଳୟ ମଧ୍ୟକୁ ମଧ୍ୟ ମନୁଷ୍ୟ ଆସିପାରିବ ନାହିଁ। ଏହାର ଅନ୍ୟ ଫଳାଫଳ ଏହା ବାହାରିବ ଯେ, تُرْحَمُوْنَଅର୍ଥାତ୍ ତୁମେମାନେ ଅଲ୍ଲାଃତାଲାଙ୍କ କୃପାର ଅଧିକାରୀ ରୂପେ ବିବେଚିତ ହେବ ଓ ତାହାଙ୍କ ଅସୀମ ପୁରସ୍କାର ବଳରେ ଶାରୀରୀକ ଏବଂ ଆଧାତ୍ମିକ ସନ୍ତୁଷ୍ଟି ତଥା ତୃପ୍ତି ପ୍ରାପ୍ତ ହେବ ।

(ଖୁତ୍‌ବା ଜୁମା, 5 ମେ, 1967 ମସିହା)

## ପ୍ରାରମ୍ଭରୁ ଶେଷ ପର୍ଯ୍ୟନ୍ତ ମାର୍ଗଦର୍ଶନର ସମସ୍ତ ଶୈଳୀ ଶିକ୍ଷାପ୍ରଦାନକାରୀ ଗ୍ରନ୍ଥ ।

### ହ. ଖଲିଫତୁଲ୍ ମସିହ୍ ରାବେ ର.ଅ କୁହନ୍ତି:

☆ ପବିତ୍ର କୁରଆନ୍ କରୀମ୍ ମାର୍ଗଦର୍ଶନ ଏଭଳି ଏକ ଗ୍ରନ୍ଥ ଯେ, ଏହା ପ୍ରତ୍ୟେକ ମାର୍ଗଦର୍ଶନର ଅଭିଳାଷୀ ବ୍ୟକ୍ତିକୁ ଯେକି ତହିଁରୁ ମାର୍ଗଦର୍ଶନ ଚାହିଁଥାଏ । ପ୍ରଥମ ପାଦରୁ ନେଇ ଶେଷ ପାଦ ପର୍ଯ୍ୟନ୍ତ ମାର୍ଗଦର୍ଶନର ସମସ୍ତ ଶୈଳୀ ତଥା ଶିଷ୍ଟାଚାର ଶିଖାଇ ଚାଲିଥାଏ ଏବଂ ପ୍ରତ୍ୟେକ ପାଦରେ ସମର୍ଥନ ଜଣାଇଥାଏ । ଏହା ଏଭଳି ଏକ ମାର୍ଗଦର୍ଶନମୂଳକ ଗ୍ରନ୍ଥ ଯାହାକି ଦୂରତାର ପ୍ରତ୍ୟେକ ବିପଦ ସହିତ ଅବଗତ କରାଇଥାଏ। ପ୍ରତ୍ୟେକ ପାଦରେ ଯେଉଁ ପ୍ରକାରର ବିପତ୍ତି ଯାତ୍ରୀକୁ କିମ୍ବା ପଥିକ (ବାଟୋଇ)କୁ ସମ୍ମୁଖୀନ ହୋଇ ପାରନ୍ତି, ସେମାନେ ତେହିଁରୁ ସଂପୂର୍ଣ୍ଣ ରୂପେ ଅବଚେତନ ଅଟନ୍ତି । ସେହିପରି ପ୍ରତ୍ୟେକ ଯାତ୍ରୀକୁ ଯେକି  ସତ୍‌ମାର୍ଗର ଯାତ୍ରୀ ଅଟେ ଏବଂ ପବିତ୍ର କୁରଆନ୍ କରୀମ୍‌ରୁ ମାର୍ଗଦର୍ଶନ ପ୍ରାପ୍ତ କରିବାର ଅଭିଳାଷୀ, ପ୍ରତ୍ୟେକ ବିପଦ ଠାରୁ ଯଥାସମୟ ଆଗୁଆ ସୂଚନା ପ୍ରାପ୍ତ କରି ଚାଲିଥାଏ ।

ତହିଁରୁ ବର୍ତ୍ତିବା ପନ୍ଥା ମଧ୍ୟ ଶିଖାଇ ଚାଲିଥାଏ, ନବ ନବ ଉତ୍ସାହ ପ୍ରଦାନ କରି ଚାଲିଥାଏ । ସୁତରାଂ ମୁହୂର୍ତ୍ତକ ପାଇଁ ମଧ୍ୟ ମାର୍ଗରେ ଅଗ୍ରସକାରୀ ଯାତ୍ରୀ ବା ପଥିକର ସାହଚର୍ଯ୍ୟତ୍ୱ ପରିତ୍ୟାଗ କରି ନଥାଏ । ସୁତରାଂ ଆମେମାନେ ଯେତେବେଳେ ଏହି ଦୃଷ୍ଟିରୁ ପବିତ୍ର କୁରଆନ୍ କରୀମ୍ ଉପରେ ବିଚାର କରୁ ତେବେ حَسْبُنَا كِتَابُ اللهِର ଅର୍ଥ ଆମମାନଙ୍କୁ ଭଲ ଭାବରେ ଜ୍ଞାତ ହୋଇଥାଏ । ବାସ୍ତବତା ଏହିକି ଯେ, ଉକ୍ତ ପୁସ୍ତକଟି ସେହି ଲୋକମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଯେଉଁମାନେ ତହିଁରୁ ମାର୍ଗଦର୍ଶନ ପ୍ରାପ୍ତ କରିଥାଆନ୍ତି । ଅର୍ଥାତ ପୂର୍ଣ୍ଣ ନିଷ୍ଠାପରତା, ଧର୍ମପରାୟଣତା, ଦୃଢ ସଂକଳ୍ପର ସହିତ ସେମାନେ କୁହନ୍ତି ଯେ, ଆମେମାନେ ଉକ୍ତ ଗ୍ରନ୍ଥ ଦ୍ୱାରା ନିର୍ଦ୍ଦେଶିତ ମାର୍ଗ ଉପରେ ଅଗ୍ରସର ହେବୁ । ଏହିପରି مُخْلِصِيْنَ لَهُ الدِّيْنَଲୋକମାନଙ୍କ ସକାଶେ ପ୍ରତ୍ୟେକ ଦୃଷ୍ଟିରୁ ଉକ୍ତ ଗ୍ରନ୍ଥଟି ଯଥେଷ୍ଟ ଅଟେ । ଏହି ଗ୍ରନ୍ଥ (ପବିତ୍ର କୁରଆନ୍ କରୀମ୍ର ମାର୍ଗଦର୍ଶନ) ପରେ ଅନ୍ୟ କୌଣସି ମାର୍ଗଦର୍ଶନର ଆଉ ଲୋଡ଼ା ନାହିଁ ।

**(ଖୁତ୍‌ବାତେ ତାହିର,ଭାଗ-2, ପୃ-576)**

**ପବିତ୍ର କୁରଆନ୍ କରୀମ୍ ସକଳ ପ୍ରକାରର ଜ୍ଞାନ ତଥା ଜୀବନ ଶୈଳୀ ଭିତ୍ତିକ ନିୟମାବଳୀର ସମଷ୍ଟି ଅଟେ ।**

## ହ. ଖଲିଫତୁଲ୍ ମସିହ୍ ଖାମିସ୍ ର.ଅ କୁହନ୍ତି:

☆ ପବିତ୍ର କୁରଆନ୍ କରୀମ୍ର ଶିକ୍ଷା ତ' ସକଳ ପ୍ରକାରର ଜ୍ଞାନ ଓ ଜୀବନ ଶୈଳୀ ଭିତ୍ତିର ନିୟମାବଳୀର ସମଷ୍ଟି ଅଟେ । ଆଧ୍ୟାତ୍ମିକତାର ସର୍ବୋଚ୍ଚ ସ୍ତର ସଂପର୍କରେ ପବିତ୍ର କୁରଆନ୍ କରୀମ୍ ଶିକ୍ଷା ପ୍ରଦାନ କରିଥାଏ । ଚରିତ୍ରର ସର୍ବୋଚ୍ଚ ସ୍ତରୀୟ ଶିକ୍ଷା ପ୍ରଦାନ କରିଥାଏ । ପ୍ରତ୍ୟେକ ସାଧାରଣ ବୁଦ୍ଧିର ଅଧିକାରୀ ଓ ସର୍ବୋଚ୍ଚ ବୋଧ ଶକ୍ତିର ଅଧିକାରୀଙ୍କ ପାଇଁ ତହିଁରେ ଅନେକ ବର୍ଣ୍ଣନା (ଚର୍ଚ୍ଚା) ରହିଛି । ଅତଃ ତହିଁରେ ଏକ ପ୍ରସଙ୍ଗ ଏହା ମଧ୍ୟ ରହିଛି ଯେ, ଯଦି ତୁମେମାନେ ଏହାକୁ ବୁଝିପାରୁ ନାହଁ ତେବେ ଆପତ୍ତି କରିବା ପରିବର୍ତ୍ତେ ନିଜର ବୁଦ୍ଧି ଉପରେ ରୋଦନ ଏବ ବିଳାପ କର । ନା କି ପବିତ୍ର କୁରଆନ୍ କରୀମ ଉପରେ ଆପତ୍ତି ଓ ଅଭିଯୋଗ କର । ପବିତ୍ର କୁରଆନ୍ କରୀମ୍ର ଶିକ୍ଷା ତ' ମନୁଷ୍ୟର ସ୍ୱଭାବ ଅନୁଯାୟୀ ଉଦ୍ଦିଷ୍ଟ ଅଟେ । କିନ୍ତୁ ଏହାକୁ ବୁଝିବା ନିମନ୍ତେ ପବିତ୍ର ହୃଦୟ ହେବା ଏକାନ୍ତ ଆବଶ୍ୟକ ଓ ଏକ ପବିତ୍ର ବ୍ୟକ୍ତି ହେବା ବିଧେୟ। ଆଜି ଜମାଅତ୍ ଅହେମଦିୟା ହିଁ ଏକମାତ୍ର ସଂପ୍ରଦାୟ ଯିଏ ଉକ୍ତ ବୋଧ ତଥା ଚାତୁର୍ଯ୍ୟତା ସେହି ପବିତ୍ର ବ୍ୟକ୍ତି ଠାରୁ ପ୍ରାପ୍ତ କରି ଆଗକୁ ସଂପ୍ରସାରିତ କରୁଅଛି । ଆସ ସେହି ପବିତ୍ର ଗ୍ରନ୍ଥରୁ ଚାତୁର୍ଯ୍ୟତା ଏବଂ ବୌଦ୍ଧିକତା ପ୍ରାପ୍ତ କର । ଅଲ୍ଲାଃତାଲା ସେମାନଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ ଓ ଯେଉଁ ଈଶ୍ୱର ସେମାନଙ୍କୁ ସାବଧାନ କରାଇଛନ୍ତି ସେମାନଙ୍କୁ ଏହାର ଅବମାନନା ଜନିତ କୁପରଣତି ଠାରୁ ମଧ୍ୟ ସୁରକ୍ଷିତ ରଖନ୍ତୁ । **ଆମିନ୍ । (ଖୁତ୍‌ବାତେ ମସ୍ରୁର୍, ଭାଗ-6, ପୃ-96)**

**ପବିତ୍ର କୁରଆନ୍ କରୀମରେ ପ୍ରତ୍ୟେକ ନୂତନ ଉଦ୍ଭାବନ ସଂକ୍ରାନ୍ତରେ ପୂର୍ବରୁ ହିଁ ସୂଚନା ରହିଛି ।**

☆ଏହା ହେଉଛି ପବିତ୍ର କୁରଆନ୍ କରୀମ୍ର ସୌନ୍ଦର୍ଯ୍ୟତା ଯେ, ପ୍ରତ୍ୟେକ ନୂତନ ଉଦ୍ଭାବନ ଯାହାକୁ ଆଜିର ଶିକ୍ଷିତ ମଣିଷ ଉଦ୍ଭାବନ କରିଥାଏ ତତ୍‌ସଂକ୍ରାନ୍ତରେ ପ୍ରଭୁଙ୍କର ସେହି ଚୂଡ଼ାନ୍ତ ଗ୍ରନ୍ଥ ଅର୍ଥାତ ପବିତ୍ର କୁରଆନ୍ କରୀମ୍ରେ ପୂର୍ବରୁ ହିଁ ଏହାର ପରିକଳ୍ପନା କେବଳ ବିଦ୍ୟମାନ ରହିଛି ତାହା ନୁହେଁ । ବରଂ ଏହାର ସ୍ୱଷ୍ଟୀକରଣ ମଧ୍ୟ ତହିଁରେ ବିଦ୍ୟମାନ ରହିଛି । ବର୍ତ୍ତମାନ ମନୁଷ୍ୟକୃତ ପୁସ୍ତକ ଏହାର ମୁକାବିଲା କିପରି କରିପାରିବ ? ଅଲ୍ଲାଃତାଲାଙ୍କର ଏହି ଚ୍ୟାଲେଞ୍ଜ ରହିଛି ଯେ, ତୁମେମାନେ ନା ଏହିପରି ଗ୍ରନ୍ଥ ଆଣି ପାରିବ ଓ ନା ହିଁ ପବିତ୍ର କୁରଆନ୍ କରୀମ୍ର ଆୟତ୍ ପରି ଗୋଟିଏ ଆୟତ୍ ତିଆରି କରିପାରିବ । ସୁତରାଂ ଏହା ହେଉଛି ସେହି ଶେଷ ତଥା ଚୂଡ଼ାନ୍ତ ଧର୍ମଗ୍ରନ୍ଥ ଯାହା ମହାବତାର ହ. ମୁହମ୍ମଦ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହେଲା । ଏହାର ଯୁଗ ପ୍ରଳୟ ଦିବସ ପର୍ଯ୍ୟନ୍ତ ପରିବ୍ୟାପ୍ତ ଓ ପ୍ରଲମ୍ବିତ ଅଟେ ।

**(ଖୁତ୍‌ବାତେ ମସ୍ରୁର୍, ଭାଗ-6, ପୃ-35)**

☆ ☆☆

## ଓଡ଼ିଆ ନଜମ୍

### (ଶାନ୍ତିର ସନ୍ଦେଶ)

ଡଃ. ଶେଖ୍ ଶମସୁର୍

ଆଗେଇ ଚାଲରେ ଅହେମଦିଗଣ
ଇସ୍‌ଲାମ୍ ବାରତା ନେଇ
ପୃଥିବୀ ପ୍ରାନ୍ତରେ ପହଞ୍ଚାଇ ଦିଅ
ଶାନ୍ତିର ସନ୍ଦେଶ ଏହି ।।
ସତ୍ୟର ନାହିଁ ହେ ପତନ କେବେ ହେଁ
ସତ୍ୟ ଧର୍ମ ପ୍ରଚାରିବ
ଅଜ୍ଞାନ ଅନ୍ଧାରେ ଆଲୋକ ଦେଖାଇ
ମସି ବାର୍ତ୍ତା ବିତରିବ ।।
ଜାଣିଛ ତ' ତୁମେ ନିଶ୍ଚୟରେ ଦିନେ
ବିଜୟରେ ଟୀକା ଘେନି
ସାରା ସଂସାରକୁ ଏ ସନ୍ଦେଶ ଦେଇ
ଶାଶ୍ୱତ ଶାନ୍ତି ସ୍ଥାପିତ ।।
ମସି ପେଶ୍‌ଗୋଇ ସ୍ୱଷ୍ଟ ଅଟେ ଭାଇ
ଯଥା ସୂର୍ଯ୍ୟ, ଚନ୍ଦ୍ର ହରି
ଅଲ୍ଲାଃଙ୍କ କଥା କି ମିଥ୍ୟା କି ହୋଇବ
ଚନ୍ଦ୍ର ସୂର୍ଯ୍ୟ ଗଲେ ମରି ।।
ମୁହମ୍ମଦ୍[ସ.ଅ] ସମ କେ ହୋଇବ
ଅହମଦ ଗଲେ କହି
ଇସ୍‌ଲାମ୍ ଭାନୁ ଉକୁଟି ଉଠିବ
ଦିଗ୍‌ବଳୟେ ରଙ୍ଗ ଦେଇ।।
ଚଉଦଶ ଶଦି ପୂରିଗଲା ଏବେ
ଇସା କେବେ ନ ଆସିଲେ
ମୁଲ୍ଲାଃଙ୍କ କବଳୁ ଲୋକେ ଖସିଯାଇ
ମସିହ୍ ଆଲେକ ଖୋଲିଲେ।।

(ଅବଶିଷ୍ଟାଂଶ..........ପୃ-18 ରେ)

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " । (ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah,
Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ। ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya
Kerang, Darul Fazal (Odisha)

# (ଖୁତ୍‌ବା ଜୁମା)

ଅଭିଭାବକମାନଙ୍କୁ ପବିତ୍ର କୁରଆନ୍ କରୀମ୍ ସମାପ୍ତ କରାଇବା ପରେ ଏଥିପ୍ରତି ନିରୀକ୍ଷଣ କରିବା ଉଚିତ୍ ଓ ଚିନ୍ତା କରିବା ଉଚିତ୍ । କାରଣ ସନ୍ତାନମାନେ ପୁନଶ୍ଚ ନିୟମିତ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ (ଆବୃତ୍ତି) କରିବାର ଅଭ୍ୟାସ ପକାଇବେ ।

**ସନ୍ତାନମାନଙ୍କ ମଧ୍ୟରେ ପବିତ୍ର କୁରଆନ୍ କରୀମ୍ ପ୍ରତି ପ୍ରେମ ତଥା ଆନ୍ତରୀକତା ସେତେବେଳେ ସୃଷ୍ଟି ହେବ ଯେତେବେଳେ ଅଭିଭାବକମାନେ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ଓ ଏହା ଉପରେ ବିଚାର ତଥା ଚିନ୍ତନ କରିବାର ଅଭ୍ୟାସ ମଧ୍ୟ ପକାଉଥିବେ ।**

ପବିତ୍ର କୁରଆନ୍ କରୀମର ପ୍ରକୃତ ସମ୍ମାନ ଓ ପ୍ରେମ ଏହିକି ଯେ, ତାହାର (ପବିତ୍ର କୁରଆନ୍ କରୀମର) ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିବା ଉଚିତ୍, ଏହାର କରଣୀୟ ଓ ଅକରଣୀୟକୁ ନିଜର ଜୀବନର ଅଙ୍ଗ ରୂପେ ବିବେଚିତ କରାଯାଉ ।

**ପବିତ୍ର କୁରଆନ୍ କରୀମର ନିୟମ ମଧ୍ୟ ସେତେବେଳେ ଫଳପ୍ରଦ ଓ ଲାଭଦାୟକ ଏବଂ ମୋକ୍ଷ ପ୍ରଦାନକାରୀ ହେବ ଯେତେବେଳେ ଏହା ଉପରେ କାର୍ଯ୍ୟାନୁସରଣ କରାଯିବ । ଯଦି ପବିତ୍ର କୁରଆନ୍ କରୀମର ଆଦେଶାବଳୀ ଉପରେ କାର୍ଯ୍ୟନୁସରଣ କରିବେ ନାହିଁ ତେବେ ଏହା (ପବିତ୍ର କୁରଆନ୍ କରୀମ) ମୋକ୍ଷ ପ୍ରଦାନକାରୀ ମାଧ୍ୟମ ହୋଇପାରିବ ନାହିଁ । ପବିତ୍ର କୁରଆନ୍ କରୀମକୁ କେବଳ ପାଠ କରିଦେଲେ ମୋକ୍ଷ ପ୍ରାପ୍ତ ହୋଇପାରିବ ନାହିଁ । ବରଂ ଏହା ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ହିଁ ମୋକ୍ଷ ମିଳି ପାରିବ ।**

ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍ ବୁଝିବାକୁ ଅତ୍ୟଧିକ ପ୍ରୟାସ କରିବା ଉଚିତ୍ । ତେବେଯାଇ ଆମମାନଙ୍କର ନିଜ ଗୃହ ମଧ୍ୟ ସ୍ୱର୍ଗପୁର ପାଲଟିଯିବ ଓ ନିଜର ସମାଜ ତଥା ପରିବେଶରେ ମଧ୍ୟ ଆମେମାନେ ତବ୍‌ଲିଗ୍‌ର (ପ୍ରଚାରର) ସଠିକ୍ ଦାୟିତ୍ୱ ନିର୍ବାହକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବୁ ।

**ପବିତ୍ର କୁରଆନ୍ କରୀମରେ ବର୍ଣ୍ଣିତ ସମସ୍ତ ପ୍ରକାରର ପୁଣ୍ୟାବଳୀକୁ ନିଜ ଉପରେ ପ୍ରଣୟନ କରିବାକୁ ଉଦ୍ୟମ କରନ୍ତୁ ।**

**ସମ୍ବାଦପତ୍ର ବଦର୍‌ର ବିଶେଷ ସଂଖ୍ୟା '' କୁରଆନ୍ ନଂ'' ଉପଲକ୍ଷେ ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର୍ ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା ଜୁମା 16 Dec 2011 ମସିହା, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ୍ (ସରେ) ୟୁ.କେ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ و رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଆମ ସନ୍ତାନମାନେ ସାନ ବୟସରୁ ହିଁ ପବିତ୍ର କୁରଆନ୍ କରୀମ୍ ସମାପ୍ତ କରି ନିଅନ୍ତି । ଯେଉଁ ସନ୍ତାନଙ୍କର ମା ମାନଙ୍କୁ ଏହି ଚିନ୍ତା ଘାରି ହୋଇଥାଏ ଯେ, ସେମାନଙ୍କର ସନ୍ତାନମାନେ ମଧ୍ୟ ଶୀଘ୍ର ପବିତ୍ର କୁରଆନ୍ କରୀମ୍ ସାରନ୍ତୁ । ସେମାନେ ନିଜ ସନ୍ତାନମାନଙ୍କ ସକାଶେ ଅତ୍ୟନ୍ତ ପରିଶ୍ରମ ମଧ୍ୟ କରିଥାଆନ୍ତି । ଏଠାରେ ମଧ୍ୟ ବିଭିନ୍ନ ଦେଶରେ ମୁଁ ଯେତେବେଳେ ଗସ୍ତ କରେ ସେତେବେଳେ ସେଠାରେ ମଧ୍ୟ ପିଲାମାନଙ୍କୁ ଓ ଅଭିଭାବକମାନଙ୍କୁ ମଧ୍ୟ ଏହି ଅଭିଳାଷା ରହିଥାଏ ଯେ, ମୋ ନିକଟରେ ପିଲାମାନଙ୍କ ଠାରୁ ପବିତ୍ର କୁରଆନ୍ କରୀମ୍ ପାଠ କରାଇ ସେମାନଙ୍କର ଆମିନ୍ ସମାରୋହ କରନ୍ତୁ । କିନ୍ତୁ ମୁଁ ଦେଖିଛି ଯେ, ଥରେ କୁରଆନ୍ କରୀମ୍ ଶେଷ କରାଇବା ପରେ ପୁନଶ୍ଚ ତାହାକୁ ପୁନରାବୃତ୍ତି ତଥା ପିଲାମନଙ୍କୁ ସର୍ବଦା କୁରଆନ୍ କରୀମ୍ ପାଠ କରିବାର ଅଭ୍ୟାସ ପକାଇବା ନିମନ୍ତେ ଏତେ ଟାଳଟୁଳ ଏବଂ ଶଙ୍କୋଚ ବୋଧ ଓ ଉଦ୍ୟମ ହୋଇ ନଥାଏ ଯେତେ ଥରେ ପବିତ୍ର କୁରଆନ୍ କରୀମ୍ ଶେଷ କରାଇବା ନିମନ୍ତେ ଉଦ୍ୟମ କରାଯାଇଥାଏ । କାରଣ ମୁଁ ଯେତେବେଳେ ପଚାରିଲି ଯେ, ତିଲାୱତ୍ ନିୟମିତ ରୂପେ କରୁଛ ନା ନାହିଁ ? (କେତେକ ପିଲାଙ୍କ ପଠନ ଶୈଳୀକୁ ଦେଖିଲେ ପ୍ରତିତ ହୋଇଯାଇଥାଏ) ତେବେ ପ୍ରାୟତଃ ତିଲାୱତ୍‌ରେ ନିୟମିତ ସକାରାତ୍ମକ ଉତ୍ତର ମିଳି ନଥାଏ । କିନ୍ତୁ ଅଭିଭାବକମାନଙ୍କୁ ପବିତ୍ର କୁରଆନ୍ କରୀମ୍ ଶେଷ କରାଇବା ପରେ ମଧ୍ୟ ଉପରୋକ୍ତ କଥାର ନିରୀକ୍ଷଣ କରିବା ଉଚିତ୍ ଯେ, ସନ୍ତାମାନମାନେ ପୁନଃ ନିୟମିତ ପବିତ୍ର କୁରଆନ୍ କରୀମ୍ ପାଠ କରିବାର ଅଭ୍ୟାସ ପକାନ୍ତୁ । ଅତଏବ ନିଜ ସଂପର୍କରେ ଚିନ୍ତା କରନ୍ତୁ । କେବଳ ଥରୁଟିଏ ପବିତ୍ର କୁରଆନ୍ କରୀମ୍ ଶେଷ କରାଇବା ପର୍ଯ୍ୟନ୍ତ ସୀମିତ ରୁହନ୍ତୁ ନାହିଁ। ବରଂ ପରେ ମଧ୍ୟ ନିୟମିତ ମନୋଭାବ ରଖି ଏହାର ନିରୀକ୍ଷଣ କରିବା ମଧ୍ୟ ଆବଶ୍ୟକତା ରହିଛି। ନିଃସନ୍ଦେହ ରୂପେ ଏହା କୁହାଯାଇପାରେ ଯେ, ପ୍ରଥମ ଥର ପବିତ୍ର କୁରଆନ୍ କରୀମ୍ ପାଠ କରିବା ଓ ସମାପ୍ତ କରିବା ଅତ୍ୟନ୍ତ ପରିଶ୍ରମର କାର୍ଯ୍ୟ ଅଟେ । କିନ୍ତୁ ଯେପରିକି ମୁଁ କହିଲି ଯେ, ନିୟମିତ ମନୋଭାବ ରଖି ପବିତ୍ର କୁରଆନ୍ କରୀମ୍‌କୁ ବାରମ୍ବାର ଅବ୍ୟାହତ ରଖିବା ମଧ୍ୟ ବାଞ୍ଛନୀୟ ଅଟେ। ବିଗତ ଦିନ ମୋତେ ଜଣୈକା ମହିଳାଙ୍କର ପତ୍ର ହସ୍ତଗତ ହେଲା। ଯହିଁରେ ମୋର ମାତାଶ୍ରୀଙ୍କ ଚର୍ଚ୍ଚା ରହିଥିଲା । ଉକ୍ତ ମହିଳା ଜଣକ ଉଲ୍ଲେଖ କଲେ ଯେ, ମାତାଶ୍ରୀ ମୋତେ ଗୋଟିଏ କଥା କହିଥିଲେ ଏବଂ ମୁଁ ଆଜି ପର୍ଯ୍ୟନ୍ତ ତାଙ୍କର କୃତଜ୍ଞ ଅଟେ । କାରଣ ଏକଦା ମୁଁ ନିଜର କନ୍ୟା କିମ୍ବା ପୁତ୍ରକୁ ଧରି ଘରକୁ ଯାଇଥିଲି । ମୋର କନ୍ୟା କିମ୍ବା ପୁତ୍ର ପବିତ୍ର କୁରଆନ୍ କରୀମ୍ ଶେଷ କରିଥିଲା । ତେବେ ମୁଁ ଅତ୍ୟନ୍ତ ଗର୍ବିତ ହୋଇ ତାଙ୍କୁ କହିଲି ଯେ, ମୋର ଅମକ ସନ୍ତାନ 6 ବର୍ଷ ବୟସରେ ପବିତ୍ର କୁରଆନ୍ କରୀମ୍ ସମାପ୍ତ କରି ନେଇଛି। ଏକଥା ଶୁଣି ମାତାଶ୍ରୀ କହିଲେ, 6 ବର୍ଷ କିମ୍ବା 5 ବର୍ଷରେ ପବିତ୍ର

କୁରଆନ୍ କରୀମ୍ ସମାପ୍ତ କରିବା କୌଣସି ବଡ଼ କଥା ନୁହଁ । ତୁମେ ମୋତେ ଏହା କୁହ ଯେ, ତୁମେ ନିଜ ପିଲା ମଧ୍ୟରେ ପବିତ୍ର କୁରଆନ୍ କରୀମ୍ ପ୍ରତି କେତେ ଆନ୍ତରୀକତା, ସ୍ପୃହା, ଆଗ୍ରହ ତଥା ପ୍ରେମ ସୃଷ୍ଟି କରିଛ ? ବାସ୍ତବତା ଏହିକି ଯେ, ପବିତ୍ର କୁରଆନ୍ କରୀମ୍ ପାଠ କରିବା ସଙ୍ଗେସଙ୍ଗେ ପବିତ୍ର କୁରଆନ୍ କରୀମ୍‌ର ପ୍ରେମ ମଧ୍ୟ ସୃଷ୍ଟି କରିବା ଆବଶ୍ୟକ ଅଟେ। ତେବେଯାଇ ପିଲାକୁ ସ୍ୱୟଂ ପବିତ୍ର କୁରଆନ୍ କରୀମ୍ ପାଠ କରିବା ପ୍ରତି ଅଭିରୁଚି ସୃଷ୍ଟି ହେବ । ଆମେମାନେ ଯେଉଁ ଯୁଗ ଓ ଯେଉଁ ସମୟ ଦେଇ ଗତି କରୁଛେ ସେଠାରେ ପିଲାମାନଙ୍କ ପାଇଁ ନାନା ପ୍ରକାରର ଅଭିରୁଚି ବିଦ୍ୟମାନ ରହିଛି ଯଥା- ଟିଭି, ଇଣ୍ଟରନେଟ୍ ଓ ଅନ୍ୟାନ୍ୟ ପୁସ୍ତକ ମହଜୁଦ୍ ରହିଛି । ସେହି ଅଭିରୁଚି ବା ସ୍ପୃହା ମଧ୍ୟରେ ପିଲାର ସ୍ୱୟଂ ସକାଳ ସମୟରେ ନିୟମିତ ରୂପେ ପବିତ୍ର କୁରଆନ୍ କରୀମ୍ ପାଠ କରିବା ଓ ଆବୃତ୍ତି କରିବା ତାହାକୁ ପବିତ୍ର କୁରଆନ୍ କରୀମ୍‌ର ମହତ୍ୱ ଏବଂ ଅବବୋଧ କରାଇବ ଓ ଆଗ୍ରହ ସୃଷ୍ଟି କରିବ ।

ହ. ମସିହ୍ ମଉଦ୍ ଅ.ସ ମଧ୍ୟ ଏଥିପ୍ରତି ଧ୍ୟାନ ଆକର୍ଷଣ କରିଛନ୍ତି ଯେ, ସାଂପ୍ରତିକ ଯୁଗରେ ଯେତେବେଳେ ବିଭିନ୍ନ ପ୍ରକାରର ଅଭିରୁଚି ତଥା ସ୍ପୃହାର ସାଧନ ଉପଲବ୍ଧ ରହିଛି, ବିଭିନ୍ନ ପ୍ରକାରର ଜ୍ଞାନ ପ୍ରକାଶିତ ହେଉଛି, ସାଂପ୍ରତିକ ଯୁଗରେ ପବିତ୍ର କୁରଆନ୍ କରୀମ୍ ପାଠ କରିବାର ମହତ୍ୱ ଆହୁରି ଅଧିକ ହୋଇଯାଇଥାଏ । ଅଏତବ୍ ଆମମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍ । ଅତଃ ପବିତ୍ର କୁରଆନ୍ କରୀମ୍ ପାଠ କରିବା ପ୍ରତି ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରିହଛି । ପିଲା ବା ସନ୍ତାନମାନଙ୍କ ମଧ୍ୟରେ ପବିତ୍ର କୁରଆନ୍ କରୀମ୍‌ର ପ୍ରେମମୂଳକ ସ୍ପୃହା ସେତେବେଳ ସୃଷ୍ଟି ହେବ ଯେତେବେଳେ ଅଭିଭାବକ ପବିତ୍ର କୁରାନ୍ କରୀମ୍ ଓ ଏହା ଉପରେ ବିଚାର ତଥା ଚିନ୍ତନ କରିବାର ଅଭ୍ୟାସ ମଧ୍ୟ ପକାଇବେ, ପବିତ୍ର କୁରଆନ୍ କରୀମ୍ ପାଠ କରିବା ପ୍ରତି ଅଧିକ ଧ୍ୟାନ ଦେବେ । ଯେତେବଳେ ପ୍ରତ୍ୟେକ ଘରୁ ସକାଳ ନମାଜ ପରେ କିମ୍ବା ଆଜିକାଲି ଶୀତଋତୁରେ ନମାଜ ବିଳମ୍ବରେ ହୋଇଥାଏ, ଯଦି କୌଣସି ବ୍ୟକ୍ତି କାମକୁ ଶୀଘ୍ର ବାହାରିଥାଏ ତେବେ ନମାଜ ପୂର୍ବରୁ ତିଲାୱତ୍ ଯଦି ନିୟମିତ ରୂପେ କରିବ ତେବେ ସେହି ଘର ପବିତ୍ର କୁରଆନ୍ କରୀମ୍ ପାଠ ଯୋଗୁଁ କଲ୍ୟାଣରେ ପରିପୂର୍ଣ୍ଣ ହୋଇଯିବ ଏବଂ ସନ୍ତାନମାନଙ୍କର ମଧ୍ୟ ଏଥିପ୍ରତି ଧ୍ୟାନ ରହିବ । ପିଲାମାନେ ମଧ୍ୟ ସେହି ପୁଣ୍ୟାବଳୀ ଉପରେ ପରିଚାଳିତ ହେବେ ଯାହାକି ଜଣେ ବିଶ୍ୱାସକାରୀ ମଧ୍ୟରେ ବିଦ୍ୟମାନ ହେବା ଉଚିତ୍ । ପିଲାମାନେ ଯେତେ ଯେତେ ବଡ଼ ହୋଇ ଚାଲିବେ ସେତେ ଅଧିକ ସେମାନଙ୍କ ମନରେ ପବିତ୍ର କୁରଆନ୍ କରୀମ୍‌ର ମର୍ଯ୍ୟାଦା ତଥା ଗାରିମା ଏବଂ ପ୍ରେମ ମଧ୍ୟ ବୃଦ୍ଧି ପାଇବ । ପୁନଶ୍ଚ ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ବ୍ୟକ୍ତି ଏହା ଅବଲୋକନ କରିବ ଯେ, ଆମେମାନେ ପବିତ୍ର କୁରଆନ୍ କରୀମ୍ ଉପରେ ଧ୍ୟାନପୂର୍ବକ ନିୟମିତ ଭାବରେ  କୁରଆନ୍ କରୀମ୍ ପାଠ କରୁଥିବୁ ତେବେ ଯେଉଁଠି ଆମ ଘରମାନଙ୍କରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଅଲ୍ଲାଃତାଲାଙ୍କ ସକାଶେ ପ୍ରେମ ଓ ଆନ୍ତରୀକତାର ଦୃଶ୍ୟ ପରିଲକ୍ଷିତ ହେଉଥିବ ସେଠାରେ ସନ୍ତାନ ବା ପିଲାମାନେ ମଧ୍ୟ ଜମାଅତ୍‌ର ଏକ ଲାଭଦାୟକ  ଅସ୍ତିତ୍ୱ ହେଉଥିବେ । ସେମାନଙ୍କର ସଂସ୍କାର ମଧ୍ୟ ଉନ୍ନତମାନ ହେଉଥିବ । ଏହା ହିଁ ହେଉଛି ସେହି ବସ୍ତୁ ଯାହାକି ଜଣେ ଅହେମଦିକୁ ନିଜ ଜୀବନର ଏକ  ଅଂଶ ରୂପେ ବିବେଚିତ କରିବା ନିମନ୍ତେ ପୂର୍ଣ୍ଣ ଧ୍ୟାନ, ମନଯୋଗ ଓ ପୂର୍ଣ୍ଣ ପ୍ରୟାସ କରିବା ଉଚିତ୍ । ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସ ଉକ୍ତ କଥାକୁ ଆମମାନଙ୍କ ମଧ୍ୟରେ ସୃଷ୍ଟି କରିବା ନିମନ୍ତେ ଆପ୍ରାଣ ଉଦ୍ୟମ କରିଛନ୍ତି । ଆପଣ ଅ.ସଙ୍କ ଆଗମନର ଅଭିପ୍ରାୟ ମଧ୍ୟ ଏହା ହିଁ ଥିଲା ଯେ, ପବିତ୍ର କୁରଆନ୍ କରୀମ୍‌କୁ ସମଗ୍ର ସଂସାରର ପ୍ରତ୍ୟେକ ବସ୍ତୁ ଉପରେ ସର୍ବୋଚ୍ଚ ଆସନରେ ଆସନ୍ନିତନକାରୀ ବ୍ୟକ୍ତିର ପରିଗଣତି କରାଇ ପବିତ୍ର କୁରଆନ୍ କରୀମ୍‌କୁ ସେହି ମର୍ଯ୍ୟାଦା ପ୍ରଦାନ କରନ୍ତୁ ଯାହା ବିପକ୍ଷରେ ଅନ୍ୟ କୌଣସି ବସ୍ତୁ ତିଷ୍ଠି ପାରିବ ନାହିଁ । ପବିତ୍ର କରୁଆନ୍ କରୀମ୍‌ର ସମ୍ମାନକୁ ଆମେମାନେ କେବଳ ଏହି ପର୍ଯ୍ୟନ୍ତ ସୀମିତ ରଖିବା ଅନୁଚିତ୍ ଯାହାକି ସାଧାରଣତଃ ଅଣସଂପ୍ରଦାୟମାନେ କରିଥାଆନ୍ତି । ଅର୍ଥାତ ପବିତ୍ କୁରଆନ୍ କରୀମ୍‌କୁ ସୁନ୍ଦର ବସ୍ତ୍ରରେ ରଖିଦେବା, ସୁନ୍ଦର ଥାକରେ ଥୋଇ ଦେବା, ସୁନ୍ଦର ଡବାରେ ରଖି ଦେବା ଇତ୍ୟାଦି । ଏପରି କରିବା ଅସଙ୍ଗତ ଓ ଅନୁଚିତ୍ ଅଟେ । ପବିତ୍ର କୁରଆନ୍ କରୀମ୍ ପ୍ରତି ପ୍ରକୃତ ସମ୍ମାନ, ପ୍ରକୃତ ପ୍ରେମ ଓ ପ୍ରକୃତ ଆନ୍ତରୀକତା ଏହାକି ଯେ, ପବିତ୍ର କୁରଆନ୍ କରୀମ୍‌ର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ଭରପୁର ଉଦ୍ୟମ କରାଯାଉ । ପବିତ୍ର କୁରଆନ୍ କରୀମ୍‌ର କରଣୀୟ ଓ ଅକରଣୀୟ ଆଦେଶାବଳୀକୁ ନିଜର ଜୀବନର ଅଂଶ କରାଯାଉ । ଅଲ୍ଲାଃତାଲା ଯେଉଁ ବସ୍ତୁରୁ ଅଟକାଇଛନ୍ତି ତହିଁରୁ ମନୁଷ୍ୟ ଅଟକିଯିବା ଉଚିତ୍ ଏବଂ ଯେଉଁ ଆଦେଶାବଳୀ ସମ୍ପାଦନ କରିବା ନିମନ୍ତେ ଆଦେଶ ଦେଇଛନ୍ତି ତାହାକୁ ସମ୍ପାଦନ କରିବା ନିମନ୍ତେ ନିଜର ସକଳ ସାମର୍ଥ୍ୟ ତଥା ଶକ୍ତିକୁ ବିନିଯୋଗ କରୁ ।  ଅଲ୍ଲାଃତାଲାଙ୍କ ଭୟ ନିଜ ମନରେ ରଖି ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ କରାଯାଉ। ହ. ମସିହ୍ ମଉଦ୍ ଅ.ସନିଜ ପୁସ୍ତକର ଅନେକ ସ୍ଥାନରେ, ନିଜର ସଭା ସମିତିରେ, ମଲ୍‌ଫୁଜାତ୍ (କଥନାବଳୀ)ରେ ପବିତ୍ର କୁରଆନ୍ କରୀମ୍‌ର ମହତ୍ୱ ସଂକ୍ରାନ୍ତରେ ବର୍ଣ୍ଣନା କରିଛନ୍ତି ଏବଂ ଉକ୍ତ କଥାର ଚର୍ଚ୍ଚା କରିଛନ୍ତି । ହୁଜୁର ଅ.ସ ସେହି ଅଭିଳାଷାର ଚର୍ଚ୍ଚା କରିଛନ୍ତି ଯାହା ଜଣେ ଅହେମଦି ଓ ଜଣେ ବୈଅତ୍‌କାରୀ ଠାରୁ ଆପଣ ଅ.ସ ଆଶା ରଖିଛନ୍ତି । ସୁତରାଂ ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍ ମେଧ୍ୟମରେ ନିଜର ଘରକୁ ପରିପୂର୍ଣ୍ଣ କରିବାର ଅଧିକ ଆବଶ୍ୟକତା ରହିଛି । ଅର୍ଥାତ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍ ସହିତ  ତାହାର ଅନୁବାଦ ମଧ୍ୟ ପାଠ କରନ୍ତୁ। କାରଣ ପବିତ୍ର କୁରାଆନ୍ କରୀମ୍‌ର ଆଦେଶାବଳୀ ହୃଦ୍‌ବୋଧ (ବୁଝି) ହୋଇଯାଉ । ଘରେ ପିଲାମାନଙ୍କ ସମ୍ମୁଖରେ ପବିତ୍ର କୁରଆନ୍ କରୀମ୍‌ର ଆବୃତ୍ତି ସହିତ ଏହାକୁ ବୁଝିବା ଓ ଅନୁବାଦର ଚର୍ଚ୍ଚା କରିବା ପ୍ରତି ଆହୁରି ଅତିରିକ୍ତ ଉଦ୍ୟମ ମଧ୍ୟ ହେବା ଉଚିତ୍ । କେବଳ ଆବୃତ୍ତିର ଅଭ୍ୟାସ ନକରାଯାଉ । ବରଂ ଏପରି ସଭା ହେବା ଉଚିତ୍ ଯେଉଁଠି ପବିତ୍ର କୁରଆନ୍ କରୀମ୍‌ରୁ ଛୋଟ ଛୋଟ କଥା କାଢି ପିଲାମନାଙ୍କ ସମ୍ମୁଖରେ ବର୍ଣ୍ଣନା କରାଯାଉ । କାରଣ ସେମାନଙ୍କ ମଧ୍ୟରେ ପବିତ୍ର କୁରଆନ୍ କରୀମ୍ ପ୍ରତି ଅଭିରୁଚି ତଥା ଆଗ୍ରହ (ଆସ୍ପୃହା) ସୃଷ୍ଟି ହେଉ । ହ.ମସିହ୍ ମଉଦ୍ ଅ.ସ ନମାଜ୍ ଓ କୁରଆନ୍‌ର ଅନୁବାଦକୁ ବୁଝିବା ଏବଂ ପାଠ କରିବା ନିହାତି ଜରୁରୀ ବୋଲି ବିବେଚିତ କରିଛନ୍ତି । କିନ୍ତୁ କେବଳ ଅନୁବାଦ ପଢିବା ଓ ପ୍ରକୃତ ଆରବିକ ପଂକ୍ତି କିମ୍ବା ବାକ୍ୟ ପାଠ କରିବା ଏହାର ଅନୁମତି ପ୍ରଦାନ କରୁ ନାହିଁ । ଆପଣ ଅ.ସ କୁହନ୍ତି: " ମୁଁ ଆଦୌ

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ଠାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ୍ୟ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ:   Sk Shamim Ahmad Sultan & Family,
Jamat Ahmadiya Kardapalli (Odisha)

## ନବୀ ସ.ଅଙ୍କ ବାଣୀ

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅୱଲହୁ** ପଢିନେଉ।"          (ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ:  Sarwar Khan & Family,
Jamat Ahmadiya Kerang,
Darul Islam (Odisha)

ଏହି ଧର୍ମାଦେଶ ଦେଉ ନାହିଁ ଯେ, ପବିତ୍ର କୁରଆନ୍ କରୀମ୍ର କେବଳ ଅନୁବାଦ ପାଠ କରାଯାଉ । କାରଣ ଏହା ଦ୍ୱାରା ପବିତ୍ର କୁରଆନ୍ କରୀମ୍ର ଚମତ୍କାରିକତା କ୍ଷୁର୍ଣ୍ଣ ତଥା ଖଣ୍ଡିତ ହୋଇଥାଏ । ଯେଉଁ ବ୍ୟକ୍ତି ଏହା କୁହେ ଯେ, ପବିତ୍ର କୁରଆନ୍ କରୀମ୍ର କେବଳ ଅନୁବାଦ ପାଠ କରିବା ଯଥେଷ୍ଟ, ତେବେ ସେହି ବ୍ୟକ୍ତି ଏହା ଚାହିଁଥାଏ ଯେ, ପବିତ୍ର କୁରଆନ୍ କରୀମ୍ ଏହି ସଂସାରରେ ନରହୁ ।" **(ମଲଫୁଜାତ୍, ଭାଗ-3, ପୃ-265, ପ୍ରକାଶନ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବୁଓ୍ୱା)**

ସୁତରାଂ ଏହି ହିଁ ପବିତ୍ର କୁରଆନ୍ କରୀମ୍ର ଚମତ୍କାରିକତା ଓ ଏହା ଏକ ବଳିଷ୍ଠ ଚମତ୍କାର ଯେ, ପବିତ୍ର କୁରଆନ୍ କରୀମ୍ ନିଜର ପ୍ରକୃତ ଏବଂ ମୂଳ ଅବସ୍ଥାରେ ବିଦ୍ୟମାନ ରହିଛି ଏବଂ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ରେ ଏହି ଘୋଷଣା କରନ୍ତି ଯେ, إِنَّا نَحْنُ نَزَّلْنَا الذِّكْرَ وَإِنَّا لَهُ لَحَافِظُونَ **(ଅଲ୍ ହିଜର: 10)** ଅର୍ଥାତ୍ ବାସ୍ତବରେ ଆମ୍ଭେ ହିଁ ଉକ୍ତ ଉପଦେଶ ଅର୍ଥାତ ପବିତ୍ର କୁରଆନ୍ କରୀମ୍କୁ ଅବତୀର୍ଣ୍ଣ କରିଅଛୁ ଏବଂ ଆମ୍ଭେ ହିଁ ନିଶ୍ଚୟ ଏହାର ସଂରକ୍ଷଣ କରିବୁ ।

ଯେପରିକି ହ. ମସିହ୍ ମଉଦ୍ ଅ.ସ କହିଲେ ଯେ, ଏହି ଅପୂର୍ବ ଚମତ୍କାର ପ୍ରକୃତ ଆରବିକ ପଂକ୍ତିରେ ଆଜି ପର୍ଯ୍ୟନ୍ତ ଅବ୍ୟାହତ ଓ ଅନାହତ ହୋଇ ଆସୁଛି ଏବଂ ଇସ୍‌ଲାମ୍ ଧର୍ମ ଉପରେ କ୍ରୁରରୁ କ୍ରୁର ଆପତ୍ତି କରୁଥିବା ଆପତ୍ତିକାରୀମାନେ ମଧ୍ୟ ଏହାର ପ୍ରଶଂସା କରି ରହିପାରି ନାହାନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ନିଜର ପ୍ରକୃତାବସ୍ଥା ଓ ପ୍ରକତ ରୂପରେ ଆଜି ପର୍ଯ୍ୟନ୍ତ ସଂରକ୍ଷିତ ଏବ ଅକ୍ଷୁର୍ଣ୍ଣ ହୋଇ ଆସୁଛି । ଯଦି ଅନୁବାଦ ଉପରେ କେବଳ ନିର୍ଭର ଓ ଭରସା କରାଯାଇ ଥାଆନ୍ତା ତେବେ ଆମେମାନେ ଅନେକ ଅନୁବାଦ ଅବଲୋକନ କରିଥାଉ ଯାହାକି ପରସ୍ପର ଠାରୁ ସଂପୂର୍ଣ୍ଣ ଭିନ୍ନ ଅନୁବାଦ ହେଉଅଛି । କେବଳ ସେତିକି ନୁହେଁ ବରଂ ଆମେମାନେ ଯେତେବେଳେ ନିଜର (ଜମାଅତ୍ ଅହେମଦିୟାର) ସଂସାର ସମ୍ମୁଖରେ ଉପସ୍ଥାପିତ କରୁ ସେତେବେଳେ ସେମାନେ ଏହା ସ୍ୱୀକାର କରନ୍ତି ଯେ, ଏହି ଅନୁବାଦଟି ସଂପୂର୍ଣ୍ଣ ରୂପେ ଭିନ୍ନ ଏବଂ ଅନନ୍ୟ ଅଟେ । କାରଣ ଅନ୍ୟ ବିଦ୍ୱାନମାନେ ସଠିକ୍ ଅନୁବାଦ କରି ନାହାନ୍ତି । ଇସ୍‌ଲାମ୍ ଧର୍ମ ଉପରେ ଆପତ୍ତି କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଜନୈକ ବରିଷ୍ଠ ପାଦରୀ ଆମେ ପିରାପେ ପବିତ୍ର କୁରଆନ୍ କରୀମ୍ର କିଛି ଅନୁବାଦ ସଂକ୍ରାନ୍ତରେ (କେବଳ ଅନୁବାଦକୁ ନେଇଥିଲା କିନ୍ତୁ ଆରବିକ ମୂଳ ପାଠ୍ୟକୁ ନେଇ ନଥିଲା (ମୂଳ ବାକ୍ୟାଂଶକୁ ନେଇ ନଥିଲା) ସେ ଏହି ଆପତ୍ତି କରିଦେଲା ଯେ, ଇସଲାମ୍ ଧର୍ମ ଏହା କୁହେ ଓ ପବିତ୍ର କୁରଆନ୍ ଏହା କହୁଛି । ଆମେମାନେ ଯେତେବେଳେ ଉକ୍ତ ପାଦ୍‌ରୀକୁ ପବିତ୍ର କୁରଆନ୍ କରୀମ୍ର ବ୍ୟାଖ୍ୟା ପ୍ରେରଣ କଲୁ ସେତେବେଳେ ଉକ୍ତ ପାଦ୍‌ରୀର ଉତ୍ତର ମଧ୍ୟ ସେ ଆମକୁ ପ୍ରେରଣ କରିଦେଲା । ବହୁତ ଅପେକ୍ଷା କରିବା ପରେ ଏହି ଉତ୍ତର ଥିଲା ଯେ, ମୁଁ ଯେଉଁ ଅନୁବାଦ କରିଛି ତାହା ମଧ୍ୟ ଅନେକ ମୁସଲମାନମାନଙ୍କ ଦ୍ୱାରା ଲିଖିତ । ସେ ଯାହା ହେଉ ସେ ହ. ମସିହ୍ ମଉଦ୍ ଅ.ସ ହିଁ ଅଟନ୍ତି ଯେକି ଆମମାନଙ୍କୁ ଅନୁବାଦରେ ମଧ୍ୟ ମୂଳ ଆରବୀ ଲିପି ବା ଆରବୀ ପାଠର ସମୀପବର୍ତ୍ତୀ କରାଇ ଦେଇଛନ୍ତି ଏବଂ ଏହାର ସଠିକ୍ ଅର୍ଥ ଓ ବ୍ରହ୍ମଜ୍ଞାନ ଶିଖାଇଛନ୍ତି । ଏଠାରେ ପୂର୍ବ ପ୍ରସଙ୍ଗ ଅନ୍ତର୍ଗତ ବିଷୟ ସଂକ୍ରାନ୍ତରେ ଏହା ମଧ୍ୟ କହିଦେବାକୁ ଚାହେଁ ଯେ, ବିଗତ ଦିନରେ ଅହେମଦିୟତ୍ ଉପରେ କୌଣସି ଆପତ୍ତିକାରୀର ଆପତ୍ତି ଦୃଷ୍ଟିରୁ ଅତିକ୍ରମ କରେ ଯହିଁରେ ସେ କହିଥିଲା ଯେ, ମିର୍ଜା ସାହେବ ଯଦି ନବୀ (ଅବତାର) ଥିଲେ ତାହାହେଲେ ସେ ନିଜ ଜମାଅତ୍‌କୁ କାହିଁକି ଏହା କହିଲେ ଯେ, ତୁମେମାନେ ଇମାମ୍ ଅବୁ ହନିଫା ର.ଅଙ୍କୁ ଅନୁକରଣ କର । ଏହାର ଉତ୍ତର ତ' ଆପଣ ର.ଅଙ୍କ ଲେଖନୀ ଅନୁଯାୟୀ ଅନେକ ସ୍ଥାନରେ ବର୍ଣ୍ଣିତ ହୋଇଛି । ଏହା କେବେ କେଉଁଠି କୁହାଯାଇ ନାହିଁ ଯେ, ଇମାମ୍ ଅବୁ ହନିଫାଙ୍କୁ ଅନୁକରଣ କର । କିନ୍ତୁ ପବିତ୍ର କୁରଆନ୍ କରୀମ୍ ସୂତ୍ରରୁ କହି ଦେଉଛି। ଏହା ଏକ ପ୍ରାମାଣ୍ୟ ଅଟେ । ଜନୈକ କୌଣସି ବ୍ୟକ୍ତି ହ. ମସିହ୍ ମଉଦ୍ ଅ.ସଙ୍କ ମଜ୍‌ଲିସରେ ଚର୍ଚ୍ଚା କଲା ଯେ, ହନଫି ଧର୍ମରେ ପବିତ୍ର କୁରଆନ୍ କରୀମ୍ର କେବଳ ଅନୁବାଦ ପାଠ କରିବା ଯଥେଷ୍ଟ ବୋଲି ମନେକରାଯାଇଛି । ପ୍ରତ୍ୟୁତ୍ତରରେ ଆପଣ ଅ.ସ କହିଲେ, "ଯଦି ଏହା ଇମାମ୍ ଅବୁ ହନିଫାଙ୍କର ଧର୍ମମତ ତେବେ ଏହା ତାଙ୍କର ନିଜସ୍ୱ ପ୍ରମାଦ ଅଟେ ।" **(ମଲ୍‌ଫୁଜାତ୍, ଭାଗ-3, ପୃ-265, ପ୍ରକାଶନ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବଓ୍ୱା)**

ତାଙ୍କର ସେହି କଥା ପ୍ରମାଦପୂର୍ଣ୍ଣ ଥିଲା । ନିଃସନ୍ଦେହ ରୂପେ ସେ ଜଣେ ଇମାମ୍ (ଧର୍ମାଧକ୍ଷ) ଅଟନ୍ତି । ସେ ଇସ୍‌ଲାମ୍ ଧର୍ମର ଅନେକ ସେବା କରିଛନ୍ତି, ଅନେକ ସମସ୍ୟାକୁ ସେ ଏକତ୍ରିତ କରିଛନ୍ତି । କିନ୍ତୁ ଯଦି ସେ ଏହା କହିଲେ ଯେ, କେବଳ ଅନୁବାଦ ପାଠ କରିବା ହିଁ ଯଥେଷ୍ଟ ତେବେ ଏହା ପ୍ରମାଦପୂର୍ଣ୍ଣ ଅଟେ । ସେ ଯାହା ହେଉ ଅଲ୍ଲାଃତାଲା ସାଂପ୍ରତିକ କାଳରେ ପବିତ୍ର କୁରଆନ୍ କରୀମ୍ର ପ୍ରକୃତ ସଂରକ୍ଷଣ କରିବା ମାଧ୍ୟମ ସ୍ୱରୂପ ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କରିଛନ୍ତି। ଆପଣ ଅ.ସ ନିଜ ଜମାଅତ୍‌କୁ ପବିତ୍ର କୁରଆନ୍ କରୀମ୍ ବୁଝିବା ଓ ଭଲ ପାଇବା ସଂକ୍ରାନ୍ତରେ ଅନେକ ସ୍ଥାନରେ ଅନୁପ୍ରାଣିତ କରିଛନ୍ତି । ଏକ ସ୍ଥଳେ ଆପଣ ଅ.ସ କୁହନ୍ତି: "ପବିତ୍ର କୁରାନ୍ କରୀମ୍ ଆକାଶୀୟ ଆଇନ ବା ନିୟମ ଓ ମୋକ୍ଷର ପନ୍ଥା ଅଟେ।" **(ମଲ୍‌ଫୁଜାତ୍, ଭାଗ-4, ପୃ-130, ପ୍ରକାଶନ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବଓ୍ୱା)**

ଉକ୍ତ ବାକ୍ୟର ପୂର୍ବ ଏବଂ ପଶ୍ଚାଦ୍ ଭାଗରେ ଏକ ବିତର୍କ ଜନିତ ଚର୍ଚ୍ଚାର ଉଲ୍ଲେଖ ରହିଛି ଯାହାକୁ ଆପଣ ଅ.ସ ହ. ଇସା ଅ.ସଙ୍କ ମୃତ୍ୟୁ ସଂପର୍କରେ ପବିତ୍ର କୁରଆନ୍ କରୀମ୍‌ରୁ ସାବ୍ୟସ୍ତ କରିବା ପାଇଁ ଉପସ୍ଥାପିତ କରୁଛନ୍ତି। କିନ୍ତୁ ଏହା ସାଧାରଣ ନିୟମ ମଧ୍ୟ ରହିଛି ଯେ, ପବିତ୍ର କୁରଆନ୍ କରୀମ୍ ଆକାଶୀୟ ଆଇନ୍ ଅଟେ । ଏହି ଦୃଷ୍ଟିରୁ ମୋକ୍ଷର ଏକ ମାଧ୍ୟମ ଅଟେ। ଆମେ ଯଦି ଏହା ଅବଲୋକନ କରୁ କି ସାଂସାରିକ ନିୟମ ବା ଆଇନ କେବଳ ତିଆରି କରିଦେଲେ କୌଣସି ସୁଫଳ ମିଳି ନଥାଏ। ବରଂ ଯେପର୍ଯ୍ୟନ୍ତ ତାହାକୁ ପ୍ରଣୟନ କରି କାର୍ଯ୍ୟକାରୀ କରାଯାଇ ନାହିଁ । ସେପର୍ଯ୍ୟନ୍ତ ତାହା ଫଳପ୍ରଦ ହୋଇ ନଥାଏ। ସେହିପରି ପବିତ୍ର କୁରଆନ୍ କରୀମ୍ର ଆଇନ ମଧ୍ୟ ସେତେବଳେ ଫଳପ୍ରଦ ଓ ମୋକ୍ଷ ପ୍ରଦାନକାରୀ ସାବ୍ୟସ୍ତ ହୋଇଥାଏ ଯେତେବେଳେ ଏହାର ଆଦେଶାବଳୀ ଉପରେ ସଠିକ୍ ଭାବରେ କାର୍ଯ୍ୟାନୁସରଣ କରାଯାଏ। ଯଦି ଏହାର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରା ନଯାଏ ତେବେ ଏହି ଧର୍ମଗ୍ରନ୍ଥ ମୋକ୍ଷ ପପ୍ରଦାନକାରୀ ଗ୍ରନ୍ଥ କଦାପି ସାବ୍ୟସ୍ତ ହୋଇପାରିବ ନାହିଁ । ପବିତ୍ର କୁରଆନ୍ କରୀମକୁ କେବଳ ପାଠ କରିନେବା ଓ ଏହା ଉପରେ କାର୍ଯ୍ୟାନୁସରଣ ନକରିବା ଦ୍ୱାରା ମୋକ୍ଷ


**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang,
(Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"
**(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି)**

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali
& Family, Jamat Ahmadiya Kerang,
Darul Fazal (Odisha)

ପ୍ରାପ୍ତି ହୋଇପାରିବ ନାହିଁ, ଅଲ୍ଲାଃତାଲାଙ୍କର ପ୍ରସନ୍ନତା ପ୍ରାପ୍ତ ହୋଇ ପାରିବ ନାହିଁ କି ଅଲ୍ଲାଃତାଲାଙ୍କର ପୁରସ୍କାର ଓ ତାହାଙ୍କ ଅବଦାନର ଆମେମାନେ ଅଧିକାରୀ ମଧ୍ୟ ହୋଇପାରିବୁ ନାହିଁ । ସୁତରାଂ ପବିତ୍ର କୁରଆନ୍ କରୀମକୁ ବୁଝିବା ଓ ଏହା ଉପରେ କାର୍ଯ୍ୟାନୁସରଣ କରିବା ନିତାନ୍ତ ଆବଶ୍ୟକ ଅଟେ ।

ଏକ ସ୍ଥଳେ ଆପଣ ଅ.ସ କୁହନ୍ତି: "ମନେରଖ ପବିତ୍ର କୁରଆନ୍ କରୀମ ପ୍ରକୃତ କଲ୍ୟାଣର ନିର୍ଝର ଓ ମୋକ୍ଷର ମାଧ୍ୟମ ଅଟେ । ଏହା ସେମାନଙ୍କର ନିଜସ୍ୱ ପ୍ରମାଦ ତଥା ତ୍ରୁଟି ଯେ, ସେମାନେ ପବିତ୍ର କୁରଆନ୍ କରୀମ୍ ଉପରେ କାର୍ଯ୍ୟାନୁସରଣ କରୁ ନାହାନ୍ତି । ପବିତ୍ର କୁରାନ୍ କରୀମ୍ ଉପରେ କାର୍ଯ୍ୟାନୁସରଣ ନକରୁଥିବା ଗୋଷ୍ଠୀଙ୍କ ମଧ୍ୟରୁ ଏକ ଗୋଷ୍ଠୀକୁ ପବିତ୍ର କୁରଆନ୍ କରୀମ୍ ଉପରେ ଆସ୍ଥା ଓ ବିଶ୍ୱାସ ନାହିଁ ଏବଂ ସେମାନେ ପବିତ୍ର କୁରଆନ୍ କରୀମକୁ ଈଶ୍ୱରଙ୍କ ବାଣୀ ବୋଲି ମନେ କରନ୍ତି ନାହିଁ । ଏମାନେ ସତ୍ୟ ଠାରୁ ବହୁତ ଦୂରେଇ ଯାଇଛନ୍ତି । କିନ୍ତୁ ସେହି ଲୋକମାନେ ଯେଉଁମାନେ ଏହା ଉପରେ ବିଶ୍ୱାସ କରନ୍ତି ଅର୍ଥାତ ପବିତ୍ର କୁରଆନ୍ ହେଉଛି ଅଲ୍ଲାଃତାଲାଙ୍କର ବାଣୀ ଏବଂ ମୋକ୍ଷର ଆରୋଗ୍ୟ ପ୍ରଦାନକାରୀ ପଥ୍ୟ ଅଟେ । ଏହି ବିଶ୍ୱାସ ଆଣିଥିବା ଗୋଷ୍ଠୀ ଯଦି ଏହା ଉପରେ (ପବିତ୍ର କୁରଆନ୍ ଉପରେ) କାର୍ଯ୍ୟାନୁସରଣ ନକରନ୍ତି ତେବେ କେଡ଼େ ଆଶ୍ଚର୍ଯ୍ୟ ଓ ଅତ୍ୟନ୍ତ ଦୁଃଖଦାୟକ ପ୍ରସଙ୍ଗ । ତନ୍ମଧ୍ୟରୁ ଅନେକ ଲୋକ ଏପରି ମଧ୍ୟ ଅଛନ୍ତି ଯେଉଁମାନେ ନିଜର ସମଗ୍ର ଜୀବନ କାଳ ମଧ୍ୟରେ ଏହାକୁ ଥରୁଟିଏ ମଧ୍ୟ ପାଠ କରି ନାହାନ୍ତି । ସୁତରାଂ ଏପରି ବ୍ୟକ୍ତିମାନେ ଯେଉଁମାନେ ପ୍ରଭୁଙ୍କ ବାଣୀରୁ ଏଭଳି ଅବଚେତନ ଓ ଭୃକ୍ଷେପହୀନ ଅଟନ୍ତି ସେମାନଙ୍କର ଉଦାହରଣ ଏପରି ଯେପରିକି ଜଣେ ବ୍ୟକ୍ତିକୁ ଏହା ଜଣା ଅ ଛି ଯେ, ଅମକ ଝରଣା ଏବଂ ଝରଣାର ଜଳ ଅତ୍ୟନ୍ତ ସ୍ୱଚ୍ଛ, ପରିଷ୍କାର ଓ ମଧୁର ତଥା ଶୀତଳ ଅଟେ । ଏହି ଝରଣାର ଜଳ ଅନେକ ରୋଗ ସକାଶେ ଅମୃତୌଷଧି ବା ମହୌଷଧି ତଥା ଆରୋଗ୍ୟ ପ୍ରଦାନକାରୀ ଅଟେ । ଏହି ଜ୍ଞାନଟି ତାକୁ ନିଃସନ୍ଦେହ ଅଟେ । କିନ୍ତୁ ଏହି ଜ୍ଞାନ ସତ୍ତ୍ୱେ, ତୃଷାର୍ତ୍ତ (ଶୋଷିଲା) ହେବା ସତ୍ତ୍ୱେ ଅନେକ ରୋଗରେ ଆକ୍ରାନ୍ତ ହେବା ସତ୍ତ୍ୱେ ସେ ଯଦି ସେହି ଝରଣା ନିକଟକୁ ନଯାଏ ତେବେ ଏହା ତା'ରଣ ଦୁର୍ଭାଗ୍ୟ ଓ ମୂର୍ଖତା ଅଟେ। ତା' ପକ୍ଷେ ଏହା ଉଚିତ୍ ଥିଲା ଯେ, ସେ ସେହି ଝରଣାର ଜଳରେ ମୁହଁ ରଖି ଦେଇ ଥାଆନ୍ତା ଏବଂ ସେଚିତ ହୋଇ ତା'ର ଆନନ୍ଦଦାୟକ ଏବଂ ଆରୋଗ୍ୟପ୍ରଦାନକାରୀ ଜଳରୁ ଲାଭାନ୍ୱିତ ହୋଇଥାଆନ୍ତି ? କିନ୍ତୁ ତା'କୁ ଜ୍ଞାତ ହେବା ସତ୍ତ୍ୱେ ସେ ତହିଁରୁ ସେହିପରି ଦୂର ଯେପରିକି ଜଣେ ବ୍ୟକ୍ତିକୁ ଉକ୍ତ ଝରଣା ସଂକ୍ରାନ୍ତରେ ଜ୍ଞାତ ହେବା ସତ୍ତ୍ୱେ ଅନବଗତ ଓ ଅପରିଚିତ ଅଟେ ।"**(ମଲ୍‌ଫୁଜାତ୍, ଭାଗ-4, ପୃ-140, ପ୍ରକାଶନ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବ୍‌ୱା)**

ହୁଜୁର ଅନ୍‌ୱର୍ ଅ.ବ କହିଲେ: ଅଲ୍ଲାଃତାଲା ଆମମାନଙ୍କୁ ହ. ମସିହ୍ ମଉଦ୍ ଅ.ସଙ୍କର ଏହି ବାର୍ତ୍ତାକୁ, ସେହି ବେଦନାପୂର୍ଣ୍ଣ ଶବ୍ଦାବଳୀକୁ ହୃଦୟଙ୍ଗମ କରି ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରିବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ। ଆମମାନଙ୍କର ବୈଅତ୍‌ର ପ୍ରକୃତ ଅଧିକାର ସେହି ସ୍ଥଳେ ସମ୍ପାଦିତ ହେବ ଯେତେବେଳେ ଆମେମାନେ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାକୁ ନିଜ ଉପରେ ଲାଗୁ କରିବୁ ଓ ଯେପରିକି ପୂର୍ବେ ବର୍ଣ୍ଣିତ ହୋଇଛି ଯେ, ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ପ୍ରତ୍ୟେକ ମନ୍ଦ କର୍ମ, ପାପ ଠାରୁ ନିବୃତ୍ତ ରହିବା, ବର୍ତ୍ତିବା ତଥା ପବିତ୍ର କୁରଆନ୍ କରୀମ୍‌ରେ ବର୍ଣ୍ଣିତ ପ୍ରତ୍ୟେକ ପୁଣ୍ୟାବଳୀକୁ ଅବଲମ୍ବନ କରିବା ଏବଂ ଏହାକୁ ଆପଣାଇବା ନିମନ୍ତେ ଆପ୍ରାଣ ଉଦ୍ୟମ କରିବା ଉଚିତ୍ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ପବିତ୍ର କୁରଆନ୍ କରୀମ୍ କେବଳ ଏତେକି ଚାହୁଁ ନାହିଁ ଯେ, ମନୁଷ୍ୟ ଶିର୍କ (ଈଶ୍ୱରଙ୍କ ସହିତ ଅନ୍ୟକୁ ସମକକ୍ଷ କରିବା)କୁ ପରିତ୍ୟାଗ କରି ଯଥେଷ୍ଟ ବୋଲି ମନେ ନକରୁ ଯେ, ବାସ୍ ବର୍ତ୍ତମାନ ମୁଁ ଜଣେ ପୂର୍ଣ୍ଣ ଓ ଅଭିଜ୍ଞ ବ୍ୟକ୍ତି ହୋଇଗଲି । ବରଂ ପବିତ୍ର କୁରଆନ୍ କରୀମ୍ ମନୁଷ୍ୟକୁ ସର୍ବୋଚ୍ଚ ସ୍ତରର ପୂର୍ଣ୍ଣତ୍ୱତା, ଉତ୍ତମ ଚରିତ୍ରବତ୍ତା ନାମରେ ନାମିତ (ପରିଗଣିତ) କରିବାକୁ ଚାହିଁଥାଏ । କାରଣ ମନୁଷ୍ୟ ଦ୍ୱାରା ଏଭଳି କର୍ମ ଓ କୃତ୍ୟ ସମ୍ପାଦିତ ହେଉ ଯାହାକି ମାନବ ଜାତିର କଲ୍ୟାଣ ଓ ସାହାନୁଭୂତି ଉପରେ ପର୍ଯ୍ୟବେସିତ ହୋଇଥିବ ଏବଂ ସେହି କର୍ମ ଓ କୃତ୍ୟର ପରିଣାମ ଏହା ହେବ ଯେ, ଅଲ୍ଲାଃତାଲା ତହିଁରୁ (ସେହି କର୍ମ ଓ କୃତ୍ୟରୁ) ପ୍ରସନ୍ନ ହୋଇଯାଆନ୍ତୁ ।"**(ମଲ୍‌ଫୁଜାତ୍, ଭାଗ-4, ପୃ-208, ପ୍ରକାଶନ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବ୍‌ୱା)**

ଅତଏବ୍ ଜଣେ ବିଶ୍ୱାସକାରୀକୁ ପବିତ୍ର କୁରଆନ୍ କରୀମ୍ ସହିତ ପ୍ରକୃତ ପ୍ରେମ ରହିଛି ତେବେ ସେ ସେହି ସ୍ତର ପର୍ଯ୍ୟନ୍ତ ସ୍ୱୟଂ ପହଞ୍ଚିବା ପାଇଁ ପ୍ରୟାସ କରିବ ଓ ଆଗକୁ ମଧ୍ୟ କରିଥାଏ ତଥା ନିଜର ସନ୍ତାନ ସନ୍ତତିଙ୍କୁ ସେହି ସ୍ତର ପର୍ଯ୍ୟନ୍ତ ନେଇଯିବା ପାଇଁ ଉଦ୍ୟମ କରିବ । ଯପରିକି ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ପାପ, ହିଂସା ଓ ଅପକର୍ମରୁ ଅଟକିଯିବା କୌଣସି ବାହାଦୁରି (ବଡ଼ କଥା) ନୁହଁ । ଏହା ହିଁ କେବଳ ଆମର ପରମ ଅଭିପ୍ରାୟ ହେବା ଉଚିତ୍ ନୁହଁ । ବରଂ ଆମମାନଙ୍କୁ ନିଜର ଲକ୍ଷ୍ୟ ବଡ଼ ରଖିବା ଉଚିତ୍ ଓ ଏହାକୁ ପ୍ରାପ୍ତ କରିବା ନିମନ୍ତେ ଉଦ୍ୟମ କରିବା ଉଚିତ୍ । କାରଣ ପବିତ୍ର କୁରାନ୍ କରୀମ୍‌ରେ ବର୍ଣ୍ଣିତ ସମସ୍ତ ପ୍ରକାରର ପୁଣ୍ୟାବଳୀକୁ ନିଜ ଉପରେ ଲାଗୁ କରିବା ପାଇଁ ଉଦ୍ୟମ କରନ୍ତୁ । ଯେତେବେଳେ ଏହି ଉଦ୍ୟମ ଆବାଳ ବୃଦ୍ଧ ବନୀତା କରିବେ ସେତେବେଳେ ଏକ ସୁସ୍ଥ ଓ ପବିତ୍ର ସମାଜ ଗଠନ ହେବ । ସେହି ସମାଜ ସ୍ଥାପିତ ହେବ ଯେଉଁ ସମାଜ ସ୍ଥାପନ କରିବାକୁ ଇସ୍‌ଲାମ୍ ଧର୍ମ ଇଚ୍ଛା ପ୍ରକାଶ କରିଛି । ଦୈନନ୍ଦିନ ଇସ୍‌ଲାମ୍ ଧର୍ମ ଓ ପବିତ୍ର କୁରଆନ୍ କରୀମ୍ ଉପରେ ଆପତ୍ତି କରୁଥିବା ଯେଉଁ ଆପତ୍ତିକାରୀମାନେ ରହିଛନ୍ତି ସେମାନଙ୍କ ମୁହଁ ମଧ୍ୟ ବନ୍ଦ ହୋଇଯିବ ।"

ଏଠାରେ (ଲଣ୍ଡନରେ) ଦୁଇଟି ମହିଳାଙ୍କର ଆଜି ଯଶୋଗାନ ହେଉଅଛି । ସେହି ଦୁଇ ଜଣ ମହିଳା ଇସ୍‌ଲାମ୍ ଧର୍ମର ନିୟମାବଳୀ ଉପରେ ଆପତ୍ତି କରିବାରେ ସୀମା ଲଂଘନ କରିଯାଇଛନ୍ତି । ସେହି ଦୁଇ ଜଣ ମହିଳା ବିଭିନ୍ନ ସ୍ଥାନରେ ଇସ୍‌ଲାମ୍ ବିରୋଧୀ ଭାଷଣ ଦେଉଛନ୍ତି। ବିଗତ ଦିନ ଖୁଦ୍ଦାମୁଲ୍ ଅହେମଦିୟା ୟୁ.କେ (U.K)ର ମିଳି ଆନୁକୂଲ୍ୟରେ ୟୁ.ସି.ଏଲ୍ (UCL) ଠାରେ ଏକ ବିତର୍କ ହୋଇଥିଲା । ସେମାନଙ୍କ ସହିତ ଏକ ଡିବେଟ୍ (Debate) ବିତର୍କ ହେଲା । ଏହି ବିତର୍କକୁ ଏକ ବିଶ୍ୱବିଦ୍ୟାଳୟର ପରିଚାଳନା କମିଟି ଆୟୋଜିତ କରିଥିଲା। ସେହି ବିତର୍କରେ ସେହି ଦୁଇଜଣ ମହିଳା ଏବଂ ସେମାନଙ୍କର ଯେଉଁ ଶୈଳୀ ରହିଥିଲା ସେମାନେ ନିଜ ତରଫରୁ ଇସ୍‌ଲାମ୍ ଧର୍ମ ଉପରେ ପୁଳା ପୁଳା ଆପତ୍ତି କରି ଚାଲିଥିଲେ । କିନ୍ତୁ ଆମର ଜଣେ ଖୁଦ୍ଦାମ୍ ଯେକି ପାକିସ୍ତାନୀ ଓରିଜିନ୍ (Origin) ମୂଳ ବଂଶୋଭବ ଅଟନ୍ତି ଏବଂ ଏଠାରେ ଆମ ୟୁ.କେର ଯାମିଆରେ ପାଠ ପଢନ୍ତି, ସେ ଯାମିଆର ଛାତ୍ର ଅଟନ୍ତି ଏବଂ ଅନ୍ୟ ଜଣେ ଇଂରେଜ ନବ ଦୀକ୍ଷିତ ଅଟନ୍ତି । ସେହି ଦୁଇ ଜଣ ଖୁଦ୍ଦାମ୍ ସେମାନଙ୍କୁ ନିରୁତ୍ତରମୂଳକ ଓ ପ୍ରମାଣଭିତ୍ତିକ ଉତ୍ତର ପବିତ୍ର କୁରଆନ୍ କରୀମ୍‌ରୁ ଓ ପବିତ୍ର କୁରଆନୀୟ ଶିକ୍ଷାନୁଯାୟୀ ଦେଲେ । ଯେତେବେଳେ ସେହି ଦୁଇ ମହିଳାଙ୍କୁ ଇସଲାମୀୟ ଶିକ୍ଷାନୁଯାୟୀ ଉତ୍ତର ଦିଆଗଲା ସେତେବେଳେ ସେହି ଦୁଇ ମହିଳା ଜଣକ କ୍ରୋଧ ଜର୍ଜରିତ ହୋଇ କେବଳ ମନସ୍ତାପ କଲେ । ତାହା ନୁହେଁ ବରଂ ସେହି ଦୁଇ ମହିଳାଙ୍କର ସମର୍ଥକମାନେ ମଧ୍ୟ ସେମାନଙ୍କର ଏହି ଅବସ୍ଥା ଉପରେ ଯେପରି ସେମାନେ ଆପତ୍ତି ଉପସ୍ଥାପିତ କରୁଥିଲେ ଅତ୍ୟନ୍ତ ଆଗକୁ ବଢି ଦୁଃଖ ପ୍ରକାଶ କଲେ । ଏହିପରି ଭାବରେ ଅଲ୍ଲାଃତାଲାଙ୍କ କୃପାରୁ ଇସ୍‌ଲାମୀୟ ଅହେମଦି ଖୁଦ୍ଦାମ୍ (ଯୁବକ)ଙ୍କ ମାଧ୍ୟମରେ ଇସ୍‌ଲାମୀୟ ଶିକ୍ଷା ଜୟଯୁକ୍ତ ହେଲା ।ସୁତରାଂ ଆମମାନଙ୍କୁ ପବିତ୍ର କୁରଆନ୍ କରୀମ୍ ବୁଝିବା ପ୍ରତି ବହୁତ ଚେଷ୍ଟା କ୍ରିବା ଉଚିତ୍, ଏହା ଉପରେ କାର୍ଯ୍ୟାନୁସରଣ କରିବା ପ୍ରତି ଉଦ୍ୟମ ମଧ୍ୟ କରିବା ଉଚିତ୍ । ତେବେ ଯାଇ ଆମ ନିଜ ଘର ମଧ୍ୟ ସ୍ୱର୍ଗପୁର ପାଲଟିଯିବ ଏବଂ ନିଜର ସମାଜ ତଥା ପରିବେଶରେ ମଧ୍ୟ ଆମେମାନେ ତବ୍‌ଲିଗର ସଠିକ୍ କର୍ତ୍ତବ୍ୟ ସମ୍ପାଦନକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇପାରିବୁ ।

ପବିତ୍ର କୁରଆନ୍ କରୀମ୍‌ର ଆବୃତ୍ତି କରିବାର ଶୈଳୀ ସଂପର୍କରେ

ଶିକ୍ଷା ପ୍ରଦାନ କରି ଆପଣ ଅ .ସ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍‌କୁ ଧ୍ୟାନପୂର୍ବକ ଓ ଚିନ୍ତାପୂର୍ବକ ପାଠ କରିବା ଉଚିତ୍ । ଶିଷ୍ଟ ହଦିସ୍‌ରେ ଉଲ୍ଲେଖ ରହିଛି ଯେ, رُبَّ قَارٍ یَلۡعَنُہُ الۡقُرۡاٰنُ ଅର୍ଥାତ ପବିତ୍ର କୁରଆନ୍ କରୀମ୍‌ର ଏପରି ଅନେକ କାରି (ପାଠକାରୀ) ଅଛନ୍ତି ଯେଉଁମାନଙ୍କ ଉପରେ ପବିତ୍ର କୁରଆନ୍ କରୀମ୍ ଅଭିଶାପ ପ୍ରେରଣ କରିଥାଏ । ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍ ପାଠ କରେ ଓ ଏହା ଉପରେ କାର୍ଯ୍ୟାନୁସରଣ କରେ ନାହିଁ ତେବେ ପବିତ୍ର କରୁଆନ୍ କରୀମ୍ ଏହିପରି ବ୍ୟକ୍ତି ଉପରେ ଅଭିଶାପ ପ୍ରେରଣ କରିଥାଏ । ତିଲାୱତ୍ କରିବା ସମୟରେ ଯେତେବେଳେ ପବିତ୍ର କୁରଆନ୍ କରୀମର ରହେମତ୍ (ଦୟାମୂଳକ ଆୟତ) ମଧ୍ୟ ଦେଇ ଅତିକ୍ରମ କର ସେତେବେଳେ ସେଠାରେ ପ୍ରଭୁଙ୍କ ଠାରୁ କୃପା ଭିକ୍ଷା କରାଯାଉ ଏବଂ ଯେଉଁଠି କୌଣସି ଜାତି ଉପରେ ପ୍ରଭୁଙ୍କର କୋପ ଅବତୀର୍ଣ୍ଣ ହୋଇଥିବା ଚର୍ଚ୍ଚା ମିଳେ ସେଠାରେ ପ୍ରଭୁଙ୍କର କୋପ ଶାସ୍ତି ଠାରୁ ପ୍ରଭୁଙ୍କ ସମ୍ମୁଖରେ ଆଶ୍ରୟ ଭିକ୍ଷା ନିମନ୍ତେ ଅନୁରୋଧ କରାଯାଉ । ପବିତ୍ର କୁରଆନ୍ କରୀମ୍‌କୁ ଧ୍ୟାନପୂର୍ବକ ତଥା ବିଚାରପୂର୍ବକ ପାଠ କରିବା ଉଚିତ୍ ଓ ଏହା ଉପରେ କାର୍ଯ୍ୟାନୁସରଣ କରିବା ଉଚିତ୍ । **(ମଲ୍‌ଫୂଜାତ୍, ଭାଗ-5, ପୃ-157, ପ୍ରକାଶନ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବ୍‌ୱା)**

ଏହି ସ୍ଥିତି ସେତିକିବେଳେ ସମ୍ଭବ ହୋଇପାରିବ ଯେତେବେଳେ ପବିତ୍ର କୁରଆନ୍ କରୀମ୍‌ର ମହତ୍ତ୍ୱ ସଂପର୍କରେ ମନୁଷ୍ୟ ଆକଳନ କରିବ ଏବଂ ପବିତ୍ର କୁରଆନ୍ କରୀମ୍ ସହିତ ବିଶେଷ ସଂପର୍କ ମନୁଷ୍ୟ ଥିବ । ସୁତରାଂ ଏହି ମହତ୍ତ୍ୱ ତଥା ବିଶେଷ ସଂପର୍କ ଆମେମାନେ ନିଜ ମନରେ ପବିତ୍ର କୁରଆନ୍ କରୀମ୍ ନିମନ୍ତେ ସୃଷ୍ଟି କରିବା ଉଚିତ୍। କେତେକ ଲୋକମାନଙ୍କର ଏହି ଆଳ ଓ କହିବା ହେତୁ କି ପବିତ୍ର କୁରଆନ୍ କରୀମକୁ ବୁଝିବା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଅଟେ । ଏ ସମ୍ବନ୍ଧରେ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ''କେତେକ ଲୋକ କୁହନ୍ତି ଯେ, ଆମେମାନେ ପବିତ୍ର କୁରଆନ୍ କରୀମକୁ ବୁଝିପାରୁ ନାହୁଁ । ସେଇଁଥିପାଇଁ ଆମେମାନେ ଏଥିପ୍ରତି ଧ୍ୟାନ ଦେଉ ନାହୁଁ ଓ ଏଥିପ୍ରତି ଧ୍ୟାନ ଦେବା ଅନୁଚିତ୍ ଅଟେ । ପବିତ୍ର କୁରଆନ୍ କରୀମ ବହୁତ କ୍ଳିଷ୍ଟପୂର୍ଣ୍ଣ ଗ୍ରନ୍ଥ ଅଟେ । ଏହା ହେଉଛି ସେମାନଙ୍କର ନିଜସ୍ୱ ପ୍ରମାଦ ଓ ତ୍ରୁଟି । ପବିତ୍ର କୁରଆନ୍ କରୀମ୍ ବିଶ୍ୱାସ ଓ ଆସ୍ଥା ଜନିତ ସମସ୍ୟାକୁ ଏଭଳି ସ୍ୱଷ୍ଟ ଏବଂ ଆଳଂକାରିକ ଶୈଳୀରେ ବୁଝାଇ ଦେଇଛି ଯାହାକି ଅନନ୍ୟ ଓ ଅଦୃଷ୍ଟାନ୍ତନୀୟ ଅଟେ। ଏହାର ପ୍ରମାଣ ହୃଦୟ ଉପରେ ପ୍ରଭାବ ପକାଇଥାଏ । ଏହି ପବିତ୍ର କୁରଆନ୍ କରୀମ୍ ଏଭଳି ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ଆଳଂକାରିକ ଭାଷା ଯେ, ଆରବର ପୁର ପଲ୍ଲୀ ଏବଂ ଆଦିବାସୀମାନେ ଯେଉଁମାନେ ସଂପୂର୍ଣ୍ଣ ରୂପେ ନିରକ୍ଷର ଥିଲେ ସେମାନଙ୍କୁ ପବିତ୍ର କୁରଆନ୍ କରୀମ୍ ବୁଝାଇ ଦେଇଥିଲା ତେବେ ବର୍ତ୍ତମାନ କାହିଁକି ତୁମେମାନେ ଏହାକୁ ବୁଝି ପାରିବ ନାହିଁ ।''**(ମଲ୍‌ଫୁଜାତ୍, ଭାଗ-5, ପୃ-177, ପ୍ରକାଶନ ବର୍ଷ-2003 ମସିହା, ପ୍ରକାଶନ ସ୍ଥାନ-ରବ୍‌ୱା)**

ସାଂପ୍ରତିକ ଯୁଗରେ ତ' ଅଲ୍ଲାଃତାଲାଙ୍କର ଆମମାନଙ୍କ ଉପରେ ଏହି ମହୋପକାର ରହିଛି ଓ ଆମମାନଙ୍କ ଉପରେ ଏହି ଉପକାର କରି ଅଲ୍ଲାତାଲା ହ. ମସିହ୍ ମଉଦ୍ ଅ.ସଙ୍କୁ ପ୍ରେରଣ କରିଛନ୍ତି । ଆପଣ ଅ.ସ ଆମମାନଙ୍କୁ କେବଳ୍ୟ ପ୍ରକାଶ୍ୟ ଆଦେଶାବଳୀ ସଂକ୍ରାନ୍ତରେ ସୂଚନା ପ୍ରଦାନ କଲେ ନାହିଁ ବରଂ ପବିତ୍ର କୁରଆନ୍ କରୀମ୍‌ର ଗଭୀର ସତ୍ୟତା ଓ ବ୍ରହ୍ମଜ୍ଞାନକୁ ଆମ ସମ୍ମୁଖରେ ଖୋଲି ବର୍ଣ୍ଣନା କରିଦେଇଛନ୍ତି। وَّ اٰخَرِیۡنَ مِنۡہُمۡ لَمَّا یَلۡحَقُوۡا بِہِمۡ **(ଅଲ୍ ଜୁମା:4)** ଏବଂ ସେମାନଙ୍କ ବ୍ୟତୀତ ଅନ୍ୟ ଏକ ସଂପ୍ରଦାୟରେ ମଧ୍ୟ ସେ ତାହାଙ୍କୁ ପ୍ରେରଣ କରିବେ ଯେଉଁମାନେ ଅଦ୍ୟାବଧି (ଏଯାବତ୍) ସେମାନଙ୍କ ସହିତ ଯୋଗଦାନ କରି ନାହାନ୍ତି। ଉକ୍ତ ଆୟତ୍‌ର କଲ୍ୟାଣ ଆମମାନଙ୍କୁ ପ୍ରାପ୍ତ ହୋଇଛି । ସୁତରାଂ ଯେଉଁ ନିଧି ଆପଣ ଅ.ସ ଆମମାନଙ୍କୁ ପ୍ରଦାନ କରିଛନ୍ତି ସେହି ନିଧିରୁ ଆମମାନଙ୍କୁ ରତ୍ନ ମାଣିକ୍ୟ ଆଦି ଏକତ୍ରିତ କରିବାକୁ ଉଦ୍ୟମ କରିବା ଉଚିତ୍ । ଏହା ସେତେବେଳେ ପର୍ଯ୍ୟନ୍ତ ସମ୍ଭବ ହୋଇପାରିବ ନାହିଁ ଯେପର୍ଯ୍ୟନ୍ତ ଆମେମାନେ ତାହାକୁ (ପବିତ୍ର କୁରଆନ୍ ଓ ହ. ମସିହ୍ ମଉଦ୍ ଅ.ସଙ୍କୁ) ପ୍ରକୃତ ରୂପେ ପ୍ରେମକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇଯାଇ ନାହୁଁ । ଜମାଅତ୍ ବାହାରେ ମୁସଲମାନମାନଙ୍କ ମଧ୍ୟରେ, ସଂସାରରେ ଏପରି ଅନେକ ଲୋକମାନେ ଅଛନ୍ତି ଯେଉଁମାନଙ୍କର କିରଅତ୍ (ପଠନ ଶୈଳୀ) ଅତ୍ୟନ୍ତ ସୁନ୍ଦର ଅଟେ । ସେମାନେ ପୁରସ୍କାର ପ୍ରତୀଯୋଗୀତରେ ଅଂଶ ଗ୍ରହଣ କରି ସେମାନେ ପୁରସ୍କୃତ ହୋଇଥାଆନ୍ତି, ସେମାନଙ୍କର ବଡ଼ ବଡ଼ ରେକର୍ଡ଼ିଂର କ୍ୟାସେଟ୍ ସଂସାରରେ ବାଜିଥାଏ। କିନ୍ତୁ ଏସବୁ ସତ୍ତ୍ୱେ ସୁପଠନ ଶୈଳୀ ବ୍ୟକ୍ତିଙ୍କ ମଧ୍ୟରୁ କେତେକ ଲୋକ ଏପରି ମଧ୍ୟ ଅଛନ୍ତି ଯେଉଁମାନଙ୍କୁ ପବିତ୍ର କୁରଆନ୍ କରୀମ୍‌ର ଅର୍ଥ ଯଥାର୍ଥ ମଧ୍ୟ ଜଣା ନାହିଁସେମାନ ତତସଂପର୍କରେ ଅବହିତ ନୁହନ୍ତି । କେବଳ ସେତିକି ନୁହେଁ ବରଂ ବଡ଼ ବଡ଼ ବିଦ୍ୱାନ୍‌ମାନେଙ୍କୁ ମଧ୍ୟ ଏହାର ଅର୍ଥ ଜଣା ନାହିଁ । ସେଇଥିପାଇଁ ଇସଲାମ୍ ଧର୍ମରେ ଅନେକ କାଳ ଧରି ନାସିଖ୍ ଓ ମନ୍‌ସୁଖ୍ (ରଦ୍ଦକାରୀ ଓ ରଦ୍ଦ (ନିରସ୍ତ))ର ଏକ ଦୀର୍ଘତମ ପରମ୍ପରା ଅବ୍ୟାହତ ରହିଆସିଛି । ପୁନଶ୍ଚ ଏବେ ମଧ୍ୟ କେତେକ ଆୟତ୍ ସଂପର୍କରେ ସେମାନେ ବୁଝିପାରୁ ନାହାନ୍ତି । ଅର୍ଥାତ ହ. ଇସା (ଯୀଶୁ ଖ୍ରୀଷ୍ଟ) ଅ.ସଙ୍କ ମୃତ୍ୟୁର ପ୍ରସଙ୍ଗ ମଧ୍ୟ ତନ୍ମଧ୍ୟରେ ଅନ୍ତର୍ଭୁକ୍ତ ରହିଛି । ସେ ଯାହା ହେଉ ଏମାନେ ପବିତ୍ର କୁରଆନ୍ କରୀମ୍‌ରେ ସେହି ଭାବାର୍ଥ, ଉଦ୍ଦେଶ୍ୟ, ପ୍ରୟୋଜନୀୟତା ତଥା ଯଥାର୍ଥତା ଠାରୁ ଅନବଗତ ଅଟନ୍ତି। ଏଥିସଂକ୍ରାନ୍ତରେ ଆକଳନକାରୀଙ୍କ ନିମନ୍ତେ ଏକ ହଦିସ୍ ରହିଛି ତାହା ଏହିକି ଯେ, ହ. ଅବବାସ୍ ବିନ୍ ଅବଦୁଲ୍ ମୁତଲ୍ଲିବ୍ ର.ଅ ବର୍ଣ୍ଣନା କରନ୍ତି: ''ମୁଁ ଆଁହଜରତ ସ.ଅଙ୍କୁ ଏହା କହୁଥିବାର ଶୁଣିଲି ଯେ, ସେହି ଯୁଗ ଆସିବ ଯେତେବେଳେ ପବିତ୍ର କୁରଆନ୍ କରୀମ୍‌ର ତିଲାୱତ୍‌କାରୀ (ଆବୃତ୍ତିକାରୀ) ଏପରି ବ୍ୟକ୍ତି ସୃଷ୍ଟି ହୋଇଯିବେ ଯେଉଁମାନେ ବଡ଼ ବଡ଼ ନିରର୍ଥକ, ସାରହୀନ କଥା କହିବେ, ବାହାପିଆ ଗପିବେ ଓ ବଡ ବଡ଼ କଥା କହିବେ ଯେ, ଆମ ଠାରୁ ବଡ଼ କାରି ଆଉ କିଏ ଅଛି ? ଆମ ଠାରୁ ବଡ଼ ବିଦ୍ୱାନ କିଏ ଅଛି ? ପୁନଶ୍ଚ ଆପଣ ସ.ଅ ନିଜ ସାହାବାମାନଙ୍କୁ ପଚାରିଲେ ଯେ, କ'ଣ ତୁମମାନଙ୍କ ଏହିପରି ବ୍ୟକ୍ତିମାନଙ୍କ ମଧ୍ୟରେ କୌଣସି ପୁଣ୍ୟ କଥା ଦୃଶ୍ୟମାନ ହେଉଛି କି ? ସାହାବାମାନେ କହିଲେ, କଦାପି ନୁହଁ । ପ୍ରତ୍ୟୁତ୍ତରରେ ଆଁହଜରତ ସ.ଅ କହିଲେ, ଏହି ଲୋକମାନେ ତୁମମାନଙ୍କ ଠାରୁ ଓ ଏହି ସଂପ୍ରଦାୟ ମଧ୍ୟରୁ ହିଁ ଅନ୍ୟତମ ହେବେ । କିନ୍ତୁ ସେମାନେ ନର୍କାଗ୍ନୀର ଇନ୍ଧନ ହେବେ । **(ମଜ୍‌ମା ଅଜ୍ ଜୱାଏଦ୍ ଓ ମମ୍ବଉଲ୍ ଫୱାଏଦ୍, କିତାବୁଲ୍ ଇଲମ୍, ବାବ୍ କରାହିୟତୁଦ୍ ଦାୱା, ହଦିସ୍ ନଂ-876, ଭାଗ-1, ପୃ-251-252, ଦାରୁଲୁ କୁତୁବୁଲ୍ ଇଲମିୟାହ୍ ବୈରୁତ୍, 2001 ମସିହା, ମସନଦ୍ ଅଲ୍ ବଜାର, ମସନଦୁଲ୍ ଅବ୍‌ବାସ୍ ବିନ୍ ଅବଦୁଲ୍ ମୁତଲ୍ଲିବ୍, ଭାଗ-2, ପୃ -218)**

ସୁତରାଂ ଅଲ୍ଲାଃତାଲାଙ୍କ କୃପାର ଅଧିକାରୀ କରୁଥିବା ଏବଂ ଅଲ୍ଲାଃତାଲାଙ୍କ ସାମୀପ୍ୟତା ପ୍ରଦାନକାରୀ ଓ ନର୍କାଗ୍ନିରୁ ସୁରକ୍ଷା ପ୍ରଦାନ କରୁଥିବା ପ୍ରକୃତ ବସ୍ତୁ ହେଉଛି ବିନୀତତା ଦ୍ୱାରା ପବିତ୍ର କୁରଆନ୍ କରୀମ୍‌କୁ ବୁଝି ଏହା ଉପରେ କାର୍ଯ୍ୟାନୁସରଣ କରିବା । ଏହାକୁ ନିଜର ପେଶା (ବୃତ୍ତି) ନକରି ବରଂ ଏହାକୁ ଭଲ ପାଇବା ଉଚିତ୍ । ଆଜି ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ଅହେମଦିର ଏହି କର୍ତ୍ତବ୍ୟ ରହିଛି ଯେ, ସେ ଏହା (ପବିତ୍ର କୁରଆନ୍ କରୀମ୍) ଉପରେ ଧ୍ୟାନ ଦେଉ ଓ ତହିଁରୁ ପୁଣ୍ୟ ପ୍ରାପ୍ତି କରିବା ନିମନ୍ତେ ଅକ୍ଲାନ୍ତ ଉଦ୍ୟମ ମଧ୍ୟ କରୁ ।

ହ. ମସିହ୍ ମଉଦ୍ ଅ.ସ **'କିଶ୍‌ତି ନୁହ୍'**ର ଏକ ସ୍ଥାନରେ କୁହନ୍ତି: ''ତୁମେମାନେ ସାବଧାନ ଓ ସତର୍କ ରୁହ, ପ୍ରଭୁଙ୍କ ଶିକ୍ଷା ଓ ପବିତ୍ର କୁରଆନ୍ କରୀମ୍‌ର ମାର୍ଗଦର୍ଶନ ବିରୁଦ୍ଧରେ ପାଦେ ଆଗକୁ ବଢାଅ ନାହିଁ । ମୁଁ ତୁମକୁ ସତ ସତ କହୁଛି ଯେ, ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌ର 700 ଆଦେଶାବଳୀ ମଧ୍ୟରୁ ଗୋଟିଏ ଆଦେଶାବଳୀକୁ ପରିତ୍ୟାଗ କରିଦିଏ (ଅବମାନନା କରେ) ତେବେ ସେହି ବ୍ୟକ୍ତି ମୋକ୍ଷର ଦ୍ୱାର ନିଜ ହସ୍ତରେ ନିଜ ପାଇଁ ବନ୍ଦ କରିଥାଏ । ପ୍ରକୃତ ଓ ସଂପୂର୍ଣ୍ଣ ମୋକ୍ଷର ମାର୍ଗ ପବିତ୍ର କୁରଆନ୍ କରୀମ୍ ହିଁ ଖୋଲିଛି । ଅନ୍ୟ ସମସ୍ତ ମାର୍ଗ ଏହାର ପ୍ରତିଛାୟା ଅଟନ୍ତି । ଅତଃ ତୁମେ ପବିତ୍ର କୁରଆନ୍ କରୀମ୍‌କୁ ଧ୍ୟାନପୂର୍ବକ ପାଠ କର। ଏପରି ପ୍ରେମ ତୁମେ କାହା ପ୍ରତି ମଧ୍ୟ କରି ନଥିବ । ଯେପରିକି

ପ୍ରଭୁ ମୋତେ ସମ୍ବୋଧିତ କରି କହିଛନ୍ତି ଯେ, اَلْخَيْرُ كُلُّهٗ فِي الْقُرْاٰنِ ଅର୍ଥାତ୍ ସକଳ ପ୍ରକାରର ପୁଣ୍ୟ ପବିତ୍ର କୁରଆନ୍ କରୀମ୍‌ରେ ନିହିତ ରହିଛି । ଏହା ନିରାଟ ସତ୍ୟ ଅଟେ । କିନ୍ତୁ ଦୁଃଖ ଓ ପରିତାପ ସେହି ବ୍ୟକ୍ତିଙ୍କ ଉପରେ ଯେଉଁମାନେ ଅନ୍ୟ କୌଣସି ବସ୍ତୁକୁ ପବିତ୍ର କୁରଆନ୍ କରୀମ ଉପରେ ଅଗ୍ରାଧିକାର ଦିଅନ୍ତି । ତୁମମାନଙ୍କର ସମସ୍ତ ବିଜୟ ଓ ମୋକ୍ଷର ନିର୍ଭର ପବିତ୍ର କୁରଆନ୍ କରୀମ୍‌ରେ ରହିଛି। ତୁମମାନଙ୍କର ଏପରି କୌଣସି ଧାର୍ମିକ ଆବଶ୍ୟକତା ନାହିଁ ଯାହାକି ପବିତ୍ର କୁରଆନ୍ କରୀମ୍‌ରେ ନାହିଁ। ପ୍ରଳୟ ଦିବସରେ ତୁମମାନଙ୍କ ବିଶ୍ୱାସର ପୁଷ୍ଟିକର୍ତ୍ତା ଓ ପ୍ରତ୍ୟାଖ୍ୟାନକାରୀ ପବିତ୍ର କୁରଆନ୍ କରୀମ୍ ହେବ । ଆକାଶ ତଳେ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମଗ୍ରନ୍ଥ ନାହିଁ ଯିଏ ତୁମର ସିଧା ସଳଖ ମାର୍ଗଦର୍ଶନ କରିପାରିବ । ଅଲ୍ଲାଃତାଲା ତୁମମାନଙ୍କ ଉପରେ ଅଶେଷ ଅଶେଷ ମହୋପକାର କରିଛନ୍ତି । ଅର୍ଥାତ ତୁମମାନଙ୍କୁ ପବିତ୍ର କୁରଆନ୍ କରୀମ ପରି ମହାନ୍ ଧର୍ମଗ୍ରନ୍ଥ ପ୍ରଦାନ କରି ତୁମମାନଙ୍କ ଉପରେ ଉପକାର କରିଛନ୍ତି । ମୁଁ ତୁମକୁ ସତ ସତ କହୁଛି ଯେ, ତୁମ ଉପରେ (ସମକ୍ଷରେ) ଯେଉଁ ଗ୍ରନ୍ଥ ପାଠ କରାଗଲା ଯଦି ତାହା ଖ୍ରୀଷ୍ଟିଆନମାନଙ୍କ ଆଗରେ ପାଠ କରାଯାଇଥାଆନ୍ତା ତାହାହେଲେ ସେମାନଙ୍କର ବିନାଶ ହୋଇ ନଥାଆନ୍ତା । ତୁମମାନଙ୍କୁ ଏହି ପୁରସ୍କାର ଓ ମାର୍ଗଦର୍ଶନ ପ୍ରଦାନ କରାଯାଇଛି ଯଦି ତାହା ତୌରାତ୍‌ର ଇହୁଦୀମାନଙ୍କୁ ଦିଆଯାଇ ଥାଆନ୍ତା ତେବେ ସେମାନଙ୍କର କେତେକ ସଂପ୍ରଦାୟ ପ୍ରଳୟ ଦିବସ ସଂପର୍କରେ ଅସ୍ୱୀକାର କରନ୍ତେ ନାହିଁ । ଅତଃ ଉକ୍ତ ପୁରସ୍କାର ଯାହାକି ତୁମମାନଙ୍କୁ ପ୍ରଦାନ କରାଯାଇଅଛି ଏହା ଅତ୍ୟନ୍ତ ସୁନ୍ଦର ପୁରସ୍କାର ଅଟେ । ଏହା ସବୁଠୁ ମହାଧନ ଅଟେ । ଯଦି ପବିତ୍ର କୁରଆନ୍ କରୀମ୍ ଧରା ପୃଷ୍ଠକୁ ଆସି ନଥାଆନ୍ତା ତେବେ ସମସ୍ତ ସଂସାର ଏକ ମଳୀନ ମାଂସ ପିଣ୍ଡଳ ପରି ଥିଲା । ପବିତ୍ର କୁରଆନ୍ କରୀମ ହେଉଛି ସେହି ଗ୍ରନ୍ଥ ଯାହା ତୁଳନାରେ ଅନ୍ୟ ସମସ୍ତ ମାର୍ଗଦର୍ଶନ(ମାର୍ଗଦର୍ଶନମୂଳକ ଗ୍ରନ୍ଥ) ତୁଚ୍ଛ ଅଟନ୍ତି ।" **(କିଶ୍‌ତି ନୁହେ, ରୁହାନୀ ଖଜାଏନ୍, ଭାଗ-19, ପୃ-26-27)**

ହ. ମସିହ୍ ମଉଦ୍ ଅ.ସ୍ ପୁନଶ୍ଚ କୁହନ୍ତି : "ତୁମମାନଙ୍କ ନିମନ୍ତେ ଏକ ଆବଶ୍ୟକ ଶିକ୍ଷା ଏହିକି ଯେ, ପବିତ୍ର କୁରଆନ୍ କରୀମ୍‌କୁ ତୁମେମାନେ ବିରହପୂର୍ବକ ପରିତ୍ୟାଗ କରିଦିଅ ନାହିଁ । କାରଣ ତୁମମାନଙ୍କର ଜୀବନ ତହିଁରେ ହିଁ ନିହିତି ରହିଛି । ଯେଉଁ ଲୋକମାନେ ପବିତ୍ର କୁରଆନ୍ କରୀମ୍‌କୁ ସମ୍ମାନ ପ୍ରଦାନ କରିବେ ସେମାନେ ଆକାଶ ଲୋକରେ ସମ୍ମାନିତ ହେବେ । ଯେଉଁ ଲୋକମାନେ ପ୍ରତ୍ୟେକ ହଦିସ୍ ଓ ପ୍ରତ୍ୟେକ କଥା ଉପରେ ପବିତ୍ର କୁରଆନ୍ କରୀମ୍‌କୁ ଅଗ୍ରାଧିକାର ଦେବେ ସେମାନଙ୍କୁ ଆକାଶ ଲୋକରେ ମଧ୍ୟ ଅଗ୍ରାଧିକାର ଦିଆଯିବ। ବର୍ତ୍ତମାନ ମାନବ ଜାତି ପାଇଁ ଭୂପୃଷ୍ଠରେ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କୌଣସି ଧର୍ମ ଗ୍ରନ୍ଥ (ମାର୍ଗଦର୍ଶନମୂଳକ ଗ୍ରନ୍ଥ) ନାହିଁ। ହ. ଆଦମ୍ ଅ.ସଙ୍କ ସମସ୍ତ ସନ୍ତାନମାନଙ୍କ ସକାଶେ ବର୍ତ୍ତମାନ ଆଁହଜରତ ସ.ଅଙ୍କ ବ୍ୟତୀତ ଅନ୍ୟ କୌଣସି ଅବତାର ସୁପାରିଶକାରୀ ନାହାନ୍ତି। ସୁତରାଂ ତୁମେମାନେ ଏହି ପ୍ରୟାସ କର ଯେ, ତୁମେମାନେ ପ୍ରକୃତ ପ୍ରେମ ସେହି ବୈଭବମୟ ଓ ମର୍ଯ୍ୟାଦାବନ୍ତ ନବୀଙ୍କ ସହିତ କର। ଅନ୍ୟକୁ ତାହାଙ୍କ ଉପରେ ଅର୍ଥାତ୍ ତାହାଙ୍କ ତୁଳନାରେ ଶ୍ରେଷ୍ଠ ବୋଲି ବିବେଚିତ କର ନାହିଁ । କାରଣ ତୁମେମାନେ ପରା ଆକାଶା ଲୋକରେ ମୋକ୍ଷ ପ୍ରାପ୍ତକର୍ତ୍ତା ରୂପେ ଉଲ୍ଲିଖିତ (ବିବେଚିତ) ହେବ । ମନେରଖ! ମୋକ୍ଷ କହିଲେ ଏହା ନୁହେଁ ଯେ, ମୃତ୍ୟୁ ପରେ ପ୍ରକାଶିତ ହେବ । ବରଂ ପ୍ରକୃତ ମୋକ୍ଷ ହେଉଛି ସେହି ମୋକ୍ଷ ଯାହାକି ଇହକାଳରେ ହିଁ ନିଜର ଆଲୋକ ପ୍ରଦର୍ଶନ କରିଥାଏ । ମୋକ୍ଷ ପ୍ରାପ୍ତକର୍ତ୍ତା କେଉଁମାନେ ଅଟନ୍ତି? ମୋକ୍ଷପ୍ରାପ୍ତକାରୀମାନେ ହେଉଛନ୍ତି ସେହିମାନେ ଯେଉଁମାନେ ଏହି ବିଶ୍ୱାସ ରଖନ୍ତି ଯେ, ପ୍ରଭୁ ସତ୍ୟ ଓ ଶାଶ୍ୱତ ଅଟନ୍ତି ଓ ହ. ମୁହମ୍ମଦ୍ ସ.ଅ ସମସ୍ତ ଜୀବମାନଙ୍କ ମଧ୍ୟରେ ମଧ୍ୟସ୍ଥ ସୁପାରିଶକାରୀ ଅଟନ୍ତି ଓ ଆକାଶ ତଳେ ତାହାଙ୍କ ସମକକ୍ଷ ଅନ୍ୟ କୌଣସି ଅବତାର ଆଉ ନାହାନ୍ତି ତଥା ପବିତ୍ର କୁରଆନ୍ କରୀମ୍ ପରି ସମକକ୍ଷ ଅନ୍ୟ କୌଣସି ଧର୍ମଗ୍ରନ୍ଥ ବିଦ୍ୟମାନ ନାହିଁ । ପ୍ରଭୁ କୌଣସି ବ୍ୟକ୍ତି ପାଇଁ ଏହା ଚାହିଁଲେ ନାହିଁ ଯେ, ସେ ଚିରଞ୍ଜୀବ ଓ ଅମର ହୋଇ ରହୁ । କିନ୍ତୁ ଏହି ପ୍ରିୟ ମନୋନୀତ ଅବତାର ଚିରକାଳ ଜୀବତ ଓ ଅମର ଅଟନ୍ତି । ଆପଣ ସ.ଅ ଚିରକାଳ ଜୀବିତ ରହିବା ନିମନ୍ତେ ପ୍ରଭୁ ଏହି ମୂଳଦୁଆ ପକାଇଲେ ଯେ, ତାହାଙ୍କ ଧର୍ମବୈଧାନିକ ଯଶ ବା ଲାଭ ଓ ଆଧାତ୍ମିକତାକୁ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରଖିଲେ (ଅର୍ଥାତ ତାହାଙ୍କ ଶରିୟତ୍ ଅର୍ଥାତ ଇସ୍‌ଲାମୀୟ ଧର୍ମବିଧାନ ଏବଂ ଆଧାତ୍ମିକତାର ଯଶ ବା ଲାଭ (ଉପକାରିତା)କୁ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅବ୍ୟାହତ ରଖିଲେ) । ପିରଶେଷରେ ତାହାଙ୍କ ଆଧାତ୍ମିକତାମୂଳକ ଯଶ, ଲାଭ ଓ ଉପକାରିତା ଦ୍ୱାରା (ବଳରେ) ସେହି ପ୍ରତିଶୃତ ମସିହ୍‌ଙ୍କୁ ସଂସାରକୁ ପ୍ରେରଣ କଲେ ଯାହାଙ୍କ ଆଗମନ ଇସ୍‌ଲାମୀୟ ଭବନର ସଂପୂର୍ଣ୍ଣ ନିମନ୍ତେ ଏକାନ୍ତ ଆବଶ୍ୟକ ଥିଲା । କାରଣ ଏହା ଆବଶ୍ୟକ ଥିଲା ଯେ, ଯେପର୍ଯ୍ୟନ୍ତ ମୁହମ୍ମଦୀୟ ସଂପ୍ରଦାୟ ନିମନ୍ତେ ଜଣେ ଆଧାତ୍ମିକ ମସିହ୍ ଉକ୍ତ ଇସ୍‌ଲାମୀୟ ସଂପ୍ରଦାୟକୁ ପ୍ରଦାନ କରାଯଇ ନାହିଁ ଯେପରି ମୁସଓ୍ୱୀ ସଂପ୍ରଦାୟ ନିମନ୍ତେ ହ. ଇସା ଅ.ସଙ୍କ ସ୍ୱରୂପ ପ୍ରଦାନ କରାଯାଇଥିଲା ସେପର୍ଯ୍ୟନ୍ତ ଏହି ସଂସାର ସମାପ୍ତ ହେବ ନାହିଁ । ପବିତ୍ର କୁରଆନ୍ କରୀମ୍ ଆଡ଼କୁ ନିମ୍ନୋକ୍ତ ଆୟତ୍ ଇଙ୍ଗିତ କରେ। ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: اِهْدِنَا الصِّرَاطَ الْمُسْتَقِيْمَ صِرَاطَ الَّذِيْنَ اَنْعَمْتَ عَلَيْهِمْ **(ଅଲ୍ ଫାତିହା: 6)"(କିଶ୍‌ତି ନୁହେ, ରୁହାନୀ ଖଜାଏନ୍, ଭାଗ-19, ପୃ-13-14)**

ଅଲ୍ଲାଃତାଲା କରନ୍ତୁ କି ଆମେମାନେ ଓ ଆମର ସନ୍ତାନ ସନ୍ତତିମାନେ ଓ ଆଗାମୀ ବଂଶଧରମାନେ ପ୍ରଳୟ ଦିବସ ପର୍ଯ୍ୟନ୍ତ ଯେଉଁମନେ ମୁହମ୍ମଦ୍ ସ.ଅଙ୍କର ମସିହ୍‌ଙ୍କୁ ସ୍ୱୀକାର କରିଛନ୍ତି ସେମାନେ ପବିତ୍ର କୁରଆନ୍ କରୀମ୍‌ରୁ ପ୍ରକୃତ ରୂପେ ପ୍ରେମ ଓ ଆନ୍ତରୀକତା ପ୍ରଦର୍ଶନ କରି ଏହାର ଶିକ୍ଷାକୁ ନିଜ ଉପରେ ବା ନିଜ ପାଇଁ ଶିରୋଧାର୍ଯ୍ୟ କରନ୍ତୁ ଓ ଏହାର କଲ୍ୟାଣରୁ ସଦା ସର୍ବଦା ଉପକୃତ ହୋଇ ଚାଲନ୍ତୁ। **ଆମିନ୍** ।

☆ ☆☆

## ଉର୍ଦ୍ଦୁ ନଜମ୍ (ତାସିରେ ସଦାକତ୍)

**ହ. ମସିହ ମଉଦ୍ ଅ.ସ**

واہ رے زورِ صداقت دِکھلایا اثر
ہو گیا نانک نِثارِ دینِ احمد ﷺ سَر بسَر

جب نظر پڑی ہے اس چولہ پر کے ہر ہر لفظ پر
سامنے آنکھوں کے آجاتا ہے وہ فُرّخ گہرُ

دیکھو اپنے دیں کو صدق سے دِکھلا گیا
وُہ بہادر تھا نہ تھا کسی دُشمن سے ڈر

☆ ☆☆

**ଅଲ୍ଲାଃତାଲାଙ୍କ ବାଣୀ**

**"ଓମା ଅରସଲନାକା ଇଲ୍ଲା ରହମତନ୍ ଲିଲ୍ ଆଲମିନ୍"**

**ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢି ପ୍ରେରଣ କରିଛୁ ।**

**ତାଲିବେ ଦୁଆ:** Sarafat Ali Khan,
S/o- Manwar Ali Khan ,
Jamat Ahmadiya Karadapalli (Odisha)

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"**

ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

# ଅଣମୁସଲମାନ ଏବଂ ଅଣଧର୍ମାବଲମ୍ବୀମାନଙ୍କ ସହିତ ସଦବ୍ୟବହାର ଓ ସହନଶୀଳତା (ସହିଷ୍ଣୁତାଭାବ) ପ୍ରଦର୍ଶନ କରିବା ନିମନ୍ତେ ପବିତ୍ର କୁରାଆନ୍ କରୀମର ଶିକ୍ଷା

(ସଲିକ୍ ଅହେମଦ୍ ନାଏକ୍, ମୁବଲ୍ଲିଗ୍ ସିଲ୍‌ସିଲା, ନଜାରତ୍ ଉଲିୟା, କାଦିଆନ୍)

ଅଲ୍ଲାଃତାଲା ସ୍ପଷ୍ଟ ଶବ୍ଦରେ ଓ ସ୍ପଷ୍ଟ ଭାଷାରେ ବାକ୍ ସ୍ୱାଧୀନତା, ବିବେକ ସ୍ୱାଧୀନତା, ଧାର୍ମିକ ସ୍ୱାଧୀନତା, ସହିଷ୍ଣୁତା ତଥା ସହନଶୀଳତା ସଂକ୍ରାନ୍ତରେ ଘୋଷଣା କରିଛନ୍ତି । ପୁନଶ୍ଚ ଏହି ଘୋଷଣା ମାଧ୍ୟମରେ ସଂସାର ଥିବା ପର୍ଯ୍ୟନ୍ତ ସହନଶୀଳତା, ସହିଷ୍ଣୁତା ଭାବ ସେହି ସର୍ବୋଚ୍ଚ ଦୃଷ୍ଟାନ୍ତ ଉପସ୍ଥାପିତ କରିଛି । ଏହାପରେ ସନ୍ଦେହର ଆଉ କୌଣସି ଅବକାଶ ରହିଲା ନାହିଁ । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: لَكُمۡ دِيۡنُكُمۡ وَلِيَ دِيۡنِ **(ଅଲ୍ କାଫିରୁନ୍:7)** ଅର୍ଥାତ୍ ତୁମମାନଙ୍କ ଧର୍ମ ତୁମମାନଙ୍କ ସକାଶେ ଏକ କର୍ମ ପଦ୍ଧତି ନିର୍ଦ୍ଧାରିତ କରେ ଏବଂ ଆମ୍ଭର ଧର୍ମ ଆମ୍ଭ ସକାଶେ ଅନ୍ୟ ଏକ କର୍ମ ପଦ୍ଧତି ନିର୍ଦ୍ଧାରିତ କରେ । ସେହିପରି ଅଲ୍ଲାଃତାଲା କହିଲେ لَاۤ اِكۡرَاهَ فِی الدِّيۡنِ **(ଅଲ ବକ୍ରାହ୍: 257)** ଅର୍ଥାତ୍ ଧର୍ମ ସଂକ୍ରାନ୍ତରେ କୌଣସି ବାଧ ବାଧକତା ନାହିଁ । କାରଣ ଧର୍ମ ହେଉଛି ତୁମ ହୃଦୟର ଆଭ୍ୟନ୍ତରୀଣ ପ୍ରସଙ୍ଗ । ତତ୍‌ସଂକ୍ରାନ୍ତରେ କୌଣସି ବାଧ ବାଧକତା ନାହିଁ ।

ହ. ମିର୍ଜା ଗୁଲାମ୍ ଅହେମଦ ସାହେବ କାଦିଆନୀ ପ୍ରତିଶ୍ରୁତ ମସିହ୍ ଓ ମେହଦୀ ଅ.ସ କୁହନ୍ତି: ଧାର୍ମିକ ପ୍ରସଙ୍ଗରେ ଓ ଧାର୍ମିକ କ୍ଷେତ୍ରରେ ମଧ୍ୟ ସ୍ୱାଧୀନତା ମିଳିବା ଉଚିତ୍ । ଅଲ୍ଲାଃତାଲା କୁହନ୍ତି: لَاۤ اِكۡرَاهَ فِی الدِّيۡنِ ଅର୍ଥାତ ଧର୍ମ ପ୍ରସଙ୍ଗରେ କୌଣସି ବାଧ ବାଧକତା ନାହିଁ । ଏହି ପ୍ରକାରର ପଦ ଇଞ୍ଜିଲ୍ ପରି ଧର୍ମ ଗ୍ରନ୍ଥରେ ଆଦୌ କେଉଁଠି ବି ଦେଖିବାକୁ ମିଳେ ନାହିଁ। ଯୁଦ୍ଧର ମୂଳ କାରଣ କ'ଣ ଥିଲା ? ଏହାକୁ ବୁଝିବାରେ ଲୋକମାନେ ଭ୍ରମର ଶିକାର ହୋଇଛନ୍ତି । ଯଦି ଯୁଦ୍ଧର ଆଦେଶ ଥାଆନ୍ତା ତେବେ ଆଁହଜରତ ସ.ଅଙ୍କର 13 ବର୍ଷ ଜୀବନ ଅପଚୟ ହୋଇ ନଥାଆନ୍ତା। କାରଣ ଆପଣ ସ.ଅ ଆସିବା ମାତ୍ରେ ଖଡ୍‌ଗ ଉତ୍ତୋଳନ କଲେ ନାହିଁ। କେବଳ ଯୁଦ୍ଧ ଲଢୁଥିବା ବ୍ୟକ୍ତିମାନଙ୍କ ସହିତ ଯୁଦ୍ଧ କରିବା ପାଇଁ ଆଦେଶ ଦେଲେ । ଇସ୍‌ଲାମ୍ ଧର୍ମର ଏହି ନିୟମ କେବେ ରହି ନାହିଁ ଯେ, ଆଗ ପ୍ରଥମେ ଯୁଦ୍ଧ ଆରମ୍ଭ କରିବା। ଯୁଦ୍ଧର କାରଣ କ'ଣ ଥିଲା ? ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲା ସ୍ୱୟଂ କୁହନ୍ତି: ظُلِمُوۡا ଅର୍ଥାତ ମୁସଲମାନମାନଙ୍କ ଉପରେ ପ୍ରଥମେ ଅନ୍ୟାୟ ଓ ଅତ୍ୟାଚାର କରାଗଲା । ସେମାନେ ପ୍ରଥମେ ନିର୍ଯାତିତ ଓ ନିଷ୍ପେଷିତ ହେଲେ। ସେତେବେଳେ ଯାଇ ଅଲ୍ଲାଃତାଲା ଅନୁମତି ପ୍ରଦାନ କଲେ ଯେ, ତୁମେ ମଧ୍ୟ ଆତ୍ମରକ୍ଷା ପାଇଁ ସେମାନଙ୍କ ସହିତ ଯୁଦ୍ଧ କର । କିନ୍ତୁ ଏହି ଆଦେଶ ଦେଲେ ନାହିଁ ଯେ, ତୁମେ ବର୍ତ୍ତମାନ ଜୋର ଜବରଦସ୍ତ ଖଡ୍‌ଗ ମାଧ୍ୟମରେ ଅନ୍ୟ (ଧର୍ମାବଲମ୍ବୀମାନଙ୍କୁ) ଲୋମକମାନଙ୍କୁ ମୁସଲମାନ ଧର୍ମରେ ଦୀକ୍ଷିତ କରିଦିଅ । ବରଂ ଅଲ୍ଲାଃତାଲା ଏହା କହିଲେ ଯେ, ତୁମେମାନେ ନିଷ୍ପେଷିତ ଅଟ । ତେଣୁ ବର୍ତ୍ତମାନ ତୁମେ ଯୁଦ୍ଧ କର । ସୁତରାଂ ପବିତ୍ର କୁରଆନ୍ କରୀମ୍ ପ୍ରତ୍ୟେକ ଆଇନ୍‌ର ଅନୁମତି ପ୍ରଦାନ କରେ । କାରଣ ବ୍ୟକ୍ତି ଆତ୍ମରକ୍ଷା ପାଇଁ ଯୁଦ୍ଧ କରିପାରିବ । **(ଅଲ୍ ବଦର୍, ଭାଗ-2, ସଂଖ୍ୟା-1, ତା-23-30 ଜାନୁଆରୀ ମାସ -1903 ମସିହା, ପୃ-3)**

ସୁତରାଂ ଆମେମାନେ ଇତିହାସକୁ ଯେତେବେଳେ ଅଧ୍ୟୟନ କରୁ ସେତେବେଳେ ଆମମାନଙ୍କୁ ଏହା ଜ୍ଞାତ ହୁଏ ଯେ, ଏହା ପବିତ୍ର କୁରଆନ୍ କରୀମ୍‌ର କେବଳ ଶାବ୍ଦିକ ଘୋଷଣା ନଥିଲା ଓ ଇସ୍‌ଲାମ୍ ଧର୍ମର କେବଳ ଏହି ଶିକ୍ଷା ନୁହେଁ । ବରଂ ଏହାକୁ ରାଷ୍ଟ୍ରମାନଙ୍କ ସକାଶେ ସାର୍ବକାଳୀନ ଆଇନ ରୂପେ ସାମିଲ୍ କରାଯାଇଛି ଏବଂ ଏହାକୁ ସାର୍ବକାଳୀନ ଆଇନ ଭାବରେ ଗ୍ରହଣ କରାଯାଇଛି । ସେ ପଛେ ଇସ୍‌ଲାମୀୟ ରାଷ୍ଟ୍ର ଅଧୀନ ଏବଂ ଇସ୍‌ଲମୀୟ ରାଷ୍ଟ୍ରରେ ବାସ କରୁଥିବା ସଂଖ୍ୟା ଲଘୁ ସଂପ୍ରଦାୟ ଓ ସଂଖ୍ୟାଲଘୁ ଧର୍ମାବଲମ୍ବୀମାନେ ହୁଅନ୍ତୁ ନା କାହିଁକି, ପରାହତ ଅଣମୁସଲମାନ ସଂପ୍ରଦାୟ ହୁଅନ୍ତୁ ପଛେ । ସେହି ସମସ୍ତଙ୍କର ସମ୍ମାନ, ମର୍ଯ୍ୟାଦାର ପ୍ରତିଭୂ ଓ ସେମାନଙ୍କର ଧନ ଜୀବନର ସୁରକ୍ଷା ଇସ୍‌ଲାମୀୟ ସରକାରଙ୍କ ପ୍ରମୁଖ ଦାୟିତ୍ୱ ରୂପେ ବିବେଚନା କରାଯାଇଛି ।

ଇସ୍‌ଲାମୀୟ ରାଜ୍ୟର ସମସ୍ତ ବାସୀନ୍ଦା ସେ ଯେକୌଣସି ଧର୍ମର ହୁଅନ୍ତୁ ପଛେ, ନିରପେକ୍ଷ ଭାବରେ ଆସ୍ଥା, ବିଶ୍ୱାସ ଓ ନିଜର ଧାର୍ମିକ ମତବାଦ ପ୍ରସଙ୍ଗରେ ସଂପୂର୍ଣ୍ଣ ରୂପେ ସ୍ୱାଧୀନ ଅଟନ୍ତି । ଧାର୍ମିକ ପ୍ରସଙ୍ଗରେ ସେମାନଙ୍କ ଉପରେ କୌଣସି ଚାପ ପ୍ରୟୋଗ କରାଯାଇ ପାରିବ ନାହିଁ କି ସେମାନଙ୍କୁ ବାଧ ମଧ୍ୟ କରାଯାଇ ପାରିବ ନାହିଁ । ପୁନଶ୍ଚ ଧାର୍ମିକ ପ୍ରସଙ୍ଗରେ ସମସ୍ତ ବାସୀନ୍ଦାଙ୍କୁ ନିରପେକ୍ଷ ଭାବରେ ସମାନ ଅଧିକାର, ସ୍ୱାଧୀନତା ଓ ସୁବିଧା ସୁଯୋଗ ଉପଲବ୍ଧ କରାଇବା ନିମନ୍ତେ ପବିତ୍ର କୁରଆନ୍ କରୀମ୍ ଆଦେଶ ଦେଇଛି । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଏକ ସ୍ଥଳେ କୁହନ୍ତି: وَقُلِ الۡحَقُّ مِنۡ رَّبِّكُمۡ فَمَنۡ شَآءَ فَلۡيُؤۡمِنۡ وَّمَنۡ شَآءَ فَلۡيَكۡفُرۡ **(ଅଲ୍ କହଫ୍:30)** ଅର୍ଥାତ୍ ଏବଂ ତୁମ୍ଭେ ଲୋକମାନଙ୍କୁ କହିଦିଅ ଯେ, ଉକ୍ତ ସତ୍ୟ ତୁମ୍ଭ ପାଳନକର୍ତ୍ତାଙ୍କ ପକ୍ଷରୁ ହିଁ ଆସିଅଛି । ସୁତରାଂ ଯାହାର ଇଚ୍ଛା ହେଉଛି ସେ ଏହାକୁ ବିଶ୍ୱାସ କରୁ ଏବଂ ଯାହାର ଇଚ୍ଛା ହେଉଛି ସେ ଏହାକୁ ପ୍ରତ୍ୟାଖ୍ୟାନ କରୁ ।

ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ କୁହନ୍ତି: "ଧାର୍ମିକ ସ୍ୱାଧୀନତା ସଂକ୍ରାନ୍ତରେ ମୁଁ କେବଳ ଦୁଇଟି ଆୟତ୍‌ର ବ୍ୟାଖ୍ୟା କରିବି । ପ୍ରଥମ ଆୟତ୍ ହେଉଛି ସୁରାହ୍ କହଫ୍‌ର । ତତ୍‌ସଂକ୍ରାନ୍ତରେ ମୁଁ ସଂକ୍ଷିପ୍ତ ବର୍ଣ୍ଣନା କରି ଆସିଛି । ବର୍ତ୍ତମାନ ଅନ୍ୟ ଆୟତ୍‌କୁ ନେଇ ନେଉଛି ଯାହାକି ସୁରାହ୍ ୟୁନୁସ୍‌ର ଆୟତ୍ ଅଟେ: قُلۡ يٰۤاَيُّهَا النَّاسُ قَدۡ جَآءَكُمُ الۡحَقُّ مِنۡ رَّبِّكُمۡ فَمَنِ اهۡتَدٰى فَاِنَّمَا يَهۡتَدِىۡ لِنَفۡسِهٖ وَمَنۡ ضَلَّ فَاِنَّمَا يَضِلُّ عَلَيۡهَا وَمَاۤ اَنَا عَلَيۡكُمۡ بِوَكِيۡلٍ **(ୟୁନୁସ୍: 109) ଅର୍ଥାତ** ତୁମ୍ଭେ ସେମାନଙ୍କୁ କୁହ ଯେ, ହେ ଲୋକମାନେ ! ତୁମମାନଙ୍କ ପାଳନକର୍ତ୍ତାଙ୍କ ଠାରୁ ତମ୍ଭମାନଙ୍କ ନିକଟକୁ ସତ୍ୟ ଆସିଯାଇଛି । ସୁତରାଂ ଯେ କେହି ସ୍ୱଇଚ୍ଛାରେ ସତ୍‌ପଥର ଅନୁସରଣ କରେ ସେ କେବଳ ନିଜ କଲ୍ୟାଣ ପାଇଁ ହିଁ ସତ୍‌ପଥ ଗ୍ରହଣ କରିଥାଏ ଏବଂ ଯିଏ ଏହି ଉକ୍ତ ପଥରୁ ବିଚ୍ୟୁତ ହୁଏ ସେ କେବଳ ନିଜ ଅମଙ୍ଗଳ ପାଇଁ ହିଁ ବିଚ୍ୟୁତ ହୁଏ ଏବଂ ଆମ୍ଭେ ତୁମମାନଙ୍କ ସକାଶେ ଦାୟୀ ନାହୁଁ ।"

ସୁତରାଂ ଉପରୋକ୍ତ ଆୟତ୍‌ରେ ସର୍ବପ୍ରଥମେ ଆଁହଜରତ ସ.ଅଙ୍କୁ ସମ୍ବୋଧିତ କରାଯାଇଛି ପନଶ୍ଚ ଆପଣ ସ.ଅଙ୍କ ଅନୁଗାମୀମାନଙ୍କୁ ସମ୍ବୋଧିତ କରାଯାଇଛି । ପବିତ୍ର କୁରଆନ୍ କରୀମ୍‌ର ମାର୍ଗଦର୍ଶନ ଯଦିଓ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅଟେ । ତେଣୁ ଏହି ଆଦେଶଟି ଆପଣ ସ.ଅଙ୍କ ମାଧ୍ୟମରେ ଆପଣ ସ.ଅଙ୍କର ଅନୁଗାମୀମାନଙ୍କୁ ଓ ପୁନଶ୍ଚ ସମସ୍ତ ମାନବ ଜାତିକୁ ପ୍ରଳୟ ଦିବସ ପର୍ଯ୍ୟନ୍ତ ମିଳିଛି ।

ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି: قَدۡ جَآءَكُمُ الۡحَقُّ مِنۡ رَّبِّكُمۡ ଅର୍ଥାତ୍ ତୁମମାନଙ୍କ ପାଳନକର୍ତ୍ତାଙ୍କ ଠାରୁ ତମ୍ଭମାନଙ୍କ ନିକଟକୁ ସତ୍ୟ ଆସିଯାଇଛି । فَمَنِ اهۡتَدٰى ସୁତରାଂ ଯେ କେହି ସ୍ୱଇଚ୍ଛାରେ ସତ୍‌ପଥର ଅନୁସରଣ କରେ ସେ କେବଳ ନିଜ କଲ୍ୟାଣ ପାଇଁ ହିଁ ସତପଥ ଗ୍ରହଣ କରିଥାଏ । فَاِنَّمَا يَهۡتَدِىۡ لِنَفۡسِهٖ ସେ କେବଳ ନିଜ କଲ୍ୟାଣ ପାଇଁ ହିଁ ସତପଥ ଗ୍ରହଣ କରିଥାଏ । ଅର୍ଥାତ ଏଠାରେ ମନୁଷ୍ୟକୁ ଏହି ସ୍ୱାଧୀନତା ଦିଆଯାଇଛି ଯେ, ସେ ଯଦି ଏହି ଇଚ୍ଛା ପ୍ରକାଶ କରେ ତେବେ ସେ ସତ୍‌ପଥକୁ ଅବଲମ୍ବନ କରିନେଉ ଏବଂ ସେ ଯଦି ଏହି ଇଚ୍ଛା ପ୍ରକାଶ କରେ ଯେ, ସତପଥକୁ ଅବଲମ୍ବନ ନକରୁ । ତହିଁରେ ନା ଅଲ୍ଲାଃତାଲାଙ୍କ ତରଫରୁ କୌଣସି ବାଧ ବାଧକତା ରହିଛି ଓ ନା ହିଁ

ବାର୍ତ୍ତାବହଙ୍କ ପକ୍ଷରୁ କୌଣସ ବାଧ ବାଧକତା ରହିଛି । କିନ୍ତୁ وَمَنْ ضَلَّ فَإِنَّمَا يَضِلُّ عَلَيْهَا ଯିଏ ଏହି ଉକ୍ତ ପଥରୁ ବିଚ୍ୟୁତ ହୁଏ ସେ କେବଳ ନିଜ ଅମଙ୍ଗଳ ପାଇଁ ବିଚ୍ୟୁତ ହୁଏ । ତେଣୁ ପ୍ରତ୍ୟେକ ବ୍ୟକ୍ତିର ଏହି କର୍ତ୍ତବ୍ୟ ରହିଛି ଯେ, ସେ ଭଲ ଭାବରେ ବୁଝି ବିଚାରି କୌଣସି ନିଷ୍ପତ୍ତି ନେଉ । ସୁତରାଂ ଅଲ୍ଲାଃତାଲା ହ. ମୁହମ୍ମଦ ସ.ଅଙ୍କ ତୁଣ୍ଡରୁ ହିଁ ଏହି ଘୋଷଣା କରିଦେଲେ ଯେ, ହେ ଲୋକମାନେ ତୁମମାନଙ୍କୁ ଧାର୍ମିକ ରୂପେ ସ୍ୱାଧୀନତା ଦିଆଯାଇଛି । ତୁମେମାନେ ନିଜର ନିଷ୍ପତ୍ତି ନିଜେ ନେବ । ଅର୍ଥାତ ତୁମେମାନେ ସତ୍‌ପଥରେ ଚାଲିବାକୁ ଚାହୁଁଛ ନା ଅସତ୍‌ପଥରେ ଅଗ୍ରସର ହେବାକୁ ଇଚ୍ଛା ପ୍ରକାଶ କରୁଛ । ମୁଁ (ଅଲ୍ଲାଃତାଲା) ଏଥିପାଇଁ ଦାୟି ନୁହେଁ, ମୁଁ (ଆମ୍ଭେ/ଅଲ୍ଲାଃତାଲା) ତୁମ୍ଭର ଅଧିବକ୍ତା ନୁହେଁ ମୋ ଉପରେ ତୁମ୍ଭର କୌଣସି ଦାୟିତ୍ୱ ନ୍ୟସ୍ତ ହୋଇ ନାହିଁ ।

**(ତଫ୍‌ସିର୍ ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ, ପୃ-440)**

ପୁନଶ୍ଚ ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲା ରସୁଲଲୁଲ୍ଲାଃ ସ.ଅଙ୍କୁ ସମ୍ବୋଧିତ କରି ସମସ୍ତ ମୁସଲମାନମାଙ୍କୁ ସାବଧାନ ଓ ସତର୍କ କରାଇଲେ ଯେ, وَلَوْ شَآءَ رَبُّكَ لَاٰمَنَ مَن فِى ٱلْأَرْضِ كُلُّهُمْ جَمِيعًا ۚ أَفَأَنتَ تُكْرِهُ ٱلنَّاسَ حَتَّىٰ يَكُونُوا۟ مُؤْمِنِينَ **(ସୁରାହ୍ ୟୁନୁସ୍: 100)** ଏବଂ ଯଦି ତୁମ୍ଭର ପାଳନକର୍ତ୍ତା ନିଜର ଇଚ୍ଛାକୁ କାର୍ଯ୍ୟକାରୀ କରିଥାଆନ୍ତି ତେବେ ନିଶ୍ଚୟ ଯେଁଉମାନେ ପୃଥିବୀରେ ଅଛନ୍ତି ସେମାନେ ସମସ୍ତେ ଏକ ସଙ୍ଗେ ବିଶ୍ୱାସ କରିଥାଆନ୍ତେ । ସୁତରାଂ ଯେତବେଳେ ଅଲ୍ଲାଃତାଲା ଏ ସମ୍ବନ୍ଧରେ ବାଧ କରୁ ନାହାନ୍ତି । କ'ଣ ତୁମ୍ଭେ ଲୋକମାନଙ୍କୁ ବିଶ୍ୱାସକାରୀ ହେବା ପାଇଁ ବାଧ କରିବ ।

ସୁତରାଂ ପବିତ୍ର କୁରଆନ୍ କରୀମ୍ ଧାର୍ମିକ ବାଧ୍ୟତା ଓ ଧାର୍ମିକ ଅତ୍ୟାଚାରକୁ ସଂପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛି ଓ ଧାର୍ମିକ ସ୍ୱାଧୀନତା ଏବଂ ସହିଷ୍ଣୁତା ଭାବ, ବିବେକ ସ୍ୱାଧୀନତାର ଧ୍ୱଜାକୁ ଉଚ୍ଚ କରିଛି ଏବଂ ଦୃଷ୍ଟାନ୍ତ ମାଧ୍ୟମରେ ଏହା ସାବ୍ୟସ୍ତ କଲେ ଯେ, ପ୍ରତ୍ୟେକ ବ୍ୟକ୍ତି ନିଜର ଧର୍ମ ଓ ମତବାଦ ପ୍ରସଙ୍ଗରେ ସଂପୂର୍ଣ୍ଣ ରୂପେ ସ୍ୱାଧୀନ ଅଟନ୍ତି । ଆପଣ ସ.ଅ ଇସ୍‌ଲାମୀୟ ଧର୍ମ ବିଧାନ ଅନୁଯାୟୀ ଅନ୍ୟାୟ ଓ ଅତ୍ୟାଚାର ବଦଳରେ କ୍ଷମାକୁ ପ୍ରାଧାନ୍ୟ ଦେବା ଓ ନ୍ୟାୟ ସ୍ଥାପନ କରିବାରେ ଶତ୍ରୁତାମୂଳକ ଆଚରଣ ପ୍ରଦର୍ଶନ ନକରିବା ପ୍ରତି ଶିକ୍ଷା ଦେଇଅଛି ।

ପବିତ୍ର କୁରଆନ୍ କରୀମ୍ ଧାର୍ମିକ ସ୍ୱାଧୀନତା ଓ ବିବେକ ସ୍ୱାଧୀନତା ସଂକ୍ରାନ୍ତରେ ସ୍ପଷ୍ଟ ମାର୍ଗଦର୍ଶନ ପ୍ରଦାନ କରିଛି । ଅନ୍ୟ ପଟରେ ପବିତ୍ର କୁରାଆନ୍ କରୀମ୍ ପ୍ରତ୍ୟେକ ପ୍ରକାରର ଧାର୍ମିକ ଅତ୍ୟାଚାର, ବାଧ କରିବା, ଅତ୍ୟାଚାରକୁ ନାପସନ୍ଦ ବୋଲି ମନେକରି (ଅପ୍ରିୟ ବୋଲି ମଣି) ପ୍ରତ୍ୟାଖ୍ୟାନ ପରିପ୍ରକାଶ କରିଥାଏ । ଯାହାକି ବ୍ୟବହାରିକ ରୂପେ ଆମର ପ୍ରିୟ ମୁନିବ ହ. ମୁହମ୍ମଦ୍ ସ.ଅ ପ୍ରମାଣ ଉପସ୍ଥାପିତ କରିଛନ୍ତି ଓ ଇସ୍‌ଲାମୀୟ ଧର୍ମବିଧାନର ଶିକ୍ଷାନୁଯାୟୀ ପ୍ରତ୍ୟେକ ଅନ୍ୟାୟ ଓ ଅତ୍ୟାଚାରର ଉତ୍ତର କୋମଳତା ଏବଂ କ୍ଷମା ପ୍ରଦାନ ଆକାରରେ ଦେଇ ସର୍ବୋଚ୍ଚ ଉଦାହରଣ ଉପସ୍ଥାପିତ କରିଛନ୍ତି ।

ପବିତ୍ର କୁରାଆନ୍ କରୀମ୍ ବାରମ୍ବାର ଅନ୍ୟାୟ ଓ ଅତ୍ୟାଚାରରୁ ନିବୃତ୍ତ ରହିବା ନିମନ୍ତେ ଅନୁପ୍ରାଣିତ କରିଥାଏ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି: وَلَا يَجْرِمَنَّكُمْ شَنَـَٔانُ قَوْمٍ أَن صَدُّوكُمْ عَنِ ٱلْمَسْجِدِ ٱلْحَرَامِ أَن تَعْتَدُوا۟ ۘ وَتَعَاوَنُوا۟ عَلَى ٱلْبِرِّ وَٱلتَّقْوَىٰ ۖ وَلَا تَعَاوَنُوا۟ عَلَى ٱلْإِثْمِ وَٱلْعُدْوَٰنِ ۚ وَٱتَّقُوا۟ ٱللَّهَ ۖ إِنَّ ٱللَّهَ شَدِيدُ ٱلْعِقَابِ **(ଅଲ୍‌ମାଏଦା-3)** ଏବଂ ଯେଉଁମାନେ ତୁମକୁ ପବିତ୍ର ମସ୍‌ଜିଦରେ ପ୍ରବେଶ କରିବାକୁ ପ୍ରତିରୋଧ କରିଛନ୍ତି ସେହି ସଂପ୍ରଦାୟ ପ୍ରତି ଶତ୍ରୁତା ଯେପରି ତୁମମାନଙ୍କୁ ସମାତିକ୍ରମ କରିବାକୁ ଉତ୍ତେଜିତ ନକରୁ ଏବଂ ତୁମେମାନେ ପୁଣ୍ୟ କାର୍ଯ୍ୟ ଓ ଧର୍ମଭୀରୁତାରେ ପରସ୍ପରକୁ ସାହାଯ୍ୟ କର ନାହିଁ ଏବଂ ଅଲ୍ଲାଃତାଲାଙ୍କୁ ଭୟ କର । କାରଣ ଅଲ୍ଲାଃତାଲା ନିଶ୍ଚୟ ଶାସ୍ତି ପ୍ରଦାନ କରିବାରେ କଠୋର ।

ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ କୁହନ୍ତି: ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ ଆଦେଶ ଦିଅନ୍ତି ଯେ, ସଂସାରର ମଙ୍ଗଳ ନ୍ୟାୟ ଉପରେ ନିର୍ଭରଶୀଳ ଅଟେ । ତୁମର ନ୍ୟାୟର ସ୍ତର କେଉଁ ପର୍ଯ୍ୟନ୍ତ ବୃଦ୍ଧି ପାଇଛି ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲା କୁହନ୍ତି: يَٰٓأَيُّهَا ٱلَّذِينَ ءَامَنُوا۟ كُونُوا۟ قَوَّٰمِينَ لِلَّهِ شُهَدَآءَ بِٱلْقِسْطِ ۖ وَلَا يَجْرِمَنَّكُمْ شَنَـَٔانُ قَوْمٍ عَلَىٰٓ أَلَّا تَعْدِلُوا۟ ۚ ٱعْدِلُوا۟ هُوَ أَقْرَبُ لِلتَّقْوَىٰ ۖ وَٱتَّقُوا۟ ٱللَّهَ ۚ إِنَّ ٱللَّهَ خَبِيرٌۢ بِمَا تَعْمَلُونَ **(ଅଲ୍‌ମାଏଦା:9)** ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ତୁମେମାନେ ନ୍ୟାୟସଂଗତ ଭାବରେ ତଥା ନ୍ୟାୟପରାୟଣ ହୋଇ ସାକ୍ଷ୍ୟ ପ୍ରଦାନ କରି ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ଦୃଢ ରୁହ ଏବଂ କୌଣସି ସଂପ୍ରଦାୟର ଶତ୍ରୁତା ତୁମମାନଙ୍କୁ ନ୍ୟାୟ ଠାରୁ ଭିନ୍ନ ଅନ୍ୟଥା କରିବାକୁ କଦାପି ନ ପ୍ରବର୍ତ୍ତାଉ। ତୁମେମାନେ ନ୍ୟାୟ କର ତାହା ଧର୍ମଭୀରୁତାର ଅଧିକ ନିକଟବର୍ତ୍ତୀ ଏବଂ ଅଲ୍ଲାଃତାଲାଙ୍କୁ ଭୟ କର । ତୁମେମାନେ ଯାହା କରୁଛ ବାସ୍ତବରେ ଅଲ୍ଲାଃତାଲା ସେ ବିଷୟରେ ଖୁବ୍ ଅବଗତ ଅଛନ୍ତି । **(ପୋପ୍‌ର ଇସଲାମ୍ ଧର୍ମ ଉପରେ ଆପତ୍ତିର ଉତ୍ତର, ପୃ-47, ପ୍ରକାଶନ ବର୍ଷ-2008 ମସିହା)**

ପବିତ୍ର କୁରଆନ୍ କରୀମ୍ ଶାନ୍ତି ଓ ସୌହାର୍ଦ୍ଦ୍ୟ ଧାର୍ମିକ ସହିଷ୍ଣୁତା ବା ସହନଶୀଳ ଶିକ୍ଷାର ତାଗିଦ୍ ପ୍ରଦାନ ସେହି ସ୍ତର ପର୍ଯ୍ୟନ୍ତ କରିଅଛି ଯେ, ଅଲ୍ଲାଃତାଲା ଆପଣ ସ.ଅଙ୍କ ମାଧ୍ୟମରେ ଅବଜ୍ଞାକାରୀମାନଙ୍କୁ ଶାନ୍ତି ସହିତ ଜୀବନ ଯାପନ କରିବା ନିମନ୍ତେ ମଧ୍ୟ ଅଧିକାର ପ୍ରଦାନ କରିଛନ୍ତି। ସୁତରାଂ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କୁହନ୍ତି:

وَإِنْ أَحَدٌ مِّنَ ٱلْمُشْرِكِينَ ٱسْتَجَارَكَ فَأَجِرْهُ حَتَّىٰ يَسْمَعَ كَلَـٰمَ ٱللَّهِ ثُمَّ أَبْلِغْهُ مَأْمَنَهُۥ ۚ ذَٰلِكَ بِأَنَّهُمْ قَوْمٌ لَّا يَعْلَمُونَ **(ଅତ୍ ତୌବା:6)**

ଅନୁବାଦ୍: ଅର୍ଥାତ ଯଦି ମୁଶ୍‌ରିକମାନଙ୍କ ମଧ୍ୟରୁ କେହି ତୁମ୍ଭର ଶରଣ ଭିକ୍ଷା କରେ ତେବେ ସେ ଅଲ୍ଲାଃତାଲାଙ୍କ ବାଣୀ ଶୁଣିବା ପର୍ଯ୍ୟନ୍ତ ତାହାକୁ ଶରଣ ପ୍ରଦାନ କର । ତା' ପରେ ତାହାକୁ ତାହାକୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇ ଦିଅ । କାରଣ ସେମାନେ ଏପରି ଏକ ଅଜ୍ଞ ସଂପ୍ରଦାୟ ଯେଉଁମାନେ ବାସ୍ତବତାକୁ ଜାଣନ୍ତି ନାହିଁ ।

ଏହା ମଧ୍ୟ ଧାର୍ମିକ ସହିଷ୍ଣୁତାର ଏକ କାରଣ ଅଟେ । କାରଣ ପବିତ୍ର କୁରଆନ୍ କରୀମ ଅଣଧର୍ମାବଲମ୍ବୀଙ୍କ ମଧ୍ୟରେ ବିଦ୍ୟମାନ ଥିବା ବିଶେଷତା ଓ ଗୁଣାବଳୀକୁ ସ୍ୱୀକାର କରି କହିଛି: وَمِنْ أَهْلِ ٱلْكِتَـٰبِ مَنْ إِن تَأْمَنْهُ بِقِنطَارٍ يُؤَدِّهِۦٓ إِلَيْكَ وَمِنْهُم مَّنْ إِن تَأْمَنْهُ بِدِينَارٍ لَّا يُؤَدِّهِۦٓ إِلَيْكَ إِلَّا مَا دُمْتَ عَلَيْهِ قَآئِمًا ۗ ذَٰلِكَ بِأَنَّهُمْ قَالُوا۟ لَيْسَ عَلَيْنَا فِى ٱلْأُمِّيِّـۧنَ سَبِيلٌ وَيَقُولُونَ عَلَى ٱللَّهِ ٱلْكَذِبَ وَهُمْ يَعْلَمُونَ **(ଆଲେ ଇମ୍ରାନ୍:76)** ଏବଂ ଗ୍ରନ୍ଥାଧାରୀ ବ୍ୟକ୍ତିମାନଙ୍କ ମଧ୍ୟରେ ଏପରି ବ୍ୟକ୍ତି ଅଛନ୍ତି ଯାହାକୁ ତୁମ୍ଭେ ଯଦି ପ୍ରଚୁର ଧନ ନ୍ୟାସ ରୂପେ ରଖିବାକୁ ଦେବ ତେବେ ସେ ତାହା ତୁମ୍ଭକୁ ଫେରସ୍ତ କରିଦେବେ । ସେମାନଙ୍କ ମଧ୍ୟରେ

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନଫିକୁ ମିମ୍ମା ତୁହିବ୍‌ବୁନ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ୱା (ଅର୍ଥାତ ଧର୍ମପରାୟଣତା)" ।
(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

ଏପରି ବ୍ୟକ୍ତି ଅଛନ୍ତି ଯାହାକୁ ତୁମ୍ଭେ ଯଦି ଗୋଟିଏ ଦିନର ନ୍ୟାସ ରୂପେ ରଖିବାକୁ ଦେବ ତେବେ ତା' ଉପରେ ବୋଝ ହୋଇ ଠିଆ ନହେବା ପର୍ଯ୍ୟନ୍ତ ସେ ତୁମ୍ଭଙ୍କୁ ତାହା ମଧ ଫେରସ୍ତ କରିବେ ନାହିଁ । ଏହା ଏଥି ନିମନ୍ତେ ହୁଏ ଯେ, ସେମାନେ କୁହନ୍ତି: ନିରକ୍ଷରମାନଙ୍କ ସଂକ୍ରାନ୍ତରେ ଆମମାନଙ୍କୁ ଦାୟୀ କରାହେବ ନାହିଁ ଏବଂ ସେମାନେ ଜାଣିଶୁଣି ଅଲ୍ଲାଃତାଲାଙ୍କ ବିଷୟରେ ମିଥ୍ୟା କହନ୍ତି ।

ସୁତରାଂ ହ. ଅସ୍‌ମା ବିନ୍ତ୍ ଅବୁ ବକର ର.ଅଙ୍କ (ମୁଶ୍‌ରିକ୍) ମାତା ନିରାଶ ହୋଇ ତାଙ୍କୁ ସାକ୍ଷାତ୍ କରିବା ପାଇଁ ମଦିନା ଆସିଲେ । ଅସମା ର.ଅ ନବୀ କରୀମ୍ ସ.ଅଙ୍କୁ ପଚାରିଲେ ଯେ, କ'ଣ ମୋତେ ସେମାନଙ୍କର ସେବା କରିବା ଓ ସେମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରିବାର ଅନୁମତି ରହିଛି ? ଆପଣ ସ.ଅ କହିଲେ ହଁ ସେ ତୁମର ମାତାଶ୍ରୀ ଅଟନ୍ତି । ଇବ୍‌ନେ ଉୟୈନା କୁହନ୍ତି: ତତ୍‌ସଂକ୍ରାନ୍ତରେ ଏହି ଆୟତ୍ ରହିଛି ଯେ, ଅଲ୍ଲାଃତାଲା ତୁମମାନଙ୍କୁ ସେମାନଙ୍କ ଠାରୁ ଅଟକାଉ ନାହାନ୍ତି ଯେଉଁମାନେ ତୁମେମାନଙ୍କୁ ଧର୍ମ ସଂକ୍ରାନ୍ତରେ ଯୁଦ୍ଧ କଲେ ନାହିଁ । **(ବୁଖାରୀ କିତାବୁଲ୍ ଅଦବ୍, ପ୍ରମାଣ୍ୟ- ଉସ୍‌ୱାଏ ଇନ୍‌ସାନେ କାମିଲ୍, ଲେଖକ-ହାଫିଜ୍ ମୁଜଫ୍ଫର ଅହେମଦ୍ ସାହେବ, ପୃ-505)**

ରସୁଲୁଲ୍ଲାଃ ସ.ଅ ଧାର୍ମିକ ସହିଷ୍ଣୁତା ତଥା ଧାର୍ମିକ ସହନଶୀଳତାର ସୁନ୍ଦର ପ୍ରଦର୍ଶନ କରି ଅଣମୁସଲମାନମାନଙ୍କର ତାରମ୍ୟତାକୁ କେବଳ ସମାପ୍ତ କରିଦେଲେ ତାହା ନୁହେଁ ବରଂ ମୁସଲମାନମାନଙ୍କ ସଂପର୍କରେ ଅଣମୁସଲମାନମାନଙ୍କ ପ୍ରତି ଅଧିକ କୋମଳ ଏବଂ ନମ୍ର ବ୍ୟବହାର ପ୍ରଦର୍ଶନ କରିଛି । ସୁତରାଂ ମୁସଲମାନମାନେ ଜକାତ୍ ଓ ଉଶର୍ ବଦଳରେ ଅଣମୁସଲମାନମାନଙ୍କ ଉପରେ ଯିଜ୍‌ୟା (ଧର୍ମ କର) ଲାଗୁ କରିଲେ । ଠିକ୍ ସେହିପରି ଦାସମାନଙ୍କର ସ୍ୱାଧୀନତାର ଶିକ୍ଷା ଦେଇ ଏହାର ବ୍ୟବହାରିକ ଉଦାହରଣ ପ୍ରଦର୍ଶନ ହୁନୈନ୍ ଯୁଦ୍ଧ ଅବସରରେ ହଜାର ହଜାର ଅଣମୁସଲମାନ ଦାସମାନଙ୍କୁ ମୁକ୍ତ କରି ଦେଖାଇଛି । ପବିତ୍ର କୁରଆନ୍ କରୀମ୍ ଧର୍ମ ଗ୍ରନ୍ଥଧାରୀମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀର ବିଶେଷତାର ଚର୍ଚ୍ଚା କରି ଧାର୍ମିକ ସହିଷ୍ଣୁତାର ମୂଳଦୁଆ ଏହିପରି ସ୍ଥାପିତ କରିଥିଲେ: لَيْسُوا سَوَآءً ۗ مِّنْ اَهْلِ الْكِتٰبِ اُمَّةٌ قَآئِمَةٌ يَّتْلُوْنَ اٰيٰتِ اللّٰهِ اٰنَآءَ الَّيْلِ وَهُمْ يَسْجُدُوْنَ **(ଆଲେ ଇମ୍ରାନ୍:114 )** ଅର୍ଥାତ ସେ ଲୋକମାନେ ସମସ୍ତେ ସମାନ୍ ନୁହନ୍ତି ଗ୍ରନ୍ଥଧାରୀମାନଙ୍କ ଭିଡ଼ରେ ଏପରି ମଧ ଦଳେ ଅଛନ୍ତି ଯେଉଁମାନେ (ଅଙ୍ଗିକାରରେ) ପ୍ରତିଷ୍ଠିତ ଅଛନ୍ତି ସେମାନେ ରାତ୍ରି କାଳରେ ଅଲ୍ଲାଃତାଲାଙ୍କ ବାଣ ପାଠ କରୁଛନ୍ତି ଓ ସିଜ୍‌ଦା ମଧ କରୁଅଛନ୍ତି।

ରସୁଲୁଲ୍ଲାଃ ସ.ଅଙ୍କ ଧାର୍ମିକ ସହିଷ୍ଣୁତାର ଆଉ ଏକ ସର୍ବୋତ୍ତମ ଉଦାହରଣ ହେଉଛି ମଦିନାରେ ଅଙ୍ଗୀକାର ନେବା । ମଦିନାକୁ ଆସିବା ପରେ ଆପଣ ସ.ଅ ମଦିନାରେ ବାସ କରୁଥିବା ଇହୁଦୀମାନଙ୍କ ସହିତ ଚୁକ୍ତି ସ୍ଥାପନ କଲେ । ତଦନୁଯାୟୀ ମୁସଲମାନ ଓ ଇହୁଦୀଙ୍କୁ ଗୋଟିଏ ଜାତି ରୂପେ ବିବେଚିତ କରାଯାଇଥିଲା ଏବଂ ଇହୁଦୀମାନଙ୍କୁ ମଦିନାରେ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଥିଲା ଏବଂ ସେମାନଙ୍କର ନ୍ୟାୟ ସେମାନଙ୍କର ଧର୍ମବିଧାନ ଅନୁଯାୟୀ ହିଁ ଆପଣ ସ.ଅ ନ୍ୟାୟ କରୁଥିଲେ । ରସୁଲୁଲ୍ଲାଃ ସ.ଅ ଇହୁଦୀମାନଙ୍କର ଶିକ୍ଷାନୁଷ୍ଠାନ ବୈତେ ମଦାରିସ୍‌କୁ ଯାଇ ସେଠାରେ ଉଦ୍‌ବୋଧନ ମଧ ଦେଇଥିଲେ। ସେହିପରି ମଦିନାରେ ବାସ କରୁଥିବା ଇହୁଦୀମାନେ ମସ୍‌ଜିଦ୍ ନବ୍‌ୱୀ ସ.ଅରେ ପ୍ରଶ୍ନ ପଚାରୁଥିଲେ ଏବଂ ଆପଣ ସ.ଅ ସେମାନଙ୍କ ପ୍ରଶ୍ନର ଉତ୍ତର ମଧ ଦେଉଥିଲେ । ଏହିପରି ଭାବରେ ଆପଣ ସ.ଅ ଇହୁଦୀମାନଙ୍କର ନିମନ୍ତ୍ରଣ ଭୋଜି ମଧ ସ୍ୱୀକାର କରିଥିଲେ । ସୁତରାଂ ଏକଦା ଇହୁଦୀର ସାମାନ୍ୟ ନିମନ୍ତ୍ରଣ ଭୋଜିକୁ ସ୍ୱୀକାର କଲେ ଯହିଁରେ ଇହୁଦୀ ଆଁହଜରତ ସ.ଅଙ୍କ ପାଇଁ ଜଉ ଓ ଚର୍ବି ଉପସ୍ଥାପିତ କରିଥିଲା । **(ତବ୍‌କାତୁଲ୍ କୁବ୍ରା ଲିଇବ୍‌ନି ସାଆଦ୍, ଭାଗ-1, ପୃ-370-407, ପ୍ରାମାଣ୍ୟ- ଉସ୍‌ୱାଏ ଇନ୍‌ସାନେ କାମିଲ)**

ପୁନଶ୍ଚ ପବିତ୍ର କୁରଆନ୍ କରୀମ୍ ବିଭିନ୍ନ ଧର୍ମ ସଂସ୍ଥାପକମାନଙ୍କ ପ୍ରତି ସମ୍ମାନ ଓ ଆଦର ସତ୍କାର କରିବା ପ୍ରତି, ସେହିପରି ଅନ୍ୟ ଧର୍ମର ମର୍ଯ୍ୟାଦାବନ୍ତ ମହାପୁରୁଷମାନଙ୍କ ପ୍ରତି ଅସମ୍ମାନ ଓ ନିରାଦର କରିବା ପ୍ରତି ବାରଣ କରିଥାଏ ଓ ଅପଶବ୍ଦ ତଥା ଗାଳିଗୁଲଚ ନକରିବାକୁ ଅନୁପ୍ରାଣିତ କରିଥାଏ । ସୁତରାଂ ପବିତ୍ର କୁରଆନ୍ କରୀମ୍ ଏହା କହେ: وَلَا تَسُبُّوا الَّذِيْنَ يَدْعُوْنَ مِنْ دُوْنِ اللّٰهِ فَيَسُبُّوا اللّٰهَ عَدْوًا ۢ بِغَيْرِ عِلْمٍ ۗ كَذٰلِكَ زَيَّنَّا لِكُلِّ اُمَّةٍ عَمَلَهُمْ ۪ ثُمَّ اِلٰى رَبِّهِمْ مَّرْجِعُهُمْ فَيُنَبِّئُهُمْ بِمَا كَانُوْا يَعْمَلُوْنَ **(ଆଲେ ଇମ୍ରାନ୍:109)**ଏବଂ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ ଯେଉଁମାନଙ୍କୁ ସେମାନେ ପ୍ରାର୍ଥନାରେ ଡାକନ୍ତି ତୁମ୍ଭେ ସେମାନଙ୍କୁ ତିରସ୍କାର କର ନାହିଁ । ନଚେତ୍ ସେମାନେ ଶତ୍ରୁ ହୋଇ ଅଜ୍ଞତା ବଶତଃ ଅଲ୍ଲାଃତାଲାଙ୍କୁ ତିରସ୍କାର କରିବେ । ଏହିପରି ଆମ୍ଭେ ପ୍ରତ୍ୟେକ ସଂପ୍ରଦାୟର କର୍ମକୁ ସୁଶୋଭିତ କରି ଦେଖାଇଅଛୁ । ଏହାପରେ ସେମାନଙ୍କୁ ନିଜ ପାଳନକର୍ତ୍ତାଙ୍କ ନିକଟକୁ ଫେରିଯିବାକୁ ହେବ ଏବଂ ସେମାନେ ଯାହା କରୁଥିଲେ ସେ ଅଲ୍ଲାଃ ସେମାନଙ୍କୁ ତାହା ଜଣାଇ ଦେବେ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ଧାର୍ମିକ ସହିଷ୍ଣୁତାର ବ୍ୟବହାରିକ ଉଦାହରଣ ଥିଲେ । ଆପଣ ସ.ଅ ସର୍ବଦା ଧାର୍ମିକ ସହିଷ୍ଣୁତା ଓ ସହନଶୀଳତାକୁ ଧ୍ୟାନରେ ରଖିଥିଲେ । ସୁତରାଂ ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଦୁଇ ଜଣ ବ୍ୟକ୍ତି ପରସ୍ପରକୁ ଗାଳି ଦେବାକୁ ଲାଗିଲେ । ଜଣେ ମୁସଲମାନ ଥିଲା ଅନ୍ୟ ଜଣକ ଇହୁଦୀ ବ୍ୟକ୍ତି ଥିଲା। ମୁସଲମାନ କହିଲା, ସେହି ସତ୍ତାଙ୍କର ଶପଥ କରି କହୁଛି ! ଯିଏ ହ. ମୁହମ୍ମଦ ସ.ଅଙ୍କୁ ସମସ୍ତ ବ୍ରହ୍ମାଣ୍ଡ ତୁଳନାରେ ସର୍ବଶ୍ରେଷ୍ଠ ଅବତାର ରୂପେ ମନୋନୀତ କରି ଆପଣ ସ.ଅଙ୍କୁ ଶ୍ରେଷ୍ଠ ବୋଲି ବିବେଚିତ କଲେ। ପ୍ରତ୍ୟୁତ୍ତରରେ ଇହୁଦୀ ବ୍ୟକ୍ତି ଜଣକ କହିଲା: ମୁଁ ସେହି ସତ୍ତାଙ୍କର ଶପଥ ଯିଏ ହ. ମୁସା ର.ଅଙ୍କୁ ସମସ୍ତ ସଂସାର ଉପରେ ପ୍ରାଧାନ୍ୟ ପ୍ରଦାନ କରିଛନ୍ତି । ପ୍ରତ୍ୟୁତ୍ତରରେ ମୁସଲମାନ ଜଣକ ହାତ ଉଠାଇ ଇହୁଦୀ ବ୍ୟକ୍ତିକୁ ଚାପୁଡ଼ା ମାରିଦେଲା । ଇହୁଦୀ ବ୍ୟକ୍ତି ଜଣକ ଆଁହଜରତ ସ.ଅଙ୍କ ନିକଟକୁ ଅଭିଯୋଗ ନେଇ ଉପସ୍ଥିତ ହେଲା । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ ମୁସଲମାନ ବ୍ୟକ୍ତି ଠାରୁ ସମସ୍ତ ଘଟଣା ବୃତ୍ତାନ୍ତ ସଂପର୍କରେ ପଚାରିଲେ ଓ କହିଲେ وَلَا تُخَيِّرُوْنِيْ عَلٰى مُوْسٰى ଅର୍ଥାତ୍ ତୁମେମାନେ ମୋତେ ହ. ମୁସା ଅ.ସଙ୍କ ଉପରେ ପ୍ରାଧାନ୍ୟ (ଅର୍ଥାତ ମୋତେ ଶ୍ରେଷ୍ଠ ବୋଲି ବିବେଚିତ କର ନାହିଁ) ଦିଅ ନାହିଁ । **(ବୁଖାରୀ କିତାବୁଲ୍ ଖୁସୁମାତ, ବାବୁ ମା ୟୁଜକରା ଫିଲ୍ ଅଶ୍‌ଖାସି ୱଲ୍ ଖୁସୁମତା**


**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

**"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।**

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family,
Jamat Ahmadiya
Kerang, Darul Anwar (Odisha)

**ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-**

اَلْخَيْرُ كُلُّهٗ فِى الْقُرْاٰنِ

ଅର୍ଥାତ୍ ସକଳ ପ୍ରକାରର ପୁଣ୍ୟ ପବିତ୍ର କୁରଆନ୍ କରୀମ୍‌ରେ ନିହିତ ରହିଛି ।

ତାଲିବେ ଦୁଆ: Sajeed Khan, S/O- Sultan Ahmad,
Jamat Ahmadiya Paradeep (Kerang)
(Odisha)

**ବୈନଲ୍ ମୁସଲିମି ୱଲ୍ ୟହୁଦ୍)**

ଆମ ପ୍ରିୟ ଇମାମ୍ (ଧର୍ମାଧକ୍ଷ) ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ଉପରୋକ୍ତ ଚର୍ଚ୍ଚିତ ହଦିସ୍ ସଂକ୍ରାନ୍ତରେ ବର୍ଣ୍ଣନା କରି କୁହନ୍ତି: "ଏହା ଥିଲା ଆପଣ ସ.ଅଙ୍କ ସ୍ୱାଧୀନତାର ସ୍ତର, ଧାର୍ମିକ ସ୍ୱାଧୀନତା, ବିବେକ ସ୍ୱାଧୀନତା । ନିଜର ଶାସନ ରହିଛି । କିନ୍ତୁ ଆପଣ ସ.ଅ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ନିଜ ରାଷ୍ଟ୍ରରେ ସୁବିଧା ଓ ସ୍ୱାଧୀନତା ପ୍ରଦାନ କରିଛନ୍ତି । ଆପଣ ସ.ଅ ମଦିନା ପ୍ରବାସ ପରେ ମଦିନାର ସଂପ୍ରଦାୟ ଓ ଇହୁଦୀମାନଙ୍କ ମଧ୍ୟରେ ଶାନ୍ତି ଓ ସୌହାର୍ଦ୍ଦ୍ୟର ପରିବେଶ ସ୍ଥାପନ କରିବା ନିମନ୍ତେ ଏକ ଚୁକ୍ତି କରିଥିଲେ । ତଦନୁଯାୟୀ ମୁସଲମାନମାନଙ୍କର ସଂଖ୍ୟାଗରିଷ୍ଠ ହେବା ଯୋଗୁଁ କିମ୍ବା ମୁସଲମାନମାନଙ୍କ ସହିତ ଯେଉଁ ଲୋକମାନେ ମିଶି ଯାଇଥିଲା ସେମାନେ ବର୍ତ୍ତମାନ ମୁସଲମାନ ହୋଇ ନଥିଲେ ସେହି ଅଣ ଧର୍ମାବଲମ୍ବୀମାନଙ୍କ ଯୋଗୁଁ ଶାସନ କ୍ଷମତାର ଡୋର ଆପଣ ସ.ଅଙ୍କ ହସ୍ତରେ ଥିଲା । କିନ୍ତୁ ସେହି ସରକାରଙ୍କ ଅଭିପ୍ରାୟ ଏହା ନଥିଲା ଯେ, ଦ୍ୱିତୀୟ ପ୍ରଜା, ପ୍ରଜାର ଅନ୍ୟ ଲୋକ ହେବା ଯୋଗୁଁ ସେମାନଙ୍କ ଭାବାବେଗର ଧ୍ୟାନ ନରଖାଯାଉ । ପବିତ୍ର କୁରଆନ୍ କରୀମ୍ ଉକ୍ତ ସାକ୍ଷ୍ୟ ସତ୍ତ୍ୱେ ଆପଣ ସ.ଅଙ୍କୁ ସମସ୍ତ ଅବତାରମାନଙ୍କ ତୁଳନାରେ ଅପେକ୍ଷାକୃତ ସର୍ବଶ୍ରେଷ୍ଠ ଅଟନ୍ତି । ଆପଣ ସ.ଅ ଏହାକୁ ପସନ୍ଦ କଲେ ନାହିଁ । କାରଣ ଅବତାରମାନଙ୍କ ମଧ୍ୟରେ ପ୍ରତିଯୋଗୀତା ଯୋଗୁଁ ଶାନ୍ତ ପରିବେଶକୁ କଳୁଷିତ କରାଯାଉ । ଆପଣ ସ.ଅ ସେହି ଇହୁଦୀର କଥା ଶୁଣି ସେହି ମୁସଲମାନ ବ୍ୟକ୍ତିକୁ ହିଁ ଭର୍ତ୍ସନା କଲେ ଏବଂ କହିଲେ ତୁମେମାନେ ନିଜର କଳହରେ ଅବତାରମାନଙ୍କୁ ସାମିଲ୍ କର ନାହିଁ । ଏକଥା ଠିକ୍ ଯେ, ତୁମ ନିକଟରେ ମୁଁ ସମସ୍ତ ଅବତାରମାନଙ୍କ ଅପେକ୍ଷ ସର୍ବଶ୍ରେଷ୍ଠ ଅଟେ । ଅଲ୍ଲାଃତାଲା ମଧ୍ୟ ଏକଥାର ସାକ୍ଷ୍ୟ ଦେଉଛନ୍ତି । କିନ୍ତୁ ମୋ ଶାସନ କାଳରେ ଜଣେ ବ୍ୟକ୍ତିକୁ ଏଇଥିପାଇଁ କଷ୍ଟ ନହେଉ ଯେ, ତା'ର ନବୀକୁ ଅନ୍ୟ ବ୍ୟକ୍ତି କିଛି କହିଲେ । ମୁଁ ଏଥିପାଇଁ ଅନୁମତି ପ୍ରଦାନ କରିପାରିବି ନାହିଁ । ତେଣୁ ତୁମେମାନେ ଯଦି ମୋତେ ସମ୍ମାନ ପ୍ରଦର୍ଶନ କରୁଛ ତେବେ ତୁମ ପକ୍ଷେ ଅନ୍ୟ ଅବତାରମାନଙ୍କ ପ୍ରତି ମଧ୍ୟ ସମ୍ମାନ ପ୍ରଦର୍ଶନ କରିବାକୁ ହେବ ।"

ସୁତରାଂ ଏହା ଥିଲା ଆପଣ ସ.ଅଙ୍କର ନ୍ୟାୟ ଓ ବିବେକ ସ୍ୱାଧୀନତାର ସ୍ତର ଯେ, ଆପଣ ସ.ଅ ପର ଆପଣା ସମସ୍ତଙ୍କ ପାଇଁ ଚିନ୍ତା କରୁଥିଲେ ଏବଂ ଏହି ମାନଦଣ୍ଡ ଆପଣ ସ.ଅ କେବଳ ସମସ୍ତଙ୍କ ପାଇଁ ସ୍ଥାପନ କରିଥିଲେ ତାହା ନୁହେଁ ବରଂ ବେଳେବେଳେ ଅଣଧର୍ମାବଲମ୍ବୀମାନଙ୍କର ଭାବାବେଗ ପ୍ରତି ଅଧିକ ପ୍ରଯତ୍ନବାନ୍ ଥିଲେ । **(ଖୁତ୍‌ବା ଜୁମା 10 ମାର୍ଚ୍ଚ 2006 ମସିହା, ପ୍ରକାଶନ ସ୍ଥାନ-ଅଲ୍ ଫଜଲ୍ ଇଣ୍ଟରନେସନାଲ୍, 31 ମାର୍ଚ୍ଚ 2006 ମସିହା, ପୃ-7)**

ପବିତ୍ର କୁରଆନ୍ କରୀମ୍‌ରେ ଅଲ୍ଲାଃତାଲାଙ୍କର ଆଦେଶ ଉଲ୍ଲିଖିତ ରହିଛି ଯେ, لَّا يَنْهَىٰكُمُ ٱللَّهُ عَنِ ٱلَّذِينَ لَمْ يُقَٰتِلُوكُمْ فِى ٱلدِّينِ وَلَمْ يُخْرِجُوكُم مِّن دِيَٰرِكُمْ أَن تَبَرُّوهُمْ وَتُقْسِطُوٓا۟ إِلَيْهِمْ ۚ إِنَّ ٱللَّهَ يُحِبُّ ٱلْمُقْسِطِينَ **(ମୁମ୍ ତହିନା:9)** ଯେଉଁମାନେ ତୁମମାନଙ୍କ ସହିତ ଧର୍ମ ସମ୍ବନ୍ଧୀୟ ମତ ପାର୍ଥ୍ୟକ୍ୟ ଯୋଗୁଁ ଯୁଦ୍ଧ କରି ନାହାନ୍ତି ଓ ଯେଉଁମାନେ ତୁମମାନଙ୍କୁ ତୁମମାନଙ୍କ ଗୃହରୁ ବିତାଡ଼ିତ କରି ନାହାନ୍ତି ସେମାନଙ୍କର କଲ୍ୟାଣ ସାଧାନ କରିବା ପାଇଁ ଓ ସେମାନଙ୍କ ସହିତ ନ୍ୟାୟସଙ୍ଗତ ବ୍ୟବହାର ପ୍ରଦର୍ଶନ କରିବା ପାଇଁ ଅଲ୍ଲାଃତାଲା ତୁମମାନଙ୍କୁ ବାରଣ କରି ନାହାନ୍ତି । ଅଲ୍ଲାଃତାଲା ନ୍ୟାୟବାନମାନଙ୍କୁ ପସନ୍ଦ କରିଥାନ୍ତି ।

ଇସଲାମ୍ ଧର୍ମ ଶତ୍ରୁମାନଙ୍କ ପକ୍ଷରୁ କରାଯାଇଥିବା ଅନ୍ୟାୟ ଓ ଅତ୍ୟାଚାର ସଂକ୍ରାନ୍ତରେ ମଧ୍ୟ ଶାନ୍ତି ସ୍ଥାପନ ସକାଶେ ପାପ ତୁଲ୍ୟ ପ୍ରତିଶୋଧ ନେବା ନିମନ୍ତେ ଅନୁମତି ପ୍ରଦାନ କରିଛି ଏବଂ କହିଛି ଯେ, ତୁମେମାନେ ଯଦି କ୍ଷମା ଓ ଅଣଦେଖା କରିବା ଅବଲମ୍ବନ କରିନିଅ ତେବେ ଅଲ୍ଲାଃତାଲାଙ୍କ ନିକଟରେ ତୁମମାନଙ୍କର ଏହି କର୍ମ ଅଧିକ ପ୍ରିୟ ବୋଲି ବିବେଚିତ ହେବ । ଅଲ୍ଲାଃତାଲା ପବିତ୍ର କୁରାନ୍ କରୀମରେ କୁହନ୍ତି। وَجَزَٰٓؤُا۟ سَيِّئَةٍ سَيِّئَةٌ مِّثْلُهَا ۖ فَمَنْ عَفَا وَأَصْلَحَ فَأَجْرُهُۥ عَلَى ٱللَّهِ ۚ إِنَّهُۥ لَا يُحِبُّ ٱلظَّٰلِمِينَ **(ଅଶ୍ ଶୁରା:41)**

ଅର୍ଥାତ ଅନିଷ୍ଟର ପ୍ରତିଶୋଧ ତଦନୁରୂପ ଅନିଷ୍ଟ ଅଟେ । ଯେ କ୍ଷମା ପ୍ରଦାନ କରେ ଓ ସଂସାରକୁ ଦୃଷ୍ଟିରେ ରଖେ ତାହାର ପୁରସ୍କାର ଅଲ୍ଲାଃତାଲାଙ୍କ ଠାରେ ରହିଅଛି । ସେ (ଅଲ୍ଲାଃତାଲା) ଅତ୍ୟାଚାରୀମାନଙ୍କୁ ପସନ୍ଦ କରନ୍ତି ନାହିଁ ।

ଅଲ୍ଲାତାଲାଙ୍କର ପବିତ୍ର ଆଦେଶ ରହିଛି ଯେ, يَٰٓأَيُّهَا ٱلَّذِينَ ءَامَنُوا۟ ٱجْتَنِبُوا۟ كَثِيرًا مِّنَ ٱلظَّنِّ إِنَّ بَعْضَ ٱلظَّنِّ إِثْمٌ ۖ وَلَا تَجَسَّسُوا۟ وَلَا يَغْتَب بَّعْضُكُم بَعْضًا ۚ أَيُحِبُّ أَحَدُكُمْ أَن يَأْكُلَ لَحْمَ أَخِيهِ مَيْتًا فَكَرِهْتُمُوهُ ۚ وَٱتَّقُوا۟ ٱللَّهَ ۚ إِنَّ ٱللَّهَ تَوَّابٌ رَّحِيمٌ **(ଅଲ୍ ହୁଜରାତ୍:14)**

ଅର୍ଥାତ ହେ ବିଶ୍ୱାସକାରୀମାନେ ! ତୁମେ ଅନେକ ଗୁଡ଼ିଏ ସନ୍ଦେହରୁ ନିଜକୁ ଦୂରେଇ ରଖ । କାରଣ କେତେକ ସନ୍ଦେହ ପାପରେ ପରିଣତ ହୋଇଯାଏ ଏବଂ ଗୋପନରେ ଅନ୍ୟର ଦୋଷ ଅନ୍ୱେଷଣ କର ନାହିଁ, ତୁମେମାନେ ପରସ୍ପରର ଚୁଗୁଲି କର ନାହିଁ। କ'ଣ ତୁମମାନଙ୍କ ମଧ୍ୟରୁ କେହି ନିଜ ମୃତ ଭାଇର ମାଂସ ଖାଇବାକୁ ପସନ୍ଦ କରିବ ? ତୁମମାନଙ୍କୁ ଯଦି ଏପରି କରିବାକୁ କୁହାଯାଏ ତେବେ ତୁମେମାନେ ଏହାକୁ ଅପସନ୍ଦ କରିବ ଏବଂ ଅଲ୍ଲାଃତାଲାଙ୍କୁ ଭୟ କର । ଅଲ୍ଲାଃତାଲା ହିଁ ଶ୍ରେଷ୍ଠ ଅନୁତାପ ଗ୍ରହୀତ ଓ ସଦା କରୁଣାମୟ ।

ଆଁହଜରତ ସ.ଅ ଏହି ସାଧାରଣ ଘୋଷଣା କରି କହିଲେ: يَا أَيُّهَا النَّاسُ أَلَا إِنَّ رَبَّكُمْ وَاحِدٌ وَإِنَّ أَبَاكُمْ وَاحِدٌ أَلَا لَا فَضْلَ لِعَرَبِيٍّ عَلَى أَعْجَمِيٍّ وَلَا لِعَجَمِيٍّ عَلَى عَرَبِيٍّ وَلَا أَحْمَرَ عَلَى أَسْوَدَ وَلَا أَسْوَدَ عَلَى أَحْمَرَ إِلَّا بِالتَّقْوَى **(ମସନଦ୍ ଅହେମଦ୍ ବିନ୍ ହମ୍ବଲ୍, ଭାଗ5, ପୃ-411, ଲେଖକ- ଅବୁ ଅବଦୁଲ୍ଲାଃ ଅହେମଦ୍ ବିନ୍ ହମ୍ବଲ୍, ପ୍ରକାଶକ-ଦାରୁଲ୍ ଫିକର ବୈରୁତ୍, ବର୍ଣ୍ଣନା ସଂଖ୍ୟା-23536)**

ଅର୍ଥାତ୍ ହେ ଲୋକମାନେ ! ତୁମମାନଙ୍କର ପାଳନକର୍ତ୍ତା ଏକ ଅଟନ୍ତି ଓ ତୁମମାନଙ୍କର ପିତା ମଧ୍ୟ ଜଣେ ଅଟନ୍ତି । କୌଣସି ଆରବୀୟ ବ୍ୟକ୍ତିକୁ ଅଣ ଆରବୀୟ ବ୍ୟକ୍ତି ଉପରେ କିମ୍ବା କୌଣସି ଅଣ ଆରବୀୟ ବ୍ୟକ୍ତିକୁ ଆରବୀୟ ବ୍ୟକ୍ତି ଉପରେ କୌଣସି ପ୍ରାଧାନ୍ୟତା ଓ ଶ୍ରେଷ୍ଠତ୍ୱତା ନାହିଁ । ସେହିପରି କୌଣସି କୃଷ୍ଣକାୟ ବର୍ଣ୍ଣର ବ୍ୟକ୍ତିକୁ ଲୋହିତ ବର୍ଣ୍ଣର ବ୍ୟକ୍ତି ଉପରେ ଓ କୌଣସି ଲୋହିତ ବର୍ଣ୍ଣର ବ୍ୟକ୍ତିକୁ କୃଷ୍ଣ ବର୍ଣ୍ଣର ବ୍ୟକ୍ତି ଉପରେ କୌଣସି ଶ୍ରେଷ୍ଠତା ରହି ନାହିଁ । କିନ୍ତୁ ଯିଏ ଧର୍ମପରାୟଣ ବ୍ୟକ୍ତି ସେ ହିଁ ଶ୍ରେଷ୍ଠ ଅଟେ ।

ତତ୍‌ସଂକ୍ରାନ୍ତରେ ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ କୁହନ୍ତି: "ଆଁହଜରତ ସ.ଅ ଶେଷ ଖୁତ୍‌ବାରେ ସମସ୍ତ ମୁସଲମାନମାନଙ୍କୁ ଆଦେଶ ଦେଲେ ଯେ, ସେମାନେ ସର୍ବଦା ଏକଥାକୁ ସ୍ମରଣ ରଖନ୍ତୁ ଯେ, କୌଣସି ଆରବୀୟ ବ୍ୟକ୍ତିକୁ ଅଣଆରବୀୟ ବ୍ୟକ୍ତି ଉପରେ କୌଣସି ପ୍ରାଧାନ୍ୟତା ଓ ଶ୍ରେଷ୍ଠତ୍ୱ ପ୍ରାପ୍ତ ହୋଇ ନାହିଁ । ସେହିପରି ନା ହିଁ କୌଣସି ଧବଳ ବର୍ଣ୍ଣର ବ୍ୟକ୍ତିକୁ କୃଷ୍ଣ ବର୍ଣ୍ଣର ବ୍ୟକ୍ତି ଉପରେ ଓ କୌଣସି କୃଷ୍ଣ ବର୍ଣ୍ଣର ବ୍ୟକ୍ତିକୁ ଗୌର ବା ଧବଳ ବର୍ଣ୍ଣର ବ୍ୟକ୍ତି ଉପରେ କୌଣସି ଶ୍ରେଷ୍ଠତା ରହିନାହିଁ । ସୁତରାଂ ଇସଲାମ୍ ଧର୍ମର ଏହି ସ୍ପଷ୍ଟ ଶିକ୍ଷା ରହିଛି ଯେ, ସମସ୍ତ ଜାତି ଓ ସମସ୍ତ ବର୍ଣ୍ଣର ଲୋକମାନେ ସମାନ ଅଟନ୍ତି । ଆପଣ ସ.ଅ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସମସ୍ତ ଲୋକମାନଙ୍କୁ ନିର୍ଦ୍ୱନ୍ଦ୍ୱ, ନିରପେକ୍ଷ ଓ ବିନା କୌଣସି ଦ୍ୱେଷରେ ନିର୍ବିଶେଷରେ ସମାନ ଅଧିକରା ମିଳିବା ଉଚିତ୍ । ଏହା ହେଉଛି ମୌଳିକ ଓ ସ୍ୱର୍ଣ୍ଣିମ ନୀତି ଯାହାକି ଆନ୍ତର୍ଜାତିକ ଶାନ୍ତି, ସଦ୍‌ଭାବନା ଏବଂ ଏକତାର ମୂଳଦୁଆ ପକାଇଥାଏ । **(ଆମ୍‌ନୁଲ୍ ବୁହରାନ୍ ଔର୍ ଅମନ୍ କି ରାହ୍, ପୃ-75)**

ଇହୁଦୀମାନେ ଆଁହଜରତ ସ.ଅଙ୍କର ସଭାରେ ଉପସ୍ଥିତ ହେଉଥିଲେ ତ' ଆପଣ ସ.ଅ ସେମାନଙ୍କ ପ୍ରତି ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲେ। ସୁତରାଂ କୌଣସି ଇହୁଦୀଙ୍କୁ ହୁଜୁର ସ.ଅଙ୍କ ସଭାରେ ଯେତେବେଳେ ଛିଙ୍କ ଆସୁଥିଲା ସେତେବେଳେ ଆପଣ ସ.ଅ ଉକ୍ତ ବ୍ୟକ୍ତି ସପକ୍ଷରେ ଏହି ଦୁଆ ପାଠ କରୁଥିଲେ ଯେ, ହେ ପ୍ରଭୁ ଉକ୍ତ ବ୍ୟକ୍ତିକୁ ସତ୍‌ପଥ ଦେଖାଅ ଓ ଉକ୍ତ ବ୍ୟକ୍ତିର ଅବସ୍ଥାକୁ ଭଲ କରିଦିଅ । **(ଅଲ୍ ଖସାଏସୁଲ୍ କୁବ୍ରା**

**ଲିସ୍ ସୁୟୁତ୍ୱୀ, ଭାଗ-2, ପୃ-167, ପ୍ରକାଶନ ସ୍ଥାନ-ବୈରୁତ୍, ପ୍ରାମାଣ୍ୟ ଉସ୍‌ୱାଏ ଇନ୍‌ସାନେ କାମିଲ୍)**

ଆଁହଜରତ ସ.ଅ ଇହୁଦୀମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିର ଅସୁସ୍ଥ ହେବାର ସୂଚନା ଯେତେବେଳେ ପ୍ରାପ୍ତ କରୁଥିଲେ ସେତେବେଳେ ଆପଣ ସ.ଅ ଉକ୍ତ ବ୍ୟକ୍ତିର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଥିଲେ ଏବଂ ରୋଗ ଶୁଶ୍ରୁଷା ପାଇଁ ପ୍ରସ୍ଥାନ କରୁଥିଲେ । ସୁତରାଂ ଆପଣ ସ.ଅ ମଦିନାରେ ଏକ ଇହୁଦୀର ଘରୋଇ ସେବକର ରୋଗ ଶୁଶ୍ରୁଷା ନିମନ୍ତେ ସ୍ୱୟଂ ପ୍ରସ୍ଥାନ କରି ତା'ର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ ।

**(ମୁସ୍‌ନଦ୍ ଅହେମଦ୍ ବିନ୍ ହମ୍ବଲ୍, ଭାଗ-3, ପୃ-175)**

ଆଁହଜରତ ସ.ଅ ଅଣ ଧର୍ମାବଲମ୍ବୀମାନଙ୍କ ମୃତ ବ୍ୟକ୍ତିମାନଙ୍କୁ ମଧ ସମ୍ମାନ ଜଣାଉଥିଲେ । ସେହିପରି ଆପଣ ସ.ଅ ମାନବିକ ସମ୍ମାନ ଓ ଶିଷ୍ଟାଚାର ମଧ ସ୍ଥାପିତ କରିଥିଲେ । ହ. ଅବଦ୍ଦୁର୍ ରହେମାନ୍ ବିନ୍ ଅବି ଲୈଲା ବର୍ଣ୍ଣନା କରନ୍ତି ଯେ, ସହଲ୍ ବିନ୍ ହୁନୈଫ୍ ଓ କୈସ୍ ବିନ୍ ସାଆଦ୍ କାଦସିୟା ନାମକ ସ୍ଥାନରେ ବସିଥିଲେ କି ସେମାନଙ୍କ ନିକଟ ଦେଇ ଏକ ଯନାଜାଃ (ଅନ୍ତ୍ୟେଷ୍ଟି କ୍ରିୟା ବା ଅନ୍ତିମ ସଂସ୍କାର) ଅତିକ୍ରମ କଲା । ତେବେ ସେମାନେ ଦୁହେଁ ଛିଡ଼ା ହୋଇପଡ଼ିଲେ । ସେମାନଙ୍କୁ ଯେତେବେଳେ କୁହାଗଲା କି ଆରେ ଏହି ଯନାଜାଃ ଜିମ୍ମିମାନଙ୍କ ମଧ୍ୟରୁ ଜଣେ ଜିମ୍ମି ବ୍ୟକ୍ତିର ଅଟେ । ତେବେ ଦୁହେଁ କହିଲେ, ଏକଦା ନବୀ କରୀମ୍ ସ.ଅଙ୍କ ନିକଟ ଦେଇ ଯେତେବେଳେ ଏକ ଯନାଜାଃ ଅତିକ୍ରମ କଲା ସେତେବେଳେ ଆପଣ ସ.ଅ ସମ୍ମାନପୂର୍ବକ ଛିଡ଼ା ହୋଇ ପଡ଼ିଲେ। ଆପଣ ସ.ଅଙ୍କୁ କୁହାଗଲା ଯେ, ହୁଜୁର୍ ! ଉକ୍ତ ଯନାଜାଃ ହେଉଛି ଜଣେ ଇହୁଦୀ ବ୍ୟକ୍ତିର । ପ୍ରତ୍ୟୁତ୍ତରରେ ରସୁଲ୍ କରୀମ୍ ସ.ଅ କହିଲେ, أَلَيْسَتْ نَفْسًا ଅର୍ଥାତ କ'ଣ ଉକ୍ତ ବ୍ୟକ୍ତି ଜଣେ ମଣିଷ ନଥିଲା ? **(ବୁଖାରୀ, କିତାବୁଲ୍ ଯନାଏଜି, ବାବୁ ମନ୍ କାମା ଲି ଯନାଜତା ୟହୁଦି)**

ଆମର ପ୍ରିୟ ଧର୍ମାଧ୍ୟକ୍ଷ ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ ନିଜର ବର୍ଣ୍ଣିତ ଖୁତ୍‌ବା ଜୁମା ତା-10-03-2006-ରେ ଉପରୋକ୍ତ ଘଟଣାର ଚର୍ଚ୍ଚା କରିବା ପରେ କହିଲେ: "ସୁତରାଂ ଏହା ହେଉଛି ଅନ୍ୟ ଧର୍ମକୁ ସମ୍ମାନ ଜଣାଇବା ଏବଂ ମାନବତାକୁ ସମ୍ମାନ ଜଣାଇବା । ଏହା ହେଉଛି ସେହି ପରିପ୍ରକାଶ ଓ ଉଦାହରଣ ଯହିଁରୁ ଧାର୍ମିକ ସହିଷ୍ଣୁତା ତଥା ସହନଶୀଳତା ଭାବ ସୃଷ୍ଟି ହୋଇଥାଏ । ଏହି ଭାବାବେଗ ଦ୍ୱାରା ପରସ୍ପର ପ୍ରତି କୋମଳ ଭାବାବେଗ ସୃଷ୍ଟି ହୋଇଥାଏ ଏବଂ ଏହା ଦ୍ୱାରା ପ୍ରେମ, ଆନ୍ତରୀକତା, ସ୍ନେହ, ଶାନ୍ତି, ସଦଭାବନା ଓ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି ହୋଇଥାଏ । ଆଜିକାଲି ସଂସାରବାସୀମାନଙ୍କର ଆଚରଣ ଏପରି ଯେ, ସେମାନେ ପରିବେଶ ତଥା ବାତାବରଣରେ ଘୃଣା ସୃଷ୍ଟି କରିବା ଛଡ଼େ ଅନ୍ୟ କୌଣସି କାମ ସେମାନଙ୍କର ନାହିଁ ।"

ସୁତରାଂ ଯେତେବେଳେ ଧର୍ମଗ୍ରନ୍ଥଧାରୀ ଓ ଅବିଶ୍ୱାସାକାରୀମାନେ ଅତ୍ୟନ୍ତ ନୀଚ୍ଚ ସ୍ତରକୁ ଖସି ଯାଇଥିଲେ ଏବଂ ପାପ କରି ସେମାନେ ଗର୍ବିତ ହେଉଥିଲେ ଏବଂ ଏହା ମନେକରୁଥିଲେ ଯେ, ଆମେମାନେ ପୁଣ୍ୟ କାର୍ଯ୍ୟ ସମ୍ପାଦନ କରିଛୁ ସେମାନେ ଅପରାଧ କରିବାରୁ ନିବୃତ୍ତ ହେଉ ନଥିଲେ ଏବଂ ଶାନ୍ତି ଓ ଶୃଙ୍ଖଳାରେ ବ୍ୟାଘାତ ସୃଷ୍ଟି କରୁଥିଲେ। ସେତେବେଳେ ଅଲ୍ଲାଃତାଲା ନବୀ କରୀମ୍ ସ.ଅଙ୍କ ହସ୍ତରେ ଶାସନ କ୍ଷମତା ବା ଶାସନର ଡୋର ଧରାଇ ଦେଇ ସେମାନଙ୍କ ହସ୍ତ ଦ୍ୱାରା ଅଭାବି ଲୋକମାନଙ୍କୁ ରକ୍ଷା କରିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ। କାରଣ ଆରବ ଦେଶରେ ଶାସକ ଶାସନାଧୀନ ରହି ନଥିଲା । ଅର୍ଥାତ୍ ଶାସନ କ୍ଷମତାର ଡୋର କୌଣସି ଶାସକଙ୍କ ହସ୍ତରେ ନଥିଲା। ସେମାନେ କୌଣସି ସମ୍ରାଟର ଶାସନାଧୀନ ନଥିଲେ । ତେଣୁ ପ୍ରତ୍ୟେକ ସଂପ୍ରଦାୟ ଅତ୍ୟନ୍ତ ନିଃଶଙ୍କୋଚ ଓ ନିର୍ଭୀକ ଭାବରେ ଜୀବନ ଅତିବାହିତ କରୁଥିଲା। ସେମାନଙ୍କ ନିମନ୍ତେ କୌଣସି ଶାସ୍ତି ନଥିଲା କି ଆଇନ୍ କାନୁନର ବ୍ୟବସ୍ଥା ନଥିଲା । ତେଣୁ ସେମାନେ ଦିନକୁ ଦିନ ଅପରାଧରେ ଆଗେଇ ଚାଲିଲେ । ସୁତରାଂ ଅଲ୍ଲାଃତାଲା ସେହି ଦେଶ ଉପରେ ଦୟାବତୀର୍ଣ୍ଣ କଲେ ଏବଂ ଆଁହଜରତ ସ.ଅଙ୍କୁ ସେହି ଦେଶ ନିମନ୍ତେ କେବଳ ବାର୍ତ୍ତାବହ ରୂପେ ପ୍ରେରଣ କଲେ ନାହିଁ ବରଂ ସେହି ଦେଶର ସମ୍ରାଟ୍ ମଧ କରିଦେଲେ । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌କୁ ଏଭଳି ଏକ ଆଇନ୍ ପରି ସଂପୂର୍ଣ୍ଣ କଲେ ଯହିଁରେ ଦେୱାନୀ, ଫୌଜଦାରୀ, ଆର୍ଥିକ ଆଦି ସକଳ ପ୍ରକାରର ମାର୍ଗଦର୍ଶିକା ଉଲ୍ଲେଖିତ ରହିଛି । ଅତଏବ୍ ଆଁହଜରତ ସ.ଅ ଜଣେ ସମ୍ରାଟ ହିସାବରେ ସମସ୍ତ ସଂପ୍ରଦାୟର ଶାସକ ଥିଲେ ଏବଂ ପ୍ରତ୍ୟେକ ଧର୍ମର ଲୋକମାନେ ନିଜର ମକଦ୍ଦମା ଆପଣ ସ.ଅଙ୍କ ଠାରେ ଫୈସଲା (ବିଚାର) କରାଉଥିଲେ । ପବିତ୍ର କୁରଆନ୍ କରୀମ୍‌ରୁ ପ୍ରମାଣିତ ଯେ, ଏକଦା ଜଣେ ମୁସଲମାନ ବ୍ୟକ୍ତି ଓ ଜଣେ ଇହୁଦୀ ଆଁହଜରତ ସ.ଅଙ୍କ ନ୍ୟାୟାଳୟରେ ମକଦ୍ଦମା କଲା । ଆପଣ ସ.ଅ ଅନ୍ୱେଷଣ ଏବଂ ସନ୍ଧାନ ତଥା ତଦନ୍ତ କରିବା ପରେ ଇହୁଦୀ ବ୍ୟକ୍ତିକୁ ସତ୍ୟ ବୋଲି ମନେକଲେ ଏବଂ ମୁସଲମାନ ବିପକ୍ଷରେ ସେହି ଇହୁଦୀ ବ୍ୟକ୍ତି ସପକ୍ଷରେ ରାୟ ଶୁଣାଇଦେଲ । ସୁତରାଂ କେତେକ ଅବୋଧ ବିରୋଧୀ ବ୍ୟକ୍ତି ଯେଉଁମାନେ ଧ୍ୟାନପୂର୍ବକ ପବିତ୍ର କୁରଆନ୍ କରୀମ୍‌କୁ ପାଠ କରନ୍ତି ନାହିଁ, ସେମାନେ ପ୍ରତ୍ୟେକ ସ୍ଥାନକୁ ଆଁହଜରତ ସ.ଅଙ୍କ ଅବତାରତ୍ୱ ଅଧୀନ ନେଇ ଆସନ୍ତି । କିନ୍ତୁ ଏହିପରି ଶାସ୍ତି ଖିଲାଫତ୍ ଅର୍ଥାତ ସମ୍ରାଟ ହିସାବରେ ଦିଆଯାଉଥିଲା। ବନି ଇସ୍ରାଇଲ୍ ସଂପ୍ରଦାୟରେ ହ. ମୁସା ଅ.ସଙ୍କ ପରେ ନବୀମାନେ ଭିନ୍ନ ହୋଇ ଯାଉଥିଲେ । ସେମାନେ ନିଷ୍ପତ୍ତି, ନିର୍ଣ୍ଣୟ ଆଦି ପ୍ରସଙ୍ଗକୁ ରାଜନୀତିକ ମାଧ୍ୟମରେ ଶାନ୍ତି ସ୍ଥାପନ କରୁଥିଲେ । କିନ୍ତୁ ଆଁହଜରତ ସ.ଅଙ୍କ ସମୟରେ ଏହି ଦୁଇ ପ୍ରକାରର ପଦ ଅଲ୍ଲାଃତାଲା ଆଁହଜରତ ସ.ଅଙ୍କୁ ପ୍ରଦାନ କଲେ । ଅର୍ଥାତ୍ ଅପରାଧିକ ପ୍ରବୃତ୍ତିର ଲୋକମାନଙ୍କୁ ପୃଥକ ପୃଥକ ଭାବରେ ଅନ୍ୟ ଲୋକମାନଙ୍କ ସହିତ ଯେଉଁ ବ୍ୟବହାର ପ୍ରଦର୍ଶନ କରାଯାଉଥିଲା ଠିକ୍ ସେହିପରି ବ୍ୟବହାର ସେମାନଙ୍କ ପ୍ରତି ମଧ ପ୍ରଦର୍ଶନ କରାଯାଉଥିଲା । ସୁତରାଂ ତତ୍‌ସଂପର୍କିତ ଆୟତ୍ ନିମ୍ନରେ ପ୍ରଦାନ କରାଗଲା । وَقُل لِّلَّذِينَ أُوتُوا الْكِتَابَ وَالْأُمِّيِّينَ أَأَسْلَمْتُمْ ۚ فَإِنْ أَسْلَمُوا فَقَدِ اهْتَدَوا ۖ وَّإِن تَوَلَّوْا فَإِنَّمَا عَلَيْكَ الْبَلَاغُ **(ଆଲେ ଇମ୍ରାନ୍:21)** ଅର୍ଥାତ୍ ଯେଉଁମାନଙ୍କୁ ଗ୍ରନ୍ଥ ଦିଆଯାଇଛି ସେମାନଙ୍କୁ ତଥା ନିରକ୍ଷର ଲୋକମାନଙ୍କୁ କୁହ, କ'ଣ ତୁମେମାନେ ମଧ ଆଜ୍ଞା ପାଳନକାରୀ ହେବ? ସୁତରାଂ ଯଦି ସେମାନେ ଆଜ୍ଞାପାଳନକାରୀ ହୁଅନ୍ତି ତେବେ ଜାଣିରଖ ଯେ, ସେମାନେ ସତ୍‌ପଥ ପ୍ରାପ୍ତ ହେବେ । କିନ୍ତୁ ଯଦି ସେମାନେ ବିମୁଖ ହୁଅନ୍ତି ତେବେ ତୁମ୍ଭର ଦାୟିତ୍ୱ କେବଳ ବାର୍ତ୍ତା ପହଞ୍ଚାଇ ଦେବା ।

ଉକ୍ତ ଆୟତ୍‌ରେ ଏହା ଉଲ୍ଲେଖ ହୋଇ ନାହିଁ ଯେ, ତୁମର ମଧ ଏହି କର୍ତ୍ତବ୍ୟ ରହିଛି ଯେ, ତୁମେ ସେମାନଙ୍କ ସହିତ ଯୁଦ୍ଧ କର । ତହିଁରୁ ଏହା ପ୍ରକାଶ୍ୟ ଯେ, ଯୁଦ୍ଧ କେବଳ ସେହିମାନଙ୍କ ସହିତ କରିବା ଉଚିତ୍ ଯେଉଁମାନେ ଅପରାଧିକ ପ୍ରବୃତ୍ତିର ଲୋକ ଅଟନ୍ତି । ତେଣୁ ସେହି ଅପରାଧିକ ପ୍ରବୃତ୍ତିର ଲୋକମାନେ ମୁସଲମାନମାନଙ୍କୁ ହତ୍ୟା କରୁଥିଲେ କିମ୍ବା ଶାନ୍ତି ଶୃଙ୍ଖଳାରେ ବ୍ୟାଘାତ ସୃଷ୍ଟି କରୁଥିଲେ, ଚୋରି ଡକାୟତି ଆଦି କାର୍ଯ୍ୟରେ ଲିପ୍ତ ରହୁଥିଲେ । ସୁତରାଂ ଏହି ଯୁଦ୍ଧ ସମ୍ରାଟ ହିସାବରେ ଥିଲା ନା କି ଅବତାରତ୍ୱ ହିସାବରେ ଥିଲା । ଯେପରିକି ଅଲ୍ଲାଃତାଲା କୁହନ୍ତି: وَقَاتِلُوا فِي سَبِيلِ اللَّهِ الَّذِينَ يُقَاتِلُونَكُمْ وَلَا تَعْتَدُوا ۚ إِنَّ اللَّهَ لَا يُحِبُّ الْمُعْتَدِينَ **(ଅଲ୍ ବକ୍‌ରାହ୍:191)** ଅନୁବାଦ: ଏବଂ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ସେମାନଙ୍କ ସହିତ ଯୁଦ୍ଧ କର ଯେଉଁମାନେ ତୁମମାନଙ୍କ ବିରୁଦ୍ଧରେ ଯୁଦ୍ଧ କରୁଛନ୍ତି କିନ୍ତୁ ସୀମା ଲଂଘନ କର ନାହିଁ ଏବଂ ମନେରଖ ଯେ, ବାସ୍ତବରେ ଅଲ୍ଲାଃତାଲା ସୀମା ଲଂଘନକାରୀମାନଙ୍କୁ ଆଦୌ ପ୍ରେମ (ଭଲ ପାଆନ୍ତି) କରନ୍ତି ନାହିଁ । **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-242-243)**

ସାରମର୍ମ ଏହିକି ଯେ, ପବିତ୍ର କୁରଆନ୍ କରୀମ୍ ଧାର୍ମିକ ସହିଷ୍ଣୁତା ତଥା ସହନଶୀଳତାର ଶିକ୍ଷା ଓ ନୈତିକ (ସିଦ୍ଧାନ୍ତ) ବର୍ଣ୍ଣନା କରି ସଂସାରେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସ୍ଥାପନ ନିମନ୍ତେ ଯଥେଷ୍ଟ ଓ ପୂର୍ଣ୍ଣ ଚେଷ୍ଟା କରିଛି । ଏତଦ୍‌ଭିନ୍ନ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାକୁ ବ୍ୟବହାରିକ ରୂପେ ସୟେଦିନା ହ. ମୁହମ୍ମଦ୍ ମୁସ୍ତଫା ସ.ଅ ଯେଉଁ ପୋଷାକ ପରିଧାନ

କରାଇଥିଲେ ଓ ସହିଷ୍ଣୁତା ତଥା ସହନଶୀଳତା, ସଦ୍‌ବ୍ୟବହାରର ସ୍ୱଷ୍ଟ ଏବଂ ସର୍ବୋଚ୍ଚ ଉଦାହରଣ ସ୍ଥାପନ କରିଛନ୍ତି ତାହା ମଧ୍ୟ ବିଶ୍ୱ ଇତିହାସର ଅମୂଲ୍ୟ ନିଧି ଅଟେ । ଏହା ମର୍ତ୍ତ୍ୟମଣ୍ଡଳ ଥିବା ପର୍ଯ୍ୟନ୍ତ ମାନବିକତା ନିମନ୍ତେ ସୁଖ, ସମୃଦ୍ଧି ତଥା କଲ୍ୟାଣର ଦୋଳି ଅଟେ ।

ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ର ଉପରୋକ୍ତ ଶିକ୍ଷା ଉପରେ ଉତ୍ତମ ରୂପେ କାର୍ଯ୍ୟକାରୀ କରି ଉକ୍ତ ପୃଥିବୀକୁ ସ୍ୱର୍ଗପୁର ପରି ସୁନ୍ଦର ରୂପେ ଗଢି ତୋଳିବା ପାଇଁ ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

☆ ☆ ☆

## ଓଡ଼ିଆ ନଜମ୍
**ପୃ-୧ରେ ଅବଶିଷ୍ଟାଂଶ**

### (ଶାନ୍ତିର ସନ୍ଦେଶ)
ଡଃ. ଶେଖ୍ ଶମସୁର୍

ବସିଥିବ ଭାଇ ଆକାଶକୁ ଚାହିଁ
ଇସା ମସି ନଆସିବେ ।।
ଗଜତେ ସକଳ ମରଣ ଲଭିବେ
ତଥାପି କେ ନଦେଖିବେ ।।
କୁରଆନ କୁହଇ ହଦିସ କୁହଇ
ତେବେ ଯାଇ ଆସ୍ଥା ନାହିଁ
ଚଉଦଶ ଶଦି ପୂରିଗଲା ପରା
ମୁହଁ ସେ ଖୋଲିଲେ ନାହିଁ।।
ମୁକାବିଲା ପାଇଁ ଡାକି ଥକି ଗୁଲୁଣି
ପାଖକୁ ଆସନ୍ତି ନାହିଁ
ଅନ୍ତରାଳେ ରହି ସତ ମିଛ କହି
କୁତ୍ସା ରଟନ୍ତି ସେହି ।।
ଏ ଶାନ୍ତି ସନ୍ଦେଶ ଅମାନ୍ୟ କରିଲେ
ଭୂମିକମ୍ପରେ ପଡ଼ିବେ
ତୃତୀୟ ଯୁଦ୍ଧରେ ଅବା ଦୁର୍ଭିକ୍ଷରେ
ସକଳେ ସେ ନଶ ଯିବେ
କାରେ ଅନାହରେ, କାରେ ନଦୀ ଜଳେ
ବୁଡ଼ାଇ ମାରିବ ସେହି
କରିଲେ ଅମାନ୍ୟ ତା' ପ୍ରେରିତ ବାଣୀ
ସେ କେବେ ଛାଡ଼ିବ ନାହିଁ ।।
କହିଛନ୍ତି ଏହା ଇମାମ ନାସରେ
ୟୁରୋପ ଭ୍ରମଣ କାଳେ
ନିଶ୍ଚୟ ବଞ୍ଚିବ ଖଣ୍ଡ ପ୍ରଳୟରୁ
ଥିଲେ ମସିଛତ୍ର ତଳେ ।।
ଅଛିରେ ସମୟ ନକରି ବିଳମ୍ବ
ମିଶି ଆସ ୟାଙ୍କ ଠାରେ
ଏ ଧରା ଧାମରେ ଯଶସ୍ୱୀ ଲଭିବ
ଅହମଦୀୟା ଶିକ୍ଷାରେ ।।
ମସିହ୍ ଆବିର୍ଭାବ ମିଥ୍ୟା ବୋଲି ଯେହୁ
କୁରଆନୁ ପ୍ରମାଣ ଦେବ
ଏକ ସକ୍ଷ ଟଙ୍କା ପ୍ରସ୍ତୁତ ହୋଇଛି
ସଙ୍ଗ ସଙ୍ଗେ ଘେନିଯିବ ।।
ମୌଲାନା ଅମିନ, ବଶିର ଅହମଦ
ଅବା ଏ ବିଦ୍ୱାନ ଗଣ
(ସଭାରେ ମଞ୍ଚାସୀନ ଅତିଥିମାନଙ୍କ ପ୍ରତି)
ଇସଲାମ୍ ଆକାଶ ଜ୍ୟୋତିଷ୍କ ଏ ସର୍ବେ
କିଏ ହେବ ୟାଙ୍କ ସମ ।।
ଇସଲାମ୍ କସ୍ତୁରୀ ଅବା ହୃଦେ ଧରି
ମିଶନାରୀ ଏ ସାଜିଲେ
ଯାଇ ଦେଶ ପାରି ରହିଆ ସେପାରି
ଶାନ୍ତିର ପୈଗାମ୍ ଦେଲେ ।।
ମହା ମହା ଜ୍ଞାନୀ କରିଲେ ବୟତ୍
ମସିହ୍ ହାତେ ହାତ ଦେଇ
ବଢିବ ଏ ବଂଶ ଅଧିକୁ ଅଧିକ
ରୋକିକେ ପାରିବ ନାହିଁ
କହେ ଶମସୁର ବିଦାୟ ବେଳାରେ
ମୋ ଦୋଷ କ୍ଷମିବ ସର୍ବେ
ତାହେରଙ୍କୁ ଦୁଆ ଲଭନ୍ତୁ ସକଳେ
ସୁଖେ ରହନ୍ତି ଏ ଭବେ ।।

☆ ☆ ☆

## ଉର୍ଦ୍ଦୁ ନଜମ୍ (ୱେଦ୍)
**ହ. ମସିହ ମଉଦ୍ ଅ.ସ**

اُنکو سَودا ہُوا ہے ویدوں کا
اُنکا دِل مبتلاء ہے ویدوں کا
اس آریوں! اس قدر کرو کیوں جوش
کیا نظر آگیا ہے ویدوں کا ؟
نہ کیا ہے نہ کر سکے پیدا
سوچ لو یہ خدا ہے ویدوں کا
عقل رکھتے ہو آپ بھی سوچو
کیوں بھروسہ کیاہے ویدوں کا
بے خدا کوئی چیز کیونکر ہو
یہ سراسر خطا ہے ویدوں کا
ناستک مَت کے وید ہیں حامی
بس یہی مُدّعا ہےویدوں کا
ایسے مزہب کبھی نہیں چلتے
کال سر پر کھڑا ہے ویدوں کا

☆ ☆ ☆

## ଉର୍ଦ୍ଦୁ ନଜମ୍ (ତଆଲ୍ଲୁକ୍ ବିଲ୍ଲାଃ)
**ହ. ମସିହ ମଉଦ୍ ଅ.ସ**

کبھی نصرت نہین ملتی درِ مولٰی سے گندوں کو
کبھی ضائع نہیں کرتا وہ اپنے نیک بندوں کو
وُہی اسکے مقرب ہیں جو اپنا آپ کھوتے ہیں
نہیں راہ اُس کی عالی بارگہ تک خود پسندوں کو
یہی تدبیر ہے پیاروں کہ مانگو اُس قُربَت کو
اُسی کے ہاتھ کو ڈھونڈو جلاؤ سب کمندوں کو

☆ ☆ ☆

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।" (ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

**ତାଲିବେ ଦୁଆ:** Halimuddin Khan & Family,
Jamat Ahmadiya Kerang,
Darul Barkat (Odisha)

# ପବିତ୍ର କୁରଆନ୍ କରୀମ୍ ଓ ନାରୀମାନଙ୍କର ଅଧିକାର

(ମୁହମ୍ମଦ୍ ଶରୀଫ୍ କୌସର, ଅଧ୍ୟାପକ, ଯାମିଆ ଅହେମଦିୟା କାଦିଆନ୍)

ଅଲ୍ଲାଃତାଲା ମାନବ ଜାତିର ମାର୍ଗଦର୍ଶନ ନିମନ୍ତେ ନିଜର ଅବତାରମାନଙ୍କୁ ଏହି ସଂସାରରେ ପ୍ରେରଣ କରିଥାନ୍ତି । ଯେଉଁମାନଙ୍କର କାର୍ଯ୍ୟ ସମସ୍ତ ମାନବ ଜାତିଙ୍କୁ ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ ତଥା ପରିଚାଳିତ କରାଇବା ହୋଇଥାଏ । ହ. ମୁହମ୍ମଦ୍ ସ.ଅଙ୍କ ଉପରେ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ କରିଥିଲେ । କାରଣ ସମସ୍ତ ମୁନଷ୍ୟମାନଙ୍କ ନିମନ୍ତେ ଉକ୍ତ ଗ୍ରନ୍ଥ ମାର୍ଗଦର୍ଶନର କାରଣ ସାଜୁ । ଅଲ୍ଲାଃତାଲାଙ୍କର ସମଗ୍ର ମାନବ ଜାତି ଉପରେ ଏହି ମହୋପାକର ରହିଛି ଯେ, ସେ ନିଜର ପ୍ରିୟ ଅବତାର ନବୀ ସ.ଅଙ୍କୁ ପବିତ୍ର କୁରଆନ୍ କରୀମ୍ ଭଳି ମହାନ୍ ଗ୍ରନ୍ଥ ପ୍ରଦାନ କଲେ। କାରଣ ଆପଣ ସ.ଅ ଏହି ଗ୍ରନ୍ଥ ମାଧ୍ୟମରେ ସମଗ୍ର ମାନବ ଜାତିକୁ ସତ୍‌ମାର୍ଗର ସାଧନ ଉପଲବ୍ଧ କରାଇଥିଲେ । ପବିତ୍ର କୁରଆନ୍ କରୀମ୍‌ର ଏହି ଉପକାର ନାରୀ ଓ ପୁରୁଷଙ୍କ ଉପରେ ସମାନ ଭାବରେ ରହିଛି ଏବଂ ଅନ୍ୟ ଦୃଷ୍ଟିରୁ ଯଦି ଦେଖାଯାଏ ତେବେ ନାରୀମାନଙ୍କ ଉପରେ ମହୋପକାର ରହିଛି । ଇସଲାମ୍ ଧର୍ମ ମନୁଷ୍ୟକୁ ସେହି ପଙ୍କରୁ ଉଦ୍ଧାର କଲା ଯହିଁରେ ସେ ଅକାରଣରେ ଧସି ଯାଉଥିଲେ ।

ପବିତ୍ର କୁରଆନ୍ କରୀମ୍‌ରେ ମହିଳାମାନଙ୍କର ମହତ୍ତ୍ୱ ଓ ମର୍ଯ୍ୟାଦା ସଂକ୍ରାନ୍ତରେ ଅନେକ ଆୟତ୍ ଉପସ୍ଥିତି ରହିଛି । ମହିଳା ପଛେ ମା ହେଉ କିମ୍ବା ଭଉଣୀ ହେଉ, ସ୍ତ୍ରୀ ହେଉ ଇସଲାମ୍ ଧର୍ମ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କର ଅଧିକାର ଓ କର୍ତ୍ତବ୍ୟକୁ ବିସ୍ତୃତ ଭାବରେ ଆଲୋଚନା କରିଦେଇଛି । ମା ସହିତ ଉତ୍ତମ ବ୍ୟାବାହର ପ୍ରଦର୍ଶନ କରିବା, ମା ପ୍ରତି ପୁଣ୍ୟ ବ୍ୟବହାର ପ୍ରଦର୍ଶନ କରିବା ଓ ମାତୃ ସେବା କରିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଧିକାର ମଧ୍ୟରୁ ଅନ୍ୟତମ ଅଟେ । ସଦ୍‌ବ୍ୟବହାର ଓ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ସଂକ୍ରାନ୍ତରେ ମାତାର ଅଧିକାର ପିତା ଠାରୁ ଅଧିକ ଅଟେ । କାରଣ ସନ୍ତାନର ଜନ୍ମ ତଥା ସଂସ୍କାର ସଂକ୍ରାନ୍ତରେ ମାକୁ ଅଧିକ ପୀଡ଼ାର ତଥା ଦୁଃଖ କଷ୍ଟ ସମ୍ମୁଖୀନ କରିବାକୁ ପଡ଼ିଥାଏ । ଇସଲାମ୍ ଧର୍ମ ସେହି ସମସ୍ତ କଷ୍ଟକୁ ସମ୍ମୁଖରେ ରଖି ମା ସହିତ ଅଧିକ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ଯୋଗ୍ୟ ବୋଲି ବିବେଚିତ କରିଛି । ସୁତରାଂ ଏହା ଇସଲାମ ଧର୍ମର ମହିଳା ଉପରେ ସବୁଠୁ ବଡ଼ ଉପକାର ଅଟେ । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: وَوَصَّيۡنَا الۡاِنۡسَانَ بِوَالِدَيۡهِ اِحۡسَانًا ؕ حَمَلَتۡهُ اُمُّهٗ كُرۡهًا وَّوَضَعَتۡهُ كُرۡهًا ؕ وَحَمۡلُهٗ وَفِصٰلُهٗ ثَلٰثُوۡنَ شَهۡرًا (ଅଲ ଅହକାଫ୍: 16)

**ଅନୁବାଦ:** ଏବଂ ଆମ୍ଭେ ମନୁଷ୍ୟକୁ ନିଜର ପିତାମାତାଙ୍କ ସହିତ ଉତ୍ତମ ବ୍ୟବହାର କରିବାକୁ ଶିକ୍ଷା ଦେଇଥିଲୁ । କାରଣ ତାହାର ମାତା ତାହାକୁ କଷ୍ଟରେ ଗର୍ଭରେ ଧାରଣ କରିଥିଲେ ଏବଂ ତାହାକୁ ଜନ୍ମ ଦେଇଥିଲେ ଏବଂ ତାହାକୁ ଗର୍ଭରେ ଧାରଣ କରିବା ଓ ତାହାର କ୍ଷୀରପାନ ଛଡ଼ାଇବାର ତିରିଶ ମାସ ଅତିବାହିତ ହୋଇଥାଏ ।

ପବିତ୍ର କୁରଆନ୍ କରୀମ୍‌ର ଅବତୀର୍ଣ୍ଣ ସହିତ ନାରୀର ଜୀବନ ଏକ ନୂତନ ଅବସ୍ଥାରେ ପ୍ରେବେଶ ହେଲା ଯାହାକି ତା'ର ପବିତ୍ର କୁରଆନ୍ ଅବତୀର୍ଣ୍ଣ ହେବା ଠାରୁ ପୂର୍ବ କାଳରୁ ସଂପୂର୍ଣ୍ଣ ଭିନ୍ନ ଥିଲା । ଇତିହାସ ସାକ୍ଷୀ ଯେ, ଦୀର୍ଘ କାଳ ଧରି ନାରୀ ଅତ୍ୟାଚିରୀତା, କୁତ୍ସିତା, ଲାଞ୍ଛିତା ଓ ଅପହସିତା ହୋଇ ଆସୁଥିଲା । ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହେବା ପୂର୍ବରୁ ଆରବ୍ୟ ସଂପ୍ରଦାୟରେ ଏହି ବିବାଦ ହୋଇଥିଲା ଯେ, ମହିଳାମାନଙ୍କୁ ମନୁଷ୍ୟ ମଧ୍ୟରେ ଗଣ୍ୟ କରାଯିବା ଉଚିତ୍ ନା ପଶୁଙ୍କ ମଧ୍ୟରେ ଗଣ୍ୟ କରାଯିବା ଉଚିତ୍ । ନାରୀ ମଧ୍ୟରେ ମନୁଷ୍ୟ ପରି ଆତ୍ମା ରହିଛି ନା ସୈତାନ୍ ପରି ଆତ୍ମା ରହିଛି । ସୁତରାଂ ୟୁନାନ୍, ମିସର, ଭାରତ, ଚୀନ୍ ଇତ୍ୟାଦି ପ୍ରତ୍ୟେକ ଜାତିରେ ଓ ପ୍ରତ୍ୟେକ ଭୂଖଣ୍ଡରେ ଏପରି କୌଣସି ସ୍ଥାନ ନଥିଲା ଯେଉଁଠି ନାରୀ ଉପରେ ଅତ୍ୟାଚାରର ପର୍ବତ ଭାଙ୍ଗି ନଥିବ । ଲୋକମାନେ ମହିଳା ବା ନାରୀକୁ ବିଳାସ ବ୍ୟସନ ଉଦ୍ଦେଶ୍ୟରେ କ୍ରୟ ବିକ୍ରୟ କରୁଥିଲେ । ସେମାନଙ୍କ ପ୍ରତି ଅସଦ୍‌ବ୍ୟବହାର ପ୍ରଦର୍ଶନ କରାଯାଉଥିଲା । ଏପର୍ଯ୍ୟନ୍ତକି ଆରବବାସୀ ମହିଳାମାନଙ୍କର ଅସ୍ତିତ୍ୱକୁ ଲଜ୍ଜା ବୋଲି ଅନୁଭବ କରୁଥିଲେ ଏବଂ କନ୍ୟାମାନଙ୍କୁ ଜୀବନ୍ତ କବର ମଧ୍ୟରେ ପୋତି ଦେଉଥିଲେ । ସୁତରାଂ ଅଲ୍ଲାଃତାଲା କୁହନ୍ତି:

وَاِذَا بُشِّرَ اَحَدُهُمۡ بِالۡاُنۡثٰى ظَلَّ وَجۡهُهٗ مُسۡوَدًّا وَّ هُوَ كَظِيۡمٌ يَتَوَارٰى مِنَ الۡقَوۡمِ مِنۡ سُوۡٓءِ مَا بُشِّرَ بِهٖ ؕ اَيُمۡسِكُهٗ عَلٰى هُوۡنٍ اَمۡ يَدُسُّهٗ فِى التُّرَابِ ؕ اَلَا سَآءَ مَا يَحۡكُمُوۡنَ (ଅନ୍ ନହଲ୍: 59,60)

**ଅନୁବାଦ୍:** ଏବଂ ପ୍ରକାରାନ୍ତରେ ଯେତେବେଳେ ସେମାନଙ୍କ ମଧ୍ୟରୁ କାହାରିକୁ କନ୍ୟା ଜନ୍ମ ହେବାର ସମାଚାର ପ୍ରାପ୍ତ ହୁଏ ସେତେବେଳେ ତାହାର ମୁଖମଣ୍ଡଳ କଳା ପଡ଼ିଯାଏ ସେ ଅତ୍ୟନ୍ତ ଦୁଃଖିତ ହୁଏ ଏବଂ ଯେଉଁ ବିଷୟରେ ତାହାକୁ ସମାଚାର ଦିଆଯାଇଥାଏ ତାହାକୁ ଅଶୁଭ ବୋଲି ମନେକରି ଲୋକମାନଙ୍କଠାରୁ ନିଜକୁ ଲୁଚାଇ ରଖେ ଏବଂ ଚିନ୍ତା କରେ ଯେ, ସେ ଏପରି ଲାଞ୍ଛନା ସତ୍ତ୍ୱେ ତାହାକୁ ଜୀବିତ ରଖିବ କି ମାଟିରେ ପୋତି ପକାଇବ । ମନେରଖ ! ସେମାନେ ଯାହାକିଛି ସିଦ୍ଧାନ୍ତ ବା ନିର୍ଣ୍ଣୟ କରୁଛନ୍ତି ତାହା ଅତ୍ୟନ୍ତ ମନ୍ଦ ଅଟେ ।

ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାନୁଯାୟୀ ନାରୀ, କନ୍ୟା, ଭଗିନୀ (ଭଉଣୀ), ପତ୍ନୀ, ମାତା ପ୍ରତ୍ୟେକ ରୂପେ ସମ୍ମାନଯୋଗ୍ୟ ଅଟେ । ଆଁହଜରତ ସ.ଅ କନ୍ୟା ବା ଝିଅମାନଙ୍କୁ ଅଲ୍ଲାଃତାଲାଙ୍କର ପରମ କୃପା ବୋଲି ବିବେଚିତ କରିଛନ୍ତି । ମାତା ପାଦ ତଳେ ସ୍ୱର୍ଗ ରଖି ଦେଇଛନ୍ତି ଓ ପତ୍ନୀ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନକାରୀ ବ୍ୟକ୍ତିକୁ ସର୍ବୋତ୍ତମ ବ୍ୟକ୍ତି ବୋଲି ଶୁଭ ସମାଚାର ପ୍ରଦାନ କରିଛନ୍ତି । ଆଁହଜରତ ସ.ଅ ମହିଳା ଗୋଷ୍ଠୀକୁ ସର୍ବୋଚ୍ଚ ଆସନ ପ୍ରଦାନ କରିଛନ୍ତି । ନାରୀ ଜାତିକୁ ପ୍ରିୟ ଜାତିର ମର୍ଯ୍ୟାଦା ଓ ଉଚ୍ଚ ସ୍ଥାନ ପ୍ରଦାନ କରିଛନ୍ତି ।

اِنَّ اللّٰهَ يُوْصِيْكُمْ بِالنِّسَاءِ خَيْرًا فَاِنَّهُنَّ اُمَّهَاتُكُمْ وَبَنَاتُكُمْ وَخَالَاتُكُمْ

**(ରୱାହୁଲ୍ ବାନି, ଫିସ୍ ସିଲ୍‌ସିଲତିସ୍ ସହିୟା, ଅନିଲ୍ ମିକ୍‌ଦାମି ବିନ୍ ମାଆଦ୍ ୟକ୍‌ରବୁଲ୍ କିନ୍ଦି, ଅସ୍ ସଫ୍‌ହତା ଅୱାଉର୍ ରକମ୍-2871, ସନାଦହୁ ସହି)**

ଅନୁବାଦ: ରସୁଲୁଲ୍ଲାଃ ସ.ଅ କହିଲେ ଯେ, ଅଲ୍ଲାଃତାଲା ତୁମମାନଙ୍କୁ ତାଗିଦ୍‌ମୂଳକ ଓସିୟତ୍ କରନ୍ତି ଯେ, ତୁମେମାନେ ମହିଳାମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କର । ଅଲ୍ଲାଃତାଲା ତୁମମାନଙ୍କୁ ତାଗିଦ୍‌ମୂଳକ ଓସିୟତ୍ କରନ୍ତି ଯେ, ତୁମେମାନେ ମହିଳାମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କର । ନିଃସନ୍ଦେହ ରୂପେ ସେମାନେ ତୁମର ମାତା, ତୁମର ପୁତ୍ରୀ ଅଟନ୍ତି, ତୁମର ଖାଲା ଅଟନ୍ତି ।

عَنْ اَنَسٍ قَالَ قَالَ رَسُوْلُ اللّٰهِ ﷺ حُبِّبَ اِلَیَّ مِنَ الدُّنْيَاءِ النِّسَاءُ وَ الطِّيْبِ وَجُعِلَ قُرَّةُ عَيْنِىْ فِى الصَّلٰوةِ **(ସୁନନୁନ୍ ନିସାଇ, କିତାବ୍, ଅଶ୍ରତୁନ୍ ନିସା, ବାବ-ହୁବ୍‌ବୁନ୍ ନିସାଇ)**

ଅନୁବାଦ୍: ମୋତେ ତୁମ ସଂସାରର ସବୁଠୁ ବେଶୀ ପ୍ରିୟ ଯେଉଁ ବସ୍ତୁ ରହିଛି ତନ୍ମଧ୍ୟରେ ପ୍ରଥମ ସ୍ଥାନରେ ନାରୀମାନେ ଅଟନ୍ତି । ପୁନଶ୍ଚ ସୁଗନ୍ଧିତ ସୁଗନ୍ଧ ମୋତେ ପ୍ରିୟ ଲାଗେ । କିନ୍ତୁ ମୋର ଚକ୍ଷୁର ଶୀତଳ ବସ୍ତୁ ହେଉଛି ନମାଜ ଓ ଈଶ୍ୱର ପ୍ରେମ ।

ଆଁହଜରତ ସ.ଅ କହିଲେ اَلدُّنْيَا كُلُّهَا مَتَاعٌ وَخَيْرُ مَتَاعِ الدُّنْيَا الْمَرْاَةُ الصَّالِحَةُ ଅର୍ଥାତ୍ **(ଅଖରଜା ମୁସଲିମ୍, ହଦିସ୍ ନଂ-1467)**

ଅନୁବାଦ୍: ସଂସାର ସୁଖ ଓ ବିଶ୍ରାମ ସାଧନ ଦ୍ୱାରା ପରିପୂର୍ଣ୍ଣ ଅଟେ। କିନ୍ତୁ ସର୍ବୋତ୍କୃଷ୍ଟ ସାଧନ ହେଉଛି ପୁଣ୍ୟବାନ ତଥା ସାଦାଚୀରାଣୀ ମହିଳା ।

ମାନବିକ, ଚାରିତ୍ରିକ ଓ ଧାର୍ମିକ ଦୃଷ୍ଟିରୁ ମହିଳା ଓ ପୁରୁଷର ସମାନ ଅଧିକାର ରହିଛି: ମହିଳା ଓ ପୁରୁଷକୁ ଗୋଟିଏ ପ୍ରାଣପିଣ୍ଡରୁ ସୃଷ୍ଟି କରାଯାଇଛି । ତତ୍‌ସଂକ୍ରାନ୍ତରେ ଅଲ୍ଲାଃତାଲା କୁହନ୍ତି: وَمِنۡ اٰيٰتِهٖۤ اَنۡ خَلَقَ لَكُمۡ مِّنۡ اَنۡفُسِكُمۡ اَزۡوَاجًا لِّتَسۡكُنُوۡۤا اِلَيۡهَا وَجَعَلَ بَيۡنَكُمۡ مَّوَدَّةً وَّرَحۡمَةً ؕ اِنَّ فِىۡ ذٰلِكَ لَاٰيٰتٍ لِّقَوۡمٍ يَّتَفَكَّرُوۡنَ (ଅର୍ ରୁମ୍: 22)

ଅନୁବାଦ: ଏବଂ ତାହାଙ୍କ ନିଦର୍ଶନଗୁଡ଼ିକ ମଧ୍ୟରୁ ଅନ୍ୟତମ ନିଦର୍ଶନ ହେଉଛି ଯେ, ସେ ତୁମମାନଙ୍କ ମଧ୍ୟରୁ ତୁମମାନଙ୍କ ସକାଶେ ଯୋଡ଼ା ସୃଷ୍ଟି କରିଛନ୍ତି ଯେପରିକି ତୁମମେମାନେ ସେମାନଙ୍କ ପ୍ରତି ଆସକ୍ତ ହୋଇ ଶାନ୍ତି ଲାଭ କରିବ ଏବଂ ସେ ତୁମମାନଙ୍କ ମଧ୍ୟରେ ପ୍ରୀତି ଓ କରୁଣାର ଭାବ ସ୍ଥାପନ କରିଛନ୍ତି ଏଥିରେ ଚିନ୍ତାଶୀଳ ସଂପ୍ରଦାୟ ପାଇଁ ମହାନ୍ ନିଦର୍ଶନ ରହିଅଛି ।

ପୁନଶ୍ଚ ସୁରାଃ ନହଲରେ ଅଲ୍ଲାଃତାଲା କୁହନ୍ତି: وَاللّٰهُ جَعَلَ لَكُمۡ مِّنۡ اَنۡفُسِكُمۡ اَزۡوَاجًا وَّجَعَلَ لَكُمۡ مِّنۡ اَزۡوَاجِكُمۡ بَنِيۡنَ وَحَفَدَةً وَّرَزَقَكُمۡ مِّنَ الطَّيِّبٰتِ ؕ اَفَبِالۡبَاطِلِ يُؤۡمِنُوۡنَ وَبِنِعۡمَتِ اللّٰهِ هُمۡ يَكۡفُرُوۡنَ (ଅନ୍ ନହଲ୍:73)

ଏବଂ ଅଲ୍ଲାଃତାଲା ତୁମମାନଙ୍କ ମଧ୍ୟରୁ ତୁମମାନଙ୍କ ସକାଶେ ପତ୍ନୀ ଗଢ଼ିଛନ୍ତି ଏବଂ ସେ ତୁମମାନଙ୍କ ପତ୍ନୀମାନଙ୍କ ଠାରୁ ତୁମମାନଙ୍କ ସକାଶେ ପୁତ୍ର ଓ ପୌତ୍ରୀମାନଙ୍କୁ ସୃଷ୍ଟି କରିଛନ୍ତି ଏବଂ ସେ ତୁମମାନଙ୍କୁ ସମସ୍ତ ପ୍ରକାରର ବିଶୁଦ୍ଧ ବସ୍ତୁରୁ ଜୀବିକା ପ୍ରଦାନ କରିଛନ୍ତି । କ'ଣ ତେବେ ମଧ୍ୟ ଏକ କ୍ଷୟଶୀଳ ବସ୍ତୁ ପ୍ରତି ସେମାନେ ବିଶ୍ୱାସ ସ୍ଥାପନ କରିବେ ଏବଂ ଅଲ୍ଲାଃତାଲାଙ୍କର ଅନୁଗ୍ରହ ସେମାନେ ଅସ୍ୱୀକାର କରିବେ? ଅଲ୍ଲାଃତାଲାଙ୍କର ସାମୀପ୍ୟତା ପ୍ରାପ୍ତ କରିବାର ମାର୍ଗ ଉଭୟଙ୍କ (ନାରୀ ଓ ପୁରୁଷଙ୍କ) ପାଇଁ ସମାନ ଅଟେ ।

ସଂସାରରେ ମନୁଷ୍ୟର ଜନ୍ମ ଗ୍ରହଣ କରିବାର ଅଭିପ୍ରାୟ ଏହିକି ଯେ, ମନୁଷ୍ୟ ଅଲ୍ଲାଃତାଲାଙ୍କର ଉପାସନା କରୁ ଓ ଅଲ୍ଲାଃତାଲାଙ୍କ ସହିତ ନିଜର ସଂପର୍କ ସ୍ଥାପନ କରୁ । କୌଣସି ବ୍ୟକ୍ତି ପୁରୁଷ ହେବା ଯୋଗୁଁ ଶ୍ରେଷ୍ଠ ନୁହେଁ । ଅଲ୍ଲାଃତାଲାଙ୍କର ସାମୀପ୍ୟତା ପ୍ରାପ୍ତ ନିମନ୍ତେ ଯେଉଁ ମାର୍ଗ ରହିଛି ଯାହାକି ମନୁଷ୍ୟର ଅଭିପ୍ରାୟ ଅଟେ ତାହା ଉଭୟ ନାରୀ ଓ ପୁରୁଷଙ୍କ ପାଇଁ ଖୋଲା ରହିଛି । ଅଲ୍ଲାଃତାଲାଙ୍କ ନିକଟରେ ସମ୍ମାନ ପ୍ରାପ୍ତ କରିବାର ସ୍ତର ହେଉଛି ଧର୍ମପରାୟଣତା: اِنَّ اَكۡرَمَكُمۡ عِنۡدَ اللّٰهِ اَتۡقٰٮكُمۡ (ଅଲ୍ ହୁଜରାତ୍:14)

**ଅନୁବାଦ:** ଅର୍ଥାତ ତୁମମାନଙ୍କ ନିକଟରେ ଯେ ସବୁଠାରୁ ଅଧିକ ଧର୍ମଭୀରୁ ସେ ଅଲ୍ଲାଃତାଲାଙ୍କ ନିକଟରେ ସମସ୍ତଙ୍କ ଅପେକ୍ଷା ଅଧିକ ସମ୍ମାନିତ ।

ଧର୍ମପରାୟଣତା ପ୍ରାପ୍ତ କରିବାର ଯେଉଁ ମାର୍ଗଗୁଡ଼ିକ ରହିଛି ତାହା ଉଭୟଙ୍କ (ଅର୍ଥାତ ମହିଳା ଓ ପୁରୁଷ) ପାଇଁ ଉନ୍ମୁକ୍ତ ରହିଛି । ଅଲ୍ଲାଃତାଲା ତତ୍‌ସମ୍ବନ୍ଧରେ କୁହନ୍ତି اَنِّىۡ لَاۤ اُضِيۡعُ عَمَلَ عَامِلٍ مِّنۡكُمۡ مِّنۡ ذَكَرٍ اَوۡ اُنۡثٰى (ଆଲେ ଇମ୍ରାନ୍:196)

**ଅନୁବାଦ:** ଅର୍ଥାତ ଆମ୍ଭ ତୁମମାନଙ୍କ ମଧ୍ୟରୁ କୌଣସି କର୍ମଚାରୀଙ୍କର କର୍ମକୁ ସେ ପୁରୁଷ ହେଉ ବା ସ୍ତ୍ରୀ ହେଉ ବିନିଷ୍ଟ କରିବୁ ନାହିଁ ।

ସେହିପରି ଅଲ୍ଲାଃତାଲା ସୁରତୁଲ୍ ଅହଜାବରେ କୁହନ୍ତି: اِنَّ الۡمُسۡلِمِيۡنَ وَالۡمُسۡلِمٰتِ وَالۡمُؤۡمِنِيۡنَ وَالۡمُؤۡمِنٰتِ وَالۡقٰنِتِيۡنَ وَالۡقٰنِتٰتِ وَالصّٰدِقِيۡنَ وَالصّٰدِقٰتِ وَالصّٰبِرِيۡنَ وَالصّٰبِرٰتِ وَالۡخٰشِعِيۡنَ وَالۡخٰشِعٰتِ وَالۡمُتَصَدِّقِيۡنَ وَالۡمُتَصَدِّقٰتِ وَالصَّآئِمِيۡنَ وَالصّٰٓئِمٰتِ وَالۡحٰفِظِيۡنَ فُرُوۡجَهُمۡ وَالۡحٰفِظٰتِ وَالذّٰكِرِيۡنَ اللّٰهَ كَثِيۡرًا وَّالذّٰكِرٰتِ اَعَدَّ اللّٰهُ لَهُمۡ مَّغۡفِرَةً وَّاَجۡرًا عَظِيۡمًا (ଅଲ୍ ଅହଜାବ୍: 36)

**ଅନୁବାଦ:** ଅର୍ଥାତ୍ ବାସ୍ତବରେ ପ୍ରକୃତ ମୁସଲମାନ ପୁରୁଷ ଓ ମୁସଲମାନ ନାରୀ ଏବଂ ସଂପୂର୍ଣ୍ଣ ବିଶ୍ୱାସକାରୀ ପୁରୁଷ ଓ ସଂପୂର୍ଣ୍ଣ ବିଶ୍ୱାସକାରୀଣୀ ନାରି ଏବଂ ସଂପୂର୍ଣ୍ଣ ଆଜ୍ଞାପାଳନକାରୀ ପୁରୁଷ ଓ ସଂପୂର୍ଣ୍ଣ ଆଜ୍ଞାପାଳନକାରୀଣୀ ନାରୀ ଏବଂ ସଂପୂର୍ଣ୍ଣ ସତ୍ୟବାଦୀ ପୁରୁଷ ଓ ସଂପୂର୍ଣ୍ଣ ସତ୍ୟବାଦୀନୀ ନାରୀ ଏବଂ ସଂପୂର୍ଣ୍ଣ ଧୈର୍ଯ୍ୟଶୀଳ ପୁରୁଷ ଓ ସଂପୂର୍ଣ୍ଣ ଧୈର୍ଯ୍ୟଶୀଳା ନାରୀ ଏବଂ ସଂପୂର୍ଣ୍ଣ ଧୈର୍ଯ୍ୟଶୀଳା ନାରୀ ଏବଂ ସଂପୂର୍ଣ୍ଣ ବିନୟ ପ୍ରଦର୍ଶନକାରୀ ପୁରୁଷ ଓ ସଂପୂର୍ଣ୍ଣ ବିନୟ ପ୍ରଦର୍ଶନକାରୀଣୀ ନାରୀ ଏବଂ ପ୍ରକୃତରେ ଦାନ କରୁଥିବା ପୁରୁଷ ପ୍ରକୃତରେ ଦାନ କରୁଥିବା ନାରୀ ଏବଂ ପ୍ରକୃତରେ ରୋଜା (ଓଷା) କରୁଥିବା ପୁରୁଷ ଓ ପ୍ରକୃତରେ ରୋଜା କରୁଥିବା ନାରୀ ଏବଂ ନିଜ ଗୁପ୍ତାଙ୍ଗର ସଂପୂର୍ଣ୍ଣ ସୁରକ୍ଷା କରୁଥିବା ପୁରୁଷ ଓ ନିଜ ଗୁପ୍ତାଙ୍ଗର ସଂପୂର୍ଣ୍ଣ ସୁରକ୍ଷା କରୁଥିବା ନାରୀ ଏବଂ ଅଲ୍ଲାଃତାଲାଙ୍କୁ ଅଧିକ ସ୍ମରଣ କରୁଥିବା ପୁରୁଷ ଓ ଅଲ୍ଲାଃତାଲାଙ୍କୁ ଅଧିକ ସ୍ମରଣ କରୁଥିବା ନାରୀ, ଏ ସମସ୍ତଙ୍କ ସକାଶେ ଅଲ୍ଲାଃତାଲାଙ୍କ କ୍ଷମା ଓ ମହାନ ପୁରସ୍କର ପ୍ରସ୍ତୁତ ରହିଅଛି ।

ନିକାହ୍ ଅବସରରେ ଆଁହଜରତ ସ.ଅଙ୍କ ଦ୍ୱାରା ମନୋନୀତ ଆୟାତ୍ ଦମ୍ପତିଙ୍କର ଅଧିକାର ଓ କର୍ତ୍ତବ୍ୟ ସମ୍ପଦାନର ସଂପୂର୍ଣ୍ଣ ଆଦେଶାବଳୀ ନିମ୍ନ ଲିଖିତ ଅଟେ ।

ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: يٰۤاَيُّهَا النَّاسُ اتَّقُوۡا رَبَّكُمُ الَّذِىۡ خَلَقَكُمۡ مِّنۡ نَّفۡسٍ وَّاحِدَةٍ وَّخَلَقَ مِنۡهَا زَوۡجَهَا وَبَثَّ مِنۡهُمَا رِجَالًا كَثِيۡرًا وَّنِسَآءً ۚ وَاتَّقُوا اللّٰهَ الَّذِىۡ تَسَآءَلُوۡنَ بِهٖ وَالۡاَرۡحَامَ ؕ اِنَّ اللّٰهَ كَانَ عَلَيۡكُمۡ رَقِيۡبًا (ସୁରତୁନ୍ ନିସା: 2)

**ଅନୁବାଦ:** ଅର୍ଥାତ୍ ହେ ଲୋକମାନେ ! ନିଜର ପାଳନକର୍ତ୍ତାଙ୍କୁ ଭୟ କର ଯେକି ତୁମମାନଙ୍କୁ ଗୋଟିଏ ମାତ୍ର ଜୀବରୁ ସୃଷ୍ଟି କରିଛନ୍ତି ଏବଂ ସେ ଉଭୟଙ୍କ ମଧ୍ୟରୁ ଅନେକ ପୁରୁଷ ଓ ନାରୀ ସୃଷ୍ଟି କରି ପୃଥିବୀରେ ବିସ୍ତାର କରିଛନ୍ତି ଏବଂ ଅଲ୍ଲାଃତାଲାଙ୍କୁ ଏଥିପାଇଁ ମଧ୍ୟ ଭୟ କର ଯାହାଙ୍କ ନାମରେ ତୁମେମାନେ ପରସ୍ପର ସାହାଯ୍ୟ ଭିକ୍ଷା କରୁଅଛ ଏବଂ ବିଶେଷତଃ ବନ୍ଧୁ ବାନ୍ଧବଙ୍କ ସଂକ୍ରାନ୍ତରେ ଅଲ୍ଲାଃତାଲାଙ୍କୁ ଭୟ କର । ଅଲ୍ଲାଃତାଲା ନିଶ୍ଚୟ ତୁମମାନଙ୍କର ତତ୍ତ୍ୱାବଧାରକ ଅଟନ୍ତି ।

ଅଲ୍ଲାଃତାଲା ପୁନଶ୍ଚ କୁହନ୍ତି: يٰۤاَيُّهَا الَّذِيۡنَ اٰمَنُوا اتَّقُوا اللّٰهَ وَقُوۡلُوۡا قَوۡلًا سَدِيۡدًا ۙ يُّصۡلِحۡ لَكُمۡ اَعۡمَالَكُمۡ وَيَغۡفِرۡ لَكُمۡ ذُنُوۡبَكُمۡ ؕ وَمَنۡ يُّطِعِ اللّٰهَ وَرَسُوۡلَهٗ فَقَدۡ فَازَ فَوۡزًا عَظِيۡمًا (ଅଲ୍ ଅହଜାବ୍: 71-72)

**ଅନୁବାଦ:** ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ଅଲ୍ଲାଃତାଲାଙ୍କୁ ଭୟ କର ଏବଂ ଏପରି କଥା କୁହ ଯାହା କୁଟିଳ ହୋଇ ନଥିବ । ଯଦି ତୁମେମାନେ ଏପରି କରିବ ତେବେ ଅଲ୍ଲାଃତାଲା ତୁମମାନଙ୍କ କର୍ମକୁ ସଂଶୋଧନ କରିଦେବେ ଓ ତୁମମାନଙ୍କ ପାପକୁ କ୍ଷମା ଦେବେ । ଯେଉଁ ବ୍ୟକ୍ତି ଅଲ୍ଲାଃତାଲା ଓ ତାହାଙ୍କ ରସୁଲଙ୍କ ଆଜ୍ଞାନ ପାଳନ କରେ ତେବେ ସେପରିପ୍ରେକ୍ଷୀରେ ସେହି ବ୍ୟକ୍ତି ମହାନ୍ ସଫଳତା ଅର୍ଜନ କର ।

ସେହିପରି ଅଲ୍ଲାଃତାଲା କୁହନ୍ତି: يٰۤاَيُّهَا الَّذِيۡنَ اٰمَنُوا اتَّقُوا اللّٰهَ وَلۡتَنۡظُرۡ نَفۡسٌ مَّا قَدَّمَتۡ لِغَدٍ ۚ وَاتَّقُوا اللّٰهَ ؕ اِنَّ اللّٰهَ خَبِيۡرٌۢ بِمَا تَعۡمَلُوۡنَ (ଅଲ୍ ହଶର୍: 19)

**ଅନୁବାଦ:** ଅର୍ଥାତ୍ ହେ ବିଶ୍ୱାସକାରୀମାନେ ! ଅଲ୍ଲାଃତାଲାଙ୍କୁ ଭୟ କର ଏବଂ ପ୍ରତ୍ୟେକଙ୍କ ପକ୍ଷରେ ଏହା ବିଧେୟ ଯେ, ସେ ଆଗାମୀ କାଲି ପାଇଁ କ'ଣ ପଠାଇଛି ତାହା ପ୍ରତି ଦୃଷ୍ଟି ଦେଉ ଏବଂ ତୁମ୍ଭେ ସମସ୍ତେ ଅଲ୍ଲାଃତାଲାଙ୍କୁ ଭୟ କର । କାରଣ ଅଲ୍ଲାଃତାଲା ତୁମ କାର୍ଯ୍ୟକଳାପ ସଂକ୍ରାନ୍ତରେ ଭଲ ଭାବରେ ଅବଗତ ଅଟନ୍ତି ।

ପ୍ରତ୍ୟେକ ଅହେମଦି ନାରୀକୁ ଉକ୍ତ ଆଦେଶକୁ ଦୃଷ୍ଟି ସମ୍ମୁଖରେ ରଖି ଓ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ତଥା ତାହାଙ୍କ ଅନୁଗ୍ରହ ନିମନ୍ତେ ଯେଉଁ ପଦକ୍ଷେପ ଜୀବନ ପାଇଁ ଗ୍ରହଣ କରିବ ତାହା ସେହି ଚିନ୍ତାକୁ ଦୃଷ୍ଟିରେ ରଖି ପଦକ୍ଷେପ ଗ୍ରହଣ କରୁ କି ମୁଁ ଅଲ୍ଲାଃତାଲାଙ୍କ ଏକ ଆଦେଶାବଳୀ ଉପରେ କାର୍ଯ୍ୟନସରଣ କରିବି ଓ ଏହା ପଛରେ ଏହାର ଅଭିପ୍ରାୟ ପ୍ରଭୁଙ୍କ ଅନୁଗ୍ରହ ଲୋଡ଼ା ନିହିତ ରହିଛି । ତେବେ ପରର ଅଧିକାରକୁ କ୍ଷୁର୍ଣ୍ଣ କରିବା କିମ୍ବା ପର ଉପରେ ଅତ୍ୟାଚାର କରିବା ଭଳି ଚିନ୍ତାଧାରା ସୃଷ୍ଟି ହେବ ନାହିଁ, ପରସ୍ପରର ଭାବାବେଗକୁ ସମ୍ମାନ ଜଣାଇ ଯେଉଁ ଶାନ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥାଏ ତହିଁରୁ ଆଗାମୀ ବଂଶଧରମାନେ ପୁଣ୍ୟବାନ ହୋଇ ଜନ୍ମ ଗ୍ରହଣ କରିଥାଆନ୍ତି ।

## ମହିଳା ଓ ପୁରୁଷ ପରସ୍ପରର ପରିଧାନ (ବସ୍ତ୍ର) ଅଟନ୍ତି:

ପବିତ୍ର କୁରଆନ୍ କରୀମ୍ ଏହା କହେ: هُنَّ لِبَاسٌ لَّكُمۡ وَاَنۡتُمۡ لِبَاسٌ لَّهُنَّ (ଅଲ୍ ବକ୍ରାହ୍: 188)

**ଅନୁବାଦ:** ଅର୍ଥାତ୍ ସେମାନେ ତୁମମାନଙ୍କ ପାଇଁ ଏକ ପ୍ରକାରର ପରିଧାନ ସଦୃଶ ଓ ତୁମେମାନେ ସେମାନଙ୍କ ପାଇଁ ଏକ ପ୍ରକାରର ପରିଧାନ ସଦୃଶ ।

ନିକାହ୍ ପରେ ପରେ ନାରୀ ଓ ପୁରୁଷ ଗୋଟିଏ ବନ୍ଧନରେ ଆବଦ୍ଧିତ ହୋଇଯାଆନ୍ତି । ଏହି ବନ୍ଧନକୁ ଅବ୍ୟାହତ ରଖିବା ଉଭୟ ନାରୀ ଓ ପୁରୁଷର ସର୍ବୋଦୌ କର୍ତ୍ତବ୍ୟ ଅଟେ । ଉକ୍ତ ସଂପର୍କଟି ଉଭୟଙ୍କ ବିଶ୍ୱାସ ଉପରେ ପ୍ରତିଷ୍ଠିତ । ତେଣୁ ନା ନାରୀ ପୁରୁଷର ବିଶ୍ୱାସକୁ ଭାଙ୍ଗୁ ଓ ନା ହିଁ ପୁରୁଷ ମହିଳାର ବିଶ୍ୱାସ ଓ ତା'ର ଭାବାବେଗକୁ ଆଘାତ ପହଞ୍ଚାଉ ।

ଏହା ଦ୍ୱାରା ପାରିବାରିକ ଜୀବନ ଚିତ୍ତାନୁକୂଳ ତଥା ମନୋବାଞ୍ଛିତ ରହିବ। ନ୍ୟାସ (ସନ୍ତକ) ଓ ବିଶ୍ୱସ୍ତତାର ପରିଚୟ ଏହିକି ଯେ, ଦୁହେଁ ପରସ୍ପରର ରହସ୍ୟକୁ ଲୁଚାଇବା ଉଚିତ୍, ସର୍ବୋଚ୍ଚ ଉତ୍ତମ ଚରିତ୍ରବତ୍ତା ପ୍ରଦର୍ଶନ କରନ୍ତୁ। ଏପରି କରିବା ଦ୍ୱାରା ସମାଜରେ ଉତ୍ତମ ମର୍ଯ୍ୟାଦା ଅକ୍ଷୁର୍ଣ୍ଣ ରହିଥାଏ । କାହାରିକୁ କୌଣସି ଆପତ୍ତି କରିବାର କୌଣସି ସାହସ ହୋଇ ନଥାଏ। ପରସ୍ପରକୁ ସହ୍ୟ କରିବା, ପରସ୍ପରର ଦୋଷ ଦୁର୍ବଳତାକୁ ଲୁଚାଇବା ଏବଂ ପରସ୍ପରର ଶୃଙ୍ଗାର ସଜ୍ଜାକୁ ଶୋଭାବର୍ଦ୍ଧନକାରୀ ଶିକ୍ଷା ପବିତ୍ର କୁରଆନ୍ ଅଟେ । ଏଥିନିମନ୍ତେ ଧୈର୍ଯ୍ୟ, ସହିଷ୍ଣୁତା ଭାବ, ପ୍ରସଙ୍ଗବୋଧ ଓ କ୍ରୋଧକୁ ନିୟନ୍ତ୍ରଣରେ ରଖିବା ବିଧେୟ । କ୍ରୋଧ ଅଣାୟତ୍ତ ହେବା ସ୍ଥଳେ ଦୋଷାରୋପଣ, ପରସ୍ପର ଉପରେ ଲାଞ୍ଛନ ପ୍ରୟୋଗ କରିବାର ଅସୁନ୍ଦର ଏବଂ ଅପ୍ରିତୀକର ପରିସ୍ଥିତି ସୃଷ୍ଟି ହୋଇଥାଏ ଯାହାକୁ ଅଲ୍ଲାଃତାଲା ନାପସନ୍ଦ (ଅପ୍ରିୟ ବୋଲି ମଣନ୍ତି) କରିଥାଆନ୍ତି ।

ଆଁହଜରତ ସ.ଅ କହିଲେ, اِنَّ مِنْ اَعْظَمِ الْاَمَانَةِ عِنْدَ اللهِ يَوْمَ الْقِيَامَةِ الرَّجُلَ يُفْضِىْ اِلَيْهِ ثُمَّ يَنْشُرُ سِرَّهَا **(ସୁନନ୍ ଅବୁ ଦାଉଦ୍, କିତାବୁଲ୍ ଅଦବ୍, ବାବ୍ ଫି ନକଲିଲ୍ ହଦିସି)**

**ଅନୁବାଦ:** ଅର୍ଥାତ ପ୍ରଳୟ ଦିବସ ଦିନ ଅଲ୍ଲାଃତାଲାଙ୍କ ନିକଟରେ ସବୁଠୁ ବଡ଼ ସନ୍ତକ ହରଣକାରୀ ସେହି ବ୍ୟକ୍ତି ବିବେଚିତ ହେବ ଯେ, ଜଣେ ବ୍ୟକ୍ତି ନିଜ ପତ୍ନୀ ସହିତ ସଂପର୍କ ସ୍ଥାପନ କରିବ ଓ ପୁନଶ୍ଚ ସେ ପତ୍ନୀର ଗୁପ୍ତ ରହସ୍ୟକୁ ଲୋକମାନଙ୍କ ସମ୍ମୁଖରେ ପ୍ରକାଶ କରୁଥିବ ।

ନାରୀମାନଙ୍କର ମଧ୍ୟ ଏହି କର୍ତ୍ତବ୍ୟ ରହିଛି ଯେ, ସେମାନେ ପରସ୍ପରର ଭିତିରି କଥାକୁ ପରସ୍ପରକୁ କହିବାରୁ ବର୍ତ୍ତିବା ଉଚିତ୍ । ବେଳେବେଳେ ପିତାମାତାଙ୍କର ଜିଜ୍ଞାସା ଅଭ୍ୟାସ ହୋଇଥାଏ ଯେ, ସେମାନେ କନ୍ୟାକୁ ଖୁଣ୍ଟି ଖୁଣ୍ଟି କଥା ପଚାରିଥାଆନ୍ତି । ସେମାନଙ୍କର ହସ୍ତକ୍ଷେପ ଯୋଗୁଁ ମାମଲା (ପ୍ରସଙ୍ଗ) ଅଧିକ ବିଗିଡ଼ି ଯାଇଥାଏ । ତେଣୁ ସ୍ୱାମୀ ସ୍ତ୍ରୀ ଦୁହିଁଙ୍କର ଏହି କର୍ତ୍ତବ୍ୟ ଯେ, ଘରୋଇ କଥାଗୁଡ଼ିକୁ ପରସ୍ପର ମଧ୍ୟରେ ଆଦାନ ପ୍ରଦାନ କରନ୍ତୁ ନାହିଁ ଓ ନା ହିଁ ଅନ୍ୟମାନଙ୍କୁ ଏପରି କଥା ପଚାରିବା ଓ ଶୁଣିବା ଉଚିତ୍ । ଯେତେବେଳେ ପରିହିତ ବସ୍ତ୍ର ଯଦି ଫାଟିଯାଏ ସେତେବେଳେ ତାହା ଅସୁନ୍ଦର ଦୃଶ୍ୟମାନ ହୋଇଥାଏ ଠିକ୍ ସେହିପରି ଯେତେବେଳେ ଘରର କଥା ଦାଣ୍ଡରେ ପଡ଼ି ହାଟରେ ଗଡ଼େ ସେତେବେଳେ ଘରେ ଅପ୍ରୀତିକର ପରେବଶେ ସୃଷ୍ଟି ହୋଇଥାଏ ।

## ପବିତ୍ର କୁରଆନ୍ କରୀମ୍ ପରୁଷ ପରି ନାରୀକୁ ମଧ୍ୟ ବଞ୍ଚିବାର ଅଧିକାର ପ୍ରଦାନ କିରଥାଏ:

ଇସ୍‌ଲାମ୍ ଧର୍ମ ପୂର୍ବରୁ ଝିଅ ଜନ୍ମ ହେବା ଏତେ ବଡ଼ ଅପରାଧ ବୋଲି ପରିଗଣିତ ହେଉଥିଲା ଯେ, ବେଳେବେଳେ କନ୍ୟାକୁ (ଝିଅକୁ) ଜୀବନ୍ତ ପୋତି ଦିଆଯାଉଥିଲା । ଖର୍ଚ୍ଚ ଓ ଦାୟିତ୍ୱାବଳୀର ଆଧିକ୍ୟତା ଓ ଭୟ ହେତୁ ମଧ୍ୟ ଝିଅର ଅସ୍ତିତ୍ୱକୁ ବୋଝ ବୋଲି ମନେ ହେଉଥିଲା। ଅଲ୍ଲାଃତାଲା ସନ୍ତାନ ହତ୍ୟାରୁ ବାରଣ କରିଛନ୍ତି । ସନ୍ତାନକୁ ପ୍ରଭୁଙ୍କର କୃପା ଓ ସ୍ୱର୍ଗର ଶୁଭ ସୂଚନା ବୋଲି ବିବେଚିତ କରାଯାଇଛି । ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି:

وَلَا تَقْتُلُوْٓا اَوْلَادَكُمْ خَشْيَةَ اِمْلَاقٍ ؕ نَحْنُ نَرْزُقُهُمْ وَاِيَّاكُمْ ؕ اِنَّ قَتْلَهُمْ كَانَ خِطْاً كَبِيْرًا **(ବନି ଇସ୍ରାଇଲ୍: 32)**

**ଅନୁବାଦ:** ଏବଂ ତୁମେମାନେ ଦାରିଦ୍ର୍ୟ ଭୟରେ ନିଜର ସନ୍ତାନମାନଙ୍କୁ ହତ୍ୟା କର ନାହିଁ । କରଣ ଆମ୍ଭେ ହିଁ ସେମାନଙ୍କୁ ଓ ତୁମ୍ଭମାନଙ୍କୁ ଜୀବିକା ପ୍ରଦାନ କରିଥାଉ । ସେମାନଙ୍କ ହତ୍ୟା କରିବା ମହାପାପ ଅଟେ ।

## ଆଁହଜରତ୍ ସ.ଅ ଝିଅ (କନ୍ୟା) ଜନ୍ମକୁ କ୍ଲେଶ ପରିବର୍ତ୍ତେ କୃପା ବୋଲି ବିବେଚିତ କରିଛନ୍ତି :

قَالَ رَسُوْلُ اللهِ ﷺ اِذَا وُلِدَ لِرَجُلٍ ابْنَةَ بَعَثَ اللهُ عَزَّوَجَلَّ مَلَائِكَةُ يَقُوْلُوْنَ السَّلَامُ عَلَيْكُمْ اَهْلَ الْبَيَتِ يَكْسُوْنَهَا بِاَجْنِحَتِهِمْ وَيَمْسَحُوْنَ بِاَيْدِيْهِمْ عَلٰى رَاْسِهَا وَ يَقُوْلُوْنَ ضَعِيفَةٌ خَرَجَتْ مِنْ ضَعِيْفَةَ الْقِيَمِ عَلَيْهَا مَعَانٍ اِلٰى يَوْمِ الْقِيَامَةَ **(ରୱାହୁତ୍ ଅତ୍ ତିବ୍ରାନୀ ଫିସ୍ ସଗିର୍)**

**ଅନୁବାଦ:** ଅର୍ଥାତ୍ ଯେତେବେଳେ କୌଣସି ବ୍ୟକ୍ତି ଘରେ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କରେ ସେତେବେଳେ ଅଲ୍ଲାଃତାଲା ତାହାଙ୍କ ଘରେ ଦେବଦୂତ ପ୍ରେରଣ କରିଥାଆନ୍ତି ଯିଏ ଆସି ଏହା କୁହନ୍ତି, ହେ ଗୃହବାସୀ! ତୁମ ଉପରେ ଶାନ୍ତି ଅବତୀର୍ଣ୍ଣ ହେଉ । ସେହି ଦେବଦୂତମାନେ କନ୍ୟାକୁ ନିଜର ପର ତଳେ ନେଇ ନିଅନ୍ତି ଏବଂ ତା' ମୁଣ୍ଡ ଉପରେ ହସ୍ତ ପ୍ରସାରିତ କରି କୁହନ୍ତି ଏହା ଦୁର୍ବଳ ପ୍ରାଣୀ ଏବଂ ଦୁର୍ବଳ ଜୀବନ ଅଟେ ଏବଂ ଯେକି ଏକ ଦୁର୍ବଳ (ପ୍ରାଣ)ଜୀବନରୁ ହିଁ ଜନ୍ମଗ୍ରହଣ କରିଛି । ଅତଏବ୍ ଯେଉଁ ବ୍ୟକ୍ତି ଉକ୍ତ କନ୍ୟାର ସଠିକ୍ ଲାଳନ ପାଳନ ଓ ଦେଖାଶୁଣା କରିବ ପ୍ରଳୟ ଦିବସ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କର ସାହାଯ୍ୟ ତାହାକୁ ପ୍ରାପ୍ତ ହେବ ।

## କନ୍ୟାର ଏହି ଅଧିକାର ରହିଛି ଯେ, ତା'ର ଉତ୍ତମ ଢଙ୍ଗରେ ଲାଳନ ପାଳନ ତଥା ସଂସ୍କାର କରାଯାଉ :

ଶିକ୍ଷା ଆହରଣ କରିବା ପ୍ରତ୍ୟେକ ମୁସଲମାନ ପୁରୁଷ ଓ ନାରୀ ଉପରେ ଅନିର୍ବାର୍ଯ୍ୟ ବୋଲି ଆଁହଜରତ ସ.ଅ ବିବେଚନା କରିଛନ୍ତି । କନ୍ୟାମାନଙ୍କୁ ଶିକ୍ଷାଦାନ କରିବା ପୁଣ୍ୟର କାରଣ ବୋଲି ଦର୍ଶାଇଛନ୍ତି ଏବଂ ଶିକ୍ଷାଦାନକାରୀ ବ୍ୟକ୍ତିକୁ ସ୍ୱର୍ଗପୁରର ଶୁଭ ସମାଚାର। ପ୍ରଦାନ କରିଛନ୍ତି । ପବିତ୍ର କୁରଆନ୍ କରୀମ୍ ମହିଳା ଓ ପୁରୁଷକୁ ଏହି ଦୁଆ ଶିକ୍ଷା ଦେଇଛି ଯେ, وَقُلْ رَّبِّ زِدْنِىْ عِلْمًا **(ତାହା: 114)** ଏବଂ କୁହ ! ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭର ଜ୍ଞାନ ବୃଦ୍ଧି କର ।

ସେହିପରି ଏକ ହଦିସ୍‌ର ଚର୍ଚ୍ଚା ରହିଛି ଯେ, عَنْ عَبْدِ اللهِ بْنِ مَسْعُوْدِ رَضِىَ اللهُ عَنْهُ قَالَ قَالَتِ النِّسَاءُ لِلنَّبِيِّ صَلَّى اللهُ عَلَيْهِ وَسَلَّمَ غَلَبْنَا عَلَيْكَ الرِّجَالُ فَاجْعَلْ لَّنَا يَوْمًا مِّنْ نَفْسِكَ فَوَعَدَهُنَّ يَوْمًا لَقِيَهُنَّ فِيْهِ فَوَعَظَهُنَّ وَ اَمَرَهُنَّ **(ସହି ବୁଖାରୀ)**

ଉକ୍ତ ହଦିସ୍‌ରୁ ଜ୍ଞାତ ହୁଏ ଯେ, ଆଁହଜରତ ସ.ଅ ନାରୀମାନଙ୍କର ଶିକ୍ଷା ଏବଂ ସଂସ୍କାର ନିମନ୍ତେ ଗୋଟିଏ ଦିନ ନିର୍ଦ୍ଧାରଣ କରିଥିଲେ। ସେହି ଦିନ ଆପଣ ସ.ଅ ନାରୀମାନଙ୍କୁ ଉପଦେଶ ଦେଉଥିଲେ ଓ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଉଥିଲେ ।

مَنْ وُلِدَ لَهُ اِبْنَةٌ فَلَمْ يَئِدْهَا وَلَمْ يُهِنْهَا وَلَمْ يُؤْثِرْ وَلَدَهُ عَلَيْهَا يَعْنِىْ الذَّكَرَ اَدْخَلَهُ اللهُ بِهَا الْجَنَّةَ

**(ରୱାତୁ ଅହମଦ୍, ସିହାହୁଲ୍ ହାକିମ୍, ୱ ୱାଫିକହୁ ଅଜ୍ ଜହବି)**

ହ. ନବୀ କରୀମ୍ ସ.ଅ କହିଲେ: ଯେଉଁ ବ୍ୟକ୍ତି ଘରେ କନ୍ୟା ସନ୍ତାନ ଜନ୍ମ ଗ୍ରହଣ କଲା ଓ ସେ ଉକ୍ତ ନବଜାତ କନ୍ୟାକୁ ନା ହତ୍ୟା କଲା ଓ ନା ହିଁ ତା' ପ୍ରତି ଅସଦ୍‌ବ୍ୟବହାର ପ୍ରଦର୍ଶନ କଲା ଓ ନା ହିଁ ପୁତ୍ରକୁ କନ୍ୟା ଉପରେ ପ୍ରାଧାନ୍ୟ ଦେଲା ତେବେ ଅଲ୍ଲାଃତାଲା ସେହି କନ୍ୟା ମାଧ୍ୟମରେ ଉକ୍ତ ବ୍ୟକ୍ତିକୁ ବୈକୁଣ୍ଠରେ ପ୍ରେବେଶ କରିଦେବେ ।

ପବିତ୍ର କୁରଆନ୍ କରୀମର ଶିକ୍ଷା ଓ ରସୁଲୁଲ୍ଲାଃ ସ.ଅଙ୍କ ଆଦର୍ଶରୁ ଏହା ଜ୍ଞାତ ହୁଏ ଯେ, କନ୍ୟାକୁ ଉତ୍ତମ ଶିକ୍ଷା ପ୍ରଦାନ କରିବା ଓ ଉତ୍ତମ ସଂସ୍କାର ପ୍ରଦାନ କରିବା ଏବଂ ପ୍ରତ୍ୟେକ ଦୃଷ୍ଟିରୁ ଏହାର ଯତ୍ନ ନେବା ପ୍ରତ୍ୟେକ ମୁସଲମାନ ବ୍ୟକ୍ତି ଉପରେ ଅପରିହାର୍ଯ୍ୟ ଅଟେ ।

## ନାରୀର ଏହି ଅଧିକାର ରହିଛି ଯେ, ତା'ର ଭାବାବେଗର ମଧ୍ୟ ଯତ୍ନ ନିଆଯାଉ :

ସଂସାରର ଅନେକ ସମାଜରେ ନାରୀମାନଙ୍କ ପ୍ରତି ଏପରି ଅସଦ୍‌ବ୍ୟବହାର ପ୍ରଦର୍ଶନ ତଥା ଅବିଚାର କରାଯାଇଥାଏ ଯେ ପିରିକ ନାରୀର ଭାବାବେଗର କୌଣସି ମୂଲ୍ୟ ନାହିଁ । ଅର୍ଥାତ୍ ନାରୀ ଗୋଟିଏ ମାଗଣା ବସ୍ତୁ ଓ ମାଗଣା ଧନ ଅଟେ । ଯିଏ ଯେତେବେଳେ ଚାହିଁଲା କ୍ରୟ କରିନେଲା ଓ ଯେତେବେଳେ ଚାହିଁଲା ତା'କୁ ବିକ୍ରି କରିଦେଲା ଏବଂ ସମ୍ପତ୍ତି ବଣ୍ଟା ସମୟରେ ନାରୀକୁ ମଧ୍ୟ ଭାଗ ବଣ୍ଟା ଯାଇ ପାରିଥାଆନ୍ତା। ମହିଳାକୁ ମନୁଷ୍ୟ ବୋଲି ବୁଝାଯାଉ ନଥିଲା । ବରଂ ସମାଜ ତଥା ପ୍ରତିପତ୍ତିଶାଳୀ ବ୍ୟକ୍ତିଙ୍କ ଦୃଷ୍ଟିରେ ନାରୀ ଏଭଳି ଏକ ପତିତା ବସ୍ତୁ ଥିଲା ଯେ, ସମ୍ପତ୍ତି ଉପରେ ତା'ର କୌଣସି ସତ୍ତ୍ୱାଧିକାର ନଥିଲା । ଅର୍ଥାତ ସମ୍ପତ୍ତି ଉପରେ ନାରୀର ମାଲିକାନା ସତ୍ତ୍ୱତା ପରିବର୍ତ୍ତିତ ହେଉଥିଲା । କିନ୍ତୁ ମହିଳାର ଭାଗ୍ୟ ପରିବର୍ତ୍ତନ ହେଉ ନଥିଲା । ପବିତ୍ର କୁରଆନ୍ କରୀମ୍ ହିଁ ମହିଳା ବା ନାରୀମାନଙ୍କର ଅଧିକାର ନିରୂପଣ ଏବଂ

ନିର୍ଦ୍ଧାରିତ କଲା ଓ ନାରୀକୁ ସମ୍ମାନ ପ୍ରଦାନ କରିଥିଲା । ଆଁହଜରତ ସ.ଅ ନାରୀମାନଙ୍କ ପାଇଁ قَوَارِيۡر ଅର୍ଥାତ ଦର୍ପଣ (କାଚ) ଶବ୍ଦ ପ୍ରୟୋଗ କରିଛନ୍ତି । କାରଣ ଉକ୍ତ ଶବ୍ଦଟି ମହିଳାର କୌମ୍ୟତା, ଦୁର୍ବଳତା ଓ ଶୀଘ୍ର ଇନ୍ଦ୍ରୀୟତା ଆଡ଼କୁ ଇଙ୍ଗିତ କରେ । ତତ୍ସହିତ ଏହି ସତର୍କତାମୂଳକ ବ୍ୟବହାର ଓ ଉତ୍ତମ ଆଚରଣ ପ୍ରଦର୍ଶନ କରିବା ପ୍ରତି ଆଦେଶ ଦେଇଛନ୍ତି । ଏକ ସନ୍ତାନର ଯେତେବେଳେ ବିଳାପ ବା ରୋଦନର ସ୍ୱର ଆସୁଥିଲା ସେତେବେଳେ ଆପଣ ସ.ଅ ନମାଜ ସଂକ୍ଷିପ୍ତ କରିଦେଉଥିଲେ । କାରଣ ତା'ର ମାକୁ ଯେପରି କୌଣସି କଷ୍ଟ ନହେଉ । **(ବୁଖାରୀ, କିତାବୁଲ୍ ଅଜାନ୍, ବାବ ମିନ୍ ଅଖ୍‌ଫିସ୍ ସଲାତା)**

ଯେତେବେଳେ ଆପଣ ସ.ଅ କୌଣସି ଯାତ୍ରାରେ ଯାଉଥିଲେ ଏବଂ ଯାତ୍ରାରେ ନାରୀମାନେ ମଧ୍ୟ ଆପଣ ସ.ଅଙ୍କ ସହିତ ହେଉଥିଲେ (ଯାତ୍ରା କରୁଥିଲେ)ସେତେବେଳେ ଆପଣ ସ.ଅ ସର୍ବଦା ଧୀରେ ଧୀରେ ଚାଲିବାକୁ ଆଦେଶ ଦେଉଥିଲେ । ଏକଦା ଏପରି ଏକ ଅବସରରେ ଯେତେବେଳେ ସିପାହୀମାନେ ନିଜ ଅଶ୍ୱର ଡୋର ଓ ଓଟମାନଙ୍କ ନାକର ଦଉଡ଼ି ଉଠାଇ ଦେଲେ ସେତେବେଳେ ଆପଣ ସ.ଅ କହିଲେ: رِفۡقًا بِالۡقَوَارِيۡرِ ଅର୍ଥାତ୍ ଧୀରେ ଚାଲ ! କାରଣ ସାଥିରେ ନାରୀମାନେ ମଧ୍ୟ ଅଛନ୍ତି । ତୁମେ ଯଦି ଏହିପରି ଓଟ ଦଉଡ଼ାଇବ ତେବେ ଦର୍ପଣର କାଚ ଭାଙ୍ଗି ଚୁରମାର ହୋଇଯିବ । **(ବୁଖାରୀ କିତାବୁଲ୍ ଅଦବ୍, ବାବୁଲ୍ ମାଆରିଜା ମିନ୍ ଦୌହଦ୍ ଅନ୍ କଜିବା)**

## ଇସ୍‌ଲାମ ଧର୍ମ ପୁରୁଷମାନଙ୍କ ପରି ନାରୀମାନଙ୍କୁ ମଧ୍ୟ ଆନନ୍ଦ ଓ ଉଲ୍ଲାସ ପର୍ବ, ସମାରୋହ ତଥା ଉତ୍ସବରେ ସାମିଲ୍ ହେବାର ଅଧିକାର ପ୍ରଦାନ କରିଛି :

ପବିତ୍ର କୁରଆନ୍ କରୀମ୍ ଦୃଢ଼ତାର ସହିତ୍ ନାରୀମାନଙ୍କର ଅଧିକାର ଓ ତା'ର ମର୍ଯ୍ୟାଦା ତଥା ସ୍ଥାନକୁ ସମାଜରେ ସ୍ଥାପିତ କରିଛି । ସମାଜର କାର୍ଯ୍ୟକ୍ରମମାନଙ୍କରେ ନାରୀମାନଙ୍କୁ ସାମିଲ୍ କରିବା ନିମନ୍ତେ ତାଗିଦ୍ ମଧ୍ୟ କରିଛି । ସୁତରାଂ ନବୀ କରୀମ୍ ସ.ଅ ଇଦୈନ୍ (ଇଦୁଲ୍ ଫିତର୍ ଓ ଇଦୁଲ୍ ଅଜ୍‌ହା) ପର୍ବ ଅବସରରେ ସମସ୍ତ ନାରୀ ଓ ବାଳିକାମାନଙ୍କୁ ଇସ୍‌ଲାମୀୟ ପର୍ବ ପର୍ବାଣୀରେ ସାମିଲ୍ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛି । ସେହିପରି ଇସ୍‌ଲାମ୍ ଧର୍ମ ଏହା ମଧ୍ୟ କୁହେ ଯେ, ଯଦି କୌଣସି କନ୍ୟା ନିକଟରେ ପରଦା ନିମନ୍ତେ ଚଦର ନାହିଁ ତେବେ ସେ ଅନ୍ୟ କାହାଠାରୁ ଧାର ମାଗିନେଉ । ସେହିପରି ସେହି ନାରୀମାନେ ଯେଉଁମାନେ ଅଶୁଚ ହେବା ହେତୁ ନମାଜ ପଢି ପାରିବେ ନାହିଁ ସେମାନେ ସାମୂହିକ ଇଦ୍ ପର୍ବରେ ସାମିଲ୍ ହୋଇ ଦୁଆରେ ଅବଶ୍ୟ ସାମିଲ୍ ହୁଅନ୍ତୁ ।

**(ବୁଖାରୀ କିତାବୁଲ୍ ଇଦୈନ୍)**

## ପବିତ୍ର କୁରଆନ୍ କରୀମ୍ ନାରୀମାନଙ୍କର ଅଧିକାର ସଂକ୍ରାନ୍ତରେ ତାଗିଦ୍‌ମୂଳକ ନିର୍ଦ୍ଦେଶାବଳୀ

ପବିତ୍ର କୁରଆନ୍ କରୀମ୍‌ରେ ପ୍ରଭୁଙ୍କର ଆଦେଶାବଳୀ ରହିଛି:

يَآ اَيُّهَا الَّذِيۡنَ اٰمَنُوۡا لَا يَحِلُّ لَكُمۡ اَنۡ تَرِثُوا النِّسَآءَ كَرۡهًا ؕ وَلَا تَعۡضُلُوۡهُنَّ لِتَذۡهَبُوۡا بِبَعۡضِ مَآ اٰتَيۡتُمُوۡهُنَّ اِلَّآ اَنۡ يَّاۡتِيۡنَ بِفَاحِشَةٍ مُّبَيِّنَةٍ ۚ وَعَاشِرُوۡهُنَّ بِالۡمَعۡرُوۡفِ ۚ فَاِنۡ كَرِهۡتُمُوۡهُنَّ فَعَسٰٓى اَنۡ تَكۡرَهُوۡا شَيۡـًٔا وَّيَجۡعَلَ اللّٰهُ فِيۡهِ خَيۡرًا كَثِيۡرًا (ଅନ୍ ନିସା: 20)

ଅର୍ଥାତ୍ ହେ ଲୋକମାନେ ! ଯେଉଁମାନେ ବିଶ୍ୱାସ ଆଣିଛ ଜୋର ଜବରଦସ୍ତ (ବଳପୂର୍ବକ) ନାରୀମାନଙ୍କର ଉତ୍ତରାଧିକାରୀ ହେବା ତୁମମାନଙ୍କ ପକ୍ଷରେ ନ୍ୟାଯ୍ୟ ନୁହେଁ । କାରଣ ତୁମେମାନେ ସେମାନଙ୍କୁ ଯାହାକିଛି ଦେଇଅଛ ତହିଁରୁ ପୁନଃ କିଛି ଛଡ଼ାଇ ତୁମେମାନେ ସେମାନଙ୍କୁ ଉକ୍ତ ଉଦ୍ଦେଶ୍ୟ ସକାଶେ ହଇରାଣ କର ନାହିଁ । କିନ୍ତୁ ଏତଦ୍‌ଭିନ୍ନ କି ସେମାନେ କୌଣସି ସ୍ୱଷ୍ଟ ଅଶ୍ଳୀଳତା ଓ ପାପ କରିଥାଆନ୍ତି (ତେବେ ଏ ସଂକ୍ରାନ୍ତୀୟ ଆଦେଶ ଉପରେ ବର୍ତ୍ତିତ ହୋଇଅଛି) । ସେମାନଙ୍କ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କର । ତୁମେ ଯଦି ସେମାନଙ୍କୁ ନାପସନ୍ଦ କର ତେବେ ମନେରଖ ! ସମ୍ଭବତଃ ତୁମେମାନେ ଯାହାକୁ ନାପସନ୍ଦ କରୁଥାଅ ଓ ଅଲ୍ଲାଃତାଲା ତହିଁରେ ଅଶେଷ କଲ୍ୟାଣ କରିଥାଇ ପାରନ୍ତି।

ପବିତ୍ର କୁରଆନୀୟ ଶିକ୍ଷାନୁଯାୟୀ ମାକୁ ସନ୍ତାନର ସମ୍ପତ୍ତିରେ ଭାଗ ତଥା ଅଧିକାରୀ ବୋଲି ବିବେଚିତ କରିଛି । ସେହିପରି ପତ୍ନୀକୁ ମଧ୍ୟ ସ୍ୱାମୀର ସମ୍ପତ୍ତିରେ ଅଧିକାର ଏବଂ ପୁତ୍ରୀକୁ ପିତାର ସମ୍ପତ୍ତିରେ ଓ ଅନ୍ୟ କେତେକ ସ୍ଥିତିରେ ଭଉଣୀକୁ ଭାଇର ଉତ୍ତରାଧିକାରୀ ବୋଲି ବିବେଚିତ କରାଯାଇଛି ।

## ନାରୀମାନଙ୍କର ଏହି ଅଧିକାର ରହିଛି ସେମାନଙ୍କ ଠାରୁ ମଧ୍ୟ ପରାମର୍ଶ ଗ୍ରହଣ କରାଯାଉ:

ଆଁହଜରତ ସ.ଅ କୁହନ୍ତି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ନାରୀମାନଙ୍କ ଠାରୁ ପରାମର୍ଶ ମଧ୍ୟ ନେବା ଉଚିତ୍ । ଆପଣ ସ.ଅ ସ୍ୱୟଂ ମଧ୍ୟ ନାରୀମୀନଙ୍କ ଠାରୁ ପରାମର୍ଶ ନେଉଥିଲେ । ହ. ଉମର୍ ର.ଅଙ୍କ କାଳର କେତେକ ଘଟଣାବଳୀରୁ ଜଣାପଡ଼େ ଯେ, ସାମୂହିକ ପ୍ରସଙ୍ଗରେ ଇସ୍‌ଲାମ୍ ଧର୍ମ ମହିଳାମାନଙ୍କୁ ପରାମର୍ଶ ପ୍ରକାଶ କରିବାର ଅଧିକାର ପ୍ରଦନା କରିଥିଲା ।

ହ. ଉମର୍ ଫାରୁକ୍ ର.ଅ କହିଲେ: "ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ଯେ, ମୁଁ ଅଶିକ୍ଷିତ ଯୁଗରେ ନାରୀମାନଙ୍କୁ ଟିକିଏ ହେଲେ ବି ଗୁରୁତ୍ୱ ଦେଉ ନଥିଲି । ଏପର୍ଯ୍ୟନ୍ତ କି ଅଲ୍ଲାଃତାଲା ସେମାନଙ୍କ ଅଧିକାର ସଂପର୍କରେ ପବିତ୍ର କୁରଆନ୍ କରୀମରେ ଆଦେଶାବଳୀ ଅବତୀର୍ଣ୍ଣ କଲେ ଓ ସମ୍ପତ୍ତିରେ ମଧ୍ୟ ସେମାନଙ୍କ ଅଧିକାର ସାବ୍ୟସ୍ତ କରିଦେଲ ।"

**(ବୁଖାରୀ, କିତାବୁତ୍ ତଫସିର୍, ସୁରତୁତ୍ ତହରିମ୍)**

## ନାରୀର ଏହି ଅଧିକାର ରହିଛି ତା' ପ୍ରତି ବିନମ୍ରତା ପ୍ରଦର୍ଶନ କରାଯାଉ:

ଇସ୍‌ଲାମ୍ ଧର୍ମ ଉପରେ ଆପତ୍ତି କରାଯାଏ ଯେ, ମହିଳାମାନଙ୍କୁ ଶାସ୍ତି ଦେବା ନିମନ୍ତେ ଇସ୍‌ଲାମ୍ ଧର୍ମ ଅନୁମତି ପ୍ରଦାନ କରିଛି । ଯଦିଓ ଏହି ଅନୁମତି ଘରର ଶାନ୍ତି ଓ ସୌହାର୍ଦ୍ୟ ସ୍ଥାପନ ନିମନ୍ତେ ଥିଲା । ଯାହାକି କେତେକ ସର୍ତ୍ତ ସହିତ ଶାସ୍ତି ପ୍ରଦାନ କରିବାକୁ ଅନୁମତି ପ୍ରଦାନ କରଯାଇଥିଲା । କିନ୍ତୁ ଏହା ଭାବି ଯେ, ଏହି ଅନୁମତିର ଦୁରୁପଯୋଗ କରାନଯାଉ । ଏହି ଅନୁମତିର ଦୁରୁପଯୋଗ କରିବାକୁ ମଧ୍ୟ ବାରଣ କରାଯାଇଛି । ଅର୍ଥାତ لَا تَضۡرِبُوۡا اِمَآءَ اللّٰهِ ଅର୍ଥାତ ମହିଳାମାନେ ତ' ଅଲ୍ଲାଃତାଲାଙ୍କର ଦାସୀ ଅଟନ୍ତି । ତେଣୁ ତୁମେମାନେ ସେମାନଙ୍କ ଉପରେ ହାତ ଉଠାଅ ନାହିଁ ।

ଆପଣ ସ.ଅ ମହିଳାମାନଙ୍କ ଉପରେ ହାତ ଉଠାଉଥିବା ବ୍ୟକ୍ତିମାନଙ୍କ ସଂକ୍ରାନ୍ତରେ କୁହନ୍ତି: لَيۡسَ اُولٰٓئِكَ بِخِيَارِكُمۡ **(ସୁନନ୍ ଅବି ଦାଉଦ୍, କିତାବୁନ୍ ନିକାହ୍, ବାବ୍ ଫି ଜରବୁନ୍ ନିସାଇ)**

ହ. ମୁଆଜ୍ ବିନ୍ ହିନ୍ଦ୍ ବର୍ଣ୍ଣନା କରନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କୁ ପଚରାଗଲା ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ପତ୍ନୀର ନିଜ ସ୍ୱାମୀ ଉପରେ କେଉଁ ଅଧିକାର ରହିଛି ? ଆପଣ ସ.ଅ କହିଲେ ଈଶ୍ୱର ତୁମକୁ ଯେଉଁ ଆହାର ଭକ୍ଷଣ (ଖାଇବାକୁ) କରିବାକୁ ଦିଅନ୍ତି ତାହାକୁ ତୁମେ ନିଜ ପତ୍ନୀକୁ ଭୋଜନ କରାଅ ଏବଂ ପ୍ରଭୁ ତୁମକ ଯାହା ପରିଧାନ କରିବାକୁ ଦିଅନ୍ତି ତୁମେ ନିଜତ ପତ୍ନୀକୁ ପରିଧାନ କରାଅ । ତା'କୁ (ନିଜ ସ୍ତ୍ରୀକୁ) ଚାପୁଡ଼ା ମାର ନାହିଁ ଏବଂ ଗାଳିଗୁଲଚ କର ନାହିଁ ଓ ତା'କୁ ଘରୁ ବାହାର କର ନାହିଁ । **(ଅବୁ ଦାଉଦ)**

ପବିତ୍ର କୁରଆନ୍ କରୀମ୍ ଏକମାତ୍ର ଧର୍ମବୈଧାନିକ ସମ୍ବଳିତ ଗ୍ରନ୍ଥ ଅଟେ ଯିଏ ନାରୀମାନଙ୍କୁ ପ୍ରତ୍ୟେକ ପ୍ରକାରର ସୁରକ୍ଷା ପ୍ରଦାନ କରିଛି ଓ ନାରୀମାନଙ୍କ ପ୍ରତି ବିନମ୍ରତା ଏବଂ ଉତ୍ତମ ବ୍ୟାବହର ପ୍ରଦର୍ଶନ କରିବାରୁ ଆଦେଶ ଦେଇଛି । ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: وَعَاشِرُوۡهُنَّ بِالۡمَعۡرُوۡفِ **(ଅନ୍ ନିସା: 20)** ଅର୍ଥାତ୍ ସେମାନଙ୍କ ସହିତ ଉତ୍ତମ ବ୍ୟବହାର ପ୍ରଦର୍ଶନପୂର୍ବକ ସୁଖମୟ ଜୀବନ ଅତିବାହିତ କର ।

ଉପରୋକ୍ତ ଶିକ୍ଷାକୁ ଦୃଷ୍ଟିରେ ରଖି ଆମର ପ୍ରିୟ ମୁନିବ ହ. ମୁହମ୍ମଦ ସ.ଅ କୁହନ୍ତି: خَيۡرُكُمۡ خَيۡرُكُمۡ لِاَهۡلِهٖ وَاَنَا خَيۡرُكُمۡ لِاَهۡلِىۡ **(ସୁନନୁତ୍ ତିର୍ମିଜି, କିତାବୁଲ୍ ମନାକିବି, ବାବ-ଫଜ୍‌ଲୁ ଅଜ୍‌ୱାଜିନ୍ ନବୀ ସ.ଅ)**

ଅର୍ଥାତ୍ ସର୍ବୋତ୍ତମ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ନିଜ

ପରିବାର ଅର୍ଥାତ ପତ୍ନୀ ଓ ସନ୍ତାନମାନଙ୍କ ପାଇଁ ଉତ୍ତମ ହୋଇଥାଏ। ପରିବାରବର୍ଗଙ୍କ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା କ୍ଷେତ୍ରରେ ମୋର ଆଦର୍ଶ ହେଉଛି ସର୍ବୋତ୍କୃଷ୍ଟ ଆଦର୍ଶ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଅଶ୍ଳୀଳତା ବ୍ୟତୀତ ନାରୀର ଅନ୍ୟ ସମସ୍ତ କୁଟୀଳ ଆଚାର ବ୍ୟବହାର, କଟୁତା, ଦୁଃଶୀଳତା ଗୁଣାବଳୀକୁ ସହ୍ୟ କରିବା ଉଚିତ୍ । ପୁରୁଷ ହୋଇ ନାରୀ ସହିତ କଳହ କରିବାକୁ ମୁଁ ଅତି ନିର୍ଲଜତା ଓ କାପୁରୁଷତା ବୋଲି ମନେକରୁଛି । ପ୍ରଭୁ ଆମକୁ ପୁରୁଷ ରୂପେ ଗଢ଼ିଛନ୍ତି ଓ ବାସ୍ତବରେ ଏହା ଆମ ଉପରେ ପ୍ରଭୁଙ୍କର ପୁରସ୍କାର ସଂପୂର୍ଣ୍ଣ ଏବଂ ଚରିତାର୍ଥ ହେବାକୁ ବୁଝାଏ । ସୁତରାଂ ପ୍ରଭୁଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ଏହିକି ଯେ, ଆମେମାନେ ନାରୀମାନଙ୍କ ପ୍ରତି କୋମଳତାପୂର୍ଣ୍ଣ ଆଚରଣ ପ୍ରଦର୍ଶନ କରିବା ଉଚିତ୍ ।

ଏକଦା ଜଣେ ବନ୍ଧୁଙ୍କର କଠୋର ସ୍ୱଭାବ ଏବଂ ଦୁରାଳାପୀର ଚର୍ଚ୍ଚା ହେଲା ଓ ଅଭିଯୋଗ ହେଲା କି ସେ ନିଜ ପତ୍ନୀ ପ୍ରତି କ୍ରୁରତା ଓ କଠୋରତା ବ୍ୟବହାର ପ୍ରଦର୍ଶନ କରୁଛି । ହୁଜୁର ଅ.ସ ଉକ୍ତ କଥାକୁ ଶୁଣି ଦୁଃଖ ପ୍ରକାଶ କଲେ ଏବଂ କହିଲେ, ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଏପରି ହେବା ଅନୁଚିତ । ମୋର ଏହି ଅବସ୍ଥାତ ରହିଛି ଯେ, ଏକଦା ମୁଁ ନିଜର ପତ୍ନୀ ଉପରେ କ୍ଷୁବ୍ଧ ହୋଇ ଉଚ୍ଚ ସ୍ୱରରେ ପତ୍ନୀକୁ କିଛି କହି ଦେଇଥିଲି । ମୁଁ ଏହା ଅନୁଭବ କରିଥିଲି ଯେ, ସେହି ସ୍ୱର ଉଚ୍ଚ ହୃଦୟର ଦୁଃଖ ସହିତ ମିଶିଅଛି । ଏହାକୁ ବାଦ୍‌ଦେଲେ ମୁଁ ଅନ୍ୟ କୌଣସି ବ୍ୟକ୍ତିର ହୃଦୟକୁ ଆଘାତ ଦେଉଥିବା ବାଣୀ ତୁଣ୍ଡରୁ ବାହାର କରି ନଥିଲି । ଏହାପରେ ମୁଁ ଅନେକ ସମୟ ଧରି ଇସ୍ତିଗଫାର୍ (ପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା) କଲି ଓ ଅତ୍ୟନ୍ତ ବିନମ୍ରତା ତଥା ବିନୀତତାପୂର୍ବକ ନଫିଲ୍ ନମାଜ ପାଠ କଲି ଏବଂ କିଛି ଦାନ ଦକ୍ଷିଣା ମଧ୍ୟ କଲି । କାରଣ ପତ୍ନୀ ପ୍ରତି ଏଭଳି କଠୋରତା କୌଣସି ଆଭ୍ୟନ୍ତରୀଣ ଏବଂ ମାନସିକ ଜନିତ ପାପ ଓ ଈଶ୍ୱରଙ୍କ ଅବଜ୍ଞାର କାରଣ ହୋଇଥାଏ ।

**(ମଲ୍‌ଫୁଜାତ୍ ଭାଗ-1, ପୃ-307, ପ୍ରକାଶନ ବର୍ଷ-1988 ମସିହା)**

ଆପଣ ଅ.ସ କୁହନ୍ତି " ପୁରୁଷ ପକ୍ଷେ ଏହା ଉଚିତ୍ ଯେ, ନିଜ ପତ୍ନୀ ସହିତ ଏପରି ସଂପର୍କ ହେବା ଉଚିତ୍ ଯେପିରିକି ଦୁଇ ପ୍ରକୃତ ବନ୍ଧୁଙ୍କର ସଂପର୍କ ହୋଇଥାଏ । ମନୁଷ୍ୟର ଉତ୍ତମ ଚରିତ୍ରବତ୍ତା ଓ ଈଶ୍ୱରଙ୍କ ସହିତ ସୁସଂପର୍କର ପ୍ରଥମ ସାକ୍ଷ୍ୟ ଏହି ନାରୀମାନେ ହିଁ ହୋଇଥାଆନ୍ତି । ତେଣୁ ଯଦି ନିଜ ପତ୍ନୀ ସହିତ ସୁସଂପର୍କ ନାହିଁ ତେବେ କିପରି ସମ୍ଭବ ଯେ, ପ୍ରଭୁଙ୍କ ସହିତ ସନ୍ଧି ହୋଇଯିବ । ରସୁଲୁଲ୍ଲାଃ ସ.ଅ କହିଲେ: خَيْرُكُمْ خَيْرُكُمْ لِأَهْلِهِ ଅର୍ଥାତ ତୁମମାନଙ୍କ ମଧ୍ୟରୁ ଉତ୍ତମ ବ୍ୟକ୍ତି ହେଉଛି ସେହି ବ୍ୟକ୍ତି ଯିଏ ନିଜ ପତ୍ନୀ ପ୍ରତି ଉତ୍ତମ ବ୍ୟବହାର ପ୍ରଦର୍ଶନ କରେ।"

**(ମଲ୍‌ଫୁଜାତ୍, ଭାଗ-3, ପୃ-300, ପ୍ରକାଶନ ବର୍ଷ-2003 ମସିହା)**

## ନାରୀମାନଙ୍କର ଏହି ଅଧିକାର ରହିଛି ଯେ, ସେମାନଙ୍କୁ ନିକାହ୍, ବିବାହ, ତଲାକ୍ (ଛାଡ଼ପତ୍ର) ଖୁଲା (ପୃଥକ ହେବା) ସଂପର୍କରେ ମଧ୍ୟ ମତାମତ ନିଆଯାଉ ଏବଂ ସ୍ୱାଧୀନତା ଦିଆଯାଉ:

ଇସ୍‌ଲାମୀୟ ଶିକ୍ଷାନୁଯାୟୀ ଅଭିଭାବକମାନେ କନ୍ୟାର ଅଭିଭାବକ ହିସାବରେ ନିଜ କନ୍ୟା ପାଇଁ ଯଥୋଚିତ ବର ପାତ୍ର ଚୟନ ତଥା ନିର୍ବନ୍ଧ କରିବାର ଉତ୍ତରଦାୟୀ ଅଟନ୍ତି । କିନ୍ତୁ ନିଷ୍ପତ୍ତି ନେବାରେ କନ୍ୟାର ବା କନ୍ୟା ଠାରୁ ସ୍ୱୀକୃତି ଏବଂ ସହମତି ଅବଶ୍ୟ ପ୍ରାପ୍ତ କରାଯାଉ ବୋଲି ଇସ୍‌ଲାମ୍ ଧର୍ମ ବିବେଚିତ କରିଛି । ଇସ୍‌ଲାମ୍ ଧର୍ମ ଅତ୍ୟାଚାରୀ, ଅକର୍ମଣ୍ୟ, ଅପ୍ରିୟ ସ୍ୱାମୀ ବିପକ୍ଷରେ ନାରୀକୁ ଖୁଲା ଏବଂ ନିକାହକୁ ବାତିଲ୍ କରାଇବା ପ୍ରଭୃତ ଅଧିକାର ବା କ୍ଷମତା ପ୍ରଦାନ କରିଛି। ବିଧବା, ମୁତଲ୍ଲକା (ଯେଉଁ ମହିଳାକୁ ଛାଡ଼ପତ୍ର ଦିଆଯାଇଥିବ) ନାରୀକୁ ପୁନଃ ବିବାହ କରିବାର ଅଧିକାର ପ୍ରଦାନ କରିଛି ଓ କହିଛି ଯେ, ନାରୀ ନିଜ ଅସ୍ତିତ୍ୱ ସଂପର୍କରେ ନିଷ୍ପତ୍ତି ଗ୍ରହଣ କରିବା ସଂପର୍କରେ ନିଜର ଅଭିଭାବକମାନଙ୍କ ଅପେକ୍ଷା ଅଧିକ ଅଧିକାର ବା କ୍ଷମତାର ଅଧିକାରୀଣୀ ଅଟେ । **(ବୁଖାରୀ କିତାବୁନ୍ ନିକାହ୍)**

ପୁନଶ୍ଚ ମେହରର ଅଧିକାର ମଧ୍ୟ ଇସ୍‌ଲାମ୍ ଧର୍ମ ନାରୀକୁ ପ୍ରଦାନ କରିଛି । ଇସଲାମ୍ ଧର୍ମ ଦୀର୍ଘ 1400 ବର୍ଷ ପୂର୍ବେ ଏହି ଅଧିକାର ନାରୀକୁ ପ୍ରଦାନ କରିଥିଲା । ରସୁଲୁଲ୍ଲାଃ ସ.ଅ କହିଲେ, ଯେଉଁ ବ୍ୟକ୍ତି କୌଣସି ନାରୀକୁ ବିବାହ କରିବା ନିମନ୍ତେ ମେହେର ଧାର୍ଯ୍ୟ କଲା ଓ ତା'ର ଏହି ଉଦ୍ଦେଶ୍ୟ ଥିଲା ଯେ, ସେ ନାରୀକୁ ମେହେର ଦେବ ନାହିଁ ତେବେ ସେହି ବ୍ୟକ୍ତି ବ୍ୟଭିଚାରୀ ବ୍ୟକ୍ତି ଅଟେ । ସେହିପରି ଯେଉଁ ବ୍ୟକ୍ତି ଋଣ ଏହି ଉଦ୍ଦେଶ୍ୟରେ ନେଲା କି ସେ ଋଣ ପରିଶୋଧ କରିବା ନାହିଁ ତେବେ ମୁଁ ସେହି ବ୍ୟକ୍ତିକୁ ଚୋର ଓ ସେହିପରି ନେଣଦେଣକୁ ଚୋରି ବୋଲି ଗଣ୍ୟ କରିବି (ବିବେଚିତ କରିବ) ।

**(ମଜ୍‌ମା, ଅଲ୍ ଜୱାଏଦ୍, ଭାଗ-4, ପୃ-131)**

## ନାରୀମାନଙ୍କ ଅଧିକାରକୁ ଛିନ୍ନ କରୁଥିବା ବ୍ୟକ୍ତିମାନଙ୍କୁ ଚେତାବନୀ :

ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କୁହନ୍ତି:"ଅଲ୍ଲାଃତାଲା କୁହନ୍ତି ଯେ, ହେ କର୍ତ୍ତବ୍ୟ ସମ୍ପାଦନ ନକରୁଥିବା ବ୍ୟକ୍ତିମାନେ, ଅନ୍ୟାୟ ଭାବରେ ପରର ଅଧିକାରକୁ ହଡ଼ପ କରିଥିବା ବ୍ୟକ୍ତିମାନେ ! ମନେରଖ ଯେ, ଏକ ଶକ୍ତିଶାଳୀ, ପ୍ରିୟ ଈଶ୍ୱର ତୁମ ଉପରେ ଓ ତା'ର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ ନକରି ସେହି ଆଦେଶାବଳୀ ଯାହାକି ବ୍ରହ୍ମଜ୍ଞାନ ଦ୍ୱାରା ପରିପୂର୍ଣ୍ଣ ଅଦେଶାବଳୀ ଅଟେ, ସେହି ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ ନକରି ତୁମେମାନେ ଶାନ୍ତି, ସଦ୍‌ଭାବନା, ସକୁଶଳତା ଓ ପ୍ରେମ ସ୍ଥାପନକାରୀ ସମାଜର ସ୍ଥାପନାରେ ବ୍ୟାଘାତ ଏବଂ ଅନ୍ତରାୟ ସୃଷ୍ଟିକାରୀ ବ୍ୟକ୍ତି ସାବ୍ୟସ୍ତ ହେଉଛ। ଏହି ପ୍ରସଙ୍ଗ ସେହି ସର୍ବ ଶକ୍ତିମାନ ଈଶ୍ୱରଙ୍କୁ କୌଣସି ପରିପ୍ରେକ୍ଷୀରେ ସହ୍ୟଯୋଗ୍ୟ ନୁହେଁ । ଅତଃ ତୁମେମାନେ ଧ୍ୟାନ ଦିଅ, ବ୍ରହ୍ମଜ୍ଞାନମୂଳକ ପନ୍ଥା ଅବଲମ୍ବନ କର, ଅଧିକାର ସମ୍ପାଦନ କରିବା ପ୍ରତି ଧ୍ୟାନ ଦିଅ କାରଣ ସେହି ଶକ୍ତିଶାଳୀ ପ୍ରଭୁ ଯେକି ପ୍ରିୟ ଓ ଅଶେଷ ଦୟାବାନ ମଧ୍ୟ ଅଟନ୍ତି । ସେହି ଈଶ୍ୱର ତୁମ ଉପରେ ଦୟା ପ୍ରଦର୍ଶନ କରି ଶକ୍ତିଶାଳୀ ଗୁଣାବଳୀର ଦୃଶ୍ୟ ତୁମକୁ ତୁମ ସପକ୍ଷରେ ଅବଲୋକନ କରାନ୍ତୁ ।"

**(ଖୁତ୍‌ବା ଜୁମା, ପ୍ରଦତ୍ତ 16 ନଭେମ୍ବର 2007 ମସିହା, ପ୍ରକାଶନ- ଅଲ୍‌ଫଜଲ୍ ଇଣ୍ଟରନେସ୍‌ନାଲା, 9 ନଭେମ୍ବର -2007 ମସିହା)**

☆ ☆ ☆

## ସମ୍ପାଦକୀୟ ପୃ -1ର ଅବଶିଷ୍ଟାଂଶ........

ସେହିପିର ଅଲ୍ଲାଃତାଲା ସୁରାଃ ନିସାର ଆୟତ୍ ନଂ 117ରେ କୁହନ୍ତି:
إِنَّ اللَّهَ لَا يَغْفِرُ أَن يُشْرَكَ بِهِ وَيَغْفِرُ مَا دُونَ ذَٰلِكَ لِمَن يَشَاءُ
وَمَن يُشْرِكْ بِاللَّهِ فَقَدْ ضَلَّ ضَلَالًا بَعِيدًا (ଅନ୍ ନିସା: 117)

**ଅନୁବାଦ:** ବାସ୍ତବରେ ଅଲ୍ଲାଃତାଲାଙ୍କ ସହିତ ସମକକ୍ଷ କରାଇବା (ପାପ)କୁ କଦାପି କ୍ଷମା କରିବେ ନାହିଁ ଏବଂ ତାହା ଠାରୁ ନ୍ୟୁନ ଯାହା ପାପ ହେବ (ତାହା) ସେ ଯାହାକୁ ଇଚ୍ଛା ତାହକୁ କ୍ଷମା କରିଦେବେ, ଏବଂ ଯେଉଁ ବ୍ୟକ୍ତି ଅନ୍ୟକୁ ଅଲ୍ଲାଃତାଲାଙ୍କ ସହିତ ସମକକ୍ଷ କରେ ତେବେ ମନେରଖ ଯେ, ସେ ନିଶ୍ଚୟ ସତ୍‌ପଥରୁ ବହୁତ ଦୂରେଇ ଯାଇଅଛି ।

ପୁନଶ୍ଚ ଅନ୍ୟ ଏକ ସ୍ଥାନରେ ଅଲ୍ଲାଃତାଲା କୁହନ୍ତି ଯେ, ମୁଶ୍‌ରିକ୍‌ର ଠିକଣା ନିର୍କ ଅଟେ । ସୁତରାଂ ଅଲ୍ଲାଃତାଲା କୁହନ୍ତି: إِنَّهُ مَن يُشْرِكْ بِاللَّهِ فَقَدْ حَرَّمَ
اللَّهُ عَلَيْهِ الْجَنَّةَ وَمَأْوَاهُ النَّارُ وَمَا لِلظَّالِمِينَ مِنْ أَنصَارٍ (ଅଲ୍ ମାଏଦା: 73)

**ଅନୁବାଦ୍:** ବାସ୍ତବରେ ଯେ କେହି ଅଲ୍ଲାଃତାଲାଙ୍କ ସହିତ ଅନ୍ୟକୁ ସମକକ୍ଷ କରେ ତେବେ ଜାଣିରଖ ଯେ, ଅଲ୍ଲାଃତାଲା ତାହା ପାଇଁ ବୈକୁଣ୍ଠକୁ ନିଷେଧ କରିଛନ୍ତି ଓ ତାହାର ବାସସ୍ଥାନ ନର୍କ ହେବ ଓ ଅତ୍ୟାଚାରୀମାନଙ୍କର କେହି ସାହାଯ୍ୟକାରୀ ହେବେ ନାହିଁ ।

ଶିର୍କ ଓ ବିଶେଷ କରି ଅଲ୍ଲାଃତାଲାଙ୍କର ପୁତ୍ର ଅଛିର ଆସ୍ଥା ଏଭଳି ଲାଞ୍ଛିତ ଓ କଳଂକିତ ତଥା ମନ୍ଦ ଆସ୍ଥା ଯେ, ଅଲ୍ଲାଃତାଲା ଏହି ଅସ୍ଥା ପ୍ରତି ଅପ୍ରସନ୍ନତା ପ୍ରକାଶ କରିଛନ୍ତି । ସୁତରାଂ ଅଲ୍ଲାଃତାଲା କୁହନ୍ତି:
وَقَالُوا اتَّخَذَ الرَّحْمَٰنُ وَلَدًا ۝ لَقَدْ جِئْتُمْ شَيْئًا إِدًّا ۝ تَكَادُ
السَّمَاوَاتُ يَتَفَطَّرْنَ مِنْهُ وَتَنشَقُّ الْأَرْضُ وَتَخِرُّ الْجِبَالُ هَدًّا ۝ أَن

دَعَوْا لِلرَّحْمٰنِ وَلَدًا وَمَا يَنْۢبَغِىْ لِلرَّحْمٰنِ اَنْ يَّتَّخِذَ وَلَدًا اِنْ كُلُّ مَنْ فِى السَّمٰوٰتِ وَالْاَرْضِ اِلَّآ اٰتِى الرَّحْمٰنِ عَبْدًا (ମରିୟମ୍:-89-94)

ଅନୁବାଦ: ଏବଂ ସେମାନେ କହନ୍ତି ଯେ, ଦୟାବାନ୍ ଅଲ୍ଲାଃ ପୁତ୍ର ଗ୍ରହଣ କରିଛନ୍ତି । ତୁମେ କୁହ ! ତୁମେମାନେ ଏକ ଗୁରୁତର ବିଷୟ କହୁଅଛ । ତୁମମାନଙ୍କର ଏପରି କହିବା ଦ୍ୱାରା ଏହା ଖୁବ୍ ସମ୍ଭବ ଯେ, ଆକାଶ ଭାଙ୍ଗି ପଡ଼ିବ ଓ ଭୂପୃଷ୍ଠ ଚୂର୍ଣ୍ଣଚୂର୍ଣ୍ଣ ହୋଇଯିବ ଏବଂ ପର୍ବତଗୁଡ଼ିକ ଖଣ୍ଡ ବିଖଣ୍ଡିତ ହୋଇଯିବ । କାରଣ ସେମାନେ ଦୟାବାନ ଅଲ୍ଲାଃଙ୍କ ପାଇଁ ପୁତ୍ର ଗ୍ରହଣ କରିଥିବା ନିର୍ଣ୍ଣୟ କରିଛନ୍ତି । ଦୟାବାନ୍ ଅଲ୍ଲାଃତାଲା ନିଜ ପାଇଁ କାହାରିକୁ ପୁତ୍ର ରୂପେ ବରଣ କରିବା ତାହାଙ୍କ ମର୍ଯ୍ୟାଦାର ପରିପନ୍ଥୀ ଅଟେ । କାରଣ ଯେ କେହି ଆକାଶ ଓ ପୃଥିବୀରେ ଅଛି ସେ ଦୟାବାନ ଅଲ୍ଲାଃଙ୍କ ସମୀପରେ କ୍ରୀତଦାସ ରୂପେ ଉପସ୍ଥିତ ହେବ ।

ମନୁଷ୍ୟ ପୁତ୍ରର ଆଶା ଏଇଥିପାଇଁ କରିଥାଏ ଯେ, ତା'ର ବଂଶ ପରମ୍ପରା ରକ୍ଷାପାଉ । କାରଣ ପ୍ରତ୍ୟେକ ପିତା ନିମନ୍ତେ ଦିନେ ନା ଦିନେ ମୃତ୍ୟୁ ସୁନିଶ୍ଚିତ ଅଟେ । ଅତଃ ସେ ନିଜର ସ୍ଥାନାପନ୍ନ ଆବଶ୍ୟକ କରିଥାଏ। ତାହା ଏଇଥିପାଇଁ ଯେ, ପୁତ୍ର ପିତାର କାର୍ଯ୍ୟ ଓ ଦାୟିତ୍ୱକୁ ସମ୍ଭାଳୁ, ସମ୍ପତ୍ତିର ଦେଖାଶୁଣା କରୁ, ପିତା କାର୍ଯ୍ୟରେ ସହଯୋଗ କରି କାର୍ଯ୍ୟକୁ ସହଜ କରିଦେଉ, ବାର୍ଦ୍ଧକ୍ୟାବସ୍ଥାରେ ତା'ର ସାହା ହେଉ ଇତ୍ୟାଦି ଇତ୍ୟାଦି । କିନ୍ତୁ ଅଲ୍ଲାଃତାଲା ସେହି ସମସ୍ତ କଥାରୁ ପବିତ୍ର ଓ ନିର୍ଲୋଭ ଅଟନ୍ତି । اَللّٰهُ الصَّمَدُ ଅର୍ଥାତ୍ ଅଲ୍ଲାଃତାଲା ହେଉଛନ୍ତି ସେହି ସତ୍ତା ଯାହାଙ୍କୁ ପ୍ରାପ୍ତ କରିବା ପାଇଁ ସମସ୍ତେ ଆଶାବାଦୀ (ନିର୍ଭରଶୀଳ) (ସେ କାହା ଉପରେ ନିର୍ଭରଶୀଳ ନୁହନ୍ତି) । ଅପରପକ୍ଷେ ପ୍ରତ୍ୟେକ ବସ୍ତୁ ଅଲ୍ଲାଃତାଲାଙ୍କର ଦାସ ତାହାହେଲେ ଅଲ୍ଲାଃତାଲାଙ୍କୁ କାହିଁକି ନିଜର ପୁତ୍ର ବରଣ କରିବାର ଆବଶ୍ୟକତା ପଡ଼ିଲା । ଅଲ୍ଲାଃତାଲାଙ୍କ ସତ୍ତା ତ' ଅବିନଶ୍ୱର ଅଟେ। ତେବେ ତାଙ୍କୁ କାହିଁକି ପୁତ୍ରର ଆବଶ୍ୟକତା ପଡ଼ିଲା । ଅଲ୍ଲାଃତାଲା ଅନାଦି କାଳରୁ ଅଛନ୍ତି ଓ ଚିରକାଳ ପର୍ଯ୍ୟନ୍ତ ରହିବେ । ଅଲ୍ଲାଃତାଲା ସୁରାଃ ବକରାହର ଆୟତ୍ ନଂ 117ରେ କୁହନ୍ତି: وَقَالُوا اتَّخَذَ اللّٰهُ وَلَدًا سُبْحٰنَهٗ بَلْ لَّهٗ مَا فِى السَّمٰوٰتِ وَالْاَرْضِ كُلٌّ لَّهٗ قٰنِتُوْنَ **(ଅଲ୍ ବକରାହ୍: 117)**

**ଅନୁବାଦ୍:** ଏବଂ ସେମାନେ କୁହନ୍ତି: ଅଲ୍ଲାଃତାଲା ନିଜ ପାଇଁ ଏକ ପୁତ୍ର ଗ୍ରହଣ କରିଛନ୍ତି । ସେମାନଙ୍କର କଥା ଠିକ୍ ନୁହେଁ । ସେ ପବିତ୍ର ଅର୍ଥାତ ସମସ୍ତ ଦୁର୍ବଳତାର ଉର୍ଦ୍ଧ୍ୱରେ ବରଂ ଆକାଶ ଓ ପୃଥିବୀରେ ଥିବା ପ୍ରତ୍ୟେକ ବସ୍ତୁ ତାହାଙ୍କର ସମସ୍ତେ ତାଙ୍କର ଆଜ୍ଞାବହ । ସୁତରାଂ ସମସ୍ତ ସଂସାରର ପ୍ରତ୍ୟେକ କଣିକାର ସେ ପ୍ରଭୁ ଓ ପ୍ରତ୍ୟେକ ବସ୍ତୁ ତାହାଙ୍କ ଆଜ୍ଞାବହ ତେବେ ତାଙ୍କୁ ପୁତ୍ର ଗ୍ରହଣ କରିବାର କାହିଁକି ଆବଶ୍ୟକତା ପଡ଼ିଲା ?

ଶିର୍କ ବ୍ୟତୀତ ଯେଉଁ ପାପ ମଧ୍ୟ ସମ୍ପାଦିତ ହେଲା ଓ ଯେଭଳି ପାପ ହେଲା ଯଦି ଅଲ୍ଲାଃତାଲା ଚାହାନ୍ତି ତେବେ କ୍ଷମା କରିପାରିବେ । ସୁତରାଂ ଅଲ୍ଲାଃତାଲା ସୁରାଃ ଜୁମର୍‌ରେ ନିଜର ମହାନ ଦୟା ଓ କ୍ଷମାର ଘୋଷଣା କରିଛନ୍ତି । ଅଲ୍ଲାଃତାଲା କୁହନ୍ତି:

قُلْ يٰعِبَادِىَ الَّذِيْنَ اَسْرَفُوْا عَلٰٓى اَنْفُسِهِمْ لَا تَقْنَطُوْا مِنْ رَّحْمَةِ اللّٰهِ ۗ اِنَّ اللّٰهَ يَغْفِرُ الذُّنُوْبَ جَمِيْعًا ۗ اِنَّهٗ هُوَ الْغَفُوْرُ الرَّحِيْمُ **(ଅଜ୍ ଜୁମର:54)**

ତୁମ୍ଭେ ଆମ୍ଭ ତରଫରୁ ସେମାନଙ୍କୁ କୁହ, ହେ ଆମ୍ଭର ଭକ୍ତମାନେ ଯେଉଁମାନେ ନିଜ ପ୍ରତି ପାପ କରି ଅତ୍ୟାଚାର କରିଛନ୍ତି ସେମାନେ ଅଲ୍ଲାଃତାଲାଙ୍କ କରୁଣାରୁ ନିରାଶ ହୁଅନ୍ତୁ ନାହିଁ । ଅଲ୍ଲାଃତାଲା ସକଳ ପାପକୁ କ୍ଷମା କରିଥାନ୍ତି । ସେ ହିଁ କ୍ଷମାଶୀଳ ଓ ସଦା କରୁଣାମୟ ।

كُلُّ شَيْءٍ هَالِكٌ اِلَّا وَجْهَهٗ ଅର୍ଥାତ୍ ପ୍ରଭୁଙ୍କ ବ୍ୟତୀତ ସମସ୍ତ ବସ୍ତୁ ଧ୍ୱଂସ ପାଇଁ ସୃଷ୍ଟି ହୋଇଛି । ସୁତରାଂ ଅଲ୍ଲାଃତାଲା ନଶ୍ୱର ବସ୍ତୁ ନୁହନ୍ତି ଯେ, ତାଙ୍କୁ ପୁତ୍ର ଗ୍ରହଣ କରିବାର ଆବଶ୍ୟକାତ ପଡ଼ିବ । ଅଲ୍ଲାଃତାଲା ଅନାଦି କାଳରୁ ଅଛନ୍ତି ଓ ଚିରକାଳ ପର୍ଯ୍ୟନ୍ତ ରହିବେ । ହ.ମ ସିହ୍ ମଉଦ୍ ଅ.ସ କୁହନ୍ତି:

"ପୁନଶ୍ଚ ସେହି ଅଦ୍ୱୈତବାଦର **ଦ୍ୱିତୀୟ** ଭାଗ ହେଉଛି ଯେ, ଯେପରି କୌଣସି ବସ୍ତୁ ଈଶ୍ୱରଙ୍କ ବ୍ୟତୀତ ଆପେ ଆପେ ବିଦ୍ୟମାନ ନାହିଁ । ଠିକ୍ ସେହିପରି ପ୍ରଭୁ ନିଜ ଅସ୍ତିତ୍ୱରେ ଅବିନଶ୍ୱର ଓ ବିନାଶମୁକ୍ତ ଅଟନ୍ତି। ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି كُلُّ شَيْءٍ هَالِكٌ اِلَّا وَجْهَهٗ ଅର୍ଥାତ୍ ପ୍ରଭୁଙ୍କ ବ୍ୟତୀତ ସମସ୍ତ ବସ୍ତୁ ଧ୍ୱଂସ ପାଇ ସୃଷ୍ଟି ହୋଇଛି । କାରଣ ପ୍ରଭୁଙ୍କ ଅସ୍ତିତ୍ୱ ବା ସତ୍ତା ମୃତ୍ୟୁରୁ ମୁକ୍ତ ବା ବହିର୍ଭୂତ ଅଟନ୍ତି ଅର୍ଥାତ୍ ପ୍ରଭୁଙ୍କ ବ୍ୟତୀତ ସମସ୍ତ ବସ୍ତୁ ଧ୍ୱଂସ ପାଇ ସୃଷ୍ଟି ହୋଇଛି। ସେହିପରି ଅନ୍ୟ ଏକ ଆୟତରେ كُلُّ مَنْ عَلَيْهَا فَانٍ ଅର୍ଥାତ ଏଠାରେ (ପୃଥିବୀରେ) ଯାହା କିଛି ଅଛି ତାହା ପରିଶେଷରେ ବିନାଶଶୀଳ । ସେହିପରି ଅଲ୍ଲାଃତାଲା وَخَلَقَ كُلَّ شَيْءٍ ର ଶବ୍ଦ كُلّ ସହିତ ଯାହାକି ପୂର୍ଣ୍ଣ ଆବେଷ୍ଟିତ ନିମନ୍ତେ ଆସିଥାଏ (ବ୍ୟବହୃତ ହୋଇଥାଏ) ପ୍ରତ୍ୟେକ ବସ୍ତୁ ଯାହାକି ତାହାଙ୍କ ବ୍ୟତୀତ ଅଛି ତାହାକୁ ପ୍ରାଣୀଜଗତ ମଧ୍ୟରେ ପ୍ରବିଷ୍ଟ କରିଦିଆଯାଇଛି । ଠିକ୍ ସେହିପରି ଉକ୍ତ كُلّ ଶବ୍ଦ ସହିତ ଉକ୍ତ ଆୟତ୍ كُلُّ شَيْءٍ هَالِكٌ اِلَّا وَجْهَهٗ ରହିଛି । ସେହିପରି ଉକ୍ତ ଆୟତରେ ଅର୍ଥାତ كُلُّ مَنْ عَلَيْهَا فَانٍ ଅର୍ଥାତ ପୃଥିବୀରେ ଯାହା କିଛି ଅଛି ତାହା ପରିଶେଷରେ ବିନାଶଶୀଳ ।"

**(ଚଶ୍‌ମା ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-165)**

ପବିତ୍ର କୁରଆନ୍ କରୀମ୍ ଏକେଶ୍ୱରବାଦର ବିଷୟବସ୍ତୁ ଦ୍ୱାରା ପରିପୂର୍ଣ୍ଣ ଅଟେ । ଯେପରିକି ଅଲ୍ଲାଃତାଲା ଏକ ସ୍ଥଳରେ କୁହନ୍ତି:

وَمِنْ اٰيٰتِهِ الَّيْلُ وَالنَّهَارُ وَالشَّمْسُ وَالْقَمَرُ ۚ لَا تَسْجُدُوْا لِلشَّمْسِ وَلَا لِلْقَمَرِ وَاسْجُدُوْا لِلّٰهِ الَّذِىْ خَلَقَهُنَّ اِنْ كُنْتُمْ اِيَّاهُ تَعْبُدُوْنَ **(ଫୁସ୍ସିଲତ୍: 38)**

ଅନୁବାଦ: ଏବଂ ତାହାଙ୍କ ନିର୍ଦ୍ଦେଶନମାନଙ୍କ ମଧ୍ୟରେ ରାତି ଓ ଦିନ ତଥା ସୂର୍ଯ୍ୟ ଓ ଚନ୍ଦ୍ର ମଧ୍ୟ ରହିଛି । ସୂର୍ଯ୍ୟଙ୍କୁ ସିଜ୍‌ଦା କର ନାହିଁକି ଚନ୍ଦ୍ରକୁ ସିଜ୍‌ଦା କର ନାହିଁ । ବରଂ କେବଳ ଅଲ୍ଲାଃତାଲାଙ୍କୁ ସିଜ୍‌ଦା କର ଯେ ଉଭୟ ଗ୍ରହଙ୍କୁ ସୃଷ୍ଟି କରିଛନ୍ତି । ଯଦି ତୁମେ ବାସ୍ତବରେ ଏକ ଅଲ୍ଲାଙ୍କ ପ୍ରତି ବିଶ୍ୱାସ କରୁଥାଅ ।

ସମସ୍ତ ସମ୍ମାନନୀୟ ଅବତାରମାନେ ନିଜ ନିଜ ଜାତିକୁ ପ୍ରଥମେ ଏହି ଶିକ୍ଷା ଦେଇଥିଲେ ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ କାହାରି ଉପାସନା କରିବା ବୈଧ ନୁହେଁ । ଅଲ୍ଲାଃତାଲା ନିଜ ବ୍ୟତୀତ କୌଣସି ଅନ୍ୟ ବସ୍ତୁର ଉପାସନା କରିବା ଦ୍ୱାରା ଆଶ୍ଚର୍ଯ୍ୟ ଓ ଦୁଃଖଭାବ ପରିପ୍ରକାଶ କରିଛନ୍ତି। ହ. ଇବ୍ରାହିମ୍ ଅ.ସ ନିଜର ଜାତିକୁ କହିଲେ ଯେ, କ'ଣ ତୁମେମାନେ ଅଲ୍ଲାଃତାଲାଙ୍କୁ ବାଦଦେଇ ଅନ୍ୟ କୌଣସି ବସ୍ତୁର ଉପାସନା କରୁଛ ଯିଏ ନା ତୁମକୁ ଲାଭ ପହଞ୍ଚାଇ ପାରିବ ଓ ନା ତୁମକୁ କ୍ଷତି ସାଧନ କରିପାରିବ । اُفٍّ لَّكُمْ وَلِمَا تَعْبُدُوْنَ مِنْ دُوْنِ اللّٰهِ ۗ اَفَلَا تَعْقِلُوْنَ **(ଅଲ ଅମ୍ବିୟା: 68) ଅନୁବାଦ:** ଅର୍ଥାତ୍ ତୁମମାନଙ୍କୁ ଓ ଅଲ୍ଲାଃତାଲାଙ୍କ ବ୍ୟତୀତ ତୁମେମାନେ ଯାହାଙ୍କର ଉପାସନା କରୁଅଛ ସେମାନଙ୍କୁ ଧିକ୍କାର ଅଟେ। କ'ଣ ତୁମେମାନେ ବୁଦ୍ଧିମତାର ସହିତ କାର୍ଯ୍ୟ କରୁ ନାହଁ ?

ସୁରାଃ ସାଫ୍ଫାତରେ ହ. ଇବ୍ରାହିମ୍ ଅ.ସ ନିଜ ଜାତିକୁ ସମ୍ବୋଧିତ କରି କୁହନ୍ତି: قَالَ اَتَعْبُدُوْنَ مَا تَنْحِتُوْنَ **(ସାଫ୍ଫାତ୍: 96)** କ'ଣ ତୁମେମାନେ ସ୍ୱହସ୍ତରେ ଯାହା ଗଢିଅଛ ତାହାକୁ ପୂଜା କରୁଛ । ମୁଶରିକ୍ ମାନଙ୍କର ଏହି କୃତ୍ୟ କେଡ଼େ ଆଶ୍ଚର୍ଯ୍ୟକର ଓ ଅଉପହାସଯୋଗ୍ୟ ତଥା ପରିତାପ ଜନକ ପ୍ରସଙ୍ଗ ଅଟେ । କାରଣ ସେମାନେ ସ୍ୱହସ୍ତରେ ପ୍ରତିମା (ଠାକୁର) ଗଢନ୍ତି, ପୁନଶ୍ଚ ତା'ରି ଆଗରେ ନତମସ୍ତକ ବା ମୁଣ୍ଡିଆ ମାରନ୍ତି । ପୁନଶ୍ଚ ସେହି ପ୍ରତିମାକୁ ନେଇ ଯାଇ ପାଣିରେ ବିସର୍ଜନ କରି ଦିଅନ୍ତି ।

ପୁନଶ୍ଚ ସୁରାହ୍ ମରିୟମରେ ହ. ଇବ୍ରାହିମ୍ ଅ.ସ ନିଜ ପିତାଙ୍କୁ କୁହନ୍ତି: اِذْ قَالَ لِاَبِيْهِ يٰٓاَبَتِ لِمَ تَعْبُدُ مَا لَا يَسْمَعُ وَلَا يُبْصِرُ وَلَا يُغْنِىْ عَنْكَ شَيْـًٔا **(ମରିୟମ୍: 43)** ଅନୁବାଦ: ଏବଂ ତୁମ୍ଭେ ସେହି ସମୟକୁ ମଧ୍ୟ ସ୍ମରଣ କରି ଲୋକମାନଙ୍କର ନିକଟରେ ବର୍ଣ୍ଣନା କର ଯେତେବେଳେ ସେ (ଇବ୍ରାହିମ୍) ନିଜ ପିତାଙ୍କୁ କହିଥିଲେ, "ହେ ଆମ୍ଭର ପିତାଶ୍ରୀ! ଯେଉଁମାନେ କିଛି ଶୁଣି ପାରନ୍ତି ନାହିଁ ବା ଦେଖି ପାନ୍ତି ନାହିଁ ତଥା ତୁମର କୌଣସି ଦୁଃଖ ଦୁର୍ଦ୍ଦଶା ଦୂର କରିବାରେ ସକ୍ଷମ ନୁହନ୍ତି ତୁମେ କାହିଁକି ସେହିସବୁ ପ୍ରତିମାମାନଙ୍କର ଉପାସନା କରୁଅଛ ?" ଅତଏବ ସମସ୍ତ ଉପାସନା ଓ ସମସ୍ତ ପ୍ରାର୍ଥନା ବ୍ୟର୍ଥ ହୋଇଯାଇଥାଏ । وَمَا دُعَآءُ الْكٰفِرِيْنَ اِلَّا فِىْ ضَلٰلٍ **(ଅର୍ ରାଆଦ୍:15) ଅନୁବାଦ:** ଏବଂ ଅବିଶ୍ୱାସକାରୀମାନଙ୍କର ଆର୍ତ୍ତ ଚିତ୍କାର ଓ ପ୍ରାର୍ଥନା ନିଷ୍ଫଳ ହେବ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ଆମ ଈଶ୍ୱରଙ୍କ ମଧ୍ୟରେ ଅସଂଖ୍ୟ ବୈଚିତ୍ର୍ୟତା ରହିଛି । କିନ୍ତୁ ସେହିମାନେ ହିଁ ଏହାକୁ ଉପଲବ୍ଧି କରିପାରିବେ ଯେଉଁମାନେ ସତ୍ୟ, ନିଷ୍ଠା ଓ ବିଶ୍ୱସ୍ତତାର ସହିତ ତାହାଙ୍କର ହୋଇଯାଇଛନ୍ତି । ସେମାନେ ଅନ୍ୟମାନଙ୍କ ଉପରେ ଯେଉଁମାନେ ତାହାଙ୍କର ଲୀଳା ଓ ଶକ୍ତି ଉପରେ ବିଶ୍ୱାସ ରଖନ୍ତି ନାହିଁ ଓ ତାହାଙ୍କର ସତ୍ୟବାଦୀ ତଥା ବିଶ୍ୱସ୍ତ ନୁହନ୍ତି ତେବେ ସେ (ପ୍ରଭୁ) ସେମାନଙ୍କ ପାଇଁ ବୈଚିତ୍ର୍ୟତା ପ୍ରକାଶିତ୍ କରନ୍ତି ନାହିଁ । କେଡ଼େ ମୂର୍ଖ ଓ ହତଭାଗ୍ୟ ହେଉଛି ସେହି ମନୁଷ୍ୟ ଯିଏ ଏପର୍ଯ୍ୟନ୍ତ ଏହା ଜାଣି ନାହିଁ ଯେ, ତା'ର ଏକ ଈଶ୍ୱର ଅଟନ୍ତି ଯେ ପ୍ରତ୍ୟେକ ବସ୍ତୁ ଉପରେ ସାମର୍ଥ୍ୟବାନ୍ ସର୍ବଶକ୍ତିମାନ ଅଟନ୍ତି । ଆମର ସ୍ୱର୍ଗ ହିଁ ଆମର ପ୍ରଭୁ ଅଟନ୍ତି । ଆମର ପରମ ତୃପ୍ତି ଆମ ପରମେଶ୍ୱରଙ୍କ ମଧ୍ୟରେ ନିହିତ ରହିଛି । କାରଣ ଆମେମାନେ ହିଁ ତାହାଙ୍କୁ ଦର୍ଶନ କଲୁ ପ୍ରତ୍ୟେକ ପ୍ରକାରର ସୌନ୍ଦର୍ଯ୍ୟ ତାଙ୍କ ଠାରେ ଦେଖିବାକୁ ପାଇଲୁ । ଉକ୍ତ ଧନ ଗ୍ରହଣ ଯୋଗ୍ୟ ଅଟେ। ଯଦିଓ ନିଜର ପ୍ରାଣାହୁତି ଦେବା ଦ୍ୱାରା ପ୍ରାପ୍ତ ହୁଏ । ଏହି ମାଣିକ୍ୟ (ଲୋହିତ ବର୍ଣ୍ଣର ବହୁମୂଲ୍ୟ ମଣି) ଯଦି କ୍ରୟ ଯୋଗ୍ୟ ତେବେ ସମସ୍ତ ଅସ୍ତିତ୍ୱକୁ ହରାଇବା ଦ୍ୱାରା ପ୍ରାପ୍ତ ହୁଏ ତେବେ ତାହାକୁ ଅବଶ୍ୟ କ୍ରୟ କରାଯାଉ । ହେ ବଞ୍ଚିତ ବ୍ୟକ୍ତିମାନେ ! ଉକ୍ତ ଝରଣା ଆଡ଼କୁ ଧାଇଁଆସ ! କାରଣ ସେହି ଝରଣା (ପ୍ରଭୁ) ତୁମକୁ ସେଚିତ କରିବେ (ଅର୍ଥାତ ତୁମର ତୃଷ୍ଣା ମେଣ୍ଟାଇବେ) । ଏହି ଜୀବନ ରୂପକ ଝରଣା ହିଁ ତୁମମାନଙ୍କର ରକ୍ଷା କରିବ । ମୁଁ କ'ଣ କରିବି ଓ କେଉଁ ଉପାୟରେ ଉକ୍ତ ଶୁଭ ସମାଚାରକୁ ହୃଦୟରେ ଆସନ୍ନିତ କରାଇ ଦେବି ? କେଉଁ ନାଗରା ବା ଢୋଲ ବଜାଇ ବଜାରରେ ଘୋଷଣା କରିବି  ଯେ, ଲୋକମାନେ ଶୁଣି ନେବେ କି ଏ ହିଁ ତୁମର ଈଶ୍ୱର ଅଟନ୍ତି । ମୁଁ କେଉଁ ଔଷଧ ଦ୍ୱାରା ଚିକିତ୍ସା କରିବି ଯେ, ଶୁଣିବା ନିମନ୍ତେ ଲୋକମାନଙ୍କର କାନ ଫିଟୁ । ତୁମେମାନେ ଯଦି ପ୍ରଭୁଙ୍କର ହୋଇଯିବ ତେବେ ନିଃସନ୍ଦେହ ଭାବ ଯେ, ପ୍ରଭୁ ମଧ୍ୟ ତୁମର ହୋଇଯିବେ । ଅତଃ ତୁମେମାନେ ନିଦ୍ରାରେ ଶୋଇଥିବ ଓ ପ୍ରଭୁ ତୁମ ପାଇଁ ଜାଗ୍ରତ ରହିବେ । ତୁମେ ଶତ୍ରୁ ଠାରୁ ଅବଚେତନ ଥିବ ଓ ପ୍ରଭୁ ଶତ୍ରୁକୁ ଦେଖିବେ ଏବଂ ତା'ର ସମସ୍ତ ଯୋଜନାକୁ ପଣ୍ଡ କିରଦେବେ। ତୁମେମାନେ ଏପର୍ଯ୍ୟନ୍ତ ଜାଣିପାରି ନାହଁ ଯେ, ତୁମ ପରମେଶ୍ୱରଙ୍କ ଠାରେ କେଉଁ କେଉଁ ଅଲୌକିକ ଶକ୍ତି ରହିଛି । ତୁମେମାନେ ଯଦି ଜାଣି ଥାଆନ୍ତ ତେବେ ତୁମ ଉପରେ ଏପରି କୌଣସି ଦିନ ବିତି ନଥାଆନ୍ତା ଯେ, ତୁମେ ସଂସାର ପାଇଁ ଅତ୍ୟନ୍ତ ମର୍ମାହତ ହୋଇ ପଡ଼ନ୍ତ । ଜଣେ ବ୍ୟକ୍ତି ଯେକି ନିଜ ନିକଟରେ ଏକ ନିଧି ରଖେ । ଯଦି ସେହି ବ୍ୟକ୍ତିର ଯଦି ଟଙ୍କାଟିଏ ଅପଚୟ (ଖର୍ଚ୍ଚ) ହୋଇଯାଏ ତେବେ ସେ ରୋଦନ କରିଥାଏ ଓ ଚିତ୍କାର କରିଥାଏ ତଥା ନିଜକୁ ଧ୍ୱଂସ କରିବାକୁ ଲାଗିପଡ଼େ। ପୁନଶ୍ଚ ତୁମକୁ ଯଦି ସେହି ନିଧି ସଂକ୍ରାନ୍ତରେ ସୂଚନା ପ୍ରାପ୍ତ ହୁଏ ଯେ, ପ୍ରଭୁ ତୁମର ପ୍ରତ୍ୟେକ ଆବଶ୍ୟକତା (ଅଭାବ ଓ ଅସୁବିଧା) ସମୟରେ ସାହାଯ୍ୟ କରିବେ ତେବେ ତୁମେମାନେ ସଂସାର ପାଇଁ ଏପରି କାହିଁକି ଅଚେତ ଓ ନିଶ୍ଚେଷ୍ଟ ହୋଇପଡ଼ୁଛ ? ପ୍ରଭୁ ଏକ ସୁନ୍ଦର ନିଧି ଅଟନ୍ତି । ତେଣୁ ତୁମେମାନେ ତାଙ୍କ ପ୍ରତି ସମ୍ମାନ ଜଣାଅ । କାରଣ ସେ ତୁମର ପ୍ରତ୍ୟେକ ପାଦରେ ତୁମକୁ ସାହାଯ୍ୟ କରିବେ ଏବଂ ସେ ତୁମର ସାହାଯ୍ୟ କର୍ତ୍ତା ଅଟନ୍ତି । ପ୍ରଭୁଙ୍କ ବିନା ତୁମର କୌଣସି ସତ୍ତା ନାହିଁ ଓ ନା ହିଁ ତୁମମାନଙ୍କର ବସ୍ତୁ, ସାଧନ ଓ ଯୋଜନାର କୌଣସି ମୂଲ୍ୟ ରହିଛି । ବରଂ ତାହା ମୂଲ୍ୟହୀନ ଓ ନିଷ୍ପ୍ରୟୋଜନ ଅଟେ ।" **(କିଶ୍‌ତି ନୁହ୍, ରୁହାନୀ ଖଜାଏନ୍, ଭାଗ-19, ପ-21)**

ବ୍ରାହ୍ମ ସମାଜ ମଧ୍ୟ ଏକେଶ୍ୱରବାଦରୁ ଅଂଶ ପ୍ରାପ୍ତ କରିଛନ୍ତି । ଏହା ପବିତ୍ର କୁରଆନ୍ କରୀମ୍ ଯୋଗୁଁ ହିଁ ପ୍ରାପ୍ତ କରିଛନ୍ତି । ପବିତ୍ର କରୁଆନ୍ କରୀମ୍‌ର ଏହା ହେଉଛି ଉପକାର  ଯେ, ପବିତ୍ର କୁରଆନ୍ କରୀମ୍ ହିଁ ଏକେଶ୍ୱବାଦ ଉପରେ ଗୁରୁତ୍ୱାରୋପ କରିଛି । କାରଣ ପବିତ୍ର କୁରଆନ୍ କରୀମ୍‌ର ପୃଥିବୀର ସମସ୍ତ ଅଣଜାତିମାନଙ୍କ ଉପରେ ଏକ ବିଶେଷ ପ୍ରକାରର ପ୍ରଭାବ ଓ ଛାପ ରହିଛି । ଆଜି ସନାତନ ଧର୍ମାବଲମ୍ବୀମାନେ ଯେଁଉମାନେ ଅସଂଖ୍ୟ ପାଦ୍‌ରୀମାନଙ୍କ ଦେବତାମାନଙ୍କର ଉପାସକ ଅଟନ୍ତି ସେମାନେ ମଧ୍ୟ ଏକ ଈଶ୍ୱରର ସ୍ୱୀକାରୋକ୍ତି ପ୍ରକାଶ କରନ୍ତି । ଖ୍ରୀଷ୍ଟିଆନ୍‌ମାନେ ଯେଁଉମାନେ ତ୍ରିଦେବତ୍ୱକୁ ସ୍ୱୀକାର କରନ୍ତି  ସେମାନେ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରନ୍ତି ଯେ, ପ୍ରଭୁ ଏକ ଅଟନ୍ତି । ଅତଃ ସେମାନଙ୍କର କର୍ମ ଯାହାବି ହେଉ ପଛେ କିନ୍ତୁ ସେମାନଙ୍କର ହୃଦୟ ଏକ ଈଶ୍ୱରଙ୍କୁ ସ୍ୱୀକାର କରେ । ଅତଃ ଏହା ହିଁ ପବିତ୍ର କୁରଆନ୍ କରୀମ୍‌ର ଏକେଶ୍ୱରବାଦ ଶିକ୍ଷାର ପ୍ରଭାବ ଅଟେ ।

ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ନିଜର ପୁସ୍ତକ ବରାହିନେ ଅହେମଦିୟାରେ ଉଲ୍ଲେଖ କରିଛନ୍ତି ଯେ, ବ୍ରାହ୍ମ ସମାଜ ମତାବଲମ୍ବୀମାନେ ଯେଉଁମାନେ ଏକେଶ୍ୱରବାଦ ପ୍ରତି ଆକୃଷ୍ଟ ଅଟନ୍ତି। ଏହି ଏକେଶ୍ୱରବାଦର ଶିକ୍ଷା ମଧ୍ୟ ସେମାନେ ପବିତ୍ର କୁରଆନ୍ କରୀମ୍‌ରୁ ହିଁ ପ୍ରାପ୍ତ କରିଛନ୍ତି । ତତ୍‌ସଂକ୍ରାନ୍ତରେ ଆପଣ ଅ.ସ ଏଭଳି ପ୍ରମାଣ ବର୍ଣ୍ଣନା କରିଛନ୍ତି ଯେ, ବ୍ରାହ୍ମ ସମାଜ ନିମନ୍ତେ ଅନ୍ୟ କୌଣସି ଉପାୟ ନାହିଁ ଯେ, ସେମାନେ ଏହା ସାବ୍ୟସ୍ତ କରକିପାରିବେ ଯେ, ସେମାନେ ଏକେଶ୍ୱରବାଦର ଶିକ୍ଷା ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଅନ୍ୟ କେଉଁଠୁ ଆହରଣ କରିଛନ୍ତି । ଆପଣ ଅ.ସ କୁହନ୍ତି: "ମୁଁ ସ୍ୱଷ୍ଟ ଭାବରେ ଗବେଷଣା କରିଛି ଯେ, ବ୍ରାହ୍ମ ସମାଜର ମତାଲମ୍ବୀମାନଙ୍କର ଏକେଶ୍ୱରବାଦ ପ୍ରତି ଆକୃଷ୍ଟ ହେବାର ମଧ୍ୟ ଏହା ହିଁ ମୂଳ କାରଣ ଯାହା ସେମାନଙ୍କର କେତେକ ବରିଷ୍ଠ ବ୍ୟକ୍ତିମାନଙ୍କ ମଧ୍ୟରୁ ସେହି ବ୍ୟକ୍ତି ଯିଏ ଉକ୍ତ ସଂପ୍ରଦାୟର ସଂସ୍ଥାପକ ବା ମୂଳପିଣ୍ଡ ଥିଲା । ସେ ହିଁ ପବିତ୍ର କୁରଆନ୍ କରୀମ୍‌ରୁ କୌଣସି ପ୍ରକାର ଏକେଶ୍ୱରବାଦରୁ ଅଂଶଟିଏ ପ୍ରାପ୍ତ କରିଥିଲା । କିନ୍ତୁ ନିଜର ଦୁର୍ଭାଗ୍ୟ ବଶତଃ ସଂପୂର୍ଣ୍ଣ ଏକେଶ୍ୱବାଦ ପ୍ରାପ୍ତ କରିପାରିଲା ନାହିଁ । ପୁନଶ୍ଚ ଏକେଶ୍ୱରବାଦର ସେହି ବୀଜ ଯାହାକି ପ୍ରଭୁଙ୍କର ବାଣୀ (ପବିତ୍ର କୁରଆନ୍ କରୀମ୍‌ରୁ) ଆହରଣ କରାଯାଇଥିଲା । ବ୍ରାହ୍ମ ସମାଜ ମତାବଲମ୍ବୀମାନଙ୍କ ମଧ୍ୟରେ ତାହା ପ୍ରସାରିତ ହୋଇଗଲା । ବ୍ରାହ୍ମ ସମାଜର ଯଦି କୌଣସି ମାନ୍ୟ ବ୍ୟକ୍ତିଙ୍କୁ ମୋର ଗବେଷଣା ସଂପର୍କରେ କିଛି କହିବାର ଅଛି (ଅର୍ଥାତ କୌଣସି ଆପତ୍ତି କିମ୍ବା ଅଭିଯୋଗ) ତେବେ ତା' ପକ୍ଷେ ଏହା ଅନିର୍ବାର୍ଯ୍ୟ ଯେ, ସେ ମୋର ଏହି ପ୍ରଶ୍ନର ପ୍ରମାଣଭିତ୍ତିକ ଉତ୍ତର ପ୍ରଦାନ କରୁ । ପ୍ରଶ୍ନ ଏହିକି ଯେ, ବ୍ରାହ୍ମ ସମାଜ ଧର୍ମାବଲମ୍ବୀମାନଙ୍କୁ ଏକେଶ୍ୱରବାଦ କିପରି ପ୍ରାପ୍ତ ହେଲା ? କ'ଣ ସେମାନେ ଏକେଶ୍ୱରବାଦ ସଂପର୍କରେ କାହା ଠାରୁ ଶୁଣିଛନ୍ତି ନା କୌଣସି ସଂସ୍ଥାପକ ନିଜ ବୁଦ୍ଧି ବଳରେ ଏହାକୁ ଉଦ୍ଭାବନ କରିଛି । ଯଦି କାହାଠାରୁ ଶୁଣିଛନ୍ତି ତେବେ ଖୋଲି ବର୍ଣ୍ଣନା କରିବା ଉଚିତ୍ । କାରଣ ପବିତ୍ର କୁରଆନ୍ କରୀମ୍ ବ୍ୟତୀତ ଆଉ ଅନ୍ୟ କେଉଁ ଗ୍ରନ୍ଥ ଥିଲା ଯିଏ ଈଶ୍ୱରଙ୍କ ଏକ ଓ ସମକକ୍ଷ ବିହୀନ ହେବା, ପରିବାର, ସନ୍ତାନରୁ ପବିତ୍ର ହେବା ଏବଂ ଆତ୍ମା ଗୋଟିଏ ଶରୀରରୁ ଅନ୍ୟ ଶରୀରକୁ ପ୍ରେବଶ କରିବାରୁ ଭିନ୍ନ ଓ ପବିତ୍ର, ଦୋଷ ଦୁର୍ବଳାତା ଠାରୁ ମୁକ୍ତ ତଥା ନିଜର ଅସ୍ତିତ୍ୱ ଓ ସକଳ ବିଶେଷତାରେ ପୂର୍ଣ୍ଣ ଓ ଅନନ୍ୟ ହେବା ସେହି କାଳରେ ଭାରତ ବର୍ଷର ଭୂଖଣ୍ଡରେ ପ୍ରସିଦ୍ଧ କରିଥିଲା । ଯହିଁରୁ ଏକେଶ୍ୱରବାଦର ସମସ୍ୟା ସେମାନଙ୍କୁ ପ୍ରାପ୍ତ ହେଲା । ସେହି ପୁସ୍ତକର ନାମ ସେମାନଙ୍କୁ କହିବା ଉଚିତ୍ । ଯଦି ଏହି ଦାବି ରହିଛି ଯେ, ସେହି ସଂସ୍ଥାପକକୁ ଏକେଶ୍ୱବାଦର ସୂଚନା ଶୁଣିବା ଦ୍ୱାରା ପ୍ରାପ୍ତ ହଇ ନାହିଁ ବରଂ ସେ କେବଳ ନିଜର ବୁଦ୍ଧିମତା ବଳରେ ଉକ୍ତ ସମସ୍ୟାକୁ ଜନ୍ମ ଦେଲା । ତେବେ ସେହି ପରିସ୍ଥିତିରେ ଏହା ସାବ୍ୟସ୍ତ କରି ଦେଖାଇବା ଉଚିତ୍ ଯେ, ଚର୍ଚ୍ଚିତ ସଂସ୍ଥାପକଙ୍କ ସମୟରେ ଅର୍ଥାତ ଯେଉଁ କାଳରେ ବ୍ରାହ୍ମ ସମାଜର ସଂସ୍ଥାପକ ଏକ ଧର୍ମ ପ୍ରବର୍ତ୍ତନ କରିବାକୁ ଲାଗିଥିଲା ସେତେବେଳେ ଭାରତବର୍ଷରେ ପବିତ୍ର କୁରଆନ୍ କରୀମ୍ ମାଧ୍ୟମରେ ବର୍ତ୍ତମାନ ଏକେଶ୍ୱରବାଦ ବ୍ୟାପୀ ନଥିଲା । କାରଣ ଏକେଶ୍ୱରବାଦ ଯଦି ବ୍ୟାପୀ ଯାଇଥିଲା ବା ପ୍ରସାରିତ ହୋଇଯାଇଥିଲା ତେବେ ଏକେଶ୍ୱରବାଦ ଆବିଷ୍କାର କରିବା ଏକ ଆବିଷ୍କାର ଜନିତ ଚିନ୍ତାଧାର କରାଯିବ ନାହିଁ । ବରଂ ନିଃସନ୍ଦେହ ରୂପେ ଏହା ହିଁ ବୁଝାଯିବ ଯେ, ଉକ୍ତ ବ୍ରାହ୍ମ ଧର୍ମର ସଂସ୍ଥାପକ ପବିତ୍ର କୁରଆନ୍ କରୀମରୁ ହିଁ ଏକେଶ୍ୱରବାଦ ପ୍ରସଙ୍ଗ ଆହରଣ ଓ ପ୍ରାପ୍ତ କରିଥିଲା ।"

**(ବରାହିନେ ଅହେମଦିୟା, ଭାଗ-1, ବି.ଦ୍ର ସଂଖ୍ୟା-11, ପୃ218)**

ସୁରାଃ ଇଖ୍‌ଲାସ ପବିତ୍ର କୁରଆନ୍ କରୀମ୍ ଅନବଦ୍ୟ ଅନନ୍ୟ ବୈଭବ୍ୟ ଏବଂ ଏହାର ଗର୍ବ ଓ ଗୌରବ ଅଟେ । ଯଦିଓ ଏହା ଏକ ସଂକ୍ଷିପ୍ତ ସୁରାଃ ଅଟେ । କିନ୍ତୁ ଏକେଶ୍ୱରବାଦରୁ ପରିପୂର୍ଣ୍ଣ ଅଟେ । ଏହାର ଅନୁବାଦ ଏହିପରି: **ଆମ୍ଭେ ପ୍ରତ୍ୟେକ ଯୁଗର ମୁସଲମାନମାନଙ୍କୁ ଆଦେଶ ଦେଇଅଛୁ ଯେ, ତୁମେ ଅନ୍ୟ ଲୋକମାନଙ୍କୁ କୁହୁଥାଅ, ସେ ହିଁ ଅଲ୍ଲାଃ ଯେ କି ଅଦ୍ୱିତୀୟ । ସେ ହିଁ ଅଲ୍ଲାଃ, ଯାହାଙ୍କ ଉପରେ ସମସ୍ତେ ନିର୍ଭରଶୀଳ ଏବଂ ସେ କାହାରି ଉପରେ ନିର୍ଭରଶୀଳ ନୁହନ୍ତି । ସେ କାହାକୁ ପ୍ରସବ କରି ନାହାନ୍ତି କି ତାହାଙ୍କୁ ପ୍ରସବ କରାଯାଇ ନାହିଁ ଏବଂ ଗୁଣାବଳୀ ଦୃଷ୍ଟିରୁ କେହି ତାହାଙ୍କର ସମକକ୍ଷ ନୁହନ୍ତି ।** ଉପରୋକ୍ତ ସୁରାଃଟି ଏକେଶ୍ୱରବାଦର ବିଷୟ ସମ୍ବଳିତ ହୋଇଥିବା ହେତୁ ଆଁହଜରତ ସ.ଅ ଏହାକୁ ପବିତ୍ର କୁରଆନ୍ କରୀମ୍‌ର ଏକ ତୃତୀୟାଂଶ ବୋଲି ବିବେଚିତ କରିଛନ୍ତି । ହ. ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ରସୁଲ୍ କରୀମ୍ ସ.ଅ କହିଲେ: ତୁମେମାନେ ଏକତ୍ରିତ ହୋଇଯାଅ ! ମୁଁ ତୁମମାନଙ୍କ ସମ୍ମୁଖରେ ପବିତ୍ର କୁରଆନ୍ କରୀମ୍‌ର ଏକ ତୃତୀୟାଂଶ ପାଠ କରିବାକୁ ଯାଉଛି । ଯେଉଁମାନେ ଏକତ୍ରିତ ହେବାର ଥିଲା ସେମାନେ ଏକତ୍ରିତ ହୋଇଗଲେ, ଆପଣ ସ.ଅ ଆସିଲେ ଓ قُلْ هُوَ اللّٰهُ اَحَدٌ ଆବୃତ୍ତି କରି ଫେରିଗଲେ । ଆମେମାନେ ପରସ୍ପରକୁ କହିବାକୁ ଲାଗିଲୁ: ଏପରି ପ୍ରତିତ ହେଉଛି ଯେ, ଆକାଶରୁ କୌଣସି ନୂତନ ସନ୍ଦେଶ ଆସିଛି ଯାହା ଆପଣ ସ.ଅଙ୍କୁ ଗୃହ ମଧ୍ୟକୁ ପ୍ରବେଶ କରି ଦେଇଛି । ନବୀ କରୀମ୍ ସ.ଅ ପୁନଶ୍ଚ ଆସିଲେ ଓ କହିଲେ: ମୁଁ ତୁମମାନଙ୍କୁ କହିଥିଲି ଯେ, ମୁଁ ତୁମ ସମ୍ମୁଖରେ ପବିତ୍ର କୁରଆନ୍ କରୀମର ଏକ ତୃତୀୟାଂଶ ଆବୃତ୍ତି କରିବି । ତୁମେମାନେ ସତର୍କ ହୋଇଯାଅ ! (ସୁରାଃ ଇଖଲାସ୍) ପବିତ୍ର କୁରଆନ୍ କରୀମ୍‌ର ଏକ ତୃତୀୟାଂଶ ପରି ସମାନ ଅଟେ (ଯାହାର ମୁଁ ଆବୃତ୍ତି କରି ସାରିଛି) ।

**ପୂର୍ଣ୍ଣ ଏକେଶ୍ୱରବାଦ ମୋକ୍ଷ ଉପରେ ନିର୍ଭରଶୀଳ ଅଟେ:**

ହୁଜୁର ଅନ୍‌ୱର୍ ଅ.ବ କହିଲେ, ବର୍ତ୍ତମାନ ମୁଁ ନିମ୍ନରେ ହ. ମସିହ୍ ମଉଦ୍ ଅ.ସଙ୍କ କେତେକ ବ୍ରହ୍ମଜ୍ଞାନ ସମ୍ପନ୍ନ ଆଦେଶାବଳୀ ଓ ଆପଣ ଅ.ସଙ୍କ କେତେକ ମହାନ ଚ୍ୟାଲେଞ୍ଜର ଚର୍ଚ୍ଚା କରିବି । ଆପଣ ଅ.ସ ଏକଶ୍ୱରବାଦର ସଂଜ୍ଞା ପ୍ରଦାନ କରି କୁହନ୍ତି: ଏକେଶ୍ୱରବାଦ କହିଲେ କେବଳ ଏହା ନୁହେଁ ଯେ, ପୃଥକ ହୋଇ ପ୍ରଭୁଙ୍କୁ ଜାଣିବା । ଏହି ଏକେଶ୍ୱବାଦର ସ୍ୱୀକାରୋକ୍ତି ସୈତାନ୍ ମଧ୍ୟ କରେ । ବରଂ ଏହା ସହିତ ଏହା ମଧ୍ୟ ଆବଶ୍ୟକ ଯେ, ବ୍ୟବହାରିକ ରୂପେ ଅର୍ଥାତ ପ୍ରେମର ପୂର୍ଣ୍ଣ ଆବେଗ ଦ୍ୱାରା ନିଜର ସତ୍ତାକୁ ହଜାଇ ଦେଇ ପ୍ରଭୁଙ୍କର ଏକେଶ୍ୱରତ୍ୱକୁ ନିଜ ଉପରେ ବା ନିଜ ପାଇଁ ପ୍ରୟୋଗ ତଥା ଲାଗୁ କରିନେବା ହିଁ ପୂର୍ଣ୍ଣ ଏକେଶ୍ୱରବାଦ ଯାହାକି ମୋକ୍ଷ ଉପରେ ନିର୍ଭରଶୀଳ ଅଟେ । ଏହି ଏକେଶ୍ୱରବାଦକୁ ଈଶ୍ୱରାନୁରାଗୀ ବ୍ୟକ୍ତିମାନେ ହିଁ ପାଇଥାଆନ୍ତି ।" **(ବରାହେନି ଅହେମଦିୟା, ଭାଗ-5, ରୁହାନୀ ଖଜାଏନ୍, ଭାଗ-21, ପୃ-64)**

**ପ୍ରକୃତ ଏକେଶ୍ୱରବାଦ ସହିତ ମୋକ୍ଷ ସଂଶ୍ଳୀଷ୍ଟ ଅଟେ** :

କୌଣସି ମୁସଲମାନ ମୂର୍ତ୍ତି ପୂଜା କରେ ନାହିଁ, ମୂର୍ତ୍ତି ସମ୍ମୁଖରେ ମଥାନତ ହୁଏ ନାହିଁ । କିନ୍ତୁ ଅନ୍ୟ ପ୍ରକାରର ଶିର୍କରେ ମୁସଲମାନମାନେ ଖୋଲମ ଖୋଲା ଲିପ୍ତ ହେଉଛନ୍ତି । ଉଦାହରଣ ସ୍ୱରୂପ କବର ପୂଜା ଓ ସମାଧି ସମ୍ମୁଖରେ ସିଜଦା କରିବା, ମୃତ ଗୁରୁଜନମାନଙ୍କୁ ଠାରୁ ସାହାଯ୍ୟ ଭିକ୍ଷା କରିବା । ସେହିପରି ଆଜି ମୁସଲମାନମାନେ ଗୁପ୍ତ ଶିର୍କରେ ମଧ୍ୟ ସୀମା ଲଂଘନ କରି ତହିଁରେ ଲିପ୍ତ ହୋଇଯାଇଛନ୍ତି । ଗୁପ୍ତ ଶିର୍କ ଏହା ଯେ, କୌଣସି ବ୍ୟକ୍ତି ବା ବସ୍ତୁକୁ ଅତ୍ୟଧିକ ମର୍ଯ୍ୟାଦା ଓ ସମ୍ମାନ ପ୍ରଦର୍ଶନ କରାଯାଉ ଯାହାକି କେବଳ ଓ କେବଳ ଅଲ୍ଲାଃତାଲାଙ୍କର ଅଧିକାର ଅଟେ କିମ୍ବା କୌଣସି ବସ୍ତୁ ଉପରେ ଭରସା କରିବା ଯାହାକି କେବଳ ଅଲ୍ଲାଃତାଲାଙ୍କର ଅଧିକାର ଅଟେ । ସୁତରାଂ ଆଜି ଏହି କଥାର ଆବଶ୍ୟକତା ରହିଛି ଯେ, ମୁସଲମାନମାନେ କବର ପୂଜା ଓ ନାନ ପ୍ରକାରର ଗୁପ୍ତ ଶିର୍କରୁ ନିଜକୁ ସୁରକ୍ଷିତ ରଖନ୍ତୁ ।

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "ମନେରଖ ! ପ୍ରକୃତ ଏକେଶ୍ୱବାଦ ଯାହାର ସ୍ୱୀକାରୋକ୍ତି ପ୍ରଭୁ ଆମମାନଙ୍କ ଠାରୁ ଆଶା କରନ୍ତି ଓ ଏକେଶ୍ୱରବାଦର ସ୍ୱୀକାରୋକ୍ତି ମୋକ୍ଷ ସହିତ ସଂଶ୍ଳୀଷ୍ଟ ଅଟେ । ତାହା ଏହିପରି ଯେ, ପ୍ରଭୁଙ୍କ ନିଜ ସତ୍ତାରେ, ପ୍ରତ୍ୟେକ ସମକକ୍ଷ ଠାରୁ ସେ ପଛେ ମୂର୍ତ୍ତି ବା ପ୍ରତିମା ହେଉ, ମନୁଷ୍ୟ ହେଉ, ସୂର୍ଯ୍ୟ ହେଉ, ଚନ୍ଦ୍ର ହେଉ, ନିଜର ଅନ୍ତର ଆତ୍ମା କିମ୍ବା ନିଜର ଯୋଜନା ଓ ଛଳନା ତଥା ଧୂର୍ତ୍ତତା ହେଉ ତହିଁରୁ ପ୍ରଭୁଙ୍କୁ ପବିତ୍ର ବୋଲି ମନେକରିବା । ଏହାର ବିପରୀତ କୌଣସି ବ୍ୟକ୍ତିକୁ ସର୍ବ ଶକ୍ତିମାନ ବୋଲି ପ୍ରସ୍ତାବିତ ନକରିବା, ବୃତ୍ତି ପ୍ରଦାନକାରୀ ମନେ ନକରିବା, କୌଣସି ବ୍ୟକ୍ତିକୁ ମୁଇଜ୍ (ମର୍ଯ୍ୟାଦାବାନ ବା ପ୍ରତିଷ୍ଠାବାନ) ଓ ମୁଜିଲ୍ (ତିରସ୍କାରକାରୀ) ନ ଭାବିବା, କୌଣସି ସାହଯ୍ୟକର୍ତ୍ତା ଓ ସହାୟକ ପ୍ରଦାନ ନକରିବା । ଦ୍ୱିତୀୟ ଏହା ଯେ, ତୁମେ ନିଜର ପ୍ରେମକୁ ତାହାଙ୍କ ସହିତ ବିଶେଷିତ କରିବ, ନିଜର ଉପାସନା ତାଙ୍କ ସକାଶେ ହିଁ ବିଶେଷିତ କରିବା, ନିଜର ବିନୀତତା ତାହାଙ୍କ ସହିତ ବିଶେଷତି କରିବା ନିଜର ଆଶା ତାହାଙ୍କ ସହିତ ବିଶେଷିତ କରିବା, ନିଜର ଭୟ ତାହାଙ୍କ ସହିତ ବିଶେଷିତ କରିବା ସୁତରାଂ ଏକେଶ୍ୱରବାଦ ମୁଖ୍ୟତଃ ନିମ୍ନୋକ୍ତ ତିନି ପ୍ରକାରର ବିଭକ୍ତ କରାଯାଇପାର ଏବଂ ଏହାକୁ ବାଦ୍‌ଦେଲେ ଏକେଶ୍ୱରବାଦ ସଂପୂର୍ଣ୍ଣ ହୋଇପାରିବ ନାହିଁ । **(1)** ଅସ୍ତିତ୍ୱ ଦୃଷ୍ଟିରୁ ଏକେଶ୍ୱରବାଦ ଅର୍ଥାତ ପ୍ରଭୁଙ୍କ ଅସ୍ତିତ୍ୱ ବିପକ୍ଷରେ ସମସ୍ତ ବିଦ୍ୟମାନ ବସ୍ତୁକୁ ଅନ୍ତର୍ଦ୍ଧାନ (ନଷ୍ଟ ବା ଅନୁପସ୍ଥିତ) ପରି ମନେକରିବା ଏବଂ ସମସ୍ତ ବସ୍ତୁର ଅସ୍ତିତ୍ୱକୁ ବିନାଶଶୀଳ ଓ ଅବାସ୍ତବକୁ ଅସତ୍ୟ ବୋଲି ମନେକରିବା । **(2)** ସିଫତ୍ (ବିଶେଷ ଗୁଣାବଳୀ) ଦୃଷ୍ଟିରୁ ଏକେଶ୍ୱରବାଦ ଅର୍ଥାତ ଈଶ୍ୱରତ୍ୱ ଓ ଦେବତ୍ୱ ସୁଲଭ ଗୁଣାବଳୀ ଈଶ୍ୱରଙ୍କ ବ୍ୟତୀତ ଅନ୍ୟକୁ ବିବେଚିତ ନକରିବା ଯାହାକି ପ୍ରକାଶ୍ୟ ରୂପେ ନାନା ପାଳନକର୍ତ୍ତା କିମ୍ବା ଯଶ ତଥା ଉପକାର ପ୍ରଦାନକାରୀ ଦୃଶ୍ୟମାନ ହୁଅନ୍ତି ଏହା ତାହାଙ୍କ ହସ୍ତର ଏକ ନିଃସନ୍ଦେହାତ୍ମକ ବ୍ୟବସ୍ଥା ଅଟେ । **(3)** ନିଜର ପ୍ରେମ ଓ ସତ୍ୟତା ତଥା ପବିତ୍ରତା ଦୃଷ୍ଟିରୁ ଏକେଶ୍ୱର ବାଦ ଅର୍ଥାତ ପ୍ରେମ, ଭାକ୍ତିକତା ଶୈଳୀରେ ଅନ୍ୟକୁ ପ୍ରଭୁଙ୍କ ସମକକ୍ଷ ନକରିବା ଓ ତହିଁରେ ତଲ୍ଲୀନ ହୋଇଯିବା ଇତ୍ୟାଦି । " **(ସିରାଜୁଦ୍ଦୀନ ଇସାଇର ଚାରୋଟି ପ୍ରଶ୍ନର ଉତ୍ତର, ରୁହାନୀ ଖଜାଏନ୍, ଭାଗ-12, ପୃ-349)**

**ଏକେଶ୍ୱରବାଦର ତୃତୀୟ ସ୍ତର ଯାହା ସହିତ ଆଧାତ୍ମିକ ଜୀବନ ସଂଶ୍ଳୀଷ୍ଟ ଅଟେ :**

ହ. ମସିହ୍ ମଉଦ୍ ଅ.ସ ଏହିପରି ଭାବରେ ଏକେଶ୍ୱର ବାଦର ତିନୋଟି ସ୍ତର ବର୍ଣ୍ଣନା କରିଛନ୍ତି । ସୁତରାଂ ଆପଣ ଅ.ସ କୁହନ୍ତି: "ମନେରଖ ଏକେଶ୍ୱବାଦର ତିନୋଟି ସ୍ତର ରହିଛି **(1)** ସର୍ବ ନିକୃଷ୍ଟ ସ୍ତର ଏହିକି ଯେ, ନିଜ ପରି ପ୍ରାଣୀମାନଙ୍କର ଉପାସନା କରନ୍ତୁ ନାହିଁ । ନା ପ୍ରସ୍ତରର (ପଥର), ନା ଅଗ୍ନିର, ନା ବ୍ୟକ୍ତିର ଓ ନା ହିଁ ତରାକା ଏବଂ ଗ୍ରହ ନକ୍ଷତ୍ରମାନଙ୍କର ଉପାସନା କର । **(2)** ଏକେଶ୍ୱରବାଦର ଦ୍ୱୀତୀୟ ସ୍ତର ଏହିକି ଯ, ସାଧନ ଉପରେ ଏପରି ଗୋଡ଼ାନ୍ତୁ ନାହିଁ ଯେପରିକି ସେଗୁଡ଼ିକୁ ଏକ ପ୍ରକାରର ଈଶ୍ୱରଙ୍କ କାରଖାନାରେ ସାର୍ବକାଳୀନ ଅବାଧ ହସ୍ତକ୍ଷେପକାରୀ ରୂପେ ବିବେଚିତ କରିଦେବ । ବରଂ ସର୍ବଦା କାରଣ ସୃଷ୍ଟି ଉପରେ ଦୃଷ୍ଟି ରହୁ ନା କି ସାଧନ ଓ ବସ୍ତୁ ଉପରେ । **(3)** ଏକେଶ୍ୱରବାଦର **ତୃତୀୟ ସ୍ତର** ଏହିକି ଯେ, ଈଶ୍ୱରଙ୍କ ପ୍ରଭା (ପ୍ରକାଶ) ସମୂହର ପୂର୍ଣ୍ଣ ଅବଲୋକନ କରି ପ୍ରତ୍ୟେକ ଅନ୍ୟ ଅସ୍ତିତ୍ୱକୁ ଶୂନ୍ୟ ତଥା ନିଶ୍ଚିହ୍ନ ବିବେଚିତ କରନ୍ତୁ । ଠିକ୍ ସେହିପରି ନିଜର ଅସ୍ତିତ୍ୱକୁ ମଧ୍ୟ ଶୂନ୍ୟ ଓ ନିଶ୍ଚିହ୍ନ ବୋଲି ମନେକରନ୍ତୁ । ସୁତରାଂ ପ୍ରଭୁଙ୍କ ଅସ୍ତିତ୍ୱ ଏବଂ ପୂର୍ଣ୍ଣ ବିଶିଷ୍ଟ ଗୁଣାବଳୀ ବ୍ୟତୀରେକ ପ୍ରତ୍ୟେକ ବସ୍ତୁ ବିନାଶଶୀଳ ପ୍ରତୀୟମାନ ହେଉଛି । ଏହା ହିଁ ଆଧାତ୍ମିକ ଜୀବନ ଅଟେ । ଏକେଶ୍ୱରବାଦର ଏହି ତ୍ରିସ୍ତର ତୁମମାନଙ୍କୁ ପ୍ରାପ୍ତ ହୋଇଯାଉ ।" **(ଆଇନା କମାଲାତେ ଇସଲାମ୍, ରୁହାନୀ ଖଜାଏନ୍. ଭାଗ-5, ପୃ-235)**

**ସାମୀପ୍ୟତ ପ୍ରାପ୍ତ ଦୃଷ୍ଟିରୁ ଏକେଶ୍ୱରବାଦର ତିନୋଟି ସ୍ତର ରହିଛି ବା ଏକେଶ୍ୱରବାଦକୁ ତିନି ଭାଗରେ ବିଭକ୍ତ କରାଯାଇପାରେ :**

ଅଲ୍ଲାଃତାଲାଙ୍କ ଏକେଶ୍ୱରବାଦରୁ ଉପକୃତ ହେବା ଓ ତାହାଙ୍କ

ସାମୀପ୍ୟତା ପ୍ରାପ୍ତ ଦୃଷ୍ଟିରୁ ଏକେଶ୍ୱରବାଦର ତିନୋଟି ସ୍ତର ରହିଛି ବୋଲି ହ. ମସିହ୍ ମଉଦ୍ ଅ.ସ ବର୍ଣ୍ଣନା କରିଛନ୍ତି । ଆପଣ ଅ.ସ କୁହନ୍ତି: "ଏକେଶ୍ୱରବାଦକୁ ତିନୋଟି ସ୍ତରରେ ବିଭକ୍ତ କରାଯାଇପାରେ। **ପ୍ରଥମ-** ସାଧାରଣ ଜନତାଙ୍କ ନିମନ୍ତେ । ଅର୍ଥାତ ସେହି ଲୋକମାନଙ୍କ ପାଇଁ ଯେଉଁମାନେ ଅଲ୍ଲାଃତାଲାଙ୍କର କ୍ରୋଧରୁ ମୋକ୍ଷ ପ୍ରାପ୍ତ କରିବାକୁ ଇଚ୍ଛା ପ୍ରକାଶ କରନ୍ତି । **ଦ୍ୱିତୀୟ-** ଦ୍ୱିତୀୟ ସ୍ତର ହେଉଛି ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତେ ଉଦ୍ଦିଷ୍ଟ । ଅର୍ଥାତ ସେହି ବ୍ୟକ୍ତିମାନଙ୍କ ପାଇଁ ଯେଉଁମାନେ ସାଧାରଣ ଲୋକଙ୍କ ତୁଳନାରେ ଈଶ୍ୱରଙ୍କ ସର୍ବାଧିକ ସାମୀପ୍ୟତା ସହିତ ବିଶେଷ ସଂପର୍କ ସ୍ଥାପନ କରିବାକୁ ଇଚ୍ଛା ପ୍ରକାଶ କରିଥାଆନ୍ତି । **ତୃତୀୟ-** ତୃତୀୟ ସ୍ତର ହେଉଛି ଅତି ବିଶିଷ୍ଟ ବ୍ୟକ୍ତିଙ୍କ ନିମନ୍ତେ ପ୍ରଯୁଜ୍ୟ । ଯେଉଁମାନେ ସାମୀପ୍ୟତାର ଚରମ ସୀମା ପର୍ଯ୍ୟନ୍ତ ପହଞ୍ଚି ଯାଇଥାଆନ୍ତି । ଅତଏବ ଏକେଶ୍ୱରବାଦର ପ୍ରଥମ ସ୍ତର ଏହିକି ଯେ, ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କାହିରି (କୌଣସି ବ୍ୟକ୍ତି, ପ୍ରାଣୀ, ବୃକ୍ଷ ଲତା, ଗ୍ରହ ନକ୍ଷତ୍ର ଇତ୍ୟାଦିଙ୍କର) ଉପାସନା କରା ନଯାଉ ।" **(କିତାବୁଲ୍ ବରିୟାହ୍, ରୁହାନୀ ଖଜାଏନ୍, ଭାଗ-13, ପୃ-83)**

ବର୍ତ୍ତମାନ ମୁଁ ନିମ୍ନରେ ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସଙ୍କ ପକ୍ଷରୁ ଅନ୍ୟ ଧର୍ମାବଲମ୍ବୀମାନଙ୍କୁ ଏକେଶ୍ୱରବାଦ ସଂକ୍ରାନ୍ତରେ ଦିଆଯାଇଥିବା ସର୍ବ ବୃହତ୍ ଚ୍ୟାଲେଞ୍ଜ୍‌ର ଚର୍ଚ୍ଚା କରିବୁ । ଆପଣ ଅ.ସ ଅଣ ଧର୍ମାବଲମ୍ବୀମାନଙ୍କୁ ଏହି ଚ୍ୟାଲେଞ୍ଜ ଦେଲେ ଯେ, ପବିତ୍ର କୁରଆନ୍ କରୀମ ଯେଭଳି ଭାବରେ ଅଲ୍ଲାତାଲାଙ୍କ ଏକେଶ୍ୱରବାଦ ସଂକ୍ରାନ୍ତରେ ବର୍ଣ୍ଣନା କରିଛି ଓ ତାହାଙ୍କୁ ସମସ୍ତ ଖୁଣ ତଥା ଦୋଷ ଦୁର୍ବଳତା ଠାରୁ ମୁକ୍ତ ବୋଲି ଦର୍ଶାଇଛି । କୌଣସି ଧର୍ମଗ୍ରନ୍ଥ ଏପରି ବର୍ଣ୍ଣନା କରି ନାହିଁ । ପବିତ୍ର କୁରଆନ୍ କରୀମ୍ ଯେପରି ଏକେଶ୍ୱରବାଦର ବିଷୟବସ୍ତୁ ଦ୍ୱାରା ପରିପୂର୍ଣ୍ଣ ସେପରି ଅନ୍ୟ କୌଣସି ଧର୍ମଗ୍ରନ୍ଥରେ ଏକେଶ୍ୱରବାଦର ସଂକ୍ରାନ୍ତୀୟ ବିଷୟବସ୍ତୁ ବର୍ଣ୍ଣିତ ହୋଇ ନାହିଁ । ବରଂ ଏହାର ହଜାର, ଲକ୍ଷାଧିକ ଅଂଶରୁ ଗୋଟିଏ ଅଂଶ ମଧ୍ୟ ବର୍ଣ୍ଣିତ ହୋଇ ନାହିଁ । ସୁରାଃ ଇଖ୍‌ଲାସ୍‌ର ଗୋଟିଏ ପଂକ୍ତିରେ ଯେଭଳି ଏକେଶ୍ୱରବାଦର ବିଷୟ ପରିପୂର୍ଣ୍ଣ ହୋଇଛି ତାହା ସଂପୂର୍ଣ୍ଣ ତୌରାତ୍‌ରେ ଓ ବାଇବେଲ୍‌ରେ ମଧ୍ୟ ଦେଖିବାକୁ ମିଳେ ନାହିଁ । ପୁଣ୍ୟଶ୍ଳୋକ ହ. ମସିହ୍ ମଉଦ୍ ଅ.ସ ସୁରାଃ ଫାତିହା ସଂକ୍ରାନ୍ତରେ ଏକ ରୋଚକ ଏବଂ ଭବ୍ୟ ଚ୍ୟାଲେଞ୍ଜ୍ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କୁ ନିଜ ପୁସ୍ତକ ବରାହିନେ ଅହେମଦିଆରେ ପ୍ରଦାନ କରିଛନ୍ତି । ଆପଣ ଅ. କୁହନ୍ତି: "ସୁରାଃ ଇଖ୍‌ଲାସର ଗୋଟିଏ ପଂକ୍ତିରେ ଯେଭଳି ଏକେଶ୍ୱରବାଦର ବିଷୟ ପରିପୂର୍ଣ୍ଣ ହୋଇଛି ତାହା ସଂପୂର୍ଣ୍ଣ ତୌରାତ୍‌ରେ ଓ ବାଇବେଲ୍‌ରେ ମଧ୍ୟ ଦେଖିବାକୁ ମିଳେ ନାହିଁ । ଯଦି ଅଛି ତାହାହେଲେ କୌଣସି ଖ୍ରୀଷ୍ଟ ଧର୍ମାବଲମ୍ବୀ ଆମ ସମ୍ମୁଖରେ ଏହାକୁ ଉପସ୍ଥାପିତ କରନ୍ତୁ ।"

ଆପଣ ଅ.ସ ପୁନଶ୍ଚ କୁହନ୍ତି : "ଆପଣମାନଙ୍କ (ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ) ର ହ. ଇସା ଅ.ସଙ୍କ କଥନ ଉପରେ ବିଶ୍ୱାସ ନାହିଁ ଓ ଆପଣମାନେ ସ୍ୱୟଂ ଚାହାନ୍ତି ଯେ, ଇଞ୍ଜିଲ୍‌ର ପବିତ୍ର କୁରଆନ୍ କରୀମ୍ ସହିତ ମୁକାବିଲା କରନ୍ତୁ ତେବେ ମୁଁ ଆପଣଙ୍କୁ ସ୍ୱାଗତ ଜଣାଉଛି । ଆପଣମାନେ ଆସନ୍ତୁ ଓ ଇଞ୍ଜିଲ୍ ମଧ୍ୟରୁ ସେହି ସବୁ ଚମତ୍କାର କାଢି ଦେଖାଇ ଦିଅନ୍ତୁ ଯାହାକୁ ମୁଁ ଉକ୍ତ ପୁସ୍ତକରେ (ବରାହିନେ ଅହେମଦିୟାର) ପବିତ୍ର କୁରଆନ୍ କରୀମ୍ ସଂପର୍କରେ ସାବ୍ୟସ୍ତ କରିଛି । କାରଣ ଲେଖକ ଗୋଷ୍ଠୀମାନେ ସ୍ୱୟଂ ଅବଲୋକନ କରି ନିଅନ୍ତୁ ଯେ, ଈଶ୍ୱରଙ୍କ ପରିଚୟ ଓ ବ୍ରହ୍ମଜ୍ଞାନର ସାଧନ ପବିତ୍ର କୁରଆନ୍ କରୀମ୍‌ରେ ବିଦ୍ୟମାନ ରିହଛି ନା ଇଞ୍ଜିଲ୍‌ରେ ବିଦ୍ୟମାନ ରହିଛି । ଯେଉଁ ଅବସ୍ଥାରେ ମୁଁ ଏହାର ନିର୍ଣ୍ଣୟ ନିମନ୍ତେ ଅର୍ଥାତ ଇଞ୍ଜିଲ୍ ଓ ପବିତ୍ର କୁରଆନ୍ କରୀମ ମଧ୍ୟରେ ପାର୍ଥ୍ୟକ ଜ୍ଞାତ ହୋଇଯାଉ ବୋଲି ଦଶ ହଜାର ଟଙ୍କାର ପୁରସ୍କାର ରାଶିର ଘୋଷଣା ମଧ୍ୟର ନିଜ ପୁସ୍ତକ ସହିତ ସାମିଲ୍ କରିଦେଇଛି । ତେବେ ପୁନଶ୍ଚ ଆପଣମାନେ ଯେପର୍ଯ୍ୟନ୍ତ ସତ୍ୟବାଦୀଙ୍କ ପରି ବର୍ତ୍ତମାନ ମୋ ପୁସ୍ତକ ବିରୁଦ୍ଧରେ ନିଜର ଧର୍ମଗ୍ରନ୍ଥ ଇଞ୍ଜିଲର ମହିମା ଦେଖାଇ ଦେଇ ନାହାନ୍ତି ସେପର୍ଯ୍ୟନ୍ତ କୌଣସି ବୁଦ୍ଧିମାନ ଖ୍ରୀଷ୍ଟ ଧର୍ମାବଲମ୍ବୀ ମଧ୍ୟ ନିଜର ଗ୍ରନ୍ଥକୁ ନିଜ ହୃଦୟରେ ସଠିକ୍ ବୋଲି ମନେକରିବ ନାହିଁ ।"**(ବରାହିନେ ଅହେମଦିୟା, ଭାଗ-3, ରୁହାନୀ ଖଜାଏନ୍ ଭାଗ-1, ପୃ-301, ବି.ଦ୍ରର ବି.ଦ୍ର ସଂଖ୍ୟା-2)**

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ଯଦି ତୌରାତ୍‌ରେ ଈଶ୍ୱରତ୍ୱ ଏବଂ ପରବର୍ତ୍ତୀ ଜୀବନ ସଂକ୍ରାନ୍ତରେ ସେହି ବିସ୍ତୃତ ବିବରଣୀ ହୋଇଥାନ୍ତା ଯାହା ପବିତ୍ର କୁରଆନ୍ କରୀମ୍‌ରେ ରହିଛି ତେବେ ଖ୍ରୀଷ୍ଟିଆନ୍ ଓ ଇହୁଦୀମାନଙ୍କ ମଧ୍ୟରେ ଏତେ କଳହ କାହିଁକି ହୋଇଥାଆନ୍ତା । ସତ୍ୟ ଏହିକି ଯେ, ଯେଭଳି ଭାବରେ ସୁରାଃ ଇଖ୍‌ଲାସ୍‌ର ଗୋଟିଏ ପଂକ୍ତିରେ ଏକେଶ୍ୱରବାଦ ସଂକ୍ରାନ୍ତୀୟ ବିଷୟଭିତ୍ତିକ ଶିକ୍ଷା ଭର୍ତ୍ତି ହୋଇ ରହିଛି ତାହା ସମଗ୍ର ତୌରାତ୍ କାହିଁକି ବରଂ ସମଗ୍ର ଇଞ୍ଜିଲ୍‌ରେ ଦେଖିବାକୁ ମିଳେ ନାହିଁ । ଯଦି ରହିଛି ତେବେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ମୋ ସମ୍ମୁଖରେ ଉପସ୍ଥାପିତ କରନ୍ତୁ । **(ପୃଷ୍ଠା-303 ମଧ୍ୟ )"**

ପବିତ୍ର କୁରଆନ୍ କରୀମ୍‌ରୁ ଏକେଶ୍ୱରବାଦ ସଂକ୍ରାନ୍ତୀୟ ବ୍ରହ୍ମଜ୍ଞାନ ସଂସାର ଜଗତର ସୂର୍ଯ୍ୟ ପରି ପ୍ରକାଶିତ ହୁଅନ୍ତି: ହ. ମସିହ୍ ମଉଦ୍ ଅ.ସଙ୍କ ଆଉ ଏକ ଭବ୍ୟ ଚ୍ୟାଲେଞ୍ଜ୍ ଆମେ ଉପସ୍ଥାପିତ କରି ଦେଉଛୁ ଯାହା ଏକେଶ୍ୱରବାଦ ସହ ସଂପର୍କିତ ଆପଣ ଅ.ସ ସନାତନ ଧର୍ମାବଲମ୍ବୀମାନଙ୍କୁ ବିଶେଷ କରି ଆର୍ଯ୍ୟ ମତାବଲମ୍ବୀମାନଙ୍କୁ ପ୍ରଦାନ କରିଛନ୍ତି । ଆପଣ ଅ.ସ କୁହନ୍ତି: "ବେଦ ବିଚିତ୍ରପୂର୍ଣ୍ଣ ଐଶୀବାଣୀ ଅଟେ। ଅର୍ଥାତ ଆମୂଳ ଚୂଳ ଏବଂ ଆଦ୍ୟରୁ ପ୍ରାନ୍ତ ଯାଏ କେବଳ ମାନବ ପୂଜାର କଥା ବ୍ୟତୀତ ଅନ୍ୟ କିଛି କୁହେ ନାହିଁ । ପଣ୍ଡିତ ଦୟାନନ୍ଦ ସରସ୍ୱତୀ ଅର୍ଥ କରିବାରେ ବହୁତ ଉଦ୍ୟମ କରିଛନ୍ତି । କିନ୍ତୁ କୌଣସି ବ୍ୟକ୍ତି ବଙ୍କାକୁ ସଳଖ କରି ପ୍ରକାଶ କରିବାରେ କେଉଁ ପର୍ଯ୍ୟନ୍ତ ମୁଣ୍ଡିଆ ମାରିବ । କିନ୍ତୁ କିଛି ଫଳପ୍ରଦ ହେଲା ନାହିଁ । ବେଦର ଶିକ୍ଷା ମାନବ ପୂଜାର ଗୋଟେ ଅଧେ ସ୍ଥାନରେ ନୁହଁ ଯେ, ଲୁଚିଯିବ । ତାହା ତ' ସଂପୂର୍ଣ୍ଣ ଏହି ଚିନ୍ତାଧାରା ଦ୍ୱାରା ପରିପୂର୍ଣ୍ଣ । ସମସ୍ତ ସଂସାର ବୁଲିଆସ, ସମସ୍ତ ଜାତିକୁ ପଚାରି ନିଅ ଏପରି କୌଣସି ଜାତି ପାଇବ ନାହିଁ ଯିଏ ବେଦ ପାଠ କରିବା ପରେ ବେଦର ଏକେଶ୍ୱରବାଦମୂଳକ ଶିକ୍ଷା ସମ୍ବନ୍ଧରେ ବୁଝି ପାରିବ । ମୁଁ ସତ ସତ କହୁଛି ଓ ଅଧିକ ସମୟ ଅପଚୟ କରିବି ନାହିଁ । କାରଣ ପବିତ୍ର କୁରଆନ୍ କରୀମ୍‌ର ଦଶ ପୃଷ୍ଠାରୁ ଏକେଶ୍ୱରବାଦର ବିଷୟ ବ୍ରହ୍ମଜ୍ଞାନ ସୂର୍ଯ୍ୟ ରଶ୍ମୀ ପରି ପ୍ରକାଶିତ ହେଉଛି ଓ ଯେଉଁ ବ୍ୟକ୍ତି ଚାହୁଁଛି ସେ ଯଥାସାମର୍ଥ୍ୟ ମୋ ସହିତ ସର୍ତ୍ତ ସ୍ୱରୂପ ସ୍ଥିର ମଧ୍ୟ କରାଇ ନେଉ। ମୁଁ ଶପଥ ପୂର୍ବକ ବର୍ଣ୍ଣନା କରୁଛି ଓ ସେହି ଏକେଶ୍ୱରଙ୍କ ଶପଥ କରି କହୁଛି ଯେ, ଆପଣମାନେ ଯେମିତି ନିଷ୍ପତ୍ତି ଓ ନିର୍ଣ୍ଣୟ କରିବାକୁ ଚାହୁଁଛନ୍ତି ମୁଁ ଧାର୍ଯ୍ୟ ସର୍ତ୍ତ ପୂରଣ କରିବାକୁ ପ୍ରସ୍ତୁତ ଅଛି ।" **(ସୁର୍ମା ଚଶ୍‌ମା ଆର୍ଯ୍ୟା, ରୁହାନୀ ଖଜାଏନ୍, ଭାଗ-2, ପୃ-215)**

ପବିତ୍ର କୁରଆନ୍ କରୀମ୍ ଇଉରୋପ ରାଷ୍ଟ୍ରମାନଙ୍କରେ ଆଲୋଡ଼ନ ସୃଷ୍ଟି କରିଦେଇଥିଲା । ବିଖ୍ୟାତ ଇଂରେଜମାନେ ପବିତ୍ର କୁରଆନୀୟ ମାହାତ୍ମ୍ୟତା ଓ ତା'ର ପବିତ୍ର ଏକେଶ୍ୱରବାଦ ସଂକ୍ରାନ୍ତରେ ସାକ୍ଷ୍ୟ ପ୍ରଦାନ କରିଥିଲେ । କାରଣ ପବିତ୍ର କୁରଆନ୍ କରୀମ୍ ଏକେଶ୍ୱରବାଦର ବିଷୟରେ ଏକ ଅନନ୍ୟ ଓ ଅଦୃଷ୍ଟାନ୍ତନୀୟ ଗ୍ରନ୍ଥ ଅଟେ । ଇଂଲଣ୍ଡ, ଆମେରିକା, ଜର୍ମାନ, ଫ୍ରାନ୍ସ୍‌ରେ ବେଦଗୁଡ଼ିକର ଅନୁବାଦ କେବଳ ହଜାର ହାଜର ଲୋକଙ୍କ ଦୃଷ୍ଟି ଦେଇ ଅତିକ୍ରମ କରି ନାହିଁ । ବରଂ ଲକ୍ଷାଧିକ ଲୋକଙ୍କ ଦୃଷ୍ଟି ଦେଇ ଗତି କରିଛି । କିନ୍ତୁ କୌଣସି ବ୍ୟକ୍ତିକୁ ଏହି ଖବର ମଧ୍ୟ ନାହିଁ ଯେ, ବେଦରେ ମଧ୍ୟ ଏକେଶ୍ୱବାଦ ସଂପର୍କରେ ସୂଚନା ରହିଛି । ସେହି ଇଂରେଜମାନେ ପବିତ୍ର କୁରଆନ୍ କରୀମ୍‌ର ଯେତେବେଳେ ଅନୁବାଦ କଲେ ସେତେବେଳେ କୁରଆନୀୟ ଏକେଶ୍ୱରବାଦ ଇଉରୋପର ଦେଶମାନଙ୍କରେ ଏକ ଆଲୋଡ଼ନ ସୃଷ୍ଟି କରିଦେଇଥିଲା । ଏପର୍ଯ୍ୟନ୍ତକି ଲାଏଲ୍ ସାହେବ ଓ ଜନ୍ ଡିଓନ୍ ପୋର୍ଟ ଆଦି ବିଖ୍ୟାତ ଇଂରେଜମାନେ ଯେଉଁମାନଙ୍କର ପୁସ୍ତକ 'ହିମାୟତେ ଇସ୍‌ଲାମ୍' ଆଦି ପ୍ରକାଶିତ ହୋଇ ଭାରତରେ ମଧ୍ୟ ଆସିଯାଇଛି । ଉକ୍ତ ପୁସ୍ତକଟି ପବିତ୍ର କୁରଆନ୍ କରୀମ୍‌ର ଭବ୍ୟତାମୂଳକ ନିଦର୍ଶନ ଓ ତା'ର ପବିତ୍ର ଏକେଶ୍ୱରବାଦ ସଂପର୍କରେ ଏପରି ସାକ୍ଷ୍ୟ ପ୍ରଦାନ କଲା ଯେ,

ଅନେକ ପ୍ରତିବନ୍ଧ, ଈର୍ଷା ବିଦ୍ୱେଷ ସତ୍ତ୍ୱେ ସେମାନେ କହିବାକୁ ବାଧ୍ୟ ହେଲେ ଯେ, ପବିତ୍ର କୁରଆନ୍ କରୀମ୍‌ର ବିଷୟ ବସ୍ତୁ ଏକେଶ୍ୱରବାଦ ଓ ଖୁଣ ତଥା ଦୋଷ ଦୁର୍ବଳତା ଠାରୁ ମୁକ୍ତ, ନିଷ୍କଳଙ୍କ ଏବଂ ପବିତ୍ର ହେବାରେ ଏକ୍ ଅଦୃଷ୍ଟାନ୍ତନୀୟ ତଥା ଅନନ୍ୟ ଗ୍ରନ୍ଥ ଅଟେ । ଏହି ଗ୍ରନ୍ଥର ଆସ୍ଥା ଏବଂ ବିଶ୍ୱାସ ସଂପୂର୍ଣ୍ଣ ରୂପେ ବୁଦ୍ଧି ବିବେକାନୁମୋଦିତ ଓ ଏକ ବିଚାରକର ଧର୍ମ ହୋଇପିରାବ । ଠିକ୍ ସେହିପରି କ୍ଲିଣ୍ଟ୍ ନାମକ ଜଣେ ଇଂରେଜ ପଣ୍ଡିତ କିଛି କାଳ ପୂର୍ବେ ଇସ୍‌ଲାମ୍ ଧର୍ମ ସଂକ୍ରାନ୍ତରେ ଏକ ପୁସ୍ତକ ରଚନା କରିଛନ୍ତି । ସେ ଏହି କଥାର ସ୍ୱୀକାରୋକ୍ତି ପ୍ରକାଶ କରନ୍ତି ଯେ, ଏକେଶ୍ୱରବାଦକୁ ସଂସାରରେ ପୁନଃ ସ୍ଥାପନକାରୀ ବ୍ୟକ୍ତି ହେଉଛନ୍ତି ଇସ୍‌ଲାମ୍ ଧର୍ମର ସଂସ୍ଥାପକ ହ. ମୁହମ୍ମଦ ସ.ଅ । ସେ ହିଁ ଏକେଶ୍ୱରବାଦକୁ ସେହି ସୁଉଚ୍ଚ ସ୍ତର ପର୍ଯ୍ୟନ୍ତ ପହଞ୍ଚାଇ ଦେଲେ ଯେ, ସମଗ୍ର ଆରବ୍ୟ ମରୁଭୂମିରେ ଏବେସୁଦ୍ଧା ଏକେଶ୍ୱରବାଦର ସୁଗନ୍ଧ ଅସୁଛି । **(ଶେହ୍‌ନାଏ ହକ୍, ରୁହାନୀ ଖଜାଏନ୍, ଭାଗ-2, ପୃ-403)**

**ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଓ ଏକେଶ୍ୱରବାଦର ପ୍ରମାଣ ଯାହା ପବିତ୍ର କୁରଆନ୍ କରୀମରେ ଉଲ୍ଲିଖିତ ତାହା ଅନ୍ୟ କୌଣସି ଗ୍ରନ୍ଥରେ ନାହିଁ :**

ମୁଁ ତ' ଏହି ନିଷ୍ପତ୍ତିରେ ମଧ୍ୟ ଏକମତ ଯେ, ପବିତ୍ର କୁରଆନ୍ କରୀମ୍ ଯେଭଳି ଭାବରେ କୁବିଶ୍ୱାସ, କୁସଂସ୍କାର ଓ କୁକର୍ମର ଅବସ୍ଥା ସଂପର୍କରେ ବର୍ଣ୍ଣନା କରିଛି କିନ୍ତୁ କୁରଆନ୍ ପ୍ରକୃତ ଧର୍ମବିଶ୍ୱାସ ସଂପର୍କରେ ପବିତ୍ର କୁରଆନ୍ କରୀମ୍ ବର୍ଣ୍ଣନା କରିଛି । କିନ୍ତୁ ବେଦ ଦୃଷ୍ଟିରେ ଦେଖିଲେ ତାହା କୁବିଶ୍ୱାସ ଅଟେ । ଠିକ୍ ଏହିପରି ସେହି କୁକର୍ମ ଯାହା ସଂସାରରେ ବିଭିନ ପ୍ରାନ୍ତରେ ଦେଖିବାକୁ ମିଳେ, ଯାହାର ଚର୍ଚ୍ଚା ପବିତ୍ର କୁରଆନ୍ କରୀମ୍‌ରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି । ଆର୍ଯ୍ୟ ଲୋକମାନେ ଆମକୁ ବେଦରୁ ବହିଷ୍କୃତ କରି ଦିଅନ୍ତୁ, ଏପରି ଭାବରେ ଯେପରି ଅଣ ସଂପ୍ରଦାୟ ପବିତ୍ର କୁରଆନ୍ କରୀମକୁ ପାଠ କରି ଏହା ସଂପର୍କରେ ସ୍ୱୀକାରୋକ୍ତି ଓ ପ୍ରଶଂସା କରନ୍ତି । ସେମାନେ କୁହନ୍ତି ଏହି ଅମକ କଥା ଓ ଅମକ ପ୍ରସଙ୍ଗ ତହିଁରେ ବର୍ଣ୍ଣିତ ହୋଇଛି । ବେଦ ସଂପର୍କରେ ମଧ୍ୟ ଏହି ସ୍ୱୀକାରୋକ୍ତି କରିପାରିବେ ଯେ, ଈଶ୍ୱରଙ୍କ ଅସ୍ତିତ୍ୱ ଓ ତାହାଙ୍କ ଏକେଶ୍ୱବାଦର ପ୍ରମାଣ ପବିତ୍ର କୁରଆନ୍ କରୀମ୍‌ରେ ଉଲ୍ଲେଖ ରହିଛି। ଯେଉଁ ବିରୋଧୀ ସଂପ୍ରଦାୟମାନେ ଏହାକୁ ସ୍ୱୀକାରୋକ୍ତି ପ୍ରକାଶ କରନ୍ତି। ଏହି ସମସ୍ତ ପ୍ରସଙ୍ଗ ଆର୍ଯ୍ୟ ବ୍ୟକ୍ତିମାନେ ବେଦରୁ କାଢ଼ି ମୋତେ ଦେଖାଇ ଦିଅନ୍ତି ତେବେ ମୁଁ ନଗଦ ହଜାର ଦେବାକୁ ପ୍ରସ୍ତୁତ ଅଛି । **(ଚଶ୍‌ମାଏ ମାଆରିଫତ୍, ରୁହାନୀ ଖଜାଏନ୍, ଭାଗ-23, ପୃ-143)**

ଅଲ୍ଲାଃତାଲା ଆମମାନଙ୍କୁ ପ୍ରତ୍ୟେକ ପ୍ରକାରର ଗୁପ୍ତ ଶିର୍କ୍ ଓ ପ୍ରକାଶ୍ୟ ଶିର୍କରୁ ସୁରକ୍ଷିତ ରଖନ୍ତୁ ଏବଂ ଆମମାନଙ୍କୁ ପ୍ରକୃତ ଏକେଶ୍ୱରବାଦ ଅବଲମ୍ବନ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । **ଆମିନ୍ ।**

☆ ☆☆

## ଓଡ଼ିଆ ନଜମ୍

### ( ଅହେମଦୀଁଏ ଆମେ)

ଆଗାମି କାଲିର ଆଶା ଭରସା ଆମେ
ଶାନ୍ତି ମୈତ୍ରୀ ପ୍ରୀତିର ବାର୍ତ୍ତାବହ ଆମେ ।।
ହେବା ଦରିଆ ପାରି ମସିହ୍ ବାରତା ନେଇ
ପୃଥିବୀର ଆରପାରେ ଦେବାରେ ଯାଇ
ବଣ ପାହାଡ଼ ଭେଦ କରି ଯିବାରେ ଆମେ ।।
ଶତ୍ରୁ ଅପନିନ୍ଦା ଅପମାନ ସହିବା
ଶତ୍ରୁ ବାତରେ ଅବା କଷଣ ପାଇବା
ଶତ୍ରୁ ବିଜୟୀ ନିଶ୍ଚୟ ହେବାରେ ଆମେ ।।
ମୁହମ୍ମଦ୍ ଧର୍ମ ସୁଧା ଅମୀର ଧାରା
ଈଶ୍ୱର ପ୍ରେରିତ ବାଣୀ ଯହିଁରେ ଭରା
ଏ ଆଲୋକ ଏ ବିଶ୍ୱକୁ ଦେବାରେ ଆମେ ।।
ପବିତ୍ର କୋରାନ୍ ଇସା ମୃତ୍ୟୁ ଖବର
କାଶ୍ମୀର ରାଜ୍ୟରେ ଥିବା ତାଙ୍କ କବର
ଅକାଟ୍ୟ ଯୁକ୍ତିରେ ପ୍ରଚାରି ଯିବା ଆମେ ।।
କାଦିୟାନ୍ ଗ୍ରାମେ ଆସିଛନ୍ତି ମେହଦୀ
ମସିହ୍ ମଉଦ୍ ହେବାର କରନ୍ତି ଦାବି
'ଅହମଦ' ନାମ ପ୍ରସାରି ଯିବାରେ ଆମେ ।।
ମିଶ୍‌ନାରୀ ସାଜି ଦେଶ ଦେଶ ବୁଲିବା
ଇସ୍‌ଲାମ୍ କସ୍ତୁରୀ ନେଇ ଭବେ ବାଣ୍ଟିବା
ଏଥିପାଇଁ ଘର ଦ୍ୱାର ତେଜିବା ଆମେ ।।
ଧରମ ପଥେ ରହି ସଂସାର ଅର୍ଜିବା
ଈଶ୍ୱର ଆରାଧନାରେ ସର୍ବେ ମଳିବା
ଧନ ଓ ଜୀବନ ବଳି ଦେବାରେ ଆମେ ।।
ଏକମନ ଏକ ପ୍ରାଣ ହୋଇ ଚାଲିବା
ସ୍ନେହ ପ୍ରେମ ରଜ୍ଜୁରେ ପୃଥିବୀ ବାନ୍ଧିବା
ଇସ୍‌ଲାମ୍ ଦାୟାଦ ଅହେମଦିଏଁ ଆମେ ।।
ଇସଲାମ୍ ପତାକା ଦେଖ ଦର୍ପେ ଉଡୁଛି
ଦିଗ୍‌ବିଜୟର ପାଇଁ ଆହ୍ୱାନ ଦେଉଛି
ଏ ପତାକା ତଳେ ପ୍ରଣ ଦେବାରେ ଆମେ ।।
ସୂର୍ଯ୍ୟ ଏବଂ ଅସ୍ତ ନୋହେ ଆମ ରାଜ୍ୟରେ
କରିବା ଅବଶ୍ୟ ଆମେ ବିଶ୍ୱ ଜୟରେ
ଏ ବିଜୟ ଏ ଜୀବନ ଦେଖିବା ଆମେ ।।

☆ ☆☆

## ଉର୍ଦ୍ଦୁ ନଜମ୍ (ଅସାଫେ କୁରଆନେ ମଜିଦ୍)

**ହ. ମସିହ ମଉଦ୍ ଅ.ସ**

نُورِ فُرقاں ہے جو سب نُوروں سے اجلا نکلا
پاک وہ جس سے یہ انوار کا دریا نکلا
حق کی توحید کا مرجھا ہی چلا تھا پودا
ناگہاں غیب سے چشمۂ اَصفٰی نکلا
یا الٰہی تیرا فُرقاں ہے اِک عالم ہے
جو ضروری تھا وہ سب اس میں مہیّا نکلا
سب جہاں چھا چکی ساری دکانیں دیکھیں
مئے عرفاں کا یہی ایک ہی شیشہ نکلا
کس سے اُس نُور کی ممکن ہو جہاں میں تشبیہ
وہ تو ہر بات میں ہر وصف میں یکتا نکلا
پہلے تھے کہ موسیٰ کا عصا ہے فُرقاں
پھر جو سوچا تو ہر اک لَفظ مسیحا نکلا
ہے قُصور اپنا ہی اندھوں کا وگرنہ وہ نور
ایسا چمکا ہے کہ صد نیّرِ بَیضا نکلا
زندگی ایسوں کی کیا خاک ہے اِس دنیا میں
جِن کا اِس نور کے ہوتے بھی دِلِ اَعمیٰ نکلا
جلنے سے آگے ہی یہ لوگ تو جل جاتے ہیں
جِن کا ہر بات فقط جھوٹ کا پُتلا نکلا

☆ ☆☆

## ଉର୍ଦ୍ଦୁ ନଜମ୍ (କାଦ୍‌ରେ ମୁତ୍‌ଲକ କେ ହୁଜୁର)

**ହ. ମସିହ ମଉଦ୍ ଅ.ସ**

اِک کَرِشمہ اپنی قدرت کا دِکھا
تجھ کو سب قُدرت ہے اے ربُّ الوَریٰ
حق پرستی کا مٹا جاتا ہے نام
اِک نشاں دِکھلا کہ ہو حُجّتِ اِتمام

☆ ☆☆

## ସଂସାରରେ କୌଣସି ମାତାର ସନ୍ତାନ ଏହିଭଳି ପରୋପକାରୀ ଗ୍ରନ୍ଥ ଉପସ୍ଥାପିତ କରି ନାହିଁ ।



ସୟେଦିନା ହ. ଖଲିଫତୁଲ୍ ମସିହ୍ ସାଲିସ୍ ର.ଅ କୁହନ୍ତି: "ଉକ୍ତ ଗ୍ରନ୍ଥ (ପବିତ୍ର କୁରଆନ୍ କରୀମ୍) ଉପକାର ଦ୍ୱାରା ପରିପୂର୍ଣ୍ଣ ଅଟେ । ସଂସାରର ଏପରି କୌଣସି ବ୍ୟକ୍ତି ନାହିଁ ଯାହା ଉପରେ ପବିତ୍ର କୁରଆନ୍ କରୀମ୍ ଉପକାର କରି ନାହିଁ । ଯଦି ମୁସଲମାନମାନେ ପବିତ୍ର କୁରଆନ୍ କରୀମ୍ ଉପରେ ପୂର୍ଣ୍ଣ ରୂପେ କାର୍ଯ୍ୟାନୁସରଣ କରିବେ ତେବେ ସଂସାରର ପ୍ରତ୍ୟେକ ବ୍ୟକ୍ତିକୁ ଏହା ଉପକାରର ଶିକୁଳି ମଧରେ କବଳିତ କରିନେବ। ଏହା ଆମମାନଙ୍କର ନିଜସ୍ୱ ଆଳସ୍ୟ ରହିଛି । ଉପକାର ସାଧନକାରୀ ମାର୍ଗଗୁଡ଼ିକ ଉପସ୍ଥିତ ରହିଛି, ଉପକାରର ଝରଣା ତ' ଉପସ୍ଥିତ ରହିଛି, ଉପକାରକାରୀ ଶିକ୍ଷା ଓ ମାର୍ଗଦର୍ଶନ ତ' ବିଦ୍ୟମାନ ରହିଛି, ମାନବିକ ସ୍ୱଭାବରେ ଉପକାରର ମାର୍ଗରେ ଅଗ୍ରସର ହେବାର ଶକ୍ତି ଓ ସାମର୍ଥ୍ୟ ବିଦ୍ୟମାନ ରହିଛି, କିନ୍ତୁ ଆମେମାନେ ଆଳସ୍ୟ ପ୍ରଦର୍ଶନ କରୁଛେ ଓ ଏତେ ଆଳସ୍ୟ ପରାୟଣତା ପ୍ରଦର୍ଶନ କରୁଛେ ଯେ, ସଂସାରକୁ ଏହାର ଉପକାରରୁ ଆମେମାନେ ବଞ୍ଚିତ କରିଦେଇଥାଉ । ଯେଉଁଠି ପବିତ୍ର କୁରଆନୀୟ ଶିକ୍ଷାର ପ୍ରସଙ୍ଗ ରହିଛି ସେଠାରେ ପବିତ୍ର କୁରଆନ୍ କରୀମ୍ ମାନବ ଜାତି ଉପରେ ଏତେ ଉପକାର କରିଛି ଯେ, ସଂସାରରେ କୌଣସି ମାତାର ସନ୍ତାନ ଏହିଭଳି ପରୋପକାରୀ ଗ୍ରନ୍ଥ ଉପସ୍ଥାପିତ କରି ନାହିଁ।" **(ଖୁତ୍‌ବାତେ ନାସିର୍. ଭାଗ-2, ପୃ-555)**

## ଆଧ୍ୟାତ୍ମିକ ଜଗତର ବିଜ୍ଞାନସମ୍ମତ ପୁସ୍ତକ - ଅଭୂତ ଜ୍ଞାନ ସମ୍ବଳିତ ପୁସ୍ତକ ।



ସୟେଦିନା ହ. ଖଲିଫତୁଲ୍ ମସିହ୍ ରାବେ ର.ଅ إِنَّ الْحَسَنٰتِ يُذْهِبْنَ السَّيِّاٰتِ ର ବ୍ୟାଖ୍ୟା କରି କହୁନ୍ତି: : "ପବିତ୍ର କୁରଆନ୍ କରୀମ୍ ଅଭୂତ ଜ୍ଞନ ଓ ବୁଦ୍ଧି ବିବେକ ସମ୍ବଳିତ ଏଭଳି ଏକ ଗ୍ରନ୍ଥ ଯାହା ମାନବିକ ସ୍ୱଭାବର ତ୍ରୁଟି ସଂଶୋଧନ କରିଥାଏ ଓ ତା'ର ନିଷ୍କର୍ଷର ତ୍ରୁଟି ସଂଶୋଧନ କରି ତା'କୁ ସଠିକ୍ ମାର୍ଗରେ ନିର୍ଦ୍ଦେଶିତ କରିଥାଏ । ଅଲ୍ଲାଃତାଲା କୁହନ୍ତି ଯେ, ପୁଣ୍ୟ କର୍ମ ଅତ୍ୟନ୍ତ ଶକ୍ତିଶାଳୀ ବସ୍ତୁ ଅଟେ ଓ ପାପକର୍ମ ଅତ୍ୟନ୍ତ ଦୁର୍ବଳ ବସ୍ତୁ ଅଟେ । ତୁମେମାନେ ଯେଉଁ ଜାତିମାନଙ୍କ ମଧ୍ୟରେ ପାପକର୍ମ ଅବଲୋକନ କରୁଛ ତାହା ବାସ୍ତବରେ ସେମାନଙ୍କ ଠାରେ ପୂର୍ବ ଗୁଣାବଳୀ ଓ ପୁଣ୍ୟାବଳୀ ଲୁପ୍ତ ତଥା ପୁଣ୍ୟର ଅଭାବ ହେତୁ ପାପ କର୍ମ ଆରମ୍ଭ ହୋଇଥିଲା.......ଆଧ୍ୟାତ୍ମିକ ଜଗତର ବିଜ୍ଞାନସମ୍ମତ ପୁସ୍ତକ ଆଶ୍ଚର୍ଯ୍ୟଜନକ ଭାବରେ ଏପରି ଶବ୍ଦର ପ୍ରୟୋଗ କରିଥାଏ ଓ ଏମିତି ଏମିତି ବିଷୟବସ୍ତୁ ଉପରେ ଅଲୋକପାତ କରିଥାଏ ଯେ, ମାନବୀୟ ବୁଦ୍ଧି ସେପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ । ପବିତ୍ର କୁରଆନ୍ କରୀମ୍‌ର ଦୃଷ୍ଟିକୋଣକୁ ଜାଣି ସାରିବା ପରେ ଯେତେବେଳେ ଆପଣମାନେ ଧ୍ୟାନ ଓ ଆତ୍ମଚିନ୍ତନ କରିବେ ସେତେବେଳେ ଆପଣମାନେ ପବିତ୍ର କୁରଆନୀୟ ବର୍ଣ୍ଣନାଗୁଡ଼ିକୁ ଆଶ୍ଚର୍ଯ୍ୟଜନକ ଓ ଅଭୂତପୂର୍ବ ସତ୍ୟ ବୋଲି ମନେ କରିବେ । ସୁତରାଂ ଏହା ହେଉଛି ମୌଳିକ ପ୍ରସଙ୍ଗ । ଅର୍ଥାତ୍ ପୁଣ୍ୟ କହିଲେ ଏକ ସକାରାତ୍ମକ ଦିଗକୁ ବୁଝାଏ ଓ ପାପ କହିଲେ ସତ୍ୟ ବା ପୁଣ୍ୟର ଅଭାବ ଏବଂ ଅନୁପସ୍ଥିତିକୁ ବୁଝାଏ ।" **(ଖୁତ୍‌ବାତେ ତାହିର୍, ଭାଗ-2, ପୃ-404)**

## ଏହି ଶିକ୍ଷା ହିଁ ବର୍ତ୍ତମାନ ସଂସାରର ତ୍ରୁଟି ସଂଶୋଧନ, ସଂସାରରେ ପୁଣ୍ୟାବଳୀକୁ ପ୍ରଚଳନ କରିବା, ସଂସାରରେ ଶାନ୍ତି ସ୍ଥାପନ କରିବା,ବିଶ୍ୱରେ ଉପାସକ ସୃଷ୍ଟି କରିବା, ବିଶ୍ୱର ପ୍ରତ୍ୟେକ ବର୍ଗର ଅଧିକାରକୁ ସ୍ଥାପିତ କରିବାର ପ୍ରତ୍ୟାଭୂତି (ଗ୍ୟାରେଣ୍ଟି) ଅଟେ ।



ସୟେଦିନା ହ. ଖଲିଫତୁଲ୍ ମସିହ୍ ଖାମିସ୍ ଅ.ବ କୁହନ୍ତି:

"ଆଁହଜରତ ସ.ଅଙ୍କ ଉପରେ ଯେଉଁ ପବିତ୍ର କୁରଆନ୍ କରୀମ୍ ଅବତୀର୍ଣ୍ଣ ହେଲା ତତ୍‌ସମ୍ବନ୍ଧରେ ଅଲ୍ଲାଃତାଲା ସାକ୍ଷ୍ୟ ପ୍ରଦାନ କରନ୍ତି ଯେ, ଉକ୍ତ ଗ୍ରନ୍ଥଟି ଏକ ପବିତ୍ର ଗ୍ରନ୍ଥ ଅଟେ ଏବଂ ପ୍ରତ୍ୟେକ ପ୍ରକାରରେ ସମ୍ଭାବ୍ୟ ଦୋଷ ଦୁର୍ବଳତା ଠାରୁ ମୁକ୍ତ ଅଟେ। କେବଳ ପବିତ୍ର ନୁହେଁ ବରଂ ତହିଁରେ ପ୍ରତ୍ୟେକ ପ୍ରକାରର ସୁନ୍ଦର ଏବଂ ମନମୁଗ୍ଧକର ଶିକ୍ଷା ଦେଖିବାକୁ ମିଳିଥାଏ । ତେଣୁ ଏହାର ସମକକ୍ଷ ପୁସ୍ତକ ନାହିଁ । କାରଣ ଏହା ଅନନ୍ୟ ଓ ଏହାର ମୁକାବିଲା ଅନ୍ୟ କୌଣସି ଗ୍ରନ୍ଥ କରିପାରିବ ନାହିଁ । ଏହା ଏକ ଅନନ୍ୟମୂଳକ ଗ୍ରନ୍ଥ ଅଟେ । ତହିଁରେ ସେହି ସମସ୍ତ ବିଶେଷତାକୁ ସାମିଲ୍ କରାଯାଇଛି ଯାହା ପୂର୍ବ ଗ୍ରନ୍ଥରେ ଦୁଷ୍ପ୍ରାପ୍ୟ ଓ ଦୁର୍ଲଭ୍ୟ ଥିଲା । ତେଣୁ ବର୍ତ୍ତମାନ ଏହା ହେଉଛି ସେହି ଶିକ୍ଷା ଯାହାକି ପ୍ରତ୍ୟେକ ପ୍ରକାରର ତ୍ରୁଟି ଏବଂ ଦୋଷ ଦୁର୍ବଳତା ଠାରୁ କେବଳ ଶୁଦ୍ଧ ତାହା ନୁହେଁ ବରଂ ଏହାର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରି ପ୍ରତ୍ୟେକ ପାପ ତାପ ଓ ପ୍ରତ୍ୟେକ ମନ୍ଦ କର୍ମ ଠାରୁ ବର୍ତ୍ତିଯାଇ ପାରିବା । କେବଳ ବର୍ତ୍ତିଯାଇ ପାରିବା ତାହା ନୁହେଁ ବରଂ ଏହାର ଶିକ୍ଷା ଉପରେ କାର୍ଯ୍ୟାନୁସରଣ କରି ଓ ଏହାର ଶିକ୍ଷାକୁ ନିଜ ପାଇଁ ଲାଗୁ କରିବା ଦ୍ୱାରା ନିଜର ଇହକାଳକୁ ସଂଶୋଧନ କରିବା ସମ୍ଭବପର ହେବ । ଅର୍ଥାତ୍ ଉକ୍ତ ଶିକ୍ଷାଟି ଯାହାକି ଆଁହଜରତ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହେଲା ବର୍ତ୍ତମାନ ସେହି ଶିକ୍ଷା ସଂସାରର ସଂଶୋଧନ, ସଂସାରରେ ପୁଣ୍ୟ ପ୍ରଚଳନ କରିବା, ବିଶ୍ୱରେ ଶାନ୍ତି ସ୍ଥାପନ କରିବା, ବିଶ୍ୱରେ ଉପାସକ ସୃଷ୍ଟି କରିବା, ବିଶ୍ୱର ପ୍ରତ୍ୟେକ ଗୋଷ୍ଠୀ ଓ ପ୍ରତ୍ୟେକ ବର୍ଗର ଲୋକମାନଙ୍କର ଅଧିକାରକୁ ସମ୍ପାଦନ ଓ ସ୍ଥାପନ କରିବାର ପ୍ରତ୍ୟାଭୂତି (ଗ୍ୟାରେଣ୍ଟି) ଅଟେ ।"

**(ଖୁତ୍‌ବାତେ ମସ୍ରୁରର୍, ଭାଗ-3, ପୃ-127)**

EDITOR
SHAIKH MUJAHID AHMAD
Editor : +91-9915379255
e -mail : badarqadian@gmail.com
www.alislam.org/badr

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN PUNHIN/2016/70553

The Weekly **BADAR** Qadian

Qadian - 143516 Distt. Gurdaspur (Pb.) INDIA

Postal Reg. No. GDP/45 /2023-25 | Vol .7 21 - 28 December 2023 issue no 51-52

MANAGER :
SHAIKH MUJAHID AHMAD
Mobile : +91-9915379255
e -mail:managerbadrqnd@gmail.com

ANNUAL SUBSCRIBTION: Rs. 600/- Per Issue: Rs. 10/- WEIGHT- 20-50 gms/ issue

## ପବିତ୍ର କୁରଆନ୍ କରୀମର ଦଶଟି ଅଭିପ୍ରାୟ ।

### ହ. ମସିହ୍ ମଉଦ୍ ଅ.ସଙ୍କ ନୀତିବାଣୀ:

**ପ୍ରଥମ ଅଭିପ୍ରାୟ:** ପବିତ୍ର କୁରଆନ୍ କରୀମ୍ର ଅଭିପ୍ରାୟ ମଧ୍ୟରୁ ପ୍ରଥମ ଅଭିପ୍ରାୟ ହେଉଛି ଯେ, ପବିତ୍ର କୁରଆନ୍ ପରମେଶ୍ୱରଙ୍କର ସମସ୍ତ କୀର୍ତ୍ତି ଓ ପ୍ରଶଂସାକୁ ବର୍ଣ୍ଣନା କରିଥାଏ । ଅତଃ ଉକ୍ତ ଅଭିପ୍ରାୟ اَلْحَمْدُ لِلّٰهِ ରେ ସଂକ୍ଷିପ୍ତ ରୂପେ ଆସିଯାଇଛି । କାରଣ ଉପରୋକ୍ତ ଆୟତ୍ର ଏହି ଅର୍ଥ ଯେ, ସକଳ ପୂର୍ଣ୍ଣ ପ୍ରଶଂସା ଅଲ୍ଲାଃତାଲାଙ୍କ ପାଇଁ ଉଦ୍ଦିଷ୍ଟ ଅଟେ । ସେ (ଅଲ୍ଲାଃତାଲା) ସକଳ ଗୁଣାବଳୀର ସଂଗ୍ରହୀତା ଓ ସମସ୍ତ ଉପାସନାର ଅଧିକାରୀ ଅଟନ୍ତି ।

**ଦ୍ୱିତୀୟ ଅଭିପ୍ରାୟ:** ପବିତ୍ର କୁରଆନ୍ କରୀମ୍ର ଦ୍ୱିତୀୟ ଅଭିପ୍ରାୟ ଏହିକି ଯେ, ଈଶ୍ୱରଙ୍କ ସଂପୂର୍ଣ୍ଣ ରୂପେ ନିର୍ମାଣକର୍ତ୍ତା ହେବା, ବ୍ରହ୍ମାଣ୍ଡ ଜଗତର ସ୍ରଷ୍ଟା ହେବା ପ୍ରକାଶିତ କରିଥାଏ ଏବଂ ଜଗତର ପ୍ରାରମ୍ଭିକ ଅବସ୍ଥା ବର୍ଣ୍ଣନା କରିଥାଏ ଏବଂ ଯିଏ ଜଗତର ପରିଧି ମଧ୍ୟରେ ପ୍ରବିଷ୍ଟ ହୋଇଗଲା ତାହାକୁ ପବିତ୍ର କୁରଆନ୍ କରୀମ୍ ସୃଷ୍ଟି (ପ୍ରାଣୀ) ବୋଲି ବିବେଚିତ କିରଥାଏ ଏବଂ ଯେଉଁ ଲୋକମାନେ ଉକ୍ତ ପ୍ରସଙ୍ଗର ବିରୋଧୀ ଅଟନ୍ତି ସେମାନଙ୍କର ମିଥ୍ୟାକୁ ସାବ୍ୟସ୍ତ କରିଥାଏ । ସୁତରାଂ ଏହି ଅଭିପ୍ରାୟ رَبِّ الْعٰلَمِيْنَ ରେ ସଂକ୍ଷିପ୍ତ ରୂପେ ଆସିଯାଇଛି ।

**ତୃତୀୟ ଅଭିପ୍ରାୟ:** ପବିତ୍ର କୁରଆନ୍ କରୀମ୍ର ତୃତୀୟ ଅଭିପ୍ରାୟ ହେଲା ପ୍ରଭୁଙ୍କର ବରଦାନକୁ ବିନା କୌଣସି ପାତ୍ରତାରେ ସିଦ୍ଧ କରିବା ଏବଂ ତାହାଙ୍କ ସାଧାରଣ ଦୟା ବିଷୟରେ ବର୍ଣ୍ଣନା କରିବା । ସୁତରାଂ ଏହି ଅଭିପ୍ରାୟ الرَّحْمٰنِ ରେ ସଂକ୍ଷିପ୍ତ ସ୍ୱରୂପ ଆସିଯାଇଛି ।

**ଚତୁର୍ଥ ଅଭିପ୍ରାୟ:** ପବିତ୍ର କୁରଆନ୍ କରୀମ୍ର ଚତୁର୍ଥ ଅଭିପ୍ରାୟ ହେଲା ପ୍ରଭୁଙ୍କର ସେହି ବରଦାନକୁ ସାବ୍ୟସ୍ତ କରିବା ଯାହା ପ୍ରୟାସ ଓ ପରିଣାମ ସ୍ୱରୂପ ପ୍ରାପ୍ତ ହୋଇଥାଏ । ସୁତରାଂ ଏହି ଅଭିପ୍ରାୟ الرَّحِيْمِ ଶବ୍ଦରେ ଆସିଯାଇଛି ।

**ପଞ୍ଚମ ଅଭିପ୍ରାୟ:** ପବିତ୍ର କୁରଆନ୍ କରୀମ୍ର ପଞ୍ଚମ ଅଭିପ୍ରାୟ ହେଲା ଯମପୁରର ବାସ୍ତବିକତାକୁ ବର୍ଣ୍ଣନା କରିବା । ସୁତରାଂ ଏହି ଅଭିପ୍ରାୟ مٰلِكِ يَوْمِ الدِّيْنِ ରେ ଆସିଯାଇଛି ।

**ଷଷ୍ଠ ଅଭିପ୍ରାୟ:** ପବିତ୍ର କୁରଆନ୍ କରୀମ୍ର ଷଷ୍ଠ ଅଭିପ୍ରାୟ ହେଲା ନୈଷ୍ଠିକତା, ଭକ୍ତିକତା, ଅଣ ଈଶ୍ୱରଙ୍କ ଠାରୁ ଆତ୍ମାକୁ ପବିତ୍ କରିବା, ଆଧ୍ୟାତ୍ମିକ ରୋଗର ଉପଚାର (ନିଦାନ) କରିବା, ଦୂଷିତ ଶିଷ୍ଟାଚାରର ସଂଶୋଧନ ଏବଂ ଉପାସନାରେ ଏକେଶ୍ୱରବାଦକୁ ବର୍ଣ୍ଣନା କରିବା ଇତ୍ୟାଦି । ଅତଃ ଏହି ଅଭିପ୍ରାୟ اِيَّاكَ نَعْبُدُ ରେ ସଂକ୍ଷିପ୍ତ ରୂପେ ଆସିଯାଇଛି ।

**ସପ୍ତମ ଅଭିପ୍ରାୟ:** ପବିତ୍ର କୁରଆନ୍ କରୀମ୍ର ସପ୍ତମ ଅଭିପ୍ରାୟ ହେଲା ପ୍ରତ୍ୟେକ କାର୍ଯ୍ୟରେ ପ୍ରଭୁଙ୍କୁ ପ୍ରକୃତ କର୍ତ୍ତା ବୋଲି ବିବେଚିତ କରିବା ଏବଂ ସମସ୍ତ ସମାର୍ଥ୍ୟ, ସାହାଯ୍ୟ, ଆଜ୍ଞାକାରୀତାରେ ଅବିଚଳତା, ପାପ ପ୍ରତି ଅନାସକ୍ତ ଭାବ ପ୍ରକାଶ କରିବା, ତାହାଙ୍କ ପକ୍ଷରୁ ହିଁ ସମସ୍ତ ସଂସାଧନ, ପୁଣ୍ୟ, କଲ୍ୟାଣ, ଯୋଗ୍ୟତା, ପାତ୍ରତା, ଧାର୍ମିକତା ଏବଂ ସାଂସାରିକତା ନିମନ୍ତେ ସାମର୍ଥ୍ୟତା ପ୍ରାପ୍ତ ହେବା ବୋଲି ବିବେଚିତ କରିବା ଓ ସେହି ସମସ୍ତ ପ୍ରସଙ୍ଗରେ ତାହାଙ୍କ (ପ୍ରଭୁଙ୍କ) ଠାରୁ ସାହାଯ୍ୟ ଲୋଡ଼ିବା ନିମନ୍ତେ ତାଗିଦ୍ କରିବା ଇତ୍ୟାଦି । ଅତଃ ଏହି ଅଭିପ୍ରାୟ وَاِيَّاكَ نَسْتَعِيْنُ ରେ ସଂକ୍ଷିପ୍ତ ରୂପେ ଆସିଯାଇଛି ।

**ଅଷ୍ଟମ ଅଭିପ୍ରାୟ:** ପବିତ୍ର କୁରଆନ୍ କରୀମ୍ର ଅଷ୍ଟମ ଅଭିପ୍ରାୟ ହେଲା ସଳଖ ମାର୍ଗର ସୂକ୍ଷ୍ମ ରହସ୍ୟକୁ ବର୍ଣ୍ଣନା କରିବା । ତତ୍ପଶ୍ଚାତ୍ ଏହାର ଅଭିଳାଷା ନିମନ୍ତେ ଚେତାବନୀ ଦେବା କି ଦୁଆ ଓ ନିବେଦନପୂର୍ବକ ତାହାଙ୍କୁ ମାଗନ୍ତୁ ହୁଅନ୍ତୁ । ଅତଃ ଏହି ଅଭିପ୍ରାୟ اِهْدِنَا الصِّرَاطَ الْمُسْتَقِيْمَ ରେ ସଂକ୍ଷିପ୍ତ ରୂପେ ଆସିଯାଇଛି ।

**ନବମ ଅଭିପ୍ରାୟ:** ପବିତ୍ର କୁରଆନ୍ କରୀମ୍ର ନବମ ଅଭିପ୍ରାୟ ହେଉଛି ସେହି ଲୋକମାନଙ୍କର ପନ୍ଥା ବା ଶୈଳୀ ଏବଂ ସେମାନଙ୍କର ସଦାଚାର ବର୍ଣ୍ଣନା କରିବା ପ୍ରସଙ୍ଗ ଯେଉଁମାନଙ୍କ ଉପରେ ପ୍ରଭୁଙ୍କ ପୁରସ୍କାର ଓ କୃପା ଅବତୀର୍ଣ୍ଣ ହେଲା । କାରଣ ସତ୍ୟାନ୍ୱେଷୀମାନଙ୍କ ହୃଦୟ ସନ୍ତୁଷ୍ଟ ହୋଇଯାଉ । ଅତଃ ଉକ୍ତ ଅଭିପ୍ରାୟ صِرَاطَ الَّذِيْنَ اَنْعَمْتَ عَلَيْهِمْ ରେ ସଂକ୍ଷିପ୍ତ ରୂପେ ଆସିଯାଇଛି ।

**ଦଶମ ଅଭିପ୍ରାୟ:** ପବିତ୍ର କୁରଆନ୍ କରୀମ୍ର ଦଶମ ଅଭିପ୍ରାୟ ହେଉଛି ସେହି ଲୋକମାନଙ୍କର ପନ୍ଥା ବା ଶୈଳୀ ଏବଂ ସେମାନଙ୍କର ଦୁରାଚାର ବିଷୟରେ ବର୍ଣ୍ଣନା କରିବା, ଯେଉଁମାନଙ୍କ ଉପରେ ପ୍ରଭୁଙ୍କ କୋପ ଅବତୀର୍ଣ୍ଣ ହୋଇଥିଲା କିମ୍ବା ଯେଉଁମାନେ ପଥଭ୍ରଷ୍ଟ ହୋଇ ନାନା ପ୍ରକାରର ବିଦ୍ଆତ୍ (ଧର୍ମରେ ନୂତନ ଆହୃତ ରୀତି ପ୍ରବିଷ୍ଟ କରିବା) ଅବଲମ୍ବନ କରିନେଇଥିଲେ । କାରଣ ସତ୍ୟାନ୍ୱେଷୀ ସେମାନଙ୍କ ମାର୍ଗ ଦେଖି ଭୟଭୀତ ହୋଇଯାଆନ୍ତୁ । ସୁତରାଂ ଉକ୍ତ ଅଭିପ୍ରାୟ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ରେ ସଂକ୍ଷିପ୍ତ ରୂପେ ଆସିଯାଇଛି । ଅତଏବ୍ ପବିତ୍ର କୁରଆନ୍ କରୀମ୍ରେ ବର୍ଣ୍ଣିତ ଉପରୋକ୍ତ ଯେଉଁ ଦଶଟି ଅଭିପ୍ରାୟ ରହିଛି ତାହା ସମସ୍ତ ସତ୍ୟତାର ମୂଳାଧାର ଓ ମୂଳଭିପ୍ରାୟ ଅଟନ୍ତି । ସୁତରାଂ ଏହି ସମସ୍ତ ଅଭିପ୍ରାୟ ପବିତ୍ର କୁରଆନ୍ କରୀମ୍ରେ ସଂକ୍ଷିପ୍ତ ରୂପେ ଆସିଯାଇଛି ।

**(ବରେହିନେ ଅହେମଦିୟା, ଭାଗ-4,ରୁହାନୀ ଖଜାଏନ୍, ଭାଗ-1, ପୃ-581, ବି.ଦ୍ର ସଂଖ୍ୟା-11)**

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor:Shaikh Mujahid Ahmad
जमील अहमद नासिर प्रिंटर एवं पब्लिशर ने फ़ज़्ल-ए-उमर प्रिंटिंग प्रेस क़ादियान में छपवा कर दफ़्तर अख़बार बदर से प्रकाशित किया। प्रौपराइटर - निगरान बदर बोर्ड क़ादियान